# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୨୯/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 29/2025 Page 16 ₹ 7.00

୫୨ଶ ଭାଗ ୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 6 ମୂଲ୍ୟ ₹୭/-





# ଇମ୍ରାନ୍‌ଙ୍କ ମାନବାଧିକାରକୁ ସମ୍ମାନ ଦିଅ

## ପାକିସ୍ତାନକୁ କହିଲା ଜାତିସଂଘ

ନ୍ୟୁୟର୍କ,୨୮।୧୧

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ମାନବାଧିକାରକୁ ସମ୍ମାନ ଦେବା ସହ ଉପଯୁକ୍ତ ପ୍ରକ୍ରିୟାରେ ସୁରକ୍ଷା ପ୍ରଦାନ କରିବାକୁ ଜାତିସଂଘ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କୁ କହିଛି। ବିଭିନ୍ନ ମାମଲାରେ ଇମ୍ରାନ୍ ୨୦୨୩ ଅଗଷ୍ଟରୁ ଗିରଫ ହୋଇ ଜେଲରେ ରହିଛନ୍ତି। ତାଙ୍କୁ ଜେଲରେ ରହସ୍ୟଜନକ ଭାବେ ହତ୍ୟା କରାଯାଇଥିବା ନେଇ ୨ ଦିନ ପୂର୍ବରୁ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଥିଲା। ଇମ୍ରାନ୍ ଏବେ କେଉଁଠି ତାଙ୍କୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଏଭଳି ରାଜନୈତିକ ସମ୍ବେଦନଶୀଳ ମାମଲାରେ ଆଇନ ଏବଂ ପ୍ରକ୍ରିୟାଗତ ନିଷ୍ପକ୍ଷତା ସହ ଇମ୍ରାନ୍‌ଙ୍କ ଉପଯୁକ୍ତ ଚିକିତ୍ସା ଜରୁରୀ ବୋଲି ଜାତିସଂଘ କହିଛି। ୨୦୨୨ରେ ଇମ୍ରାନ୍ ପ୍ରଧାନମନ୍ତ୍ରୀ ପଦରୁ ବିଦାହେବା ପରେ ତାଙ୍କ ବିରୋଧରେ ଅନେକ ମାମଲା ରୁଜୁ ହୋଇଥିଲା। ଅଧିକାଂଶ ମାମଲା ରାଜନୈତିକ ଉଦ୍ଦେଶ୍ୟମୂଳକ ଥିଲା ବୋଲି ତାଙ୍କ ସମର୍ଥକମାନେ କହିଥିଲେ। ଏହାକୁ ନେଇ ପାକିସ୍ତାନରେ ଇମ୍ରାନ୍‌ଙ୍କ ସମର୍ଥକମାନେ ଆନ୍ଦୋଳନ ଚଳାଇଥିବାବେଳେ ଆଇନ ଶୃଙ୍ଖଳା ବଜାୟ ରଖିବା ସହ ଶାନ୍ତିପୂର୍ଣ୍ଣ ସମାବେଶ ଏବଂ ବିକ୍ଷୋଭ ପାଇଁ ଅନୁମତି ଦେବାକୁ ସେତେବେଳେ ଜାତିସଂଘ ଇସ୍‌ଲାମାବାଦକୁ କହିଥିଲା।


ଇମ୍ରାନ୍ ଖାନ୍


ବାତ୍ୟା ଡିଟ୍‌ୱା ପ୍ରଭାବରେ ଶ୍ରୀଲଙ୍କାର ତ୍ରିଙ୍କୋମାଲି ନିକଟରେ ସମୁଦ୍ର ଅଶାନ୍ତ ରହିଛି।

# ବାତ୍ୟା ଡିଟ୍‌ୱା: ଶ୍ରୀଲଙ୍କାରେ ୫୬ ମୃତ

## ସହାୟତା ପଠାଇଲା ଭାରତ

କଲମ୍ବୋ/ନୂଆଦିଲ୍ଲୀ,୨୮।୧୧

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବାତ୍ୟା ଡିଟ୍‌ୱାରେ ପରିଣତ ହେବା ପରେ ଶ୍ରୀଲଙ୍କାରେ ବିପର୍ଯ୍ୟୟ ଘଟାଇଛି। ଏହି ଦ୍ୱୀପଦେଶରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ଓ ଭୂସ୍ଖଳନରେ ୫୬ ଜଣଙ୍କ ମୃତ୍ୟୁ ଘଟିବା ସହ ୨୧ ଜଣ ନିଖୋଜ ଅଛନ୍ତି। ବାତ୍ୟା ଉତ୍ତର ତାମିଲନାଡୁ, ପଣ୍ଡିଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଦିଗରେ ଅଗ୍ରସର ହେଉଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ରବିବାର ଏହା ତାମିଲନାଡୁରେ ସ୍ଥଳଭାଗ ଛୁଇଁବ ବୋଲି କୁହାଯାଉଛି। ବାତ୍ୟା ପ୍ରଭାବରେ ୫୬ ଜଣଙ୍କ ଜୀବନ ଯିବା ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଭାରତ ଅପରେଶନ ସାଗର ବନ୍ଧୁ ଜରିଆରେ ଶ୍ରୀଲଙ୍କାକୁ ରିଲିଫ୍ ସାମଗ୍ରୀ ଓ ମାନବୀୟ ସହାୟତା ପଠାଇଥିବା ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଆବଶ୍ୟକ ହେଲେ ଅଧିକ ସହାୟତା ପଠାଇବା ପାଇଁ ଭାରତ ପ୍ରସ୍ତୁତ ଥିବା ସେ କହିଛନ୍ତି।

ଶ୍ରୀଲଙ୍କାରେ ଗତ ୭୨ ଘଣ୍ଟା ଧରି ବର୍ଷା ବିପ୍ରାତ ଲାଗି ରହିଛି। ଜରୁରୀ ସ୍ଥିତି ସ୍ୱରୂପ ସରକାର ଜରୁରୀ ସେବାରେ ସମ୍ପୃକ୍ତ କର୍ମଚାରୀଙ୍କ ବ୍ୟତୀତ ଅନ୍ୟମାନଙ୍କ ପାଇଁ ଶୁକ୍ରବାରକୁ ଛୁଟି ଘୋଷଣା କରିଛନ୍ତି। ଭୀଷଣ ପାଗ ଯୋଗୁ ୧୨,୩୧୩ ପରିବାରର ୪୩,୯୯୧ ଜଣ ପ୍ରଭାବିତ ହୋଇଥିବା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି। ବାତ୍ୟା ଡିଟ୍‌ୱା ଶୁକ୍ରବାର ସକାଳେ ଶ୍ରୀଲଙ୍କାର ପୂର୍ବାଞ୍ଚଳ ଜିଲ୍ଲା ତ୍ରିଙ୍କୋମାଲିରେ ଥିବାବେଳେ କ୍ରମଶଃ ଭାରତ ଆଡ଼େ ଅଗ୍ରସର ହେଉଛି।

ଶ୍ରୀଲଙ୍କାରେ ପ୍ରବଳ ପବନ ସହ ବର୍ଷା ଲାଗି ରହିଛି। ବିଭିନ୍ନ ରାଜ୍ୟରେ ୨୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଛି। ପବନର ବେଗ ୬୦ରୁ ୭୦ କି.ମି. ଥିବାବେଳେ ସର୍ବାଧିକ ବେଗ ୯୦ କି.ମି. ରହିଥିଲା। ଶ୍ରୀଲଙ୍କା ଏୟାରଲାଇନ୍ସର ଅନେକ ବିମାନକୁ ଭାରତର କୋଚି ଏବଂ ତ୍ରିଭେନ୍ଦ୍ରମ୍ ପଠାଯିବା ସହ ଦକ୍ଷିଣ ଭାଗରେ ଥିବା ମଟ୍ଟାଲା ଏୟାରପୋର୍ଟରେ କେତେକ ବିମାନ ଅବତରଣ କରିଛି। ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ହରିନି ଅମରସୂରିୟା ଶୁକ୍ରବାର ଜରୁରୀ ବୈଠକ ଡାକିଥିବାବେଳେ ଅନ୍ତର୍ଜାତୀୟ ସହାୟତା ପାଇଁ ଅପିଲ୍ କରିବାକୁ ସରକାର ବିଚାର କରିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

# ପ୍ରବାସକୁ ସବୁଦିନ ପାଇଁ ବନ୍ଦ କରିଦେବି

## ତୃତୀୟ ବିଶ୍ୱ ଦେଶଗୁଡ଼ିକୁ ଟ୍ରମ୍ପ୍‌ଙ୍କ ଧମକ

ୱାଶିଂଟନ,୨୮।୧୧

ଆମେରିକା ହ୍ୱାଇଟ୍ ହାଉସ୍ ନିକଟରେ ଜଣେ ଆଫଗାନ୍ ବ୍ୟକ୍ତିଙ୍କ ଗୁଳିମାଡ଼ରେ ନ୍ୟାଶନାଲ ଗାର୍ଡର ଜଣେ ସଦସ୍ୟଙ୍କ ମୃତ୍ୟୁ ଘଟିବା ସହ ଅନ୍ୟଜଣେ ଗୁରୁତର ହୋଇଥିବାବେଳେ ତୃତୀୟ ବିଶ୍ୱର ସମସ୍ତ ଦେଶରୁ ପ୍ରବାସକୁ ସବୁଦିନ ପାଇଁ ବନ୍ଦ କରିଦେବେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର ଘୋଷଣା କରିଛନ୍ତି। ଟ୍ରମ୍ପ୍‌ଙ୍କ ଏଭଳି ପଦକ୍ଷେପ ବିଶ୍ୱସ୍ତରରେ ବଡ଼ ଧରଣର ପ୍ରଭାବ ପକାଇବାକୁ ଯାଉଛି। ନିଯୁକ୍ତି ଏବଂ


ଡୋନାଲ୍ଡ ଟ୍ରମ୍ପ୍

ଶିକ୍ଷା ପାଇଁ ଆମେରିକା ଆସିଥିବା ଅନେକ ନିଯୁକ୍ତ ବ୍ୟକ୍ତି ପ୍ରଭାବିତ ହେବେ। ଏଥିସହିତ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ବିଦେଶୀମାନଙ୍କୁ ବିଦା କରାଯିବ ବୋଲି ଟ୍ରମ୍ପ୍ କହିଛନ୍ତି। ନ୍ୟାଶନାଲ ଗାର୍ଡ ସଦସ୍ୟଙ୍କ ମୃତ୍ୟୁ ପରେ ଟ୍ରମ୍ପ୍ ପ୍ରଶାସନ ଆପ୍ରବାସନ ଉପରେ ଚଢ଼ାଉକୁ ଜୋର୍‌ଦାର କରିଛି। ଚିନ୍ତାଜନକ ଦେଶଗୁଡ଼ିକରୁ ଆପ୍ରବାସୀଙ୍କୁ ଜାରି ହୋଇଥିବା ସମସ୍ତ ଗ୍ରୀନ୍‌କାର୍ଡର ପୁନଃ ଯାଞ୍ଚ କରାଯିବ ବୋଲି ଟ୍ରମ୍ପ୍ ପ୍ରଶାସନ କହିଛି।

ଆମେ ପ୍ରଯୁକ୍ତି କ୍ଷେତ୍ରରେ ଅଗ୍ରଗତି କରୁଥିବାବେଳେ ଏଥିରୁ ହେଉଥିବା ଲାଭ ଏବଂ ଅନେକଙ୍କ ଜୀବନଯାପନ ସ୍ଥିତି ଦେଶର ଆପ୍ରବାସନ ନୀତି ପାଇଁ ନଷ୍ଟ ହେଉଥିବା ଟ୍ରମ୍ପ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି। ସେଥିପାଇଁ ତୃତୀୟ ବିଶ୍ୱ ଦେଶଗୁଡ଼ିକରୁ ପ୍ରବାସକୁ ସବୁଦିନ ପାଇଁ ବନ୍ଦ କରିବାକୁ ହେବ। ଜୋ ବାଇଡେନ୍‌ଙ୍କ ଶାସନ କାଳରେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥିବା ଅନେକ ନିଯୁତ ଲୋକଙ୍କୁ ବିଦା କରାଯିବ। ଯେଉଁମାନେ ଆମେରିକାର ସମ୍ପତ୍ତି ନୁହନ୍ତି କିମ୍ବା ଆମ ଦେଶକୁ ଭଲ ପାଉନାହାନ୍ତି ସେମାନଙ୍କୁ ବାହାର କରିଦିଆଯିବ ବୋଲି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି।

ଶୀତଳ ଯୁଦ୍ଧ ବେଳେ ବିଶ୍ୱ ୨ ଭାଗରେ ବିଭକ୍ତ ହୋଇଥିଲା। ଗୋଟିଏ ପଟେ ଆମେରିକା ଓ ଏହାର ସହଯୋଗୀ ପାଶ୍ଚାତ୍ୟ ଦେଶ ଏବଂ ଅନ୍ୟପଟେ କମ୍ୟୁନିଷ୍ଟ ପୂର୍ବାଞ୍ଚଳ ଦେଶସମୂହ। ଏମାନଙ୍କୁ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ବିଶ୍ୱ କୁହାଯାଉଥିବାବେଳେ ନିରପେକ୍ଷ ତଥା ଅବଶିଷ୍ଟ ଦେଶଗୁଡ଼ିକୁ ତୃତୀୟ ବିଶ୍ୱ କୁହାଯାଉଥିଲା। ଗରିବ ଏବଂ ଅବହେଳିତ ଦେଶଗୁଡ଼କ ପାଇଁ ତୃତୀୟ ବିଶ୍ୱ ଶବ୍ଦ ବ୍ୟବହାର କରାଯାଇଥାଏ। ତୃତୀୟ ବିଶ୍ୱରେ ମୁଖ୍ୟତଃ ଆଫ୍ରିକା, ଏସିଆ ଏବଂ ଦକ୍ଷିଣ ଆମେରିକାର ଅନୁନ୍ନତ କୃଷିପ୍ରଧାନ ଦେଶଗୁଡ଼ିକୁ ନିଆଯାଇଥାଏ।

# ଡିସେମ୍ବର ୪ରେ ଭାରତ ଆସିବେ ପୁଟିନ୍

ନୂଆଦିଲ୍ଲୀ,୨୮।୧୧

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଡିସେମ୍ବର ୪ରୁ ୨ ଦିନିଆ ଭାରତ ଗସ୍ତରେ ଆସିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ନୂଆଦିଲ୍ଲୀ ରହଣି ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ୨୩ତମ ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗଦେବେ। ଏହି ଅବସରରେ ଉଭୟ ଦେଶର ନେତା ଦ୍ୱିପାକ୍ଷିକ ସହଯୋଗର ବର୍ତ୍ତମାନର ସ୍ଥିତି ଆକଳନ କରିବା ସହ ସ୍ୱତନ୍ତ୍ର ରଣନୀତିକ ସହଭାଗିତା ଆଗେଇନେବା ଦିଗରେ ପ୍ରାଥମିକତାଗୁଡ଼ିକୁ ସ୍ଥିର କରିବେ। ଏଥିସହିତ ପ୍ରମୁଖ ଆଞ୍ଚଳିକ ଏବଂ ବୈଶ୍ୱିକ ଅଗ୍ରଗତି ସମ୍ପର୍କରେ ସବିଶେଷ ଆଲୋଚନା କରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ୟୁକ୍ରେନ୍‌ରେ ଯୁଦ୍ଧ ଅପରାଧ ଅଭିଯୋଗରେ ରାଷ୍ଟ୍ରପତି ପୁଟିନ୍‌ଙ୍କ


ଭ୍ଲାଡିମିର ପୁଟିନ୍

ବିରୋଧରେ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ୨୦୨୩ ମାର୍ଚ୍ଚ ୧୭ରେ ଗିରଫ ପରୱାନା ଜାରି କରିଥିଲା। ତଦନୁଯାୟୀ, ପୁଟିନ୍ ଯଦି ଆଇସିସିର ସଦସ୍ୟ ଥିବା କୌଣସି ରାଷ୍ଟ୍ରକୁ ଯାଆନ୍ତି, ତେବେ ଉକ୍ତ ଦେଶ ତାଙ୍କୁ ଗିରଫ କରିବା ପାଇଁ ଆଇନତଃ ବାଧ୍ୟ। ତେବେ ଆସନ୍ତା ୪ରେ ପୁଟିନ୍ ଭାରତ ଆସୁଥିବାବେଳେ ୱାରେଣ୍ଟକୁ ନେଇ ନୂଆଦିଲ୍ଲୀରେ ତାଙ୍କ ପାଇଁ କିଛି ଅସୁବିଧା ନାହିଁ। କାରଣ ଭାରତ ରୋମ୍ ଷ୍ଟାଟ୍ୟୁଟ୍‌ରେ ସ୍ୱାକ୍ଷରକାରୀ ନୁହେଁ ଏବଂ ଆଇସିସିର ସଦସ୍ୟ ନାହିଁ।

# ରାମଙ୍କ ସର୍ବୋଚ୍ଚ ମୂର୍ତ୍ତି ଅନାବରଣ କଲେ ମୋଦି



ନୂଆଦିଲ୍ଲୀ,୨୮।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦକ୍ଷିଣ ଗୋଆର ଶ୍ରୀସଂସ୍ଥାନ ଗୋକର୍ଣ୍ଣ ଜୀବୋତ୍ତମ ମଠରେ ଭଗବାନ ରାମଙ୍କର ୭୭ ଫୁଟ୍ ଉଚ୍ଚତା ବିଶିଷ୍ଟ ବ୍ରୋଞ୍ଜ ମୂର୍ତ୍ତିକୁ ଅନାବରଣ କରିଛନ୍ତି। ମଠ ପରିସରରେ ଥିବା ମନ୍ଦିରକୁ ପ୍ରଧାନମନ୍ତ୍ରୀ ପରିଦର୍ଶନ କରିଥିଲେ। ଗୁଜରାଟରେ ଷ୍ଟାଚ୍ୟୁ ଅଫ୍ ୟୁନିଟିର ଡିଜାଇନ୍ କରିଥିବା ଶିଳ୍ପୀ ରାମ ସୁତାର ଶ୍ରୀରାମଙ୍କ ଉକ୍ତ ମୂର୍ତ୍ତିର ମଧ୍ୟ ଡିଜାଇନ୍ କରିଛନ୍ତି। ଏହା ଭଗବାନ୍ ରାମଙ୍କର ସର୍ବୋଚ୍ଚ ମୂର୍ତ୍ତି। ଶ୍ରୀ ସଂସ୍ଥାନ ଗୋକର୍ଣ୍ଣ ଜୀବୋତ୍ତମ ମଠ ଭାରତର ଅନ୍ୟତମ ପୁରାତନ ମଠ ଯାହା ଆଧ୍ୟାତ୍ମିକତା, ସଂସ୍କୃତି ଏବଂ ସାମାଜିକ ଅବଦାନ ପାଇଁ ଜଣାଶୁଣା ଏବଂ ସାରସ୍ୱତ ସମ୍ପ୍ରଦାୟ ମଧ୍ୟରେ ପ୍ରମୁଖ ସ୍ଥାନ।

# ପୂର୍ବତନ ବିଚାରପତି ଏସ୍. ମୁରଲୀଧର ଜାତିସଂଘ ତଦନ୍ତ କମିଶନ ଅଧ୍ୟକ୍ଷ ନିଯୁକ୍ତ

ନୂଆଦିଲ୍ଲୀ,୨୮।୧୧

ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କୁ ଅଧିକୃତ ପାଲେଷ୍ଟିନୀୟ ଅଞ୍ଚଳ ଏବଂ ଇସ୍ରାଏଲ୍ ପାଇଁ ଜାତିସଂଘର ତଦନ୍ତ କମିଶନ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ବ୍ରାଜିଲ ବିଶେଷଜ୍ଞ ପାଉଲୋ ସେର୍ଗିଓ ପିନହେରଇରୋଙ୍କ ସ୍ଥାନରେ ମୁରଲୀଧର ୩ ଜଣିଆ କମିଶନ୍‌ର ମୁଖ୍ୟ ଭାବେ ଅବସ୍ଥାପିତ ହେବେ। ୨୦୨୧ ଏପ୍ରିଲରୁ ଅନ୍ତର୍ଜାତୀୟ ମାନବୀୟ ଆଇନ ଏବଂ ମାନବାଧିକାର ଉଲ୍ଲଂଘନ ଅଭିଯୋଗର ତଦନ୍ତ ଦାୟିତ୍ୱ ଉକ୍ତ କମିଶନକୁ ଦିଆଯାଇଛି।

ମୁରଲୀଧର ୨୦୨୧ରୁ ୨୦୨୩ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ରହିଥିଲେ। ୨୦୨୦ ଫେବୃଆରୀରେ ଦିଲ୍ଲୀ ଦଙ୍ଗା ବେଳେ ରାଜନେତାମାନଙ୍କ



ଘୃଣିତ ଭାଷଣ ସମୟରେ ଦିଲ୍ଲୀ ପୋଲିସର ନିଷ୍କ୍ରିୟତାକୁ ମୁରଲୀଧରଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସମାଲୋଚନା କରିବାର କେତେଘଣ୍ଟା ପରେ ତାଙ୍କୁ ରାତିଅଧିଆ ଦିଲ୍ଲୀରୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ବଦଳି କରାଯାଇଥିଲା। ସେତେବେଳେ ଏହାକୁ ଆଇନଜୀବୀ ଓ ବିଚାରପତିମାନଙ୍କ ମହଲରେ ବିରୋଧ କରାଯାଇଥିଲା।

# ଦ୍ୱିତୀୟ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୮.୨%

## ୬ ତ୍ରୈମାସିକ ମଧ୍ୟରେ ସର୍ବାଧିକ

ନୂଆଦିଲ୍ଲୀ,୨୮।୧୧(ପି.ଟି.)

ଭାରତର ଆର୍ଥିକ ଅଭିବୃଦ୍ଧି ଦ୍ୱିତୀୟ ତ୍ରୈମାସିକ (ଜୁଲାଇରୁ ସେପ୍ଟେମ୍ବର)ରେ ୮.୨ ପ୍ରତିଶତ ରହିଛି। ଗତ ୬ଟି ତ୍ରୈମାସିକ ମଧ୍ୟରେ ଏହା ସର୍ବାଧିକ ଅଭିବୃଦ୍ଧି। ପୂର୍ବ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୭.୮ ପ୍ରତିଶତ ଥିଲା। ବର୍ଷେ ପୂର୍ବରୁ ଜିଡିପି ଅଭିବୃଦ୍ଧି ୫.୬% ରହିଥିଲା। ଉତ୍ପାଦନ ବୃଦ୍ଧି ଏବଂ ସେବା ସେକ୍ଟରରେ ଭଲ ପ୍ରଦର୍ଶନ ପାଇଁ ଆର୍ଥିକ ଅଭିବୃଦ୍ଧି ବଢ଼ିଥିବା ଜଣାପଡ଼ିଛି। ଏହା ପୂର୍ବରୁ ୨୦୨୩-୨୪ ଆର୍ଥିକ ବର୍ଷର ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଅଭିବୃଦ୍ଧି ହାର ୮.୪ ପ୍ରତିଶତ ରହିଥିଲା।

୮.୨% ଅଭିବୃଦ୍ଧି ଯୋଗୁ ଭାରତକୁ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିକାରୀ ବୃହତ୍ ଅର୍ଥନୀତି ସ୍ଥିତି ବଜାୟ ରଖିବାରେ ସହାୟକ ହୋଇଛି। ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଚାଇନାର ଆର୍ଥିକ ଅଭିବୃଦ୍ଧି ୪.୮ ପ୍ରତିଶତ ରହିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଭାରତର ପ୍ରଥମ ଅର୍ଦ୍ଧବାର୍ଷିକ ଜିଡିପି ଅଭିବୃଦ୍ଧି ୮ ପ୍ରତିଶତ ରହିବ, ଯାହା ପୂର୍ବବର୍ଷ ଏହି ସମୟରେ ୬.୧ ପ୍ରତିଶତ ଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୬.୩ରୁ ୬.୮ ପ୍ରତିଶତ ମଧ୍ୟରେ ରହିବ ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଉତ୍ପାଦନ ସେକ୍ଟର ଅଭିବୃଦ୍ଧି ୯.୧%କୁ ବୃଦ୍ଧି ପାଇଛି, ଯାହାକି ବର୍ଷକ ପୂର୍ବରୁ ଏହି ସମୟରେ ୨.୨% ଥିଲା। ସେପ୍ଟେମ୍ବର ୨୨ରେ ଜିଡିପି ଦର ହ୍ରାସ ଲାଗୁ ହୋଇଥିଲା। ସେହିପରି ବ୍ୟାଙ୍କିଙ୍ଗ୍, ରିୟଲ ଇଷ୍ଟେଟ ଭଳି ସେବା ସେକ୍ଟରରେ ଅଭିବୃଦ୍ଧି ହାର ୧୦.୨ ପ୍ରତିଶତ ହୋଇଛି। ପୂର୍ବବର୍ଷ ଏହି ସମୟରେ ଅଭିବୃଦ୍ଧି ହାର ୭.୨% ଥିଲା।

### ଭାରତର ଜିଡିପି, ଜାତୀୟ ଆକାଉଣ୍ଟ ତଥ୍ୟକୁ ସି ଗ୍ରେଡ୍ ଦେଲା ଆଇଏମ୍‌ଏଫ୍

ମୋଟ ଘରୋଇ ଉତ୍ପାଦ (ଜିଡିପି) ସମେତ ଭାରତର ଜାତୀୟ ଆକାଉଣ୍ଟ ପରିସଂଖ୍ୟାନକୁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏହାର ବାର୍ଷିକ ସମୀକ୍ଷାରେ 'ସି' ଗ୍ରେଡ୍ ପ୍ରଦାନ କରିଛି, ଯାହାକି ଦ୍ୱିତୀୟ ସର୍ବନିମ୍ନ ଗ୍ରେଡ୍। ଆଇଏମ୍‌ଏଫ୍ କହିବା ଅନୁଯାୟୀ, ଉକ୍ତ ଗ୍ରେଡ୍ ଅର୍ଥ ଉପଲବ୍ଧ ତଥ୍ୟରେ କିଛିଟା କମି ରହିଛି, ଯାହା ପର୍ଯ୍ୟବେକ୍ଷଣରେ ବାଧା ସୃଷ୍ଟି କରିଛି। ସରକାର ଶୁକ୍ରବାର ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଜାତୀୟ ଆକାଉଣ୍ଟ ତଥ୍ୟ ପ୍ରକାଶ କରିଥିବାବେଳେ ଏହାର ଦିନକ ପୂର୍ବରୁ ଆଇଏମ୍‌ଏଫ୍ ଏଭଳି ଗ୍ରେଡ୍ ପ୍ରଦାନ କରିଛି। ଜାତୀୟ ଆକାଉଣ୍ଟ ତଥ୍ୟ ବିଭିନ୍ନ ସମୟରେ ପ୍ରକାଶ ପାଇଥାଏ, ଯେଉଁଥିରେ ପର୍ଯ୍ୟାପ୍ତ ସବିଶେଷ ତଥ୍ୟ ରହିଥାଏ। ତେବେ କେତେକ ପ୍ରକ୍ରିୟାଗତ ଦୁର୍ବଳତା ପର୍ଯ୍ୟବେକ୍ଷଣରେ ବାଧା ସୃଷ୍ଟି କରୁଥିବା ଆଇଏମ୍‌ଏଫ୍ କହିଛି।

## ଫୁରସତ୍

# ବାହ୍ୟ ଗ୍ରହରେ ଜୀବନ ଖୋଜିବେ ଭାରତ, ଜାପାନ

ନୂଆଦିଲ୍ଲୀ

ମାନବଜାତିର ସବୁଠାରୁ ଗଭୀର ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଭାରତ ଓ ଜାପାନ ଉଦ୍ୟମ ଆରମ୍ଭ କରିଛନ୍ତି। ଉଭୟ ଦେଶ ମିଶି ୩୦ମିଟରର ବିଶାଳକାୟ ଟେଲିସ୍କୋପ ନିର୍ମାଣ କରୁଛନ୍ତି, ଯାହାକୁ 'ଥାର୍ଟି ମିଟର ଟେଲିସ୍କୋପ'(ଟିଏମ୍‌ଟି) କୁହାଯାଉଛି। ଏହି ଅତ୍ୟାଧୁନିକ ଅପ୍ଟିକାଲ-ଇନ୍‌ଫ୍ରାରେଡ ଟେଲିସ୍କୋପ ମାଧ୍ୟମରେ ବ୍ଲାକ ହୋଲ୍, ଦୂର ଗାଲାକ୍ସି ଅଧ୍ୟୟନ କରାଯିବ। ଏଥିସହ ପୃଥିବୀ ବାହାରେ ଜୀବନର ଅନୁସନ୍ଧାନ କରାଯାଇପାରିବ ବୋଲି କୁହାଯାଇଛି। 'ଟିଏମ୍‌ଟି'ର ପ୍ରାଥମିକ ଦର୍ପଣ ୩୦ ମିଟର ବ୍ୟାସ ବିଶିଷ୍ଟ ହେବ, ଯାହା ୫୦୦ରୁ ଅଧିକ ଛୋଟ ଦର୍ପଣକୁ ଠିକ୍ ଭାବରେ ସଂଯୋଜିତ କରି ନିର୍ମାଣ କରାଯିବ। ଏହି ଛୋଟ ଦର୍ପଣଗୁଡ଼ିକୁ ସମ୍ପୂର୍ଣ୍ଣ ସିଧା ଓ ସମାନ କରି ରଖିବା ପାଇଁ ଆବଶ୍ୟକ ହେଉଥିବା ଅପ୍ଟୋ-ମେକାନିକାଲ ସିଷ୍ଟମ



ପ୍ରସ୍ତୁତିରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଜାପାନର କ୍ୟାବିନେଟ ଅଫିସ୍ ନାଶନାଲ ସ୍ପେସ୍ ପଲିସି କମିଟିର ଭାଇସ୍ ଚେୟାରମ୍ୟାନ ଡ. ସାକୁ ସୁନେତା ଭାରତର ଏହି ପ୍ରଯୁକ୍ତି ସମ୍ପର୍କିତ ଜ୍ଞାନକୁ ପ୍ରଶଂସା କରିଛନ୍ତି। ଏହି ଅନ୍ତର୍ଜାତୀୟ ପ୍ରକଳ୍ପରେ ଭାରତ, ଜାପାନ ଏବଂ ଆମେରିକାର ଦୁଇଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ମିଶି କାର୍ଯ୍ୟ କରୁଛନ୍ତି। ଭାରତରୁ ଆଇଆଇଏ(ବେଙ୍ଗାଲୁରୁ), ଆଇୟୁସିଏଏ(ପୁଣେ) ଏବଂ ଏଆରଆଇଇଏସ୍(ନୈନିତାଲ) ସାମିଲ ଅଛନ୍ତି।

ଟେଲିସ୍କୋପ୍‌ର ମୁଖ୍ୟ ଲକ୍ଷ୍ୟ ଅନ୍ୟ ତାରାଗୁଡ଼ିକ ଚାରିପଟେ ଘୂରୁଥିବା ବାହ୍ୟ ଗ୍ରହର ବାୟୁମଣ୍ଡଳ ବିଶ୍ଳେଷଣ କରି ଜଳୀୟବାଷ୍ପ ବା ଜୈବିକ ଅଣୁ ପରି ଜୀବନର ରାସାୟନିକ ସଙ୍କେତ ଖୋଜିବା। ଏହାର ନିର୍ମାଣ ପାଇଁ ହାୱାଇର ମୌନାକିଆକୁ ଚୟନ କରାଯାଇଛି, ଯାହାକି ଉତ୍କୃଷ୍ଟ ନୀଳ ଆକାଶ ପାଇଁ ପ୍ରସିଦ୍ଧ। ତେବେ ସ୍ଥାନୀୟ ମୂଳ ନିବାସୀଙ୍କ ବିରୋଧ ଯୋଗୁ ନିର୍ମାଣ କାର୍ଯ୍ୟରେ ସମସ୍ୟା ଉପୁଜିଛି। ତେବେ ଏନେଇ ଆପୋସ ଆଲୋଚନା ଜାରି ରହିଛି। ଅପରପକ୍ଷେ ଏଥିଲାଗି ଲଦାଖର ହାନ୍ଲେକୁ ଏକ ବିକଳ୍ପ ସ୍ଥଳୀ ଭାବରେ ବିଚାର କରାଯାଉଛି। ତେବେ ଭାରତର ପ୍ରଯୁକ୍ତିଗତ ଅବଦାନ ଯୋଗୁ ଏହି ପ୍ରକଳ୍ପର କାର୍ଯ୍ୟ ୨୦୩୦ ଦଶକର ମଧ୍ୟଭାଗ ସୁଦ୍ଧା କାର୍ଯ୍ୟକ୍ଷମ ହେବବୋଲି ଆଶାପ୍ରକାଶ କରାଯାଇଛି।

# ଝିଅ ପାଇଁ କିଆରା ଖୁସି

ମୁମ୍ବାଇ

ଅଭିନେତ୍ରୀ କିଆରା ଆଡ୍‌ଭାନୀ ନିକଟରେ ମା' ହୋଇଛନ୍ତି। ଝିଅ ଜନ୍ମର ପ୍ରାୟ ୫ ମାସ ପରେ ତା' ନାଁ ଦେଇଛନ୍ତି । ସେ ତାଙ୍କ ରାଜକୁମାରୀ ନାମ 'ସାରାୟା' ରଖିଛନ୍ତି। କିଆରା ଏବଂ ସିଦ୍ଧାର୍ଥ ମାଲହୋତ୍ରାଙ୍କ ଝିଅ ସାରାୟା ସଂସ୍କୃତ ଏବଂ ଆରବି ଭାଷାରେ ଭିନ୍ନ ଭିନ୍ନ ଅର୍ଥ ରଖେ। ସଂସ୍କୃତରେ ନାମର ଅର୍ଥ ସାର କିମ୍ବା ଉପାଦାନ। ଆରବୀୟ ଭାଷାରେ ସାରାୟା ଅର୍ଥ ଶୁଦ୍ଧ କିମ୍ବା ସମ୍ମାନରେ ପୂର୍ଣ୍ଣ। ଏହା ବ୍ୟତୀତ ହିବ୍ରୁ ଭାଷାରେ ନାମର ଅର୍ଥ ରାଜକୁମାରୀ। ନାମଟି ତେଜ ଏବଂ କୋମଳତା ସହିତ ମଧ୍ୟ ଜଡିତ। ସିଦ୍ଧାର୍ଥ ଏବଂ କିଆରା ସେମାନଙ୍କ ଝିଅକୁ ଭଗବାନଙ୍କ ଆଶୀର୍ବାଦ ବୋଲି କହିଛନ୍ତି। ଝିଅକୁ ସମୟ ଦେବା ପାଇଁ କିଆରା ମଧ୍ୟ କ୍ୟାରିଅରରୁ କିଛି ଦିନ ବିରତି ନେଇଛନ୍ତି। ସିଦ୍ଧାର୍ଥ ନିକଟରେ 'ପରମ ସୁନ୍ଦରୀ' ଫିଲ୍ମରେ ନଜର ଆସିଥିଲେ। ଆଗାମୀ ବର୍ଷ ସେ 'ୱାନ୍' ଫିଲ୍ମରେ ଦେଖାଦେବେ।


କିଆରା ଆଡ୍‌ଭାନୀ

ଧରିତ୍ରୀ
DHARITRI
ଧରିତ୍ରୀ 52 Years





କଟକ ରାଉସାପାଟଣା ରାସ୍ତା ପାର୍ଶ୍ୱ ଅଳିଆ ଗଦାରେ ଗୋ ମାଂସ ପଡ଼ିଥିବା ଘଟଣାକୁ ନେଇ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ସ୍ଥାନୀୟ ଅଞ୍ଚଳରେ ଦେଖାଦେଇଥିବା ଉତ୍ତେଜନା।

# ରାଜ୍ୟ ସରକାର ଆଣିଲେ ୧୭,୪୪୦ କୋଟିର ଅତିରିକ୍ତ ବଜେଟ

**▪ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୧୩,୭୧୬ କୋଟି, ପ୍ରଶାସନିକ ବ୍ୟୟ ୩,୩୮୯ କୋଟି**
**▪ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ୧୭୧ କୋଟି**

ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ ଅତିରିକ୍ତ ବଜେଟ ପାଇଁ ୧୨,୧୫୬ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ଶୁକ୍ରବାର ବିଧାନସଭାର ଶୀତକାଳିନ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉପସ୍ଥାପିତ ଅତିରିକ୍ତ ବଜେଟ୍ ୨୦୨୫-୨୬ରେ ଏହାର ପରିମାଣକୁ ବଢ଼ାଯାଇ ୧୭,୪୪୦ କୋଟି ଟଙ୍କା କରାଯାଇଛି। ଗତବର୍ଷ ଭିତ୍ତିଭୂମି ବିକାଶକୁ ଅଗ୍ରପ୍ରାଧାନ୍ୟ ଦିଆଯାଇ ୩.୦୮୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ତେବେ ୨୦୨୫-୨୬ ଆର୍ଥିକ ବର୍ଷରେ ଖାଦ୍ୟ ସୁରକ୍ଷା ଯୋଜନାକୁ ଗୁରୁତ୍ୱ ଦିଆଯାଇ ଏହାର ବ୍ୟୟବରାଦ ରାଶିକୁ ୪,୩୨୯ କୋଟି ଟଙ୍କା କରାଯାଇଛି। ମହିଳାଙ୍କୁ ସଶକ୍ତ କରିବା ଲାଗି ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା 'ସୁଭଦ୍ରା' ପାଇଁ ୨୦୨୪-୨୫ ଆର୍ଥିକ ବର୍ଷର ଅତିରିକ୍ତ ବଜେଟରେ ୧,୧୯୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ୨୦୨୫-୨୬ରେ ୨୯୫ କୋଟି ଟଙ୍କା ରଖାଯାଇଛି।

ଭୁବନେଶ୍ୱର, ୨୮।୧୧(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ୧୭ ହଜାର ୪୪୦ କୋଟି ଟଙ୍କା ଅତିରିକ୍ତ ବଜେଟ ଗୃହରେ ଉପସ୍ଥାପନ କରିଛନ୍ତି। ଏଥିରୁ ପ୍ରଶାସନିକ ବ୍ୟୟ ଲାଗି ୩,୩୮୯ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ଲାଗି ୧୩,୭୧୬ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ୧୭୧ କୋଟି, ରାଜ୍ୟ ବଜେଟରୁ ସ୍ଥାନାନ୍ତର ହେବ ୧୬୪ କୋଟି ଟଙ୍କା। ଏହିପରି ମୋଟ୍ ୧୭ ହଜାର ୪୪୦ କୋଟି ଟଙ୍କାର ବ୍ୟୟ ବରାଦକୁ ବିଧାନସଭାରେ ଅନୁମୋଦନ ଲାଗି ରଖାଯାଇଛି। ଏହି ଅତିରିକ୍ତ ବଜେଟର ସମ୍ପୂର୍ଣ୍ଣ ରୂପରେଖକୁ ଦେଖିଲେ ଅତିରିକ୍ତ ବଜେଟ ପାଇଁ ସ୍ଥିର ହୋଇଥିବା ରାଶିର ୧% ବିପର୍ଯ୍ୟୟ ମୁକାବିଲା ପାଣ୍ଠି, ରାଜ୍ୟରୁ ହସ୍ତାନ୍ତର ରାଶି ୧%, ପ୍ରଶାସନିକ ଖର୍ଚ୍ଚ ୧୯% ଏବଂ କାର୍ଯ୍ୟକ୍ରମ ଖର୍ଚ୍ଚ ଲାଗି ୭୯% ରଖାଯାଇଛି।

ମୁଖ୍ୟମନ୍ତ୍ରୀ ବଜେଟ ବହିରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାରଙ୍କ ଅଧୀନରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ଲାଗି ଅତିରିକ୍ତ ପାଣ୍ଠିର ଆବଶ୍ୟକତା ରହିଛି। ଏହାସହ ପ୍ରଚଳିତ ଥିବା କେନ୍ଦ୍ର ଯୋଜନା ଓ ପ୍ରବର୍ତ୍ତିତ ଯୋଜନା ଓ ଭାରତ ସରକାରଙ୍କ ନୂତନ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଲାଗି ଅତିରିକ୍ତ ବ୍ୟୟବରାଦର ଆବଶ୍ୟକତା ପଡୁଛି। ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ☞ପୃଷ୍ଠା-୨



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଅତିରିକ୍ତ ବଜେଟ୍ ଉପସ୍ଥାପନ କରୁଛନ୍ତି।

# କଟକରେ ଗୋମାଂସ ପଡ଼ିବା ନେଇ ଉତ୍ତେଜନା

**ଘଟଣା ଉପରେ ପୋଲିସର ତୀକ୍ଷ୍ଣ ନଜର**

କଟକ,୨୮।୧୧(କାର୍ତ୍ତିକ ସାହୁ)

କଟକ ପୁରୀଘାଟ ଥାନା ଅନ୍ତର୍ଗତ ରାଉସାପାଟଣା ଅଞ୍ଚଳରେ ଗୋମାଂସ ପକାଯାଇଥିବା ନେଇ ଉତ୍ତେଜନା ପ୍ରକାଶ ପାଇଛି। ଶୁକ୍ରବାର ରାତି ପ୍ରାୟ ୧୧ଟା ସମୟରେ ଏହା ଜଣାପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଖବର ପାଇ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ପୋଲିସ ଲୋକଙ୍କୁ ବୁଝାଶୁଝା କରିବା ସହ ପରିସ୍ଥିତି ଉପରେ ନଜର ରଖିଥିବା ଡିସିପି ଖିଲାରୀ କହିଛନ୍ତି। ସୂଚନାନୁସାରେ, ରାଉସାପାଟଣା ଅଞ୍ଚଳ ରାସ୍ତା ପାର୍ଶ୍ୱରେ ଥିବା ଅଳିଆ ଗଦାରେ ଏକ ବସ୍ତାରେ ଗୋମାଂସ ଥିବା ଜଣାପଡ଼ିଥିଲା। ଏହା ପ୍ରଚାରିତ ହେବା ପରେ ଲୋକମାନେ ସେଠାରେ ରୁଣ୍ଡ ହୋଇଯାଇଥିଲେ। ଏହା କେଉଁଠୁ ଆସିଲା, କିଏ ଏଠାରେ ପକାଇଲା ତାକୁ ନେଇ ଲୋକମାନେ ଚର୍ଚ୍ଚା କରିବା ସହ କ୍ରମେ ସେଠାରେ ଲୋକଙ୍କ ସଂଖ୍ୟା ବଢ଼ିଥିଲା। ପୁରୀଘାଟ ଥାନା ପୋଲିସ ସେଠାରେ ତୁରନ୍ତ ପହଞ୍ଚିଥିଲା। ଏଥିସହ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ମଧ୍ୟ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛନ୍ତି। ପୋଲିସ ବସ୍ତା ସହ ଗୋମାଂସ ଜବତ କରିଛି। ତେବେ ପୋଲିସ ଏହା ଉପରେ ତୀକ୍ଷ୍ଣ ନଜର ରଖିଥିବା ଜଣାଯାଇଛି।

**ଆଜିର ସମ୍ପାଦକୀୟ**

ମିନି ପିଏମ୍‌ଓ

**ବିଭାଗୱାରୀ ବ୍ୟୟ ବରାଦ**

ପୃଷ୍ଠା-୩

# ଶୂନ୍ୟକାଳରେ ଧାନ ତାତି

**▪ କାହିଁକି ଧାନ ଉଠୁନି ପ୍ରଶ୍ନ କଲେ ପ୍ରସନ୍ନ**
**▪ ବରଗଡ଼ରୁ ଉଠିଲାଣି ଧାନ:ସମବାୟ ମନ୍ତ୍ରୀ**

ଭୁବନେଶ୍ୱର,୨୮।୧୧
(ରବିନାରାୟଣ ଜେନା)

ରାଜ୍ୟରେ ଧାନ ସଂଗ୍ରହ ବିଳମ୍ବକୁ ନେଇ ଶୁକ୍ରବାର ବିଧାନସଭା ଶୂନ୍ୟକାଳରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ବିରୋଧୀ ଦଳ(ବିଜେଡି) ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଚାଷୀମାନେ ରାଜ୍ୟ ତଥା ଦେଶର ମେରୁଦଣ୍ଡ। ହେଲେ ଏକଥାକୁ ସରକାର ଟିକେ ହେଲେ ବି ଗୁରୁତ୍ୱ ଦେଉନାହାନ୍ତି। ପ୍ରତିବର୍ଷ ଖରିଫ ଧାନ ସଂଗ୍ରହ ନଭେମ୍ବର ପହିଲାରୁ ଆରମ୍ଭ ହେବା କଥା, ହେଲେ ୨୮ ଦିନ ବିତିଲାଣି ସରକାର ଟିକିଏ ବି ଚିନ୍ତା କରୁନାହାନ୍ତି। ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି ବୋଲି ଆଚାର୍ଯ୍ୟ କହିଛନ୍ତି। ଏହାର ଉତ୍ତର ରଖି ସମବାୟ ମନ୍ତ୍ରୀ ଗୃହ ବାହାରେ କହିଛନ୍ତି, ଶୁକ୍ରବାରଠାରୁ ବରଗଡ଼ରୁ ଧାନ ଉଠିଛି। ଜାନୁଆରୀରୁ ଉପକୂଳ ଜିଲାଗୁଡ଼ିକରୁ ସଂଗ୍ରହ କରାଯିବ।

ଶୁକ୍ରବାର ଗୃହରେ ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ପ୍ରସନ୍ନ ଆଚାର୍ଯ୍ୟ ଚାଷୀ ପ୍ରସଙ୍ଗ ଉଠାଇ କହିଛନ୍ତି, ସରକାର କହିଲେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତିକ୍ରମେ ଏବର୍ଷ ଧାନ ଉଠିବ। ହେଲେ ଅଦ୍ୟାବଧି ୨୮ଦିନ ବିତିଲାଣି ସରକାର ଗୋଟିଏ ବି ବସ୍ତା ଧାନ କିଣି ନାହାନ୍ତି। ମଣ୍ଡିକୁ ଏପର୍ଯ୍ୟନ୍ତ ମିଲରମାନେ ଯାଉନାହାନ୍ତି। ବରଗଡ଼ ଭଳି ଜିଲାରେ ୫ହଜାରରୁ ଅଧିକ ଚାଷୀ ଏପର୍ଯ୍ୟନ୍ତ ପଞ୍ଜୀକରଣ ହୋଇନାହାନ୍ତି। ଚାଷୀଙ୍କୁ ଟୋକନ ମିଳିନାହିଁ। ଚଳିତବର୍ଷ ଧାନ ସଂଗ୍ରହରେ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଅବ୍ୟବସ୍ଥା ହୋଇଛି। ଏଥିପାଇଁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ନିର୍ଦ୍ଧାରିତ ଦରଠାରୁ ବହୁ କମ୍ ଦରରେ ବଜାରରେ ବିକ୍ରି କରୁଛନ୍ତି। ମଧ୍ୟସ୍ଥମାନେ ଏହାର ଫାଇଦା ଉଠାଉଛନ୍ତି। ମିଲର୍ସମାନେ କହୁଛନ୍ତି, ସେମାନଙ୍କ ପାଖରେ ଧାନ ଉଠାଇବା ପାଇଁ ଜାଗା ନାହିଁ। ପୂର୍ବବର୍ଷର ଧାନ ଆଣିଛୁ ଯେ ଚାଉଳ ସରକାର ନେଇନାହାନ୍ତି। ଏହି କ୍ଷେତ୍ରରେ ଏବର୍ଷ ଧାନ ଉଠିପାରୁନାହିଁ। ଡବଲ ଇଞ୍ଜିନ ସରକାର ଯୋଗୁ ଏଫ୍‌ସିଆଇ ଚାଉଳ ମଧ୍ୟ ଉଠାଉନାହିଁ। ଏହି ସମସ୍ତ ପ୍ରକ୍ରିୟା ଏବେ ଚାଷୀଙ୍କୁ ଅଭାବୀ ଧାନ ବିକ୍ରି ପାଇଁ ବାଧ୍ୟ କରୁଛି ବୋଲି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

ଏସଂକ୍ରାନ୍ତରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ରାଜ୍ୟ ସରକାରଙ୍କ ପାଖରେ ଧାନ ସଂରକ୍ଷିତ ରଖିବାକୁ ପର୍ଯ୍ୟାପ୍ତ ଜାଗା ଅଛି। ଯେଉଁଠି ଧାନ ପ୍ରସ୍ତୁତ ହେଲାଣି, ସେଠି ଚାଷୀଙ୍କୁ ମଣ୍ଡିଦିଆସରିଲାଣି। ବିରୋଧୀ କେବଳ ସରକାରଙ୍କୁ ବିରୋଧ କରିବାପାଇଁ ଯାହା ପାରୁଛନ୍ତି କହୁଛନ୍ତି। ଚଳିତବର୍ଷ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ଚାଷୀ କେମିତି ସବ୍‌ସିଡି ପାଇବେ ଏବଂ ସେମାନଙ୍କ ଆର୍ଥିକ ଉନ୍ନତି ହେବ ସେଥିପ୍ରତି ସରକାର ସଜାଗ ଅଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟ ନଂ ୩ ସମ୍ମୁଖରେ ବୋମା ଫୁଟିଲା

**ଏନ୍‌ଆଇଏ, ପୋଲିସର ତଦନ୍ତ**

**▪ ୩ଜଣଙ୍କୁ ଅଟକ ରଖି ପଚରାଉଚରା**

ଭୁବନେଶ୍ୱର, ୨୮।୧୧(ତ୍ରିନାଥ ମହାନ୍ତି)

ବିଧାନସଭା ଅଧିବେଶନ ପାଇଁ ରାଜଧାନୀ କଡ଼ା ସୁରକ୍ଷା ବଳୟରେ ରହିଛି। ଏପରିସ୍ଥିତିରେ ସହରରେ ଏକାଧିକ ବୋମା ଫୁଟିଛି। ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩ ସମ୍ମୁଖରେ ଶୁକ୍ରବାର ସକାଳ ପ୍ରାୟ ୮ଟାରେ ଏହି ଘଟଣା ଘଟିଛି। ବୋମା ଫୁଟିବା ସମୟରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ସ୍କୁଲ ଭିତରକୁ ପ୍ରବେଶ କରିସାରିଥିବାରୁ ବଡ଼ ଅଘଟଣ ଟଳି ଯାଇଛି। ତେବେ ସ୍କୁଲ୍ ଗେଟରେ ବୋମାର କିଛି ଛିଟା ପଡିଥିବା ବେଳେ ରାସ୍ତା ଉପରେ ବାରୁଦ ଏବଂ ଲୁହା କଣ୍ଟା ପଡ଼ିଥିଲା। ଖବର ପାଇ ପୋଲିସ, ସାଇଣ୍ଟିଫିକ ଟିମ୍, ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ଏବଂ ଆର୍‌ପିଏଫ୍ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ ଚଳାଇଛି। ଏଥିସହ ଫୋରେନ୍‌ସିକ୍ ଟିମ୍ ପହଞ୍ଚି ଫୁଟିଥିବା ବୋମାର ଅଂଶକୁ ଜବତ କରିଛି। ପୋଲିସ ସ୍କୁଲ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ୩ଜଣ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅପରାଧୀମାନେ ବୋମା ନେଇଯିବା ସମୟରେ ତାହା ରାସ୍ତାରେ ଖସିପଡିବାରୁ ବିସ୍ଫୋରଣ ହୋଇଥିବା କୁହାଯାଉଛି। ତେବେ କିଏ କ'ଣ ପାଇଁ ବୋମା ନେଇଯାଉଥିଲେ ଓ ସହରରେ ବଡ଼ ଘଟଣା ଘଟାଇବାକୁ ଅପରାଧୀମାନେ ଯୋଜନା କରିଥିଲେ ବୋଲି ସନ୍ଦେହ କରି ମିଳିତ ଟିମ୍ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩ରେ ୧୫ଶହ ପିଲା ପାଠ ପଢନ୍ତି। ସକାଳେ ପିଲଙ୍କ ସହ କର୍ମଚାରୀମାନେ ସ୍କୁଲକୁ ପ୍ରବେଶ କରିସାରିଥିଲେ। କ୍ଲାସ୍ ଚାଲୁଥିଲା ବେଳେ ସକାଳ ପ୍ରାୟ ୭ଟା ୪୫ରୁ ୮ଟା ମଧ୍ୟରେ ହଠାତ୍ ବୋମା ଫୁଟିଥିଲା। ☞ପୃଷ୍ଠା-୨



ବୋମା ପକାଯାଇଥିବା ସ୍ଥାନ ତଦାରଖ କରୁଛନ୍ତି ଏନ୍‌ଆଇଏ ଅଧିକାରୀ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ମହାସଂଘ ପକ୍ଷରୁ ୭ ଦଫା ଦାବିରେ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ନ୍ୟାଶନାଲ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ୨୨ତମ ଉତ୍କଳ କଳା ମହୋତ୍ସବ-୨୦୨୫, ସ୍ଥାନ: ଏକାମ୍ରହାଟ, ୟୁନିଟ୍-୩, ସମୟ: ଅପରାହ୍ନ ୪ଟା ୩୦ ।
- ୮୯ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ଅପରାହ୍ନ ୫ଟା ୩୦ ।
- କଳିଙ୍ଗ ପୁସ୍ତକ ମେଳାର ସାହିତ୍ୟ ସମ୍ମାନ ସମାରୋହ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।
- କଳାଞ୍ଜଳି ଲୋକକଳା ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

## ପୁରୀ
- ପ୍ରଣତି କଳା ମନ୍ଦିରର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ।
- କେଦାର ଗୁରୁ ଙ୍କ ୩୮ତମ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ଗୁରୁ କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା୩୦ ।
- ଯୋଗ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ମହିଳାଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସାଇ ସ୍ମାର୍ଟ ସ୍କୁଲ, ସ୍ମୃତି ଓ କଣାସ, ସମୟ: ସକାଳ ୯ଟା
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ମହନ୍ତ ଗଦାଧର ବିଦ୍ୟାଳୟ, ଚନ୍ଦନପୁର, ସମୟ: ପୂର୍ବାହ୍ନ ୧୧ଟା ।
- ସଂସଦ ଖେଳ ମହୋତ୍ସବ ଅବସରରେ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଜଗନ୍ନାଥ ଷ୍ଟାଡିୟମ, ସମୟ: ସକାଳ ୮ଟା ।
- ସଂସଦ ଖେଳ ମହୋତ୍ସବ ଅବସରରେ ସଫ୍ଟ ବଲ ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟ୍ସ କଂପ୍ଲେକ୍ସ, ତାଳବଣିଆ, ସମୟ: ଅପରାହ୍ନ ୩ଟା ।

## ବାଲେଶ୍ୱର
- ସାଂସଦ ଖେଳ ମହାକୁମ୍ଭ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ବାଲେଶ୍ୱର ପ୍ରତିଭା ସମାରୋହ, ସ୍ଥାନ: ମିଶନ ସ୍କୁଲ କମ୍ପାଉଣ୍ଡ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦ ।

## ଭଦ୍ରକ
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଲୋକନାଥ ପାଠାଗାର, ବାସୁଦେବପୁର, ସମୟ: ଅପରାହ୍ନ ୩ଟା ।
- ତ୍ୟାଗଭୂମି ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା ।

## ମୟୂରଭଞ୍ଜ
- ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଏମ୍‌ପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦା,ସମୟ: ପୂର୍ବାହ୍ନ: ୧୦ଟା ।

## କନ୍ଧମାଳ
- କଳସ ଯାତ୍ରା, ସ୍ଥାନ: ଦାରାଙ୍ଗବାଡ଼ି ଦଶଭୁଜା ଦୁର୍ଗମଣ୍ଡପ, ସକାଳ: ୭ ଟା ୪୫ ।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଦାରିଙ୍ଗବାଡ଼ି ଦଶଭୁଜା ଦୁର୍ଗମଣ୍ଡପ, ସମୟ : ସକାଳ ୯ ଟା ୪୫ ।
- ଅନ୍ତର୍ଜାତୀୟ କମଳା ଦିବସ, ସ୍ଥାନ: ଦାରିଙ୍ଗବାଡ଼ି ଜାଗୃତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ଜଗତ୍‌ସିଂହପୁର
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ, ଜଗତ୍‌ସିଂହପୁର,ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା ।

## ନୟାଗଡ଼
- ଘୋଡଲାଗି ପର୍ବର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା ।
- ଘୋଡଲାଗି ପର୍ବର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦ ।
- ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉତ୍ସବ, ସ୍ଥାନ: ନୂଆଗାଁ ବ୍ଲକ ମହିପୁର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।ନ

## ନବରଙ୍ଗପୁର
- ବାଲ୍ୟ ବିବାହ ମୁକ୍ତ ଗ୍ରାମ ପଞ୍ଚାୟତ ଉପରେ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

## କୋରାପୁଟ
- ଜିଲ୍ଲାସ୍ତରୀୟ କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା କଫି ଉନ୍ନୟନ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୪ ଟା ।
- ରାହାଗିରି ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ପୌର ସଭାଗୃହ, ଜୟପୁର, ସମୟ: ଅପରାହ୍ନ ୪ଟା ।

## ମାଲକାନଗିରି
- ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ ଉତ୍ସବ, ସ୍ଥାନ: ବୀରଲକ୍ଷ୍ମଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଲକାନଗିରି, ସମୟ: ସକାଳ ୯ଟା ।
- ବିଜ୍ଞାନ ମେଳା, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଚିତ୍ରକୋଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ସମ୍ବଲପୁର
- ସମ୍ବଲପୁରୀ ଧନୁଯାତ୍ରା-୨୦୨୬ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ଜାତୀୟ ସମ୍ବଲପୁରୀ ସମ୍ମିଳନୀର ପ୍ରସ୍ତୁତି ବୈଠକ, ସ୍ଥାନ: ଜେଲଛକ ନିକଟ ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା ।

## ରାଉରକେଲା
- ଜିଲ୍ଲାସ୍ତରୀୟ ରେଡକ୍ରସ୍ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର ୪, ରାଉରକେଲା କଲେଜ, ସମୟ: ପୂର୍ବାହ୍ନ ୧୦ଟା ।
- ଏନ୍‌ଆଇଟିରେ ଟିସୁ ଇଞ୍ଜିନିୟରିଂ ଅନ୍ତର୍ଜାତୀୟ ସମ୍ମିଳନୀ, ୨ୟ ଦିବସ, ସ୍ଥାନ: ବାୟୋଟେକନୋଲୋଜି ବିଭାଗ, ସମୟ: ପୂର୍ବାହ୍ନ ୧୦ଟା ।
- ମ୍ୟୁନିସିପାଲ କଲେଜରେ ଆଲୋଚନାଚକ୍ର, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ।
- ଅନୁରାଗ ପକ୍ଷରୁ ମ୍ୟାଲେରିଆ ସଚେତନତା କର୍ମଶାଳା, ସ୍ଥାନ: ସେକ୍ଟର-୨ ଖରିଆବାହାଲ ବସ୍ତି, ସମୟ: ପୂର୍ବାହ୍ନ ୧୧ଟା ।
- ବାସନ୍ତୀ ପାଠାଗାରର ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର,ସମୟ: ସନ୍ଧ୍ୟା ୬ଟା ।

## ସୁନ୍ଦରଗଡ଼
- ବିହା ବାଏଲ ଉତ୍ସବ ପାଇଁ ସଚେତନତା ରାଲି,ସ୍ଥାନ: ମହାଦେବପଡା,ସମୟ:ସକାଳ ୯ଟା ।

## ବରଗଡ଼
- ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ଯୋଗ ଶିବିର,ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ: ସକାଳ ୬ଟା ।
- କଳାହାଣ୍ଡିରେ ଖରିଫ ଧାନ ମଣ୍ଡିର ଶୁଭାରମ୍ଭ, ସ୍ଥାନ: ଗୋଳାମୁଣ୍ଡା ବ୍ଲକ ଘୋଟିଆ ମଣ୍ଡି, ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼
- ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଷଷ୍ଠ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ।

## ସୁବର୍ଣ୍ଣପୁର
- ଶୂନ୍ୟ ମୃତାହତ ପକ୍ଷ ଉଦ୍‌ଯାପନୀ, ସ୍ଥାନ: ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା ।
- ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନାରେ ଦକ୍ଷତା ବିକାଶ ପରାମର୍ଶ ଶିବିର, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ।

## ନୂଆପଡ଼ା
- ୩ୟ ଫୁଟବଲ ମହାକୁମ୍ଭ ଦ୍ୱାଦଶ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆମ୍, ଖଡ଼ିଆଳ ,ସମୟ:ଅପରାହ୍ନ ୩ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହସ୍ଥିତି, ସ୍ୱାସ୍ଥ୍ୟ, ପରିବାର ,ବନ୍ଧୁସମ୍ପର୍କ କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇବ । ପାରିବାରିକ ଅସ୍ଥିରତା, ଦୈହିକ ଓ ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି । ବୃହସ୍ପତିଙ୍କ ଶୁଭଦୃଷ୍ଟି କର୍ମକ୍ଷେତ୍ରକୁ ଶୃଙ୍ଖଳିତ ରଖିବାରେ ସାହାଯ୍ୟ କରିବ । ତଥାପି ଆତ୍ମୀୟ କିମ୍ବା ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ଯୋଗୁ ସାମୟିକ ବିଚଳିତ ହୋଇପାରନ୍ତି ।

**ବୃଷ** ଶନି ସମେତ ଚାରୋଟିଗ୍ରହ ରାଶିକୁ ପ୍ରଭାବିତ କରୁଥିବାରୁ ଏକାଧିକ କାମରେ ଅନୁପ୍ରବେଶ କରିବେ । ଦୂରଯାତ୍ରା ସକାଶେ ବ୍ୟବସାୟିକ କ୍ଷେତ୍ର ପାଇଁ ଅସୁବିଧା ହେବ ନାହିଁ । ଆତ୍ମୀୟ ଅସହଯାଗ କଲେ ମଧ୍ୟ ସ୍ତ୍ରୀଙ୍କ ପ୍ରେରଣା, ପରାମର୍ଶ ଓ ସହଯୋଗରୁ ଉପକୃତ ହେବେ । ଇଚ୍ଛା ନଥିଲେ ମଧ୍ୟ ପରିସ୍ଥିତି ବଶତଃ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ ।

**ମିଥୁନ** ପରିସ୍ଥିତି ଯାହା ହେଉନା କାହିଁକି ଆପଣ ବୃହସ୍ପତିଙ୍କ ପ୍ରଭାବରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ । କର୍ମକ୍ଷେତ୍ରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବା ସାଙ୍ଗକୁ ମାନସିକ ସ୍ତରରେ ମଧ୍ୟ ଚାପଗ୍ରସ୍ତ ହେବାକୁ ପଡ଼ିପାରେ । ଆର୍ଥିକ ସ୍ଥିତି ମନ୍ଦ ନଥିଲେ ମଧ୍ୟ ପୁରୁଣା ଲୋନ୍‌ର ପରିଶୋଧ ଚିନ୍ତା ମନକୁ ଆକ୍ରାନ୍ତ କରି ରଖିବ ।

**କର୍କଟ** ଶୁଭ ଗ୍ରହ ପ୍ରଭାବରୁ କର୍ମକ୍ଷେତ୍ରରେ ସମ୍ମାନ, ସଦିଚ୍ଛା ସହ ବନ୍ଧୁବର୍ଗଙ୍କ ପ୍ରିୟଭାଜନ ହେବେ । କିନ୍ତୁ ଅଶ୍ଳେଷା ବିଚାରବୁଦ୍ଧି ହରାଇ ଅନ୍ୟମାନଙ୍କ କଥାରେ କୌଣସି କାମ କଲେ ଅସୁବିଧାରେ ପଡ଼ିବେ । ରାହୁଯୁକ୍ତ ଚନ୍ଦ୍ର କାରଣରୁ ଟେନସନ୍ ଲାଗିରହିବ । ଏହା ସାଙ୍ଗକୁ ପାରିବାରିକ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିପାରନ୍ତି ।

**ସିଂହ** ରବି କେନ୍ଦ୍ରସ୍ଥାନରେ ଅନ୍ୟ ଦୁଇଟି ଗ୍ରହ ସହ ଅବସ୍ଥାନ କରିଥିବାରୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ । ଆଜି ଆପଣ ସମ୍ପୂର୍ଣ୍ଣ ଭାବରେ ସମସ୍ୟା ମୁକ୍ତ ନ ହେଲେ ମଧ୍ୟ ହାଲୁକା ମନେ କରିବେ । କ୍ରୀଡ଼ା,ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମୟିକ ଆନନ୍ଦପ୍ରାପ୍ତି ସାଙ୍ଗକୁ ପ୍ରଶଂସିତ ହୋଇପାରନ୍ତି ।

**କନ୍ୟା** ମୁଖ ଭାବରେ ବୁଧ ରହିଥିବା ଯୋଗୁ ଅପ୍ରିୟ ସତ୍ୟ କହି ସୁସମ୍ପର୍କକୁ ତିକ୍ତ କରିପାରନ୍ତି । ଆର୍ଥିକ ସମସ୍ୟା ସୁଧାରିବା ସକାଶେ ଋଣ ସୂତ୍ରରେ ଅର୍ଥପ୍ରାପ୍ତିର ଉଦ୍ୟମ ନିଷ୍ଫଳ ହେବନାହିଁ । ଆପଣଙ୍କ କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟଦକ୍ଷତା ଏବଂ ଉନ୍ନତ ଚିନ୍ତା ପଦାଧିକାରୀଙ୍କ ପ୍ରିୟଭାଜନ କରାଇବ । ସଭାସମିତିରେ ପ୍ରଶଂସିତ ହେବେ ।

**ତୁଳା** ଏକାଧିକ ଗ୍ରହ ଧନ ସ୍ଥାନରେ ରହି ବୈଷୟିକ ଅଭିବୃଦ୍ଧି ଘଟାଇପାରନ୍ତି । ପୂର୍ବ ପରିକଳ୍ପିତ କୌଣସି ନୂତନ କର୍ମାରମ୍ଭ ସକାଶେ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରିପାରନ୍ତି । ଅଭାବ ନଥିଲେ ମଧ୍ୟ ପରିସ୍ଥିତିବଶତଃ କୌଣସି ଜିନିଷ ସହଜଲଭ୍ୟ ହୋଇ ନ ପାରେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର କଳା କୌଶଳ ପ୍ରୟୋଗ କରି ଜୟଯୁକ୍ତ ହେବେ ।

**ବିଛା** ଆଜିର ଦୁର୍ବଳ ରବି ଓ ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରି ମନରେ ହତାଶାଭାବ ସଂଚାର କରିପାରେ । ବାଣିଜ୍ୟ ଓ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରି କୃତକାର୍ଯ୍ୟ ହେବେ । କାର୍ଯ୍ୟକ୍ଷେତ୍ରରେ, ପ୍ରଶାସନିକ ସ୍ତରରେ, ରାଜନୈତିକ ସ୍ଥିତିରେ ସମସ୍ୟା ସମାଧାନ ହୋଇଯିବ ।

**ଧନୁ** ଚତୁର୍ଥଭାଗରେ ଶନି ଷଷ୍ଠଭାଗକୁ ଅବଲୋକନ କରି ରୋଗ, ଋଣ ଓ ଶତ୍ରୁତାର ବିଲୋପ ଘଟାଇବେ । ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ । ଠିକ୍ ବିଚାର ବ୍ୟତୀତ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି । ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟାରେ ନଜେ ସାମିଲ ହୋଇ ଅନ୍ୟମନସ୍କ ରହିପାରନ୍ତି ।

**ମକର** ଗୁରୁ ଦୃଷ୍ଟ ଶନିଙ୍କ ଯୋଗୁ ବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧାରିବାରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ । କାମରେ ପ୍ରତିବନ୍ଧକ ଘଟିବା କାରଣରୁ ମନ ଦୁଃଖ ହୋଇପାରେ । ଆଜିର ଯାତ୍ରା, ବାଣିଜ୍ୟ, କଚେରି ମାମଲା ପ୍ରଭୃତିରେ ସଫଳତା ମିଳିବ । ଯେତେ ଭଲ କଲେ ମଧ୍ୟ ନିଜ ଲୋକଙ୍କଠାରୁ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କୁମ୍ଭ** ବୁଧଙ୍କ ଭାଗ୍ୟଭାବ ସ୍ଥିତି ଯୋଗୁ ଆଜି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ । ପାରିବାରିକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ମଧ୍ୟ ଭାରାକ୍ରାନ୍ତ ରହିବ । ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବାର ସମ୍ଭାବନା ରହିଛି । କୌଶଳ ପ୍ରୟୋଗ କରି ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ ।

**ମୀନ** କର୍ମାଧିପ ସ୍ୱଭାବରୁ ଅଷ୍ଟମସ୍ଥ ଯୋଗୁ ନିର୍ଦ୍ଦିଷ୍ଟ ସମୟରେ କୌଣସି କାମ କରିପାରିବେ ନାହିଁ । ସମସ୍ୟା ସମାଧାନ ବେଳକୁ ଅନ୍ୟ ଏକ ସମସ୍ୟା ବିବ୍ରତ କରିପାରେ । ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ । ବୃତ୍ତି, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ସାଙ୍ଗକୁ ଦୂରଯାତ୍ରାରେ ସଫଳତା ମଧ୍ୟ ପାଇପାରିବେ ।

ଆଜି ନଭେମ୍ବର ୨୯ ତାରିଖ, ମାର୍ଗଶିର ଶୁକ୍ଳ ନବମୀ, ଶନିବାର, ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୩୪ ଗତେ ଘ.୦୮।୫୧ ମଧ୍ୟେ, ଘ.୧୧।୫୬ ଗତେ ଘ.୧୨।୫୬ ମଧ୍ୟେ ଶୁଦ୍ଧ ଶୁଭବେଳା । ଘ.୦୮।୫୧ ଗତେ ଘ.୧୦।୧୩ ମଧ୍ୟେ ରାହୁକାଳ ।

# ଟ୍ରକ୍ ଧକ୍କାରେ ୩ ସ୍କୁଟି ଆରୋହୀ ମୃତ

ଢେଙ୍କାନାଳ,୨୮।୧୧
(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ୫୫ନଂ. ଜାତୀୟ ରାଜପଥର କଣ୍ଟେଇକୋଳିଆ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଦୁର୍ଘଟଣାରେ ୩ଜଣ ସ୍କୁଟି ଆରୋହୀଙ୍କର ମୃତ୍ୟୁ ଘଟିଛି । ସେମାନେ ହେଲେ ଅନୁଗୋଳ ଜିଲା ବନ୍ତଳା ଥାନା କଞ୍ଚା ଗ୍ରାମର ସୁରେନ୍ଦ୍ର ବେହେରା (୨୧), କଟକ ଜିଲା ମାହାଙ୍ଗା ଥାନା ଜଳେଶ୍ୱରପୁର ଗ୍ରାମର ଜଗନ୍ନାଥ ଦାସ (୩୦) ଓ ତୁମୁସିଙ୍ଗା ଥାନା ମାଛିଆ ଗ୍ରାମର ମିଥୁନ ପାତ୍ର (୨୪) । ଦୁର୍ଘଟଣା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି । ମୃତ ୩ ସ୍କୁଟି ଆରୋହୀ ଚୌଦ୍ୱାରଠାରେ ଏକ ହୋଟେଲରେ କାମ କରୁଥିଲେ ବୋଲି ଜଣାପଡ଼ିଛି । ସେମାନେ ବିଳମ୍ବିତ ରାତିରେ ଚୌଦ୍ୱାର ଆଡୁ ଢେଙ୍କାନାଳକୁ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଗୋବିନ୍ଦପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ସଦର ଥାନାରେ କେସ୍ ନଂ.୯୭୦/୨୫ରେ ମାମଲା ରୁଜୁ କରାଯାଇଛି ।

# ମାଓବାଦୀଙ୍କ ଆତ୍ମସମର୍ପଣ ପ୍ରୋତ୍ସାହନ ରାଶି ବଢ଼ିଲା

## ଟପ୍ କ୍ୟାଡରଙ୍କ ପାଇଁ ୧କୋଟି ୨୦ ଲକ୍ଷ

- ଏକେ ୪୭ ଧରି ଆତ୍ମସମର୍ପଣ କଲେ ମିଳିବ ୪ଲକ୍ଷ ୯୫ ହଜାର
- ୧୦ଲକ୍ଷ ମୁଣ୍ଡ ଜାମିନ୍ ଥିଲେ ମିଳିବ ୫ଲକ୍ଷ ଟଙ୍କା

ଭୁବନେଶ୍ୱର, ୨୮।୧୧
(ତ୍ରିନାଥ ମହାନ୍ତି)

ଆସନ୍ତା ମାର୍ଚ୍ଚ ୨୬ ସୁଦ୍ଧା ଦେଶକୁ ମାଓବାଦୀମୁକ୍ତ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମାଓବାଦୀ ପ୍ରଭାବିତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ମାଓବାଦୀଙ୍କୁ ବନ୍ଧୁକ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ବାରମ୍ବାର ଆହ୍ୱାନ ଦିଆଯିବା ସହ ସେମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି । ଏଥିସହ ଭବିଷ୍ୟତ ଗଢ଼ିବା ପାଇଁ ସେମାନଙ୍କୁ ଦିଆଯାଉଥିବା ଆର୍ଥିକ ପ୍ରୋତ୍ସାହନ ରାଶିକୁ ବୃଦ୍ଧି କରାଯାଇଛି । ଏନେଇ ସ୍ୱତନ୍ତ୍ର ଥଇଥାନ ନୀତି ପ୍ରଣୟନ ହୋଇଛି । ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ସଦସ୍ୟ ଆତ୍ମସମର୍ପଣ କଲେ ୧ କୋଟି ୨୦ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିବା ସହ ନଗଦ ୧୦ ଲକ୍ଷ ଟଙ୍କା ଦିଆଯିବ । ରାଜ୍ୟ ମାଓବାଦୀ କମିଟିର ସଦସ୍ୟ ଆତ୍ମସମର୍ପଣ କଲେ ୬୫ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିବା ସହ ନଗଦ ୧୦ ଲକ୍ଷ ଟଙ୍କା ମିଳିବ । ଆଞ୍ଚଳିକ କମିଟିର ସଦସ୍ୟ ପୋଲିସ ନିକଟରେ ଆତ୍ମସମର୍ପଣ କଲେ ୩୩ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଏବଂ କମିଟି ସେକ୍ରେଟେରି/କମାଣ୍ଡର/ ମିଲିଟାରି ପ୍ଲାଟୁନ ସଦସ୍ୟ ଆତ୍ମସମର୍ପଣ କଲେ ୨୭.୫୦ଲକ୍ଷ ଟଙ୍କାର ପ୍ରୋତ୍ସାହନ ମିଳିବ । ସେହିପରି ଡିଭିଜନାଲ କମିଟି ସଦସ୍ୟ/ ଡେପୁଟି କମାଣ୍ଡର/ କ୍ଷେତ୍ରୀୟ କମିଟି ସେକ୍ରେଟେରିଙ୍କୁ ୨୨ଲକ୍ଷ ଏବଂ ସ୍ଥାନୀୟ କମାଣ୍ଡର ସ୍କ୍ୱାଡ୍ ଓ ସ୍ଥାନୀୟ ଗରିଲା ସ୍କ୍ୱାଡ୍ ପାଇଁ ୧୧ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।

ଅନ୍ୟପକ୍ଷରେ ଜଣେ ମାଓବାଦୀ ଏକେ ୪୭ ରାଇଫଲ ଧରି ଆତ୍ମସମର୍ପଣ କଲେ ତାଙ୍କୁ ୪ଲକ୍ଷ ୯୫ ହଜାର ଟଙ୍କା ଦିଆଯିବ । ପୂର୍ବରୁ ତାଙ୍କୁ ୩ଲକ୍ଷ ୩୦ ହଜାର ଟଙ୍କା ମିଳୁଥିଲା । ଏସ୍‌ଏଲ୍‌ଆର୍ ରାଇଫଲ ସହ ଆତ୍ମସମର୍ପଣ କଲେ ପୂର୍ବରୁ ୧ ଲକ୍ଷ ୬୫ ହଜାର ଟଙ୍କା ଦିଆଯାଉଥିବା ବେଳେ ଏବେ ଏବେ ୪ ଲକ୍ଷ ୯୫ ହଜାର ଟଙ୍କା ଆତ୍ମସମର୍ପଣ ରାଶି ପାଇବେ । ସେହିପରି ୧୦ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ଥିବା ମାଓବାଦୀ ଆତ୍ମସମର୍ପଣ କଲେ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବେ । ଏଥିସହ ସେମାନଙ୍କ ନାମରେ ଥିବା ଛୋଟମୋଟ ସମସ୍ତ ମାମଲା ପ୍ରତ୍ୟାହାର କରିନେବେ ରାଜ୍ୟ ସରକାର । ମୁଖ୍ୟ ସ୍ରୋତକୁ ଫେରିଥିବା ମାଓବାଦୀ କ୍ୟାଡରମାନେ ଭାରତୀୟ ସମ୍ବିଧାନରେ ବିଶ୍ୱାସ ପ୍ରକାଶ କରିଛନ୍ତି ଏବଂ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମ୍ମାନଜନକ ଏବଂ ସୁରକ୍ଷିତ ଜୀବନଯାପନ କରିବାକୁ ସଂକଳ୍ପ ନେଇଛନ୍ତି । ପୁନର୍ବାସ ପ୍ରକ୍ରିୟାର ଅଂଶ ଭାବରେ ପ୍ରତ୍ୟେକ କ୍ୟାଡରକୁ ପ୍ରୋତ୍ସାହନ ସ୍ୱରୂପ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅନ୍ୟ ମାଓବାଦୀଙ୍କୁ ମଧ୍ୟ ଆତ୍ମସମର୍ପଣ କରିବା ଲାଗି ଆହ୍ୱାନ ଦେଇଛନ୍ତି ଆଣ୍ଟି ମାଓ ଅପରେଶନ୍ ଏଡିଜି ସଞ୍ଜୀବ ପଣ୍ଡା । ସେ କହିଛନ୍ତି, ମାଓବାଦୀଙ୍କୁ ଆମେ ଶେଷ ସୁଯୋଗ ଦେଉଛି । ସେମାନେ ବନ୍ଧୁକ ଛାଡ଼ି ନିଜ ଭବିଷ୍ୟତ ଗଢନ୍ତୁ । ମାଓବାଦୀ ହୋଇ ଜଙ୍ଗଲରେ ବୁଲି ହିଂସା ଘଟାଇଲେ କେବଳ ମୃତ୍ୟୁକୁ ପାଇବେ । ତେଣୁ ସେମାନେ ସବୁ ଛାଡ଼ି ପୋଲିସ ନିକଟରେ ଆତ୍ମସମର୍ପଣ କରନ୍ତୁ ବୋଲି ଏଡିଜି କହିଛନ୍ତି ।

## ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମୁହଁରୁ...


ଘାସିରାମ ମାଝି

ରାୟଗଡ଼ା, ୨୮।୧୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍‌ର ମାଓବାଦୀ ସାଜିଥିବା ଘାସିରାମ ମାଝି ୨୦୦୯ ମସିହା ଶେଷ ବେଳକୁ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ । ଉକ୍ତ ସମୟରେ କେବଳ ୨ ଏକର ଜମି ଓ ୮ ଡେସିମିଲ ଘର ପ୍ରଦାନ ସ୍କିମ୍ ରହିଥିଲା । ତେବେ ଆତ୍ମସମର୍ପଣର ୫ରୁ ୬ ବର୍ଷ ପରେ ସେ ୮ ଡେସିମିଲ ଘର ପାଇଥିଲେ । ତେବେ ଏହାପରେ ୨୦୧୧-୧୨ ମସିହାରେ ଘାସିରାମଙ୍କ ନେତୃତ୍ୱରେ ବହୁ ମାଓବାଦୀ ଆତ୍ମସମର୍ପଣ କରିଥିଲେ । ସେମାନଙ୍କୁ ୨ଲକ୍ଷରୁ ଆରମ୍ଭ କରି ୪ଲକ୍ଷ ପର୍ଯ୍ୟନ୍ତ ସରକାରୀ ସହାୟତା ମିଳିଥିଲା । ତେବେ ବର୍ତ୍ତମାନ ସହାୟତା ରାଶି ବୃଦ୍ଧି କରାଯାଉଥିବାରୁ ବହୁ ମାଓବାଦୀ ମୁଖ୍ୟସ୍ରୋତକୁ ଫେରି ଆସିବେ ବୋଲି ଘାସିରାମ କହିଛନ୍ତି ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ ଦଶାରୁ ସେ ଦଶା ବଳେ,
ଦଦରା ହାଣ୍ଡିରୁ ପେଜ ନ ଗଳେ ।**

ସମସ୍ୟାବହୁଳ ଦୁଃଖର ଜୀବନ । ଅର୍ଥାଭାବରୁ ଦୁରବସ୍ଥା କଥା ନ କହିଲେ ନ ଚଳେ । ଅଭାବଗ୍ରସ୍ତ ବ୍ୟକ୍ତି ଚିରାଲୁଗା ପଟା, ଭଙ୍ଗା ହାଣ୍ଡିକୁଣ୍ଡେଇରେ ଜୀବନ ବିତାଇବା ଛଡ଼ା ଆଉ କିଛି ଚାରା ନାହିଁ । ନାନା ଅସୁବିଧାରେ ଜୀବନ ବିତାଇବା ବଡ଼ କଷ୍ଟଦାୟକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଓଲୁଅ ତିଆରେ ବଣ ସାରୁକୁ
ତୁ ଗଲୁ, ମୁଁ ଗଲୁ,
ସାଙ୍ଗ ହୋଇ ଯିବା ବାହାଘରକୁ ।**

ଓଲୁଅ ଓ ସାରୁ ଏକା ଗୁଣର ଅଧିକାରୀ । ଏ ଦୁଇ ପରିବାକୁ ଖାଇଲେ ପାଟି ସାଧାରଣତଃ କୁଣ୍ଡାଇ ହେଉଥିବା ଜଣାଯାଇଥାଏ । ପରୋକ୍ଷରେ ଏକା ଗୁଣ ସମ୍ପନ୍ନ ବ୍ୟକ୍ତି କେହି କାହାକୁ ପାଖରୁ ଅନ୍ତର କରିବାକୁ ଚାହୁଁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟ ସରକାର ଆଣିଲେ ....

ଅଗ୍ରିମ ଅର୍ଥର ଭରଣା ଏବଂ ବିଭିନ୍ନ ଦାବି ଅନ୍ତର୍ଗତ ହିସାବର ବ୍ୟବସ୍ଥାପନା ଲାଗି ଅତିରିକ୍ତ ବ୍ୟୟ ବରାଦ ଜରୁରୀ । ପ୍ରଶାସନିକ ବ୍ୟୟବରାଦ ଲାଗି ୩୩୮୯ କୋଟି ଟଙ୍କା ରଖାଯାଇଛି । ସେଥିରୁ ୧୪୦୬ କୋଟି ଟଙ୍କା ସୁଧ ଦେୟ ଏବଂ ୧୩୩ କୋଟି ଟଙ୍କା ଓଡ଼ିଶା ଆକସ୍ମିକ ପାଣ୍ଠିରୁ ଯାହା ନିଆଯାଇଥିଲା ତାହା ଅଗ୍ରିମ ଭରଣା କରାଯିବ । ସରକାରୀ ଆବାସିକ କୋଠାଗୁଡ଼ିକ ରକ୍ଷଣାବେକ୍ଷଣ ଲାଗି ୨୦୫ କୋଟି ଏବଂ ଅଣଆବାସିକ କୋଠାଗୁଡ଼ିକର ରକ୍ଷଣାବେକ୍ଷଣ ଲାଗି ୩୦୬ କୋଟି ଟଙ୍କା ପ୍ରଦାନ କରାଯାଇଛି । ରାସ୍ତା ଓ ସେତୁର ରକ୍ଷଣାବେକ୍ଷଣ ଲାଗି ୨୫୦ କୋଟି ଟଙ୍କା ରଖାଯାଇଛି । ଗ୍ରାମୀଣ ପାଇପ ଜଳ ଯୋଗାଣ ପ୍ରକଳ୍ପର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ୧୧୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ପାଣି ପଞ୍ଚାୟତର ଅଚଳ ଉଠାଜଳସେଚନଗୁଡ଼ିକର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ପାଇଁ ଓଏଲ୍‌ଆଇସିକୁ ୬୬ କୋଟି ଏବଂ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟ ପାଇଁ ପ୍ରୋତ୍ସାହନ ରାଶି ବାବଦକୁ ୨୦ କୋଟି ପ୍ରଦାନ କରାଯାଇଛି । ଜିଲା ପରିଷଦର ନିର୍ବାଚନ ପରିଚାଳନା ଲାଗି ୪୨ କୋଟି, ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ୨୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ସରକାରୀ କଲେଜ ପାଇଁ ୩୬ କୋଟି ଟଙ୍କା ଏବଂ ସରକାରୀ ତାଲିମ ମହାବିଦ୍ୟାଳୟ ଲାଗି ୧୬ କୋଟି ଟଙ୍କା ଦିଆଯାଇଛି । ଓଡ଼ିଶାର ମାଧ୍ୟମିକ ଶିକ୍ଷା ପରିଷଦ ପାଇଁ ୧୩ କୋଟି ଟଙ୍କା, ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ୫ କୋଟି ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟ ଲାଗି ୧୪ କୋଟି ଟଙ୍କା ଅନୁଦାନ ରଖାଯାଇଛି ।

କାର୍ଯ୍ୟକ୍ରମ ଖର୍ଚ୍ଚ ଲାଗି ରହିଥିବା ୧୩ ହଜାର ୭୧୬ କୋଟି ଟଙ୍କା ମଧ୍ୟରୁ ରାଜ୍ୟ ଯୋଜନା ଲାଗି ୧୧,୬୪୩ କୋଟି, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଲାଗି ୨୦୫୪ କୋଟି ଏବଂ କେନ୍ଦ୍ରୀୟ ଯୋଜନା ଲାଗି ୧୯ କୋଟି ଟଙ୍କା ରହିଛି । ଏହାସହ ଅତିରିକ୍ତ ବଜେଟରେ ମୁଖ୍ୟତଃ ସ୍ୱାସ୍ଥ୍ୟ କ୍ଷେତ୍ର ଲାଗି ୧୧୬୪ କୋଟି, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପାଇଁ ୫୩୧ କୋଟି, ଖାଦ୍ୟ ଯୋଗାଣ ଓ ଗ୍ରାହକ କଲ୍ୟାଣ ପାଇଁ ୪୩୨୯ କୋଟି, ଶିକ୍ଷା କ୍ଷେତ୍ର ଲାଗି ୨୩୨୭ କୋଟି, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ସୂଚନା ପ୍ରଯୁକ୍ତି କ୍ଷେତ୍ର ଲାଗି ୧୧୭ କୋଟି, ଭିତ୍ତିଭୂମି ବିକାଶ ଲାଗି ୧୯୫୫ କୋଟି, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ୫୭୬ କୋଟି, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ପାଇଁ ୬୧୬ କୋଟି, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧୬୭୩ କୋଟି, ସହରୀ ବିକାଶ ପାଇଁ ୩୦୩ କୋଟି, ମହିଳା ଓ ଶିଶୁ ବିକାଶ ପାଇଁ ୧୫୫୮ କୋଟି, ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ବିକାଶ ପାଇଁ ୩୩୭ କୋଟି, ଓଡ଼ିଆ ଭାଷା, ସଂସ୍କୃତି ଏହଂ ହସ୍ତତନ୍ତ, ବୟନଶିଳ୍ପ ପାଇଁ ୩୬୩ କୋଟି ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଓ ଆଇନ ପାଇଁ ୩୧୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଏହି ଅତିରିକ୍ତ ବଜେଟରେ ମହିଳା ଓ ଶିଶୁ ବିକାଶ ପାଇଁ ରଖାଯାଇଥିବା ୧୫୫୮ କୋଟି ଟଙ୍କା ମଧ୍ୟରୁ ସୁଭଦ୍ରା ଯୋଜନା ଲାଗି ୨୯୫ କୋଟି, ଅଙ୍ଗନୱାଡ଼ି କେନ୍ଦ୍ରର କୋଠା ନିର୍ମାଣ ଲାଗି ୨୦୦ କୋଟି, ମମତା ଯୋଜନାରେ ୧୪୨ କୋଟି, ମିଶନ ଶକ୍ତି କାର୍ଯ୍ୟକ୍ରମ ଏବଂ ସୁଧ ପ୍ରଦାନ ଲାଗି ୪୦୫ କୋଟି, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଲାଗି ୪୨୬ କୋଟି ରଖାଯାଇଛି । ସ୍ୱାସ୍ଥ୍ୟସେବା ଲାଗି ମୋଟ୍ ୧୧୬୪ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଥିବା ବେଳେ ସେଥିରେ ନୂତନ ସ୍ନାତକୋତ୍ତର ପାଠ୍ୟକ୍ରମ ନିମନ୍ତେ କଟକ ମେଡ଼ିକାଲ କଲେଜର ଉନ୍ନତୀକରଣ ଲାଗି ୫୦ କୋଟି ଟଙ୍କା ରଖାଯାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ଲାଗି ୯୯୪ କୋଟି, ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ଯଥା ଔଷଧ କ୍ରୟ ଲାଗି ୧୪ କୋଟି, ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ୪୦ କୋଟି ରଖାଯାଇଛି । ଖାଦ୍ୟ ସୁରକ୍ଷା ଯୋଜନା ଲାଗି ସର୍ବାଧିକ ୪୩୨୯ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି । ସେଥିରେ ସାଧାରଣ ବଣ୍ଟନ ପ୍ରଣାଳୀ ତଥା ଧାନ କ୍ରୟ ପାଇଁ ଘୂର୍ଣ୍ଣନ ପାଣ୍ଠି ୩ ହଜାର କୋଟି, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସବ୍‌ସିଡି ଲାଗି ୧୩୨୫ କୋଟି, ଆହାର ଯୋଜନାରେ ୧୫ କୋଟି, ଓଜନ ଓ ମାପ ଏବଂ କୋଠାଘର ନିର୍ମାଣ ଲାଗି ୧ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି । ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଗତ ଫେବୃଆରୀ ୧୭ରେ ୨.୯ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଥିବା ବେଳେ ଗତ ମାର୍ଚ୍ଚ ୨୯ରେ ତାହା ପାରିତ ହୋଇଥିଲା ।

### କେନ୍ଦ୍ରୀୟ ବିଦ୍ୟାଳୟ ...

ସ୍କୁଲ ପରିସର, ଗେଟ୍ ସମ୍ମୁଖ ରାସ୍ତା ସମେତ ଚାରିଆଡେ ଧୂଆଁମୟ ହୋଇଯାଇଥିଲା । ଲୋକେ ଘଟଣାସ୍ଥଳ ଆଡକୁ ଯିବା ସମୟରେ ସେଠାକୁ ଏକାଧିକ ଲୋକ ଦୌଡ଼ିଥିଲେ । ଏହି ସମୟରେ ଦୁଇଟି ବାଇକରେ ୩ଜଣ ଦ୍ରୁତ ଗତିରେ ଫେରାର ହୋଇଯାଇଥିବା ସ୍ଥାନୀୟ ଲୋକ ଦେଖିଥିଲେ । ଘଟଣାରେ କାହାର କ୍ଷୟକ୍ଷତି ହୋଇ ନ ଥିଲେ ମଧ୍ୟ ବିଧାନସଭା ଚାଲୁଥିବାରୁ ଘଟଣାକୁ ଗୁରୁତ୍ୱର ସହ ନେଇଛି କମିଶନରେଟ ପୋଲିସ । ଘଟଣା ପରେ ତୁରନ୍ତ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ସ୍ପେଶାଲ ସ୍କ୍ୱାଡ୍ ଏସିପି, ଜୋନ୍-୫ ଏସିପିଙ୍କ ସମେତ ସାଇଣ୍ଟିଫିକ ଟିମ୍, ଏନ୍‌ଆଇଏ, ଆର୍‌ପିଏଫ୍ ଓ ଗୋଇନ୍ଦା ବିଭାଗର ଅଧିକାରୀମାନେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ । କ୍ରାଇମ ସ୍ପଟ ଚିହ୍ନଟ କରାଯାଇ ବ୍ୟାରିକେଡ଼ ଦିଆଯାଇଛି । ଗନ୍ ପାଉଡର, ପିରିକ କଣ୍ଟା, କାଗଜଗୁଣ୍ଡ, ସୁତୁଲି ଇତ୍ୟାଦି ମ୍ୟାଟେରିଆଲ କଲେକ୍ସନ କରି ଫୋରେନ୍‌ସିକ୍ ଯାଞ୍ଚ ପାଇଁ ପଠାଯାଇଛି । ସିସିଟିଭି ଯାଞ୍ଚ ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରାଯାଉଥିବା ପୋଲିସ କମିଶନର ସିଂ କହିଛନ୍ତି । ସେପଟେ କିଛି ତ ଘଟିଛି, ଯାହାର ତଦନ୍ତ ଚାଲିଥିବା କହିଛନ୍ତି ଏନ୍‌ଆଇଏ ଅଧିକାରୀ । ଦିଲ୍ଲୀ ବିସ୍ଫୋରଣ ପରେ ସବୁଆଡେ ପୋଲିସ ଆଲର୍ଟରେ ରହିଥିବା କୁହାଯାଉଛି । ଚେକିଂ ଓ ବ୍ଲକିଂକୁ କଡ଼ାକଡ଼ି କରାଯାଉଛି । ପୁଣି ବିଧାନସଭା ଚାଲୁଥିବା ବେଳେ ରାଜଧାନୀରେ ଏଭଳି ବୋମାମାଡ଼ ଘଟିବା ଠିକ୍ ନୁହେଁ ବୋଲି ସହରବାସୀ କହୁଛନ୍ତି ।




# ଉପସ୍ଥାନ ହାର ବଢ଼ାଉଛି 'ଆସ ସ୍କୁଲ ଯିବା' : ଗଣଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,୨୮।୧୧
(ରବିନାରାୟଣ ଜେନା)

ରାଜ୍ୟ ସରକାର ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବହୁ ଯୋଜନା ପ୍ରଣୟନ କରିଛନ୍ତି ବୋଲି କହୁଛନ୍ତି। ହେଲେ ଦିନକୁ ଦିନ ବିଦ୍ୟାଳୟରେ ଡ୍ରପ୍‌ଆଉଟ୍ ହାର ବଢ଼ିବାରେ ଲାଗିଛି ବୋଲି କହି ବିରୋଧୀ ବିଜେଡି ଓ କଂଗ୍ରେସ ଶୁକ୍ରବାର ପ୍ରଶ୍ନକାଳରେ ସରକାରଙ୍କୁ ଘେରିବାକୁ ଚେଷ୍ଟା କରିଛନ୍ତି। ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ସରକାରଙ୍କ ଅଭିନବ ଯୋଜନା 'ଆସ ସ୍କୁଲ ଯିବା' ଡ୍ରପ୍‌ଆଉଟ୍ ହାର କମାଇବା ସହିତ ଛାତ୍ରୀଛାତ୍ରଙ୍କ ଉପସ୍ଥାନକୁ ତ୍ୱରାନ୍ୱିତ କରୁଛି।

ସଦସ୍ୟା ସୁବାସିନୀ ଜେନା ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ, ବସ୍ତା ନିର୍ବାଚନମଣ୍ଡଳୀରେ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଡ୍ରପ୍‌ଆଉଟ୍ ସଂଖ୍ୟା ହାରାହାରି କେତେ ଏବଂ ବାଲେଶ୍ୱର ଜିଲାରେ ଏହାକୁ ହ୍ରାସ୍ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି। ଉତ୍ତରରେ ମନ୍ତ୍ରୀ କହିଥିଲେ, ରାଜ୍ୟରେ ଡ୍ରପ୍‌ଆଉଟ୍ ହାର ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। 'ଆସ ସ୍କୁଲ ଯିବା' ଅଭିଯାନ ମାଧ୍ୟମରେ ଶିକ୍ଷୟିତ୍ରୀ/ଶିକ୍ଷକ ଏବଂ ଶିକ୍ଷା ଅଧିକାରୀମାନେ ଘରକୁ

## ଡ୍ରପ୍‌ଆଉଟ୍‌କୁ ନେଇ ବିରୋଧୀଙ୍କ ଉଦ୍‌ବେଗ

ଘର ବୁଲି ସ୍କୁଲକୁ ପୁନର୍ବାର ପିଲାଙ୍କୁ ଫେରାଇ ଆଣିବା ପାଇଁ ଉଦ୍ୟମ କରୁଛନ୍ତି। ଏହାସହିତ ୧୦୦ପ୍ରତିଶତ ସ୍କୁଲରେ ନାମଲେଖା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅଷ୍ଟମ ଯାଏ ପିଏମ୍ ପୋଷଣ ଥିଲା କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ନବମ ଓ ଦଶମ ପିଲା ତଥା ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୦ଲକ୍ଷ ୮୦ହଜାର ପିଲାଙ୍କୁ 'ସିଏମ୍ ପୋଷଣ' ଯୋଜନାରେ ଖାଦ୍ୟ ଯୋଗାଇ ଦିଆଯାଉଛି। ୧୫ଶହ ଶିକ୍ଷକ ଭିନ୍ନକ୍ଷମ ପିଲାଙ୍କ ପାଇଁ ନିଯୁକ୍ତି ଲାଗି ସରକାର ଚିନ୍ତା କରୁଛନ୍ତି। ରାଜ୍ୟରେ ପୂର୍ବରୁ ପିଏମ୍ ଶ୍ରୀ ସ୍କୁଲ ନ ଥିଲା, ଆମ ସରକାର ଆସିବା ପରେ ୪୬୨ଗୋଟି ପିଏମ୍ ଶ୍ରୀ ସ୍କୁଲ ହୋଇଛି। ବାଲେଶ୍ୱରରେ ୩୨୯ ଡ୍ରପ୍‌ଆଉଟ୍ ପିଲା ଥିବାବେଳେ ସେଥିମଧ୍ୟରୁ ୩୦୦ ଛାତ୍ରୀଛାତ୍ରଙ୍କୁ ଫେରାଇ ଅଣାଯାଇଛି। ଆଉ ମାତ୍ର ୨୯ ପିଲା ରହିଛନ୍ତି, ତାଙ୍କୁ ମଧ୍ୟ ଫେରାଇ ଆଣିବାକୁ ଉଦ୍ୟମ କରୁଛୁ ବୋଲି ମନ୍ତ୍ରୀ କହିଥିଲେ।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ, ରାଜ୍ୟରେ ୨୦ରୁ କମ୍ ପିଲା ଥିବା ସ୍କୁଲ ଖୋଲିବା ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି। ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ବିଗତ ଦିନର ସରକାର ତରବରିଆ ଭାବେ ବନ୍ଦ କରିଦେଇଥିଲେ। ୨୦ରୁ ଅଧିକ ଯେଉଁ ସ୍କୁଲରେ ପିଲା ଅଛନ୍ତି ତାହା ଖୋଲିବା ପାଇଁ ପଦକ୍ଷେପ ନେଉଛୁ। ୪୬ଟି ସ୍କୁଲ ବର୍ତ୍ତମାନ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲା କମିଟି ଏହାକୁ ତର୍ଜମା କରି ରାଜ୍ୟ କମିଟିକୁ ପଠାଇବେ, ଯଦି ଯୋଗ୍ୟ ହୋଇଥିବ ତାହାଲେ ବିଦ୍ୟାଳୟ ଖୋଲିବୁ, ମାତ୍ର ୨୦ରୁ କମ୍ ପିଲାଥିଲେ ଖୋଲିବ ନାହିଁ। ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭାଗ ନେଇ ପୂର୍ବତନ ମନ୍ତ୍ରୀ କାଳନ୍ଦୀ ଚରଣ ବେହେରାଙ୍କ କଥାକୁ ବଙ୍ଗଳାରେ ପଢ଼ି କହିଥିଲେ, ସରକାର ହିସାବ କିତାବରେ ସବୁ ଠିକ୍ ଅଛି ବୋଲି କହୁଛନ୍ତି ହେଲେ ବାସ୍ତବତା ଭିନ୍ନ। ମନ୍ତ୍ରୀ ଉତ୍ତର ରଖି କହିଥିଲେ, ୧ ଲକ୍ଷ ୮୩ ହଜାର ୨୧୬ ଡ୍ରପ୍‌ଆଉଟ୍ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୦ ହଜାର ୭୨୯ ଛାତ୍ରୀଛାତ୍ରଙ୍କୁ ଫେରାଇ ଅଣାଯାଇଛି। ଏହି ଆଲୋଚନାରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଅଶୋକ ଦାସ ଓ ପ୍ରମିଳା ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରି ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ।

## ୨୦୨୫-୨୬ ବଜେଟ ଅଟକଳ ଓ ଅତିରିକ୍ତ ବଜେଟରେ ବିଭାଗୱାରି ବ୍ୟୟବରାଦ (କୋଟି ଟଙ୍କାରେ ହିସାବ)

| କ୍ର. ନଂ. | ବିଭାଗ | ୨୦୨୫-୨୬ (ବଜେଟ ଅଟକଳ) | ଅତିରିକ୍ତ ବ୍ୟୟବରାଦ |
|---|---|---|---|
| ୧. | ଗୃହ | ୧୦,୭୬୦ | ୨୬୨ |
| ୨. | ସାଧାରଣ ପ୍ରଶାସନ | ୭୪୧ | ୭୫ |
| ୩. | ରାଜସ୍ୱ | ୧,୯୧୩ | ୪୬ |
| ୪. | ଆଇନ | ୧,୦୫୯ | ୫୪ |
| ୫. | ଅର୍ଥ | ୬୩,୫୧୨ | ୧,୪୨୨ |
| ୬. | ବାଣିଜ୍ୟ | ୩୦୯ | ୨ |
| ୭. | ନିର୍ମାଣ | ୧୨,୦୦୦ | ୯୦୦ |
| ୮. | ଓଡ଼ିଶା ବିଧାନସଭା | ୧୪୫ | ୫୨ |
| ୯. | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୧,୫୩୮ | ୪,୩୨୯ |
| ୧୦. | ବିଦ୍ୟାଳୟ ଓ ଗଣଶିକ୍ଷା | ୩୧,୧୮୫ | ୨,୦୦୦ |
| ୧୧. | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ | ୬,୪୩୬ | ୫୩୧ |
| ୧୨. | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୨୨,୭୪୧ | ୧,୧୫୯ |
| ୧୩. | ଗୃହ ନିର୍ମାଣ ଓ ପୌର ଉନ୍ନୟନ | ୯,୯୭୪ | ୩୦୩ |
| ୧୪. | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | ୩୭୩ | ୯ |
| ୧୫. | କ୍ରୀଡ଼ା ଓ ଯୁବସେବା | ୧,୩୨୦ | - |
| ୧୬. | ଯୋଜନା ଓ ସଂଯୋଜନ | ୨,୮୦୮ | ୦ |
| ୧୭. | ପଞ୍ଚାୟତିରାଜ ଓ ପାନୀୟ ଜଳ | ୨୮,୪୫୧ | ୩୫୩ |
| ୧୮. | ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ | ୩ | ୦ |
| ୧୯. | ଶିଳ୍ପ | ୮୦୮ | ୩୨୬ |
| ୨୦. | ଜଳ ସମ୍ପଦ | ୧୪,୮୯୪ | ୨୦୫ |
| ୨୧. | ପରିବହନ | ୩,୭୯୫ | ୮୨ |
| ୨୨. | ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ | ୧,୪୯୧ | ୫୭୬ |
| ୨୩. | କୃଷି ଓ କୃଷକ ସଶକ୍ତୀକରଣ | ୧୪,୭୦୧ | ୮୫୮ |
| ୨୪. | ଇସ୍ପାତ ଓ ଖଣି | ୪୦୪ | ୦ |
| ୨୫. | ସୂଚନା ଓ ଲୋକ ସମ୍ପର୍କ | ୧୬୧ | ୨ |
| ୨୬. | ଅବକାରୀ | ୨୪୫ | ୪୨ |
| ୨୭. | ବିଜ୍ଞାନ ଓ ବୈଷୟିକ ଶିକ୍ଷା | ୩୫୩ | ୭ |
| ୨୮. | ଗ୍ରାମ୍ୟ ଉନ୍ନୟନ | ୧୦,୦୨୦ | ୨୬୩ |
| ୨୯. | ସଂସଦୀୟ ବ୍ୟାପାର | ୭୫ | ୫ |
| ୩୦. | ଶକ୍ତି | ୩,୯୬୨ | ୪୮୮ |
| ୩୧. | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | ୨୬୬ | ୪୯ |
| ୩୨. | ପର୍ଯ୍ୟଟନ | ୮୨୦ | ୩୦ |
| ୩୩. | ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ | ୧,୯୦୯ | ୩୫୭ |
| ୩୪. | ସମବାୟ | ୨,୨୭୭ | ୨୫୪ |
| ୩୫. | ସରକାରୀ ଉଦ୍ୟୋଗ | ୧୧ | ୦ |
| ୩୬. | ମହିଳା ଓ ଶିଶୁ ବିକାଶ | ୧୫,୨୨୩ | ୭୫୧ |
| ୩୭. | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା | ୬୮୯ | ୧୧୦ |
| ୩୮. | ଉଚ୍ଚ ଶିକ୍ଷା | ୩,୬୫୬ | ୩୨୭ |
| ୩୯. | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା | ୧,୭୮୫ | ୭୦ |
| ୪୦. | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୭୫୯ | ୧୧ |
| ୪୧. | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ | ୯,୧୨୧ | ୧୦ |
| ୪୨. | ବିପର୍ଯ୍ୟୟ ପରିଚାଳନା | ୪,୦୫୦ | - |
| ୪୩. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି | ୪୮୨ | ୩୧୪ |
| ୪୪. | ମିଶନ ଶକ୍ତି | ୨,୭୭୫ | ୮୦୭ |
| | ମୋଟ | ୨,୯୦,୦୦୦ | ୧୭,୪୪୦ |

# ପ୍ରଥମ ବର୍ଷ ପୂର୍ତ୍ତି: ହେମନ୍ତ ସୋରେନ ବାଣ୍ଟିଲେ ୯ ହଜାର ନିଯୁକ୍ତିପତ୍ର

ରାଞ୍ଚି,୨୮।୧୧ (ପି.ଟି.)

ଝାଡ଼ଖଣ୍ଡରେ ୨୦୨୪ ନଭେମ୍ବର ୨୮ରେ ୪ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନ। ତାଙ୍କ ନେତୃତ୍ୱାଧୀନ ଅବୁଆ ସରକାରର ଶୁକ୍ରବାର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଞ୍ଚିସ୍ଥିତ ମୋରାବାଦୀ ମଇଦାନରେ ବଡ଼ଧରଣର ନିଯୁକ୍ତିପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୯ ହଜାର ଯୁବତୀଯୁବକଙ୍କୁ ସରକାରୀ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ ହେମନ୍ତ କହିଛନ୍ତି, ଏହା କେବଳ ନିଯୁକ୍ତି ନୁହେଁ, ବରଂ ଝାଡ଼ଖଣ୍ଡର ଉଜ୍ଜ୍ୱଳ ଭବିଷ୍ୟତର ନୂଆ ଆରମ୍ଭ। ଗତ ବର୍ଷକ ମଧ୍ୟରେ ତାଙ୍କ ସରକାର ବିଭିନ୍ନ ବିଭାଗରେ ୧୬ ହଜାର ନିଯୁକ୍ତି ଦେଇଛନ୍ତି। କେବଳ ରୋଜଗାର ନୁହେଁ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷକ କଲ୍ୟାଣ, ମହିଳା ସଶକ୍ତୀକରଣ ଆଦି କ୍ଷେତ୍ରକୁ ମଜଭୁତ କରିବା ପାଇଁ ଅନେକ ନିର୍ଣ୍ଣାୟକ ପଦକ୍ଷେପ ନିଆଯାଇଛି। ଯୁବଶକ୍ତି ଏବଂ ମହିଳାମାନଙ୍କୁ ସୁଯୋଗ, ସୁରକ୍ଷା ଏବଂ ସମ୍ମାନ ଦେବା



ଜଣେ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ। ନିକଟରେ ଅଛନ୍ତି ତାଙ୍କ ସହଧର୍ମିଣୀ ତଥା ବିଧାୟିକା କଳ୍ପନା ସୋରେନ।

ତାଙ୍କ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଆସିଛି ଏବଂ ଆଗକୁ ମଧ୍ୟ ଜାରି ରହିବ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ଯୁବତୀଯୁବକଙ୍କୁ ସେ ସ୍ୱାଗତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଏବଂ ସଫଳ କ୍ୟାରିୟର ନିମନ୍ତେ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି। କାର୍ଯ୍ୟକ୍ରମସ୍ଥଳରେ ହୋଇଥିବା ପ୍ରବଳ ଜନସମାଗମରେ ଉତ୍ସାହିତ ହୋଇ ହେମନ୍ତ କହିଛନ୍ତି, ୨୫ ବର୍ଷ ବୟସ୍କ ଏହି ଯୁବ ରାଜ୍ୟରେ ଏପରି ବୃହତ୍ ପରିମାଣର ନିଯୁକ୍ତି ପୂର୍ବରୁ କେବେ ଦେଖିବାକୁ ମିଳିନାହିଁ। ହେମନ୍ତ ଆହୁରି କହିଛନ୍ତି, ବର୍ଷକ ମଧ୍ୟରେ ୧୬ ହଜାର ସରକାରୀ ନିଯୁକ୍ତି ସମେତ ତାଙ୍କ ସରକାରଙ୍କ ଉଦ୍ୟମରେ ଘରୋଇ ସଂସ୍ଥାରେ ୮ ହଜାର ଯୁବପିଢ଼ିଙ୍କୁ ନିଯୁକ୍ତି ମିଳିପାରିଛି। ତାଙ୍କ ପୂର୍ବ ପାଳି ସରକାର ସମୟରେ (୨୦୨୦ରୁ ୨୦୨୪) ଜେଏମ୍‌ଏମ୍ ନେତୃତ୍ୱାଧୀନ ସରକାର ୨୫ ହଜାର ଲୋକଙ୍କୁ ବିଭିନ୍ନ ସରକାରୀ ବିଭାଗରେ ନିଯୁକ୍ତି ଦେଇଥିବାବେଳେ ଘରୋଇ କ୍ଷେତ୍ରରେ ୨୮ ହଜାର ଯୁବପିଢ଼ିଙ୍କୁ ନିଯୁକ୍ତି ମିଳିଥିଲା।

ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ
ଭୁବନେଶ୍ୱର
ଅନଲାଇନ୍ ପଞ୍ଜୀକରଣ ଚାଲୁଅଛି
ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା - ୨୦୨୬
ଏବଂ
ଓଡିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା - ୨୦୨୬
ଆବେଦନ କରିବାର ଶେଷ ତାରିଖ – ୦୧.୧୨.୨୦୨୫
ପଞ୍ଜୀକୃତ କରିବା ନିମନ୍ତେ କ୍ଳିକ୍ କରନ୍ତୁ - www.bseodisha .ac.in, www.oav.edu.in
ଛାତ୍ରଛାତ୍ରୀ ମାନଙ୍କ ପାଇଁ
- ୩୧୩ ବ୍ଲକ ରେ ୩୧୪ଟି ଆଦର୍ଶ ବିଦ୍ୟାଳୟ
- OMC ମାଇନିଂ ଅଞ୍ଚଳରେ ୫ ଟି ମାଇନିଂ ଆଦର୍ଶ ବିଦ୍ୟାଳୟ
- CBSE ପାଠ୍ୟକ୍ରମ୍, ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନାଗାର ଏବଂ ପାଠାଗାର
- ୫୦% ସ୍ଥାନ ଛାତ୍ରୀ ମାନଙ୍କ ପାଇଁ ସଂରକ୍ଷିତ
- ୧୫୦ଟି ଆଦର୍ଶ ବିଦ୍ୟାଳୟ ରେ ଛାତ୍ରୀନିବାସ କାର୍ଯ୍ୟକ୍ଷମ
- ପ୍ରଶିକ୍ଷିତ ଓ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ
- ବିଦ୍ୟାଳୟ ରେ ବିଭିନ୍ନ ପ୍ରତିଯୋଗିତା
ସବିଶେଷ ବିବରଣୀ ପାଇଁ ଦେଖନ୍ତୁ
www.oav.edu.in
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡିଶା ସରକାର
Contact No–7609069355(BSE, ODISHA), 9861924807(OAVS)



# ପାଚେରି ଡେଇଁ ଗୁରୁତର ଛାତ୍ରଙ୍କୁ ଉଦ୍ଧାରକଲେ ପ୍ରଦୀପ ମାଝୀ

- ରୋଷେଇଘରେ ପ୍ରେସରକୁକର ଫାଟି ଆହତ ହୋଇଥିଲେ ଛାତ୍ର
- ଚିକିତ୍ସା ନ କାରଇ ୯ଦିନ ପର୍ଯ୍ୟନ୍ତ ହଷ୍ଟେଲରେ ତାଲା ପକାଇ ରଖିଥିଲେ

ନବରଙ୍ଗପୁର,୨୮।୧୧
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ କୋକଡ଼ି ସେମଲା ଆଶ୍ରମ ବିଦ୍ୟାଳୟ ହଷ୍ଟେଲ ରୋଷେଇଘରେ ଗତ ୨୦ ତାରିଖରେ ପ୍ରେସରକୁକର ଫାଟି ସପ୍ତମ ଶ୍ରେଣୀ ଛାତ୍ର ଧନେଶ୍ୱର ଭତ୍ରାଙ୍କ ମୁହଁ କ୍ଷତିବିକ୍ଷତ ହୋଇଥିଲା। ସ୍କୁଲ ଓ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ ଡାକ୍ତରଖାନା ନ ନେଇ ହଷ୍ଟେଲ ଭିତରେ ଦୀର୍ଘ ୯ ଦିନ ଧରି ତାଲା ପକାଇ ରଖିଥିଲେ। ତେବେ ଶୁକ୍ରବାର କୌଣସି ସୂତ୍ରରୁ ଖବର ପାଇ ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ହଷ୍ଟେଲ ପାଚେରି ଡେଇଁ ତାଙ୍କୁ ଉଦ୍ଧାର କରିଥିଲେ। ଏଥିସହ ରାତି ୧୦ଟାରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଆସି ଛାତ୍ରଙ୍କୁ ଜିଲାପାଳଙ୍କୁ ହସ୍ତାନ୍ତର କରିଥିଲେ। ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ମଙ୍ଗଳ ବିଭାଗ ପକ୍ଷରୁ ହଷ୍ଟେଲ ପରିଚାଳନା ହେଉଥିବା ବେଳେ ଏ ବିଷୟରେ କୌଣସି



ଶୁକ୍ରବାର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଉଦ୍ଧାର କରିଥିବା ଗୁରୁତର ଧନେଶ୍ୱରଙ୍କୁ ସାଥୀରେ ନେଇ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ଅଧିକାରୀ କିପରି ଜାଣିପାରିଲେ ନାହିଁ ବୋଲି ପ୍ରଦୀପ ପ୍ରଶ୍ନ କରିଥିଲେ। ଜିଲାପାଳ ମଧ୍ୟ ସମାନ ପରିମାଣରେ ଦାୟୀ ବୋଲି ପ୍ରଦୀପ ତାଙ୍କୁ ସିଧାସଳଖ କହିଥିଲେ। ଛାତ୍ରଙ୍କୁ ଚିକିତ୍ସା ନ କରି ୯ ଦିନ କାଳ ବନ୍ଦ ରଖି ହତ୍ୟା ଉଦ୍ୟମ କରାଯାଇଛି ବୋଲି ପ୍ରଦୀପ କହିଛନ୍ତି। ଧନେଶ୍ୱରଙ୍କର କୌଣସି କ୍ଷତି ହେଲେ ଜିଲାରେ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି। ଏଥିସହ ଘଟଣାସ୍ଥଳରେ ଉପସ୍ଥିତ ଥିବା ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ରଙ୍କୁ ଏଥିପାଇଁ ଦାୟୀ କରିବା ସହ ଧନେଶ୍ୱରଙ୍କ କ୍ଷତି ହେଲେ ଫାୟାରିଂ କରିଦେବେ ବୋଲି ପ୍ରଦୀପ କହିଛନ୍ତି। ତେବେ ପ୍ରଧାନଶିକ୍ଷକ ଏଯାଏ ଘଟଣା ସମ୍ପର୍କରେ ଅବଗତକରି ନାହାନ୍ତି ବୋଲି ମଙ୍ଗଳ ଅଧିକାରୀ କହିଛନ୍ତି। ଏନେଇ ଜିଲାପାଳ ମହେଶ୍ୱର ସ୍ୱାଇଁ କହିଛନ୍ତି, ଘଟଣା ଜଣାପଡିବା ପରେ ଡିଇଓ ଏବଂ ଜିଲା ମଙ୍ଗଳ ଅଧିକାରୀଙ୍କୁ ଡକାଯାଇଛି। ଘଟଣାର ତଦନ୍ତ ହେବ। ଛାତ୍ର ଜଣକ କେଉଁ ପରିସ୍ଥିତିରେ ରୋଷେଇଘରକୁ ଯାଇଥିଲେ, ପ୍ରଧାନ ଶିକ୍ଷକ କାହିଁକି ଜଣାଇ ନ ଥିଲେ ତାହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅତିରିକ୍ତ ଜିଲାପାଳ ବିଶ୍ୱଜିତ ବର୍ମନ ଛାତ୍ରଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରିଛନ୍ତି। ଘଟଣାସ୍ଥଳରେ ଡିଇଓ ଛତ୍ରପତି ସାହୁ, ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ପୋଲିସ ଏସ୍‌ଆଇ ସବିର ଅହମ୍ମଦ, ଏଏସ୍‌ଆଇ ତୁଳସୀରାମ ପୂଜାରୀ, ଶିବଶଙ୍କର ସ୍ୱାଇଁ, ବିଜେଡି ନଗର ସଭାପତି ପ୍ରମୋଦ ରଥ, ସୂର୍ଯ୍ୟକାନ୍ତ ଲେଙ୍କା, ସଞ୍ଜୟ ନାୟକ, କୁନା ପାଢ଼ୀ, ସନୁଜ ତ୍ରିପାଠୀ, ରାମ ମହାପାତ୍ର, ଶୁଭ୍ରାଂଶୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାବୁଙ୍କ ସୁରକ୍ଷାରେ ଥିଲେ ୭୨ ପୋଲିସ: ଆଇନମନ୍ତ୍ରୀ

ଭୁବନେଶ୍ୱର,୨୮।୧୧(ରବିନାରାୟଣ ଜେନା)

ପୂର୍ବ ସରକାରରେ ଜଣେ ବାବୁଙ୍କ ସୁରକ୍ଷାରେ ୭୨ ପୋଲିସ ମୁତୟନ ହୋଇଥିଲେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ କହିଛନ୍ତି। ମହିଳା ସୁରକ୍ଷା ପ୍ରସଙ୍ଗରେ ମୁଲତବୀ ଆଲୋଚନା କାଳରେ ଆଇନମନ୍ତ୍ରୀ ନାଁ ନ ନେଇ ଭି.କେ. ପାଣ୍ଡିଆନଙ୍କୁ ଇସାରା କରି ଏପରି କହିଛନ୍ତି।

ମନ୍ତ୍ରୀ କହିଥିଲେ, ପୂର୍ବ ସରକାରରେ ବାବୁଙ୍କ ପାଇଁ କାହିଁକି ୭୨ ପୋଲିସ ଦିଆଯାଇଥିଲା ତା'ର ଜବାବ ଏବେ ବିରୋଧୀ ଦେଇପାରିବ କି? ସେ କହିଥିଲେ, ବାବୁ ଯେଉଁ ଆଡ଼େ ଗସ୍ତ କରୁଥିଲେ ଥାନା ବାବୁମାନେ ଡିୟୁଟିରେ ଯାଉଥିଲେ। ଥାନାକୁ ଖାଲି କରାଇ ଝାଳବୁହା କାର୍ଯ୍ୟ କରାଯାଉଥିଲା। କିନ୍ତୁ ଆଜି ଦିନରେ ଆମ ମୁଖ୍ୟମନ୍ତ୍ରୀଙ୍କୁ ସେତିକି ସୁରକ୍ଷାକର୍ମୀ ଆବଶ୍ୟକ ପଡୁନି। ରାଜ୍ୟରେ ଏବେ ସୁଶାସନ ଚାଲିଛି ବୋଲି ଆଇନମନ୍ତ୍ରୀ କହିଥିଲେ।

## ମହିଳା ସୁରକ୍ଷା ପ୍ରସଙ୍ଗ

# ଗୃହ କମ୍ପାଇଲେ ବିରୋଧୀ

ଭୁବନେଶ୍ୱର,୨୮।୧୧
(ରବିନାରାୟଣ ଜେନା)

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମହିଳାମାନେ ଘରୁ ବାହାରିବାକୁ ସୁରକ୍ଷିତ ମଣୁ ନ ଥିବାବେଳେ ମାଲକାନଗିରି ଜିଲାରେ ୩ଜଣ ନାବାଳିକାଙ୍କୁ ବଳାତ୍କାର ଘଟଣା ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତକୁ ଦର୍ଶାଉଛି ବୋଲି କହି ବିରୋଧୀ କଂଗ୍ରେସ ଓ ବିଜେଡି ଶୁକ୍ରବାର ମୁଲତବୀ ଆଲୋଚନା କାଳରେ ସରକାରଙ୍କୁ ଘେରିଛନ୍ତି।

ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ଗୃହମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିରୋଧୀଙ୍କ ଅଭିଯୋଗର କଡ଼ା ଜବାବ ରଖି କହିଛନ୍ତି, ଓଡ଼ିଶାକୁ ବଦ୍‌ନାମ କରିବାପାଇଁ ବିରୋଧୀ ସବୁବେଳେ ଉଦ୍ୟମ କରୁଛନ୍ତି। ରାଜ୍ୟରେ ସୁଶାସନ ଯୋଗୁ ସମସ୍ତ ଆପରାଧିକ ଘଟଣାରେ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଶାସକ ଓ ବିରୋଧୀଙ୍କ ଆଲୋଚନା ଶୁଣିବା ପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ।

### ■ ଖୁବ୍‌ଶୀଘ୍ର ଖୋଲିବ ୨୧ ଫାଷ୍ଟଟ୍ରାକ୍ କୋର୍ଟ

ଏହି ସମୟରେ ମନ୍ତ୍ରୀଙ୍କ ଉତ୍ତରକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ କକ୍ଷ ତ୍ୟାଗ କରିଥିବା ଦେଖାଯାଇଥିଲା।

ଶୁକ୍ରବାର ଅପରାହ୍ନରେ କଂଗ୍ରେସ ବିଧାୟକ ଅଶୋକ ଦାସ 'ନାରୀଙ୍କୁ ସୁରକ୍ଷାରେ ସରକାର ବିଫଳ'ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭ କରିକହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ସରକାର ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଉ ଥିବାରୁ ନାରୀ ନିର୍ଯାତନା ଦିନକୁ ଦିନ ବଢ଼ି ଚାଲିଛି। ନଭେମ୍ବର ୨୪ରେ ମାଲକାନଗିରିରେ ଗୋଟିଏ ଦିନରେ ୩ଜଣ ନାବାଳିକାଙ୍କୁ ବଳାତ୍କାର ଘଟଣା ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। ପୂର୍ବରୁ ବାଲେଶ୍ୱର, ନୀଳଗିରି, ସୋର, ଢେଙ୍କାନାଳ ଆଦି ବିଭିନ୍ନ ଅଞ୍ଚଳରେ ମହିଳା ଓ ନାବାଳିକାଙ୍କ ଉପରେ ନିର୍ଯାତନା ହୋଇଥିବାବେଳେ ଏବେ ମାଲକାନଗିରି ଘଟଣା ମହିଳାଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାଜପା ସରକାର ସବୁବେଳେ କଂଗ୍ରେସ ଅମଳର ଛବିରାଣୀ ହତ୍ୟାକାଣ୍ଡ ଓ ଅଞ୍ଜନା ମିଶ୍ର ପ୍ରସଙ୍ଗ ଉଠାଉଛନ୍ତି। ହେଲେ ସେମାନେ ଭୁଲି ଯାଉଛନ୍ତି, ଏହି ମାମଲାରେ ନିଜକୁଦାୟୀ କରିତତ୍କାଳୀନ ମୁଖ୍ୟମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେଇଥିଲେ। ଭାଜପା ଯଦି କଂଗ୍ରେସ ଅମଳର ବଳାତ୍କାର କଥା କହୁଛି ତେବେ ବାଲେଶ୍ୱର ପୀଡ଼ିତାଙ୍କଠାରୁ ଆରମ୍ଭ କରି ମାଲକାନଗିରି ପର୍ଯ୍ୟନ୍ତ ଯେତେସବୁ ନାରୀ ନିର୍ଯାତନା ହୋଇଛି ଏହାକୁ ନିଜ ମୁଣ୍ଡକୁ ନେଇ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ସେ କହିଥିଲେ।

କଂଗ୍ରେସ ବିଧାୟକ ମଙ୍ଗୁ ଖିଲ୍ଲ କହିଛନ୍ତି, ମାଓବାଦୀ ଉପଦ୍ରୁତ ଏବଂ ଆଦିବାସୀବହୁଳ ମାଲକାନଗିରି ଜିଲା ଉପରେ ସରକାରଙ୍କ କୋପଦୃଷ୍ଟି ରହିଛି। ଏଠାରେ ନାବାଳିକା ଓ କଲେଜ ଛାତ୍ରୀ ଗର୍ଭବତୀ ହେବା ଘଟଣା ବାରମ୍ବାର ଘଟୁଥିଲେ ହେଁ ସରକାର କଠୋର ପଦକ୍ଷେପ ଗ୍ରହଣ କରୁ ନାହାନ୍ତି।

ଆଲୋଚନାରେ ଭାଗନେଇ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି, ତିନି ଶିଶୁଙ୍କ ସହ ହୋଇଥିବା ବଳାତ୍କାରକୁ ସରକାର 'ଦୁର୍ବ୍ୟବହାର' ବୋଲି କହିବା ଅତ୍ୟନ୍ତ ନିନ୍ଦନୀୟ କଥା। ରାଜ୍ୟରେ ମହିଳା ସୁରକ୍ଷା ପ୍ରହସନରେ ପରିଣତ ହୋଇଛି। କେନ୍ଦୁଝରରୁ ମାଲକାନଗିରି ଯାଏ ଅପରାଧୀମାନେ ଅପରାଧ ଘଟାଇ ଖୋଲା ଆକାଶ ତଳେ ବୁଲୁଛନ୍ତି। ଆଲୋଚନାରେ ବିଧାୟକ ଧ୍ରୁବଚରଣ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ଭାଜପା ପକ୍ଷରୁ ଏହାର କଡ଼ା ଜବାବ ରଖି ବିଧାୟକ ବାବୁ ସିଂହ କହିଥିଲେ, କଂଗ୍ରେସ ସଦସ୍ୟ ଅଞ୍ଜନା ମିଶ୍ର ଘଟଣାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଯେଉଁ ପଦତ୍ୟାଗ କରିବା କଥା କହୁଛନ୍ତି ଏହା ଅସତ୍ୟ। ବାସ୍ତବରେ ରାଜ୍ୟରେ ସେତେବେଳେ ନାରୀମାନଙ୍କ ପ୍ରତି ବଢ଼ି ଚାଲିଥିବା ନିର୍ଯାତନାକୁ ନେଇ ଦିଲ୍ଲୀରୁ ଚାପ ପଡ଼ିବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇଥିଲେ। ଆଲୋଚନାରେ ବିଧାୟିକା ସଞ୍ଜାଲୀ ମୁର୍ମୁ ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଭାଗନେଇଥିଲେ।

ବିରୋଧୀଙ୍କ ପ୍ରଶ୍ନର ଉତ୍ତରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ କହିଛନ୍ତି, ମାଲକାନଗିରି ଘଟଣାରେ ଏତଲା ହେବାର ୨୪ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତେବେ ବିରୋଧୀ ଯେଉଁ ସମ୍ବେଦନଶୀଳ ପ୍ରସଙ୍ଗର କଥା କହୁଛନ୍ତି, ଗୃହ ବିଭାଗ ତଥା ପୋଲିସ ଉପରେ ଚାପ ଯୋଗୁ ଅପରାଧ ବଢ଼ୁଛି ଏବଂ ମହିଳା ପ୍ରସଙ୍ଗକୁ ହାଲୁକା ଭାବେ ଗ୍ରହଣ କରାଯାଉଛି ବୋଲି ଯେଉଁ ଅଭିଯୋଗ ହେଉଛି ତାହା ସମ୍ପୂର୍ଣ୍ଣ ଅସତ୍ୟ। ସରକାରଙ୍କ ଶୂନ ସହନଶୀଳ ନୀତି ଯୋଗୁ ମାମଲା ରୁଜୁ ହ୍ରାସ ହେବା ସହିତ ଅପରାଧ କମୁଛି। ସେ ଆହୁରି କହିଛନ୍ତି, ନୂଆ ସରକାର ଆସିବା ପରେ ବଳାତ୍କାର ମାମଲା ୩.୩%, ଏସିଡ୍ ଆକ୍ରମଣ ୬୬.୭% ଓ ଯୌତୁକ ନିର୍ଯାତନା ୨୦.୬% ହ୍ରାସ ସର୍ବସାଧାରଣରେ ମହିଳାଙ୍କ ଦୁର୍ବ୍ୟବହାର ୨୨.୨ ପ୍ରତିଶତ କମିଛି। ସେହିପରି ଏହି ଅବଧି ମଧ୍ୟରେ ୯୦୦୦ରୁ ଊର୍ଦ୍ଧ୍ୱ ପୋଲିସ ନିଯୁକ୍ତି ଦିଆଯାଇଥିବାବେଳେ ସବୁ ଥାନାରେ ମହିଳା-ଶିଶୁ ଡେସ୍କ, ୭୧ଟି ଶିଶୁ ଡେସ୍କ ଓ ୨୪ଟି ପୋକ୍‌ସୋ କୋର୍ଟ କାର୍ଯ୍ୟରତ ହୋଇଛି। ଆଗାମୀ ଦିନରେ ୨୧ଟି ଫାଷ୍ଟ ଟ୍ରାକ୍ କୋର୍ଟ ଖୋଲାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ଘୋଷଣା କରିଛନ୍ତି।



ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ– ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ । ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ବିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ । –ଶ୍ରୀମା



# ମିନି ପିଏମ୍‌ଓ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତିନି ଦିନ ପାଇଁ ଛତିଶଗଡ଼ର ନୟା ରାୟପୁର ଏକ 'ମିନି-ପିଏମ୍‌ଓ' ଭାବରେ ନିଜକୁ ପ୍ରଦର୍ଶିତ କରିଛି । ଆୟୋଜିତ ୬୦ତମ ଜାତୀୟ ଡିଜିପି/ଆଇଜିପି ସମ୍ମିଳନୀରେ ମୋଦି, ଶାହା, ଡୋଭାଲ, ଡିଜିପି, ଆଇଜି ଏବଂ ପ୍ରତ୍ୟେକ କେନ୍ଦ୍ରୀୟ ବାହିନୀର ମୁଖ୍ୟମାନେ ଉପସ୍ଥିତ ରହିବା କାରଣରୁ ସରକାରୀ ବାସଭବନଗୁଡ଼ିକର ମାନ ଏସ୍‌ପିଜି ଶୈଳୀର ଉନ୍ନତ କରାଯାଇଛି । ଏଣୁ କୌଣସି ଭିଭିଆଇପିଙ୍କୁ ହୋଟେଲରେ ରହି ବିପଦର ସାମ୍ନା କରିବାକୁ ପଡ଼ିବ ନାହିଁ । ୬୫୦ ରୁ ଅଧିକ ଗାଡ଼ି ଏବଂ ୨,୦୦୦ରୁ ଅଧିକ ସୁରକ୍ଷା କର୍ମଚାରୀ ସବୁକିଛି ଠିକ୍ ଭାବରେ ଚଲାଇବେ । ଏହି ସମ୍ମିଳନୀ ହିଁ ପ୍ରକୃତ ପରୀକ୍ଷା । ମାଓବାଦୀ କମାଣ୍ଡର ମାଡଭି ହିଡମାଙ୍କ ହତ୍ୟା ପରେ ଏବଂ ବାମପନ୍ଥୀ ଉଗ୍ରବାଦଙ୍କୁ ପୂରା ଶେଷ କରିବା ପାଇଁ କେନ୍ଦ୍ରର ଧାର୍ଯ୍ୟ ସମୟସୀମା ପୂର୍ବରୁ ଏହି ସମାବେଶ ହେଉଛି । ରାଜ୍ୟ ନିୟନ୍ତ୍ରଣରେ ଅଛି ଏବଂ ଏହାର ପୋଲିସ ବ୍ୟବସ୍ଥା ଏବଂ ଗୋଇନ୍ଦା ବିଭାଗ ସ୍ଥିତି ସହ ତାଳ ଦେଇ କାମ କରିବାକୁ ପ୍ରସ୍ତୁତ ରହିଛି । ଏହି ସମ୍ମିଳନୀ କେବଳ ଏକ ବାର୍ଷିକ ସମୀକ୍ଷା ନୁହେଁ; ଏହା ଲକ୍ଷ୍ୟ ଅନୁଯାୟୀ ଭଲ କାମ କରିବାର ଉଦ୍ଦେଶ୍ୟ ରଖିଛି । ତେବେ ସେହି ଉଦ୍ଦେଶ୍ୟ ଉତ୍ତମ ସୂଚନା ଆଦାନପ୍ରଦାନ, ସଂସ୍ଥାଗୁଡ଼ିକ ମଧ୍ୟରେ ସୁସମନ୍ୱୟ ଏବଂ ସ୍ମାର୍ଟ ପୋଲିସ ବ୍ୟବସ୍ଥା ଆଣିପାରିବ କି ନାହିଁ ତାହା ଏକ ବଡ଼ ପ୍ରଶ୍ନ । ଭାରତରେ କେବେ ବି ଆକର୍ଷଣୀୟ ସମ୍ମିଳନୀ କିମ୍ବା ଚକଚକିଆ ଉପସ୍ଥାପନାର ଅଭାବ ନାହିଁ । ଏଥିରେ ସ୍ଥାୟୀ ସମ୍ମିଳିତ ଅଭିଜ୍ଞତାର ଅଭାବ ରହୁଛି । ଯଦି ଏହି ତିନି ଦିନିଆ ସମ୍ମିଳନୀର କଡ଼ା ସୁରକ୍ଷା ବ୍ୟବସ୍ଥା, ସମନ୍ୱୟ ଅଭ୍ୟାସ ଏବଂ ଲଜିଷ୍ଟିକ କାର୍ଯ୍ୟକୁ ଦୀର୍ଘକାଳୀନ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଏ, ତେବେ 'ମିନି-ପିଏମ୍‌ଓ' ପରୀକ୍ଷଣ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ କରିପାରିବ । ଯଦି ନୁହେଁ, ତେବେ ଏହା କେବଳ ପରିବର୍ତ୍ତନର ପ୍ରତିଶ୍ରୁତି ଦେଇ ଉଦାସତା ପ୍ରକାଶ କରୁଥିବା ସମ୍ମିଳନୀର ତାଲିକାରେ ଯୋଡ଼ି ହୋଇଯିବ ।

### ପେନ୍‌ସନ ପସନ୍ଦ

କେନ୍ଦ୍ର ସରକାର ଆଇଏଏସ୍ ଅଧିକାରୀମାନଙ୍କୁ ନଭେମ୍ବର ୩୦ ତାରିଖ ସୁଦ୍ଧା ନିର୍ଦ୍ଦିଷ୍ଟ ଦାୟିତ୍ୱର ସମୟସୀମା ଦେଇଛନ୍ତି, ଯାହା ଅଜବ ଲାଗେ । କୁହାଯାଇଛି ଯେ, ଆପଣଙ୍କ ପେନ୍‌ସନ୍ ଯୋଜନା ବାଛନ୍ତୁ ଏବଂ ପରେ ଫେରି ଆସି କହିବେ ନାହିଁ ଯେ ଆପଣଙ୍କୁ ଏ ବିଷୟରେ ସତର୍କ କରାଯାଇ ନଥିଲା । ଓପିଏସ୍, ଏନ୍‌ପିଏସ୍ ଏବଂ ୟୁପିଏସ୍ ହୁଏତ ମିଶ୍ରିତ ବର୍ଣ୍ଣମାଳା ଭଳି ଶୁଭିପାରେ, କିନ୍ତୁ ଏହାର ପ୍ରଭାବ ବହୁତ ବଡ଼ । ପୁରୁଣା ପେନ୍‌ସନ ଯୋଜନା( ଓପିଏସ୍) ହେଉଛି ପୁରୁଣା ପସନ୍ଦ । ଏଥିରେ ନିଶ୍ଚିତ ପେମେଣ୍ଟର ଗ୍ୟାରେଣ୍ଟି ରହିଛି । ଏହାସହ କୌଣସି ବଜାର ଅନିଶ୍ଚୟତା ନାହିଁ ଏବଂ ଜଣେ ଅଧିକାରୀଙ୍କ ଚିନ୍ତାକୁ ଦୂର କରିବା ପାଇଁ ଯଥେଷ୍ଟ । ଏହି ସମୟରେ ଜାତୀୟ ପେନ୍‌ସନ ବ୍ୟବସ୍ଥା (ଏନ୍‌ପିଏସ୍) ହେଉଛି 'ବଡ଼ ହୁଅ ଏବଂ ବଜାରର ସାମ୍ନା କର', ଯାହା ଆପଣଙ୍କ ଅବସର ପ୍ରତିଶ୍ରୁତି ବଦଳରେ ନିବେଶ କାର୍ଯ୍ୟଦକ୍ଷତା ଉପରେ ନିର୍ଭର କରେ । ତା'ପରେ ନୂତନ ଏକୀକୃତ ପେନ୍‌ସନ ଯୋଜନା( ୟୁପିଏସ୍)ରେ ସବୁକିଛି ହେବାକୁ ଚେଷ୍ଟା କରାଯାଇଛି । ଟିକିଏ ଆଶ୍ୱାସନା ରହିଛି, ଟିକିଏ ବଜାରସହ ଜଡ଼ିତ କରାଯାଇଛି ଏବଂ ସରକାରଙ୍କ ଉପରେ ଅଧିକ ବିଶ୍ୱାସର ବିଷୟ କଥା ଆମେ ଚିନ୍ତା କରିଛୁ । ଯେତେବେଳେ ବାବୁମାନଙ୍କୁ ଶୀଘ୍ର ନିଷ୍ପତ୍ତି ନେବାକୁ କୁହାଯାଏ , ସେତେବେଳେ ଜାଣିପାରିବେ ଯେ କିଛି ପରିବର୍ତ୍ତନ ହେଉଛି । ସରକାର ସଙ୍କେତ ଦେଉଛନ୍ତି ଯେ ପେନ୍‌ସନ ସଂସ୍କାର ଆଉ କାଳ୍ପନିକ ନୁହେଁ । ଅଫିସରମାନଙ୍କ ପାଇଁ ମନସ୍ତାତ୍ତ୍ୱିକ ଯୁଦ୍ଧ ହେଉଛି ପ୍ରକୃତ ଯୁଦ୍ଧ । ଯେକୌଣସି ପ୍ରକାରେ, ଏହା କେବଳ ଏକ ପେନ୍‌ସନ ପସନ୍ଦ ନୁହେଁ । ଭାରତର ଦୃଢ଼ ବ୍ୟବସ୍ଥା ଏହାର ଭବିଷ୍ୟତକୁ କିପରି ଦେଖେ , ତା' ଉପରେ ଏହା ହେଉଛି ଏକ ଜନମତ ସଂଗ୍ରହ ।

### ଏମ୍‌ଇଏ ପାଇଁ ଅନେକ କାମ

ଚଳିତ ସପ୍ତାହର ବହିର୍ବ୍ୟାପାର ମନ୍ତ୍ରଣାଳୟ( ଏମ୍‌ଇଏ)ର କ୍ୟାଲେଣ୍ଡରରେ କାର୍ଯ୍ୟସୂଚୀ କମ୍ ଏବଂ କୂଟନୈତିକ ବାଧା ବିଷୟ ଅଧିକ ଅଛି । ହଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାମ୍ପ୍ରତିକ ଗସ୍ତ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଜି୨୦ ନେତାଙ୍କ ସମ୍ମିଳନୀ ପର୍ଯ୍ୟନ୍ତ ସୀମିତ ଥିଲା । ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଡିସେମ୍ବରରେ ଦିଲ୍ଲୀ ଆସିବାର ସମ୍ଭାବନା ଅଛି ଏବଂ ସେହି ଗସ୍ତ ଅଧିକ ଭୂ-ରାଜନୈତିକ ଅବଗଣନା ସୃଷ୍ଟି କରୁଛି । ମସ୍କୋ ସହିତ ଭାରତର ଦୀର୍ଘକାଳୀନ ସମ୍ପର୍କ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ, ଦକ୍ଷିଣ ଏସିଆରେ ସାଧାରଣତଃ ଭାରତର ସହଯୋଗୀ ବାଂଲାଦେଶରେ ଅସ୍ଥିରତା ଲାଗି ରହିଛି । ମଧ୍ୟବର୍ତ୍ତିକାଳୀନ ସରକାର ଶେଖ୍ ହାସିନାଙ୍କୁ ମୃତ୍ୟୁଦଣ୍ଡ ଦେବା ଏବଂ ଢାକା ତାଙ୍କୁ ଫେରାଇ ଆଣିବା ଦାବି କରିବା ଯୋଗୁ ଏହି ଅଞ୍ଚଳର ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଏହି ପୃଷ୍ଠଭୂମିରେ, ବାଂଲାଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତା ଖଲିଲୁର ରହମାନ ଦିଲ୍ଲୀରେ ପହଞ୍ଚିବା ଅନେକ କିଛି ସୂଚିତ କରୁଛି । ଏହା ଏକ ସଙ୍କଟ-ପରିଚାଳନା ମୁହୂର୍ତ୍ତ । ଢାକାର ଅସ୍ଥିରତା କେବଳ ଏକ ପଡ଼ୋଶୀର ମୁଣ୍ଡବିନ୍ଧାର କାରଣ ନୁହେଁ ବରଂ ଏହା ସିଧାସଳଖ ଏକ ରଣନୈତିକ ଏବଂ ଆର୍ଥିକ ବିପଦ । ଏଥିରେ ଏକ ବୈଦେଶିକ ନୀତି ଯୋଡ଼ିବା ଦରକାର, ଯେଉଁଠାରେ ଭାରତକୁ ସ୍ୱାୟତ୍ତତା ପ୍ରଦର୍ଶିତ କରିବାକୁ ପଡ଼ିବ, ମହାଶକ୍ତି ପ୍ରତିଦ୍ୱନ୍ଦ୍ୱିତାକୁ ମୁକାବିଲା କରିବାକୁ ହେବ । ଏମ୍‌ଇଏ କେବଳ ବ୍ୟସ୍ତ ନୁହେଁ , ଏକ ସମୟରେ ସମସ୍ୟା ବିରୋଧରେ ଲଢ଼େଇ କରିପାରେ, ସମ୍ପର୍କ ପ୍ରତିଷ୍ଠା ବି କରିପାରେ । ଭାରତୀୟ କୂଟନୀତି ସାମ୍ନାରେ ଅନେକ କାମ ଅଛି ଏବଂ ସେଥିରୁ ଗୋଟିଏ କାର୍ଯ୍ୟ ଛାଡ଼ିଦେବା ଉଚିତ ନୁହେଁ ।

Email: dilipcherian@gmail.com

# କେରଳ ମଡେଲ ଅନୁକରଣୀୟ



ଡ. ସନ୍ତୋଷ କୁମାର ମହାପାତ୍ର

ଦାରିଦ୍ର୍ୟ ଏକ ଭୟଙ୍କର ସମସ୍ୟା । ଚରମ ବା ଅତି ଦାରିଦ୍ର୍ୟ ଦୂରୀକରଣ କରିବାରେ କେରଳ ଭାରତର ପ୍ରଥମ ରାଜ୍ୟଭାବେ ଉଭାହୋଇଛି । ୨୦୨୫ ନଭେମ୍ବର ୧ରେ ରାଜ୍ୟର ୬୯ତମ ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏହି ଘୋଷଣା କରିଛନ୍ତି । ଦାରିଦ୍ର୍ୟ ହାର ୧୯୭୩-୭୪ ରେ ୫୯.୮%ଥିଲାବେଳେ ୨୦୧୧-୧୨ ରେ ୧୧.୩%କୁ ହ୍ରାସପାଇଥିଲା । ନୀତି ଆୟୋଗର ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (୨୦୨୩) ଅନୁସାରେ କେରଳର ଦାରିଦ୍ର୍ୟ ହାର ମାତ୍ର ୦.୫୫% ଥିଲା ଯାହା ସବୁ ରାଜ୍ୟ ତୁଳନାରେ ଆପାତତଃ କମ୍ ମଧ୍ୟ ଥିଲା । ସେହି ସମୟରେ ବହୁମୁଖୀ ଦାରିଦ୍ର୍ୟ ହାର ଜାତୀୟ ସ୍ତରରେ ହାରାହାରି ୧୪.୯୬% ଥିଲା । ସାଧାରଣତଃ ଦାରିଦ୍ର୍ୟ ସୀମାରେଖା ଯେଉଁ ମାନଦଣ୍ଡ ବା ପଦ୍ଧତିରେ ଆକଳନ କରାଯାଉଛି ତାହା ଜଣକୁ ଏକ ସୁନ୍ଦର ଜୀବନ ବିତାଇବା ସମ୍ଭବ ନୁହେଁ । କିନ୍ତୁ ତାହା ସତ୍ତ୍ୱେ ଯେଉଁ ମାନଦଣ୍ଡରେ ଆକଳନ କରାଯାଉନା କାହିଁକି, ଅତି ଦାରିଦ୍ର୍ୟ ଦୂରୀକରଣ ଦୃଷ୍ଟିରୁ କେରଳ ସବୁ ରାଜ୍ୟ ଠାରୁ ଆଗରେ । ଅତି ଦାରିଦ୍ର୍ୟ ହେଉଛି ଦାରିଦ୍ର୍ୟର ସବୁଠାରୁ ଗମ୍ଭୀର ରୂପ, ଯାହା ଖାଦ୍ୟ, ପାଣି, ପରିମଳ, ସ୍ୱାସ୍ଥ୍ୟ ଏବଂ ଆଶ୍ରୟ ପରି ମୌଳିକ ଆବଶ୍ୟକତାର ଅଭାବ ଦ୍ୱାରା ଚିହ୍ନିତ । ବିଶ୍ୱବ୍ୟାଙ୍କ ଏହାକୁ ପ୍ରାୟତଃ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ପରିମାଣରୁ କମ୍ ଟଙ୍କାରେ ଜୀବନଯାପନ କରିବା ଭାବରେ ପରିଭାଷିତ କରିଥାଏ, ଯାହା ଦେଶଗୁଡ଼ିକ ମଧ୍ୟରେ ମୁଦ୍ରାସ୍ଫୀତି ଏବଂ ଜୀବନଯାପନ ଖର୍ଚ୍ଚ ପାର୍ଥକ୍ୟକୁ ନେଇ ସ୍ଥିର କରାଯାଇଥାଏ । ବିଶ୍ୱବ୍ୟାଙ୍କ ଆନୁଷ୍ଠାନିକ ଭାବରେ ଏହାର ଅନ୍ତର୍ଜାତୀୟ ଅତି ବା ଚରମ ଦାରିଦ୍ର୍ୟ ସୀମାକୁ ପ୍ରତିଦିନ ୨୦୨୧ କ୍ରୟ ଶକ୍ତି ସମତା (ପିପିପି) ଅନୁସାରେ ୩ ଡଲାର ଆୟକୁ ବୃଦ୍ଧି କରିଛି । ଏହା ପୂର୍ବରୁ ତାହା ୨.୧୫ ଡଲାର (୨୦୧୭ କ୍ରୟ ଶକ୍ତି ସମତା) ଥିଲା । ଜୁନ୍ ୨୦୨୫ରେ ଘୋଷଣା କରାଯାଇଥିବା ଏହି ସଂଶୋଧନ ନିମ୍ନ-ଆୟକାରୀ ଦେଶଗୁଡ଼ିକରେ ଜୀବନଯାପନ ଖର୍ଚ୍ଚର ଏକ ବାସ୍ତବବାଦୀ ଆକଳନ କରିଥାଏ ।

କେରଳର ଜନସଂଖ୍ୟା ଭାରତ ଜନସଂଖ୍ୟାର ୨.୮% ଏବଂ ଏହାର ଭୂମି ଦେଶର କ୍ଷେତ୍ରଫଳର ୧.୨% । ଭାରତର ଜିଡିପିରେ କେରଳ ଅବଦାନ ୪%ରୁ ଅଧିକ ରହିଛି । କେରଳର ବିକାଶ ସଫଳତା, ଯାହାକୁ ପ୍ରାୟତଃ 'କେରଳ ଘଟଣା' କିମ୍ବା 'କେରଳ ମଡେଲ' କୁହାଯାଏ, ତାହା ଉଚ୍ଚ ମାନବ ବିକାଶ ସୂଚକାଙ୍କ, ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ, ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ଉପରେ ପର୍ଯ୍ୟବସିତ । ଏହି ମଡେଲ ମୁଖ୍ୟତଃ ଇ.ଏମ୍.ଏସ୍. ନମ୍ବୁଦିପଦଙ୍କ ନେତୃତ୍ୱରେ ରାଜ୍ୟର ପ୍ରଥମ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ ସରକାର



ଦ୍ୱାରା ଆରମ୍ଭ ହୋଇଥିବା ଭୂମି ସଂସ୍କାର, ସାମାଜିକ ଉନ୍ନତି , ସକ୍ରିୟ ନାଗରିକ ସମାଜ ଅଂଶଗ୍ରହଣରୁ ଉତ୍ପନ୍ନ ହୋଇଥିଲା ଏବଂ ଏକ ସାମାଜିକ ଗଣତାନ୍ତ୍ରିକ କଲ୍ୟାଣ ଆଭିମୁଖ୍ୟ ମାଧ୍ୟମରେ ଏହାକୁ ବଜାୟ ରଖାଯାଇଛି । ମେ ୨୦୨୧ରେ ପିନାରାୟୀ ବିଜୟନଙ୍କ ନେତୃତ୍ୱରେ ବାମପନ୍ଥୀ ଗଣତାନ୍ତ୍ରିକ ସାମ୍ମୁଖ୍ୟ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ବୈଠକରେ ଅତି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ (ଇପିଇପି) ଆରମ୍ଭ କରିବା ପାଇଁ ସିଦ୍ଧାନ୍ତ ନିଆଯାଇଥିଲା । ରାଜ୍ୟ ସରକାର ଏକ ୪ ବର୍ଷିଆ ଯୋଜନା ହାତକୁ ନେଇଥିଲେ । ୪ ଲକ୍ଷ ଗଣନାକାରୀ ୬୪,୦୦୬ ଦୁର୍ବଳ ପରିବାରକୁ ଚିହ୍ନଟ କରିଥିଲେ । ଏହାର ମୁକାବିଲା ପାଇଁ ପ୍ରୟାସରେ ସରକାରୀ କଲ୍ୟାଣ କାର୍ଯ୍ୟକ୍ରମ ଏବଂ ସିଧାସଳଖ ନଗଦ ସ୍ଥାନାନ୍ତର ଅନ୍ତର୍ଭୁକ୍ତ, ଯାହା ଯୋଗୁ କିଛି ଅଞ୍ଚଳରେ ଦାରିଦ୍ର୍ୟ ହାରରେ ଉଲ୍ଲେଖନୀୟ ହ୍ରାସ ପାଇଛି ।

କେବଳ ଆୟର ଅଭାବ ନୁହେଁ ଖାଦ୍ୟ, ଆଶ୍ରୟ ଏବଂ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଆବଶ୍ୟକତା ନ ଥିବା ପରିବାରଗୁଡ଼ିକୁ ଚିହ୍ନଟ କରାଯାଇଥିଲା । ଆଗରୁ ବିଭିନ୍ନ ପ୍ରକାର ପଦକ୍ଷେପ ଯଥା ଭୂସଂସ୍କାର, ସାର୍ବଜନୀନ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ମହିଳାଙ୍କ ସଶକ୍ତୀକରଣ ପାଇଁ କୁଡୁମ୍ବଶ୍ରୀ ମିଶନ କାର୍ଯ୍ୟକାରୀ କରାଯାଇଥିଲା । ସମ୍ପ୍ରତି ପ୍ରତ୍ୟେକ ପରିବାର ପାଇଁ କ୍ଷୁଦ୍ର, ମଧ୍ୟମ ଏବଂ ଦୀର୍ଘକାଳୀନ ପର୍ଯ୍ୟାୟରେ ସେମାନଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣକରିବା ପାଇଁ ବ୍ୟକ୍ତିଗତ, ଉପଯୁକ୍ତ ସୂକ୍ଷ୍ମ-ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ୧୦୦୦ କୋଟି ଟଙ୍କାରୁ ଅଧିକ ନିବେଶ ସହ ସରକାର ୨୦,୬୪୮ ପରିବାର ପାଇଁ ଦୈନିକ ଖାଦ୍ୟ ସୁନିଶ୍ଚିତ କରିଥିଲେ । ସେମାନଙ୍କ ମଧ୍ୟରୁ ୨,୨୧୦ ପରିବାର ଗରମ ଖାଦ୍ୟ ପାଉଛନ୍ତି । ୮୫,୭୨୧ ଜଣଙ୍କୁ ଆବଶ୍ୟକ ଚିକିତ୍ସା ଏବଂ ଔଷଧ ଯୋଗାଇଛନ୍ତି । ୪୬୭୭ ବାସହୀନ ପରିବାର ଚିହ୍ନଟ କରାଯାଇଥିଲା ଏବଂ ୪,୦୦୦ରୁ ଅଧିକ ପରିବାରଙ୍କୁ ଜୀବନ ମିଶନ ଯୋଜନାରେ ଗୃହ ଯୋଗାଇ ଦିଆଯାଇଥିଲା । ୫,୪୦୦ରୁ ଅଧିକ ନୂଆ ଘର ନିର୍ମାଣ ହୋଇଛି କିମ୍ବା ନିର୍ମାଣାଧୀନ ଅଛି । ୫,୫୨୨ ଘର ମରାମତି କରାଯାଇଛି ଏବଂ ୨,୭୧୩ ଭୂମିହୀନ ପରିବାର ବାସସ୍ଥାନ ନିର୍ମାଣ ପାଇଁ ଜମି ପାଇଛନ୍ତି । ଅତ୍ୟାବଶ୍ୟକ ସେବା ଯଥା ଆଧାର କାର୍ଡ, ରାଶନ କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ, ପେନ୍‌ସନ ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଉପଲବ୍ଧତା ସୁନିଶ୍ଚିତ କରାଯାଇଥିଲା । ୨୧,୨୬୩ ଜଣ ପ୍ରଥମ ଥର ପାଇଁ ରାଶନ କାର୍ଡ, ଆଧାର ଏବଂ ପେନ୍‌ସନ ଭଳି ଜରୁରୀ କାଗଜପତ୍ର ପାଇଥିଲେ । ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ସ୍ଥିର ଭାବରେ କାମ କରିପାରୁ ନ ଥିବା ଲୋକଙ୍କ ପାଇଁ କ୍ଷୁଦ୍ର ବ୍ୟବସାୟ ଭଳି ସ୍ଥାୟୀ ଆୟ ଉତ୍ସ ସୃଷ୍ଟିକରିବା ପାଇଁ ସହାୟତା ପ୍ରଦାନ କରାଯାଇଥିଲା । ଏହି ପ୍ରକଳ୍ପ ସ୍ଥାନୀୟ ସ୍ୱାୟତ୍ତ ଶାସନ ବିଭାଗ ଦ୍ୱାରା ପରିଚାଳିତ ହୋଇଥିଲା ଏବଂ ଏଥିରେ ସ୍ଥାନୀୟ ସଂସ୍ଥା ଏବଂ କୁଡୁମ୍ବଶ୍ରୀ ଭଳି ସଂଗଠନର ଘନିଷ୍ଠ ସହଯୋଗ ଅନ୍ତର୍ଭୁକ୍ତ ଥିଲା । ବିଭିନ୍ନ ସରକାରୀ ବିଭାଗ, ମିଶନ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସୂକ୍ଷ୍ମ-ଯୋଜନାଗୁଡ଼ିକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଏକାଠି କାମ କରିଥିଲେ । ଏହି କାର୍ଯ୍ୟକ୍ରମ ଯୋଗୁ ୧,୦୩,୦୯୯ଲୋକ ଦାରିଦ୍ର୍ୟରୁ ଉପରକୁ ଉଠିଥିଲେ ।

କେବଳ ଦାରିଦ୍ର୍ୟ ହ୍ରାସ କାହିଁକି ମାନବ ଉନ୍ନୟନ ସୂଚକାଙ୍କ, ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ଓ ସ୍ୱାକ୍ଷରତା ହାର ଦୃଷ୍ଟିରୁ କେରଳ ୧ ନମ୍ବର । କେରଳରେ ସାକ୍ଷରତା ହାର ୯୯ % , ଯାହା ସର୍ବାଧିକ । ହାରାହାରି ଜୀବନର ଆୟୁ ୭୭.୩ ବର୍ଷ ଏବଂ ସର୍ବାଧିକ ଲିଙ୍ଗ ଅନୁପାତ ପ୍ରତି ୧୦୦୦ ପୁରୁଷରେ ୧,୦୮୪ ମହିଳା । ଜନସଂଖ୍ୟା ବୃଦ୍ଧି ହାର କମ୍ । ଏହା ଦ୍ୱିତୀୟ ସର୍ବାଧିକ ସହରୀକରଣ ରାଜ୍ୟ । କେରଳ ଭାରତରେ ସର୍ବାଧିକ ଗଣମାଧ୍ୟମ ପ୍ରସାରଣର ରାଜ୍ୟ । ମୁଖ୍ୟତଃ ୯ଟି ଭାଷାରେ ଖବରକାଗଜ ପ୍ରକାଶିତ ହୁଏ । ମୁଖ୍ୟତଃ ମାଲୟାଲମ ଏବଂ ଇଂରାଜୀ । ନ୍ୟାଶନାଲ ଜିଓଗ୍ରାଫିକ ଟ୍ରାଭେଲର ଦ୍ୱାରା ବିଶ୍ୱର ଦଶଟି ସ୍ୱର୍ଗ ମଧ୍ୟରୁ ଗୋଟିଏ ଭାବରେ ନାମିତ, କେରଳ ଭାରତର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଗୋଟିଏ । ବାଲୁକାମୟ ବେଳାଭୂମି, ହିଲ୍‌ଷ୍ଟେଶନ, ଆୟୁର୍ବେଦିକ ପର୍ଯ୍ୟଟନ ଏବଂ ଉଷ୍ଣକଟିବନ୍ଧୀୟ ସବୁଜିମା ଏହାର ପ୍ରମୁଖ ଆକର୍ଷଣ । କେରଳ ଏକ ସ୍କାଣ୍ଡିନେଭିଆନ ଦେଶ ନୁହେଁ, କିନ୍ତୁ ଏହାର ଉଚ୍ଚ ସାମାଜିକ ବିକାଶ ସୂଚକାଙ୍କ ଏବଂ ମାନବ ବିକାଶ ସୂଚକାଙ୍କ ଯୋଗୁ ଏହାକୁ ପ୍ରାୟତଃ 'ଭାରତର ସ୍କାଣ୍ଡିନେଭିଆ' କୁହାଯାଏ । ଏକଥା ଲଣ୍ଡନରୁ ପ୍ରକାଶିତ 'ଦି ଇକୋନୋମିଷ୍ଟ' ନାମକ ପ୍ରଖ୍ୟାତ ମାଗାଜିନ ଉଲ୍ଲେଖ କରିଛି । ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭଳି କ୍ଷେତ୍ରରେ କେରଳର ସଫଳତାକୁ ପ୍ରାଧାନ୍ୟ ପାଇଁ ଏହି ତୁଳନା କରାଯାଏ, ଯାହା ପ୍ରାୟତଃ ସ୍କାଣ୍ଡିନେଭିଆନରେ ଦେଖାଯାଏ । ବିକଶିତ ଦେଶ ତୁଳନାରେ ମୁଣ୍ଡ ପିଛା ଆୟ ତୁଳନାତ୍ମକ ଭାବରେ କମ୍ ଥିବା ସତ୍ତ୍ୱେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଖାଦ୍ୟ ଯୋଗାଣ ଭଳି କ୍ଷେତ୍ରରେ କେରଳ ଏହାର ଦୃଢ଼ ସାମାଜିକ ଭିତ୍ତିଭୂମି ପାଇଁ ପ୍ରସିଦ୍ଧ । ଏଣୁ କେରଳ ମଡେଲ ଅନୁକରଣୀୟ ।

ମୋ:୯୪୩୭୨୦୮୭୬୨

# ଟିକେ ଖୁସି ଦେବା



ସୁଧାଂଶୁ ରଞ୍ଜନ ଦାସ

ସମସ୍ତ ଆର୍ଥିକ ବିକାଶର ପ୍ରଥମ ଉଦ୍ଦେଶ୍ୟ ଲୋକଙ୍କ ଖୁସି ବଢ଼ାଇବା । ଯେଉଁ ଆର୍ଥିକ ବିକାଶ ଲୋକଙ୍କୁ ଖୁସି ଦେଇପାରୁଛି ତାକୁ ଆବୋରିନେବା ଆବଶ୍ୟକ । ବିକାଶ ଯଦି ଲୋକଙ୍କୁ ଯନ୍ତ୍ରଣା ଦେଉଛି ତାହା ଚୁଲିକୁ ଯିବା ଦରକାର । ପ୍ରକୃତ ଜ୍ଞାନୀ ଓ ଦକ୍ଷ ନେତା ଦେଶ ତଥା ରାଜ୍ୟ ପାଇଁ ଉପଯୋଗୀ ବିକାଶକୁ ଚିହ୍ନଟକରି ତାକୁ ଲୋକଙ୍କ ହିତରେ ଲଗାଇଥାଏ । ସବୁ ରାଜ୍ୟର ବିକାଶ ଗୋଟିଏ ପ୍ରକାର ହେବ ନାହିଁ । କାରଣ ବିଭିନ୍ନ ରାଜ୍ୟରେ ଆର୍ଥିକ ଗତିବିଧି ଅଲଗା ଥାଏ । ଓଡ଼ିଶାରେ ମଧ୍ୟ ଅନେକ ଆର୍ଥିକ ଗତିବିଧି ରାଜ୍ୟର ପ୍ରାକୃତିକ ସମ୍ପଦ, ଲୋକମାନଙ୍କର କୌଶଳ, ଅନୁଭୂତି ଓ ଜଳବାୟୁ ଉପରେ ନିର୍ଭର କରେ । ସମସ୍ତ ଆର୍ଥିକ ସମ୍ଭାବନାକୁ ଆଖିଆଗରେ ରଖି ରାଜ୍ୟ ଉପଯୋଗୀ ବିକାଶ ଯୋଜନା ପ୍ରସ୍ତୁତ କଲେ ତାହା ରାଜ୍ୟବାସୀଙ୍କ ଖୁସି ବଢ଼ାଇବାରେ ସାହାଯ୍ୟ କରିବ ।

ଭୂଗର୍ଭରେ ଅନେକ ପ୍ରକାର ଖଣିଜ ରହିଛି । ବୈଜ୍ଞାନିକମାନେ ଜିଓ ସାଟେଲାଇଟ୍ ମାଧ୍ୟମରେ ଏହି ସମ୍ପଦଗୁଡ଼ିକର ସମ୍ପୂର୍ଣ୍ଣ ଚିତ୍ର ପ୍ରସ୍ତୁତ କରିଛନ୍ତି । ସମସ୍ୟା ହେଲା ଏହି ଖଣିଜ ସମ୍ପଦର ଅତ୍ୟଧିକ ଖନନ ଜଙ୍ଗଲ, ପାହାଡ଼, ପାଣି, ମାଟି ଓ ପବନକୁ ନଷ୍ଟ କରିଦେଇଥାଏ । ଆଜି ଅନେକ ଦେଶର ଆଖି ଓଡ଼ିଶାର ଖଣିଜ ସମ୍ପଦ ଉପରେ । ଏଗୁଡ଼ିକର ଖନନ ପ୍ରକୃତିର ସନ୍ତୁଳନକୁ ଆଖିଆଗରେ ରଖି କରାଗଲେ ଏହା ବାୟୁ, ଜଳ ଓ ମାଟି ପ୍ରଦୂଷଣ କମ୍ କରନ୍ତା । ଫଳରେ ଲୋକ ରୋଗାକ୍ରାନ୍ତ ନ ହୋଇ ନିଜ ନିଜ ଗାଁରେ ଜୀବିକା ଅର୍ଜନ କରି ଖୁସିରେ ରହିପାରନ୍ତେ ।

ଓଡ଼ିଶାର ପ୍ରାୟ ସବୁ ସହର ବାୟୁ, ଜଳ ଓ ମାଟି ପ୍ରଦୂଷଣର ଶିକାର ହୋଇଛି । ଏହି ସହରଗୁଡିକରେ ଇ-ରିକ୍ସା ଚଳାଇବା ,ସାଇକେଲ ଟ୍ରାକ୍, ଫୁଟ୍‌ପାଥ୍, ରାସ୍ତା କଡ଼ରେ ସବୁଜ ବଳୟ ସୃଷ୍ଟି କରିବା ସହ ଜଳାଶୟଗୁଡ଼ିକର ପୁନରୁଦ୍ଧାର ହୋଇପାରିଲେ ଲୋକେ ତାତିରେ ହନ୍ତସନ୍ତ ହୁଅନ୍ତେ ନାହିଁ । ଓଡ଼ିଶାରେ ଖରାଦିନ ଏତେ ଯନ୍ତ୍ରଣାଦାୟକ ଯେ ଏହା ଓଡ଼ିଆ ଲୋକଙ୍କ ଉତ୍ପାଦକତାକୁ ନଷ୍ଟ କରିଦେଇଥାଏ । ଗ୍ରୀଷ୍ମ ତାପରେ ଲୋକ ଘରୁ ବାହାରିପାରନ୍ତିନାହିଁ । ଫଳରେ ଅନେକ ଆର୍ଥିକ ଗତିବିଧି ବାଧାପ୍ରାପ୍ତ ହୋଇଥାଏ । ଓଡ଼ିଶାରେ ସମସ୍ତ ନଦୀ, ହ୍ରଦ, ପୋଖରୀ ଓ ଜଙ୍ଗଲ ଯଦି ସତେଜ ରହନ୍ତା ତେବେ ଗ୍ରୀଷ୍ମ ତାପର କଷ୍ଟକୁ ଲାଘବ କରନ୍ତା । ପୁରାଣରେ ବର୍ଣ୍ଣିତ ଅଛି ପୂର୍ବକାଳରେ ଯେଉଁମାନେ ଗଛ କାଟୁଥିଲେ ସେମାନଙ୍କୁ ହିନ୍ଦୁ ରାଜାମାନେ କଡ଼ା ଦଣ୍ଡ ଦେଉଥିଲେ । ଫଳନ୍ତି ଗଛ କାଟିଲେ ଲମ୍ବା କାରାବାସ ଓ ମୃତ୍ୟୁଦଣ୍ଡ ଦିଆଯାଉଥିଲା । ଏବେ ଦଣ୍ଡ ନ ଥିବାରୁ ଲୋକମାନେ ମନଇଚ୍ଛା ଗଛ କାଟି ଦେଉଛନ୍ତି । ସରକାର ଦେଶୀ ଗଛ ଲଗାଇବା ସଙ୍ଗେ ସଙ୍ଗେ ପୁରୁଣା ଗଛଗୁଡ଼ିକର ସୁରକ୍ଷା କରିବା ଉଚିତ ।

ଓଡ଼ିଶାରେ ଗାଁଗୁଡ଼ିକରେ ରୋଜଗାର ସୁଯୋଗ ନଥିବାରୁ ବେଶି ଲୋକ ସହରକୁ ଆସୁଛନ୍ତି । ଫଳରେ ଯେତେ ପରିମାଣରେ ଭିତ୍ତିଭୂମି ପ୍ରକଳ୍ପ ତିଆରି କଲେ ମଧ୍ୟ ସହରଗୁଡ଼ିକୁ ସୁରକ୍ଷିତ ରଖି ହେଉ ନାହିଁ । ଗାଁଗୁଡ଼ିକରେ ଯଦି ରୋଜଗାର ସୃଷ୍ଟି ହୁଅନ୍ତା ତେବେ ଲୋକେ ଗାଁରେ ଖୁସିରେ ରହିପାରନ୍ତେ, ସହରାଭିମୁଖୀ ହୁଅନ୍ତେ ନାହିଁ ।



ଓଡ଼ିଶାରେ ସହରଗୁଡ଼ିକରେ ଗେଟେଡ୍ ହାଉସିଂ କଲୋନି ବହୁ ସଂଖ୍ୟାରେ ତିଆରି ହୋଇଛି । ଲୋକମାନେ ଏଭଳି କଲୋନିକୁ ନିରାପଦ ଭାବି ସେଠାରେ ରହିବାକୁ ପସନ୍ଦ କରୁଛନ୍ତି । ମାତ୍ର ଏହି ହାଉସିଂ କଲୋନିଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଯେଉଁମାନେ ଅଛନ୍ତି ସେମାନେ ଅଧିକାଂଶ ଜାଗାରେ କଲୋନି ବାସିନ୍ଦାମାନଙ୍କର ଝାଳବୁହା ଧନକୁ ଆତ୍ମସାତ୍ କରୁଛନ୍ତି । ଅଧିକାଂଶ ଜାଗାରେ ହାଉସିଂ କଲୋନିଗୁଡ଼ିକ ରକ୍ଷଣାବେକ୍ଷଣର ଅଭାବରୁ ଭୂତକୋଠି ପରି ଦେଖାଗଲାଣି । ହାଇଦ୍ରାବାଦରେ ହାଉସିଂ କଲୋନିଗୁଡ଼ିକୁ 'ଟିଏମ୍‌ଏସି' (ତେଲଙ୍ଗାନା ମ୍ୟୁଚୁଆଲ ଏଡେଡ୍ କୋଅପରେଟିଭ ସୋସାଇଟି) ଆକ୍ଟ ଦ୍ୱାରା ରେଜିଷ୍ଟ୍ରାର କୋ-ଅପ୍ ସୋସାଇଟିରେ ପଞ୍ଜୀକରଣ କରାଯାଇଛି । ଫଳରେ କଲୋନି ବାସିନ୍ଦାମାନେ କଲୋନିଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କେତେଜଣ ମୁଷ୍ଟିମେୟ ଅସାଧୁ ଲୋକଙ୍କ ପ୍ରକୋପରୁ କିଛିଟା ମୁକ୍ତି ପାଇଛନ୍ତି । ଓଡ଼ିଶା ସରକାର ଭୁବନେଶ୍ୱରରେ ଥିବା ସମସ୍ତ ହାଉସିଂ କଲୋନିକୁ ଟିଏମ୍‌ଏସି ଭଳି ପଞ୍ଜୀକରଣ କଲେ ହାଉସିଂ କଲୋନିଗୁଡ଼ିକ ସୁରକ୍ଷିତ ରହିବ ।

ସହରଗୁଡ଼ିକରେ ଖେଳ ପଡ଼ିଆ ନ ଥିବାରୁ ପିଲାମାନେ ପଇସା ଖର୍ଚ୍ଚକରି ଦୂରରେ ଥିବା ଷ୍ଟାଡିୟମ ଓ ଘରୋଇ ଖେଳ ସଂସ୍ଥାକୁ ଯାଉଛନ୍ତି । ଅଧିକାଂଶ ପିଲା ଖେଳ ପଡ଼ିଆ ନ ପାଇ ମୋବାଇଲ ଧରି ବସୁଛନ୍ତି । ସରକାର ଯଦି ଗାଁ ଓ ସହରଗୁଡ଼ିକରେ ସାର୍ବଜନିକ ଖେଳ ପଡ଼ିଆର ବ୍ୟବସ୍ଥା କରନ୍ତେ ତେବେ ଏହା ଯୁବପିଢ଼ିଙ୍କୁ ଖୁସି ଦେବ । ଅନେକ ପିଲାଙ୍କ ଶାରୀରିକ ଓ ମାନସିକ ବିକାଶ ହୋଇପାରିବ । ଖେଳିବା ପାଇଁ ସମୟର ଆବଶ୍ୟକତା ଅଛି । ଅଧିକାଂଶ ସ୍କୁଲରେ ଭଲ ପଢ଼ା ନ ହେବାରୁ ପିଲାମାନେ ଖେଳ ସମୟରେ ଟିଉଶନ ଯାଉଛନ୍ତି । ସ୍କୁଲଗୁଡିକର ଗୁଣାତ୍ମକ ମାନ ବୃଦ୍ଧି ହେଲେ ପିଲାମାନେ ସ୍କୁଲ ପାଠ ସ୍କୁଲରେ ସାରି ଦେବେ ଓ ସନ୍ଧ୍ୟା ବେଳେ ଖେଳି ଖୁସି ହେବେ । ଓଡ଼ିଶାର ଅନେକ ସ୍କୁଲରେ ଭଲ ଶିକ୍ଷକ ନ ଥିବାରୁ ପିଲାମାନେ ଘୋଷା ବଳଦ ହେଉଛନ୍ତି । ଫଳରେ ପିଲାଙ୍କ ଚିନ୍ତାକରିବା ଓ ବୁଝିବା ଶକ୍ତି ଲୋପ ପାଇଯାଉଛି । ଏଥିପାଇଁ ସରକାର ସ୍କୁଲଗୁଡ଼ିକରେ ଦକ୍ଷ ଓ ନିଷ୍ଠାପର ଶିକ୍ଷକ ନିଯୁକ୍ତ କରିବା ଦରକାର । ଓଡ଼ିଆ ଖାଦ୍ୟ ବାହାର ରାଜ୍ୟରେ ଏତେ ଲୋକପ୍ରିୟ ହୋଇଛି ଯେ ଲୋକମାନେ ଓଡ଼ିଆ ଖାଇବା ପାଇଁ ଖୋଜି ଖୋଜି ଆସୁଛନ୍ତି । ମାତ୍ର ୧୦% ଓଡ଼ିଆ ଖାଦ୍ୟ ବାହାରେ ବିକ୍ରି ହେଉଛି । କର୍ଣ୍ଣାଟକର ଉଡିପି ଓ କାମାଥ ହୋଟେଲ ଚେନ୍ ପରି ଯଦି ଓଡ଼ିଆ ପୁଞ୍ଜିନିବେଶକାରୀମାନେ ଓଡ଼ିଆ ହୋଟେଲ ଦେଶର ବିଭିନ୍ନ ଜାଗାରେ କରନ୍ତେ ତେବେ ଏଥିରୁ ଅନେକ ଓଡ଼ିଆ ଲାଭବାନ୍ ହେବେ ଓ ଓଡ଼ିଆ ହୋଟେଲର ବ୍ରାଣ୍ଡ ମଧ୍ୟ ଲୋକପ୍ରିୟ ହେବ । ଓଡ଼ିଶାରେ ଏହି ଛୋଟ ଛୋଟ ଖାଦ୍ୟ ଉଦ୍ୟୋଗ ସୃଷ୍ଟି କରିବାକୁ ଅନୁକୂଳ ବାତାବରଣ ସୃଷ୍ଟି କରାଗଲେ ଏହା ଯୁବପିଢ଼ିଙ୍କୁ ଖୁସି କରିବ । ସରକାର ଭେଜାଲ ଖାଦ୍ୟର ଉତ୍ପତ୍ତିସ୍ଥଳକୁ ନଷ୍ଟ କରିଦେଲେ ଅନେକ ଲୋକ ଓଡ଼ିଆ ଖାଦ୍ୟର ଆନନ୍ଦ ନେବେ ।

ମୋ:୭୭୦୨୩୮୩୮୦

## ଏଇ ଭାରତରେ

ଗୁଣାତ୍ମକ ଶିକ୍ଷାର ମହତ୍ତ୍ୱ ବୁଝିଛନ୍ତି କର୍ଣ୍ଣାଟକର ସୁଦର୍ଶନ ସଞ୍ଚାରୀ । ତାଙ୍କୁ ଏବେ ବୟସ ୨୮ । ପିଲାଦିନେ ପଢୁଥିବା ତାଙ୍କ ଗାଁ ସ୍କୁଲର ପୁନଃ ନିର୍ମାଣ ପାଇଁ ସେ ସାଇକେଲରେ ବୁଲି ପାଣ୍ଠି ସଂଗ୍ରହ କରୁଛନ୍ତି । ସୁଦର୍ଶନ ଗତ ୪ ବର୍ଷ ମଧ୍ୟରେ ନେପାଳ, ଶ୍ରୀଲଙ୍କା, ସିଙ୍ଗାପୁର, ମାଲେସିଆ, ଥାଇଲାଣ୍ଡ, ଲାଓସ, ଭିଏଟ୍‌ନାମ ଏବଂ କାମ୍ବୋଡିଆ ୬୦,୦୦୦ କି.ମି. ଯାତ୍ରା କରିସାରିଲେଣି । କୌତୂହଳର କଥା ହେଉଛି, ସେ ଯେଉଁଆଡ଼େ ଯାଉଛନ୍ତି ତାଙ୍କ ପୋଷା କୁକୁରକୁ ନେଇଯାଉଛନ୍ତି । ଖରା, ବର୍ଷା ଓ ଶୀତକୁ ଖାତିର ନ କରି ତାଙ୍କ ଗାଁ ଚିତ୍ରଦୁର୍ଗାର ଶ୍ରୀ କରିଆମ୍ମା ହାଇସ୍କୁଲର ବିକାଶ ସକାଶେ ସେ ତାଙ୍କ ଲକ୍ଷ୍ୟପଥରେ ଆଗେଇ ଚାଲିଛନ୍ତି । ଏହି ସ୍କୁଲରେ ତାଙ୍କ ପିତା, ବଡ଼ ଭାଇ ଓ ସେ ପଢ଼ିଛନ୍ତି । ସୁଦର୍ଶନ ଏହି ସ୍କୁଲକୁ ଯାଇଥିଲେ ଓ ସ୍କୁଲ କାନ୍ଥ ଫାଟିଥିବା, ଛାତରୁ ପାଣି ଗଳୁଥିବା ଦେଖିବାକୁ ପାଇଥିଲେ । ସ୍କୁଲର ବେଞ୍ଚ ଓ ଡେସ୍କ ଭାଙ୍ଗିରୁଜି ଯାଇଥିବା ବି ଦେଖିବାକୁ ପାଇଥିଲେ । ଏଭଳି ସ୍ଥିତି ଦେଖିବା ପରେ ସେ ଏହି ସ୍କୁଲର ପୁନଃନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ । ନିଜ ହାତରୁ ଖର୍ଚ୍ଚକରି କିଛି ବେଞ୍ଚ ଡେସ୍କ ମରାମତି କରିଥିଲେ । ସେ ଜଣେ ସେଲ୍‌ସ ମ୍ୟାନ ଭାବେ କାମ କରୁଥିବାରୁ ସ୍କୁଲ ମରାମତି ପାଇଁ ତାଙ୍କ ପାଖରେ ଅର୍ଥର ଅଭାବ ରହିଥିଲା । ଏଣୁ ଅର୍ଥ ପାଇଁ ପ୍ରଥମେ ସେ କନ୍ୟାକୁମାରୀଠାରୁ ସାଇକେଲ ଯାତ୍ରା ଆରମ୍ଭ କରିଥିଲେ । ଏବେ ସେ ଦକ୍ଷିଣ ଆଫ୍ରିକାର କେପଟାଉନ ଅଭିମୁଖେ ଯାତ୍ରା ଜାରି ରଖିଛନ୍ତି ।




**୨୯ ନଭେମ୍ବର ୧୯୭୬**

- ସୁବିଖ୍ୟାତ ନୃତ୍ୟଶିଳ୍ପୀ ଉଦୟ ଶଙ୍କରଙ୍କୁ ଆକାଶବାଣୀର ପ୍ରଯୋଜକ ରୂପେ ନିଯୁକ୍ତି ।
- ଦେଶର ଗ୍ରାମାଞ୍ଚଳରେ ଥିବା ସମସ୍ତ ଭୂମିହିନ ତଥା କୃଷି ଶ୍ରମିକମାନଙ୍କୁ ଘରଡିହ ଯୋଗାଇବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | 6 | 3 | | |
| | | | 1 | | | | 6 | |
| | | | | 5 | | | | |
| | | | | 7 | | | | |
| | 3 | | 8 | | 2 | 7 | | |
| | 1 | | | | | | 4 | |
| | | 1 | | | | | 9 | 4 |
| | | 2 | 6 | | | | | 1 |
| 8 | | | 3 | | 9 | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 4 | 1 | 5 | 2 | 6 | 9 | 3 |
| 5 | 2 | 6 | 3 | 4 | 9 | 1 | 8 | 7 |
| 1 | 9 | 3 | 8 | 7 | 6 | 5 | 2 | 4 |
| 6 | 3 | 7 | 2 | 1 | 8 | 4 | 5 | 9 |
| 4 | 5 | 2 | 9 | 6 | 7 | 8 | 3 | 1 |
| 9 | 8 | 1 | 4 | 3 | 5 | 7 | 6 | 2 |
| 2 | 1 | 9 | 6 | 8 | 4 | 3 | 7 | 5 |
| 3 | 6 | 5 | 7 | 9 | 1 | 2 | 4 | 8 |
| 7 | 4 | 8 | 5 | 2 | 3 | 9 | 1 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାଗଜରେ ସୀମିତ ନ ରହୁ ଆଦେଶ

ମହାଶୟ,

ଓଡ଼ିଶା ସରକାର ନିକଟରେ ଯେଉଁ ନୂଆ ଆଦେଶ ଜିଲାପାଳଙ୍କୁ ଦେଇଛନ୍ତି, ତାହା ନେଇ ସମାଜରେ ଅନେକ ଆଶା ଓ ଆକାଂକ୍ଷା ଦେଖାଦେଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶର ମୁଖ୍ୟବିନ୍ଦୁ– ଚୋରା ମଦ କାରବାରରେ ରୋକ ଲଗାଇବା ସହ କାର୍ଯ୍ୟାନୁଷ୍ଠାନ, ଦୁର୍ନୀତିକୁ ବରଦାସ୍ତ କରାଯିବନି, ଲୋକଙ୍କ ଅଭିଯୋଗ ଏବଂ ଶୀଘ୍ର ସମାଧାନ, ବାଲି ମାଫିଆଙ୍କୁ ସାବାଡ ଇତ୍ୟାଦି କାର୍ଯ୍ୟ ସୁନିଶ୍ଚିତ କରିବା । କାଗଜରେ ନୁହେଁ, ତଥ୍ୟ ଯାଞ୍ଚକରି ଲୋକଙ୍କ ସମସ୍ୟାକୁ ସମାଧାନ କରିବା ଏହାର ଉଦ୍ଦେଶ୍ୟ । ଲୋକଙ୍କ ଅଭିଯୋଗ ଶୁଣିବା, ଦାରିଦ୍ର୍ୟ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳ, ରାସ୍ତା ଭଳି ମୂଳ ଅସୁବିଧା ଉପରେ ମଧ୍ୟ ନଜର ରଖିବା ଆବଶ୍ୟକ । ମୁଁ ଜିଲାପାଳମାନଙ୍କୁ ଅନୁରୋଧ କରୁଛି ଯେ, ମୁଖ୍ୟମନ୍ତ୍ରୀଙ୍କ ଆଦେଶକୁ କେବଳ ଦଲିଲ ଭାବେ ଧରି ରଖିବା ନୁହେଁ; ବରଂ ସେଥିରେ ଥିବା ଜନସେବାର ମନୋଭାବକୁ ପୂରଣ କରିବା ପାଇଁ ପ୍ରୟାସ କରାଯାଉ । ସରକାରୀ ଯୋଜନାମାନ ଯଦି ଲୋକଙ୍କ ପାଖରେ ପହଞ୍ଚିବ, ତେବେ ରାଜ୍ୟର ସ୍ଥିତି ଅନେକ ସୁଦୃଢ଼ ହେବ । ଜିଲାପାଳଙ୍କ ସକ୍ରିୟତା ଓ ସଚେତନତା ହେଉଛି ଜନସମସ୍ୟାର ସର୍ବୋତ୍ତମ ସମାଧାନ । ଆମେ ଆଶା କରୁଛୁ ଯେ ସେମାନେ ଏହି ନିର୍ଦ୍ଦେଶକୁ ସଫଳ ଭାବେ ପ୍ରୟୋଗ କରି ଜନତାଙ୍କ ଆଶାକୁ ପୂରଣ କରିବେ ।

–ନମିତା ଗିରି, ଆଇଆଇଏମ୍‌ସି, ଢେଙ୍କାନାଳ

## ଚିରନ୍ତନୀ

ଛନ୍ଦିଦେଲ ପ୍ରାଣ ମୋର କି ସ୍ୱପନ ଛନ୍ଦେ ଗୋ
ଅବଶ ଏ ହିଆ ତବ ହାସ-ମକରନ୍ଦେ ମୋ ।
ହଜିଗଲା ବୁଦ୍ଧି ମୋର ଛନ୍ଦର କବଳେ,
ବୁଡ଼ିଗଲା ଚେତନା ମୁଁ ପଡ଼ିଗଲି ଭୂତଳେ ।
ନ ବିଚାରି କିଛି ତୁମେ ଆସ ମଧୁ ବଦନୀ,
କହି ଯାଅ କିମ୍ବା ଏଥି ଉଭା ହେଲ ସଜନୀ !

–(ଛନ୍ଦ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୩ ବର୍ଷ କୋହଳ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଆଗ୍ନିକ ପଦରେ ନିଯୁକ୍ତି ପାଇଁ ବୟସ ସୀମା କୋହଳ ମାମଲା**

କଟକ,୨୮।୧୧(କାର୍ତ୍ତିକ ସାହୁ)

ଓଡ଼ିଶା ଅଗ୍ନିଶମ ସେବାର ଆଗ୍ନିକ ପଦରେ ନିଯୁକ୍ତି ନିମନ୍ତେ ଚୟନ ପ୍ରକ୍ରିୟାରେ ଗୁରୁକାର୍ଯ୍ୟ ହୋଇଥିବା ୭ଜଣ ଆବେଦନକାରୀଙ୍କ ବୟସସୀମା ୩ ବର୍ଷ କୋହଳ କରିବା ନିମନ୍ତେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀମାନେ ହେଲେ ମାନସ କୁମାର ରାଉଳ, ବିଜୟ କୁମାର ରାଉତ, ପପୁ ସାମଲ, କୃଷ୍ଣ ଚନ୍ଦ୍ର ନାୟକ, ଆଦିତ୍ୟ ସିଂହ, ପ୍ରସନ୍ନଜିତ୍ ଗୋଛାୟତ ଓ ପ୍ରିୟଦର୍ଶନ ରାଉ। ହାଇକୋର୍ଟବିଚାରପତି ବିରଜା ପ୍ରସନ୍ନ ଶତପଥୀ ଏହି ୭ଜଣଙ୍କ ପକ୍ଷରୁ ରୁଜୁ ମାମଲାର ବିଚାର ଶେଷ କରି ଶୁକ୍ରବାର ରାୟ ପ୍ରଦାନ କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବାର ୨ ମାସ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ କରି ସେମାନଙ୍କୁ ନିଯୁକ୍ତି ଦେବା ନିମନ୍ତେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ଅଗ୍ନିଶମ ସେବାର ୮୭୬ଆଗ୍ନିକ ଓ ୧୫୦ଆଗ୍ନିକ ଡ୍ରାଇଭର ପଦରେ ନିଯୁକ୍ତି ନିମନ୍ତେ ୨୦୨୩ ଅକ୍ଟୋବର ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଆବେଦନ ନିମନ୍ତେ ସର୍ବୋଚ୍ଚ ବୟସ ସୀମା ୨୫ ବର୍ଷ ରହିଥିଲା। ହେଲେ ଉପରୋକ୍ତ ଆବେଦନକାରୀମାନେ ଉକ୍ତ ବୟସ ସୀମା ପାର କରିସାରିଥିବାରୁ ଉକ୍ତ ପଦରେ ଆବେଦନ କରିବାରୁ ବଞ୍ଚିତ ହୋଇଥିଲେ। ଫଳରେ ଏଥିରେ ଆବେଦନ ପାଇଁ ବୟସ ସୀମା କୋହଳ କରିବା ନିମନ୍ତେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଆବେଦନରେ ଦର୍ଶାଇଥିଲେ ଯେ, ୨୦୧୫ ପରଠାରୁ ୨୦୨୩ ପର୍ଯ୍ୟନ୍ତ ଆଗ୍ନିକ ପଦରେ କୌଣସି ନିଯୁକ୍ତି ହୋଇ ନ ଥିଲା। ପୁଣି କୋଭିଡ୍-୧୯ ମଧ୍ୟ ବାଧକ ସାଜିଥିଲା। ଅପରପକ୍ଷରେ ସିଭିଲ ସର୍ଭିସ ଭଳି ଅନ୍ୟ ସରକାରୀ ଚାକିରି କ୍ଷେତ୍ରରେ ବୟସ ସୀମା ଅଧିକ ରଖିଛନ୍ତି ତେଣୁ ସେମାନଙ୍କୁ ବୟସ ସୀମା କୋହଳ କରି ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଅନୁମତି ଦେବା ପାଇଁ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ସେମାନଙ୍କ ପ୍ରାର୍ଥନାକୁ ଗ୍ରହଣ କରି ଚୟନ ପ୍ରକ୍ରିୟାରେ ଭାଗ ନେବା ନିମନ୍ତେ ସେମାନଙ୍କ ଆବେଦନପତ୍ର ଅଫଲାଇନ ଜରିଆରେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଚୟନ ପ୍ରକ୍ରିୟାରେ ଏହି ୭ ଆବେଦନକାରୀ ଗୁରୁକାର୍ଯ୍ୟ ହୋଇଥିବା ହେବେ ସେମାନଙ୍କୁ ଚାକିରି ଦିଆଯାଇ ନ ଥିଲା। ପୁଣି ସେମାନେ ଏ ବାବଦରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଏହାକୁ ବିଚାର କରି ଆବେଦନକାରୀମାନଙ୍କ ସପକ୍ଷରେ ରାୟ ପ୍ରଦାନ କରିଛନ୍ତି। ଆବେଦନକାରୀମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

## ଧରିତ୍ରୀ ଫଟୋଗ୍ରାଫରଙ୍କ ମାତୃ ବିୟୋଗ

ବ୍ରହ୍ମପୁର,୨୮।୧୧(ସୁଭାଷ ଚନ୍ଦ୍ର ପାଢ଼ୀ)


ପ୍ରଭାବତୀ ରଥ

ଧରିତ୍ରୀର ବ୍ରହ୍ମପୁର ଫଟୋଗ୍ରାଫର ସମୀର ରଥଙ୍କ ମାତା ପ୍ରଭାବତୀ ରଥ(୮୭)ଙ୍କର ଶୁକ୍ରବାର ମଧ୍ୟାହ୍ନରେ ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକ ନିମଖଣ୍ଡିସ୍ଥିତ ବାସଭବନରେ ବିୟୋଗ ହୋଇଛି। ସେ ଜଣେ ଧର୍ମ ପରାୟଣା ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ୬ ପୁଅ, ୬ ବୋହୂ, ୨ ଝିଅ, ୨ ଜ୍ୱାଇଁ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ପ୍ରଭାବତୀଙ୍କ ପରଲୋକ ଖବରପାଇ ତାଙ୍କ ବନ୍ଧୁ, ସମ୍ପର୍କୀୟ ଓ ସାହିତ୍ୟିକମାନେ ବାସଭବନରେ ପହଞ୍ଚି ଅମର ଆତ୍ମାର ସଦଗତି କାମନା କରିଥିଲେ। ଅପରାହ୍ନରେ ଗାଁ ନିକଟସ୍ଥ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ଏନ.ଏଲ.ସି. ଇଣ୍ଡିଆ ଲିମିଟେଡ୍

(ନବରତ୍ନ - ଭାରତ ସରକାର ଉଦ୍ୟୋଗ)
ତାଲାବିରା II ଏବଂ III OCP

NLC INDIA — CREATING WEALTH FOR WELLBEING

## ସାର୍ବଜନୀନ ବିଜ୍ଞପ୍ତି

To,
ନିମ୍ନରେ ବିସ୍ତୃତ ଭାବରେ ଲିଖିତ ଖାତାଗୁଡ଼ିକର ରେକର୍ଡ ହୋଇଥିବା ଭୂମି ମାଲିକଙ୍କୁ,

ଏହା ଜଣାଇ ଦିଆଯାଉଅଛି ଯେ ଭାରତ ସରକାର, କୋଇଲା ପରିବହନ କ୍ଷେତ୍ର (ଅଧିଗ୍ରହଣ ଓ ବିକାଶ) ଆଇନ ୧୯୫୭ ର ଧାରା ୯ (୧) ଅନୁଯାୟୀ ବିଜ୍ଞପ୍ତି ଦ୍ୱାରା, ତଲାବିରା II ଓ III OCP ତା.05.09.2009ରିଖ ଏବଂ ତା.22.03.2005ରିଖ ପାଇଁ ନିମ୍ନଲିଖିତ ଖାତାଗୁଡ଼ିକର ଜମିର ଉପରେ ଅଧିକାର ପ୍ରାପ୍ତ ହୋଇଛି। ଉକ୍ତ ଆଇନର ଧାରା ୧୧ (୧) ଅନୁଯାୟୀ, ଭାରତ ସରକାର ତା.05.10.2016ରିଖ ରେ ଭାରତ ସରକାରଙ୍କ ଏକ ଉଦ୍ୟୋଗ, NLC ଇଣ୍ଡିଆ ଲିମିଟେଡ ନାମରେ ନିମ୍ନରେ ସଜ୍ଜିତ ଜମିର ସମସ୍ତ ଅଧିକାର ନ୍ୟସ୍ତ କରିଛନ୍ତି।

| କ୍ରମିକ ନଂ | ଖତିୟାନ ନଂ | ପ୍ରଜାର ନାମ | ରକବା (ଏ.) | NLC ଇଣ୍ଡିଆ ଲିମିଟେଡ୍ ଦ୍ୱାରା ପ୍ରଜାଙ୍କୁ ପ୍ରଦାନ କରାଯାଇଥିବା ଶେଷ ନୋଟିସ୍। |
|---|---|---|---|---|
| ୧ | ୫୨ | ଭଗବାନ୍ ସିଂ ପି:ନରେନ୍ଦ୍ର ସିଂ, ଜାଗ୍ୟସେନୀ ସିଂ ସ୍ୱା: କିଷ୍ଣା ମୋହନ ସିଂ, ରାଜେଶ କୁମାର ସିଂ, ଜ୍ଞାନ ରଂଜନ ସିଂ, ପଦ୍ମିନୀ ସିଂ ପି: କୃଷ୍ଣ ମୋହନ ସିଂ, ପରମାନନ୍ଦ ସିଂ, ଅଲେଖ ସିଂ, ହେମ୍ବତୀ ରାୟ ପି: ଦିଲୀପ ସିଂ, ମମତା ସିଂ ସ୍ୱା: ଉପେନ୍ଦ୍ର ସିଂ, ବର୍ଷା ସିଂ ପି: ଉପେନ୍ଦ୍ର ସିଂ , ଭୋଗଦେବ ସିଂ, ଶଶି ସିଂ ପି : ଖଗେଶ୍ୱର ସିଂ, ନାରାୟଣ ସିଂ ପି:ଲକ୍ଷ୍ମୀଧର ସିଂ, ଜାତି:ରାଜପୁତ, ଗ୍ରାମ:ନିଜଗାଁ | ୧୩.୧୮ | 1. NLC/CBA/MAL/TL-187, Dt 04.04.2024<br>2. NLC/CBA/MAL/TL-187, Dt 02.09.2025 |
| ୨ | ୭୭/୩୫୩ | ଦେବଦୁଲ୍ଲଭ ସିଂ ପି: ସୁରେନ୍ଦ୍ର ସିଂହ, ଜାତି: ରାଜପୁତ, ଗ୍ରାମ :ନିଜଗାଁ | ୩.୯୩ | 1. NLC/CBA/MAL/TL-193J, Dt 04.04.2024 |
| ୩ | ୭୨ | ଉଲ୍ଲାସ ଜଗତ, ମୁକ୍ତେଶ୍ୱର ଜଗତ ପି: ଭଗତରାମ ଜଗତ, ଜାତି: ଗଣ୍ଡ ଗ୍ରାମ: ମଲଦା | ୬.୦୨ | 1. NLC/CBA/MAL/TL-109, Dt 16.06.2021<br>2. NLC/CBA/MAL/TL-109, Dt 25.04.2024<br>3. NLC/CBA/MAL/TL-109, Dt 02.09.2025 |
| ୪ | ୬୩ | ରମେଶ ବିଶ୍ୱାଳ, ଉମେଶ ବିଶ୍ୱାଳ, କାକେୟା ବିଶ୍ୱାଳ, ମନ୍ଦା ବିଶ୍ୱାଳ, ହେମାଳା ବିଶ୍ୱାଳ, ବନ୍ତ ବିଶ୍ୱାଳ ପି: ଖଗେଶ୍ୱର ବିଶ୍ୱାଳ, ରେବତୀ ପଧାନ, ଜନକ ଖାମାରି ପି: ପରମେଶ୍ୱର ସାହୁ, ପଦ୍ମଲୋଚନ୍ ସାହୁ, କ୍ରିପା ସାହୁ ପି: ଲକ୍ଷ୍ମଣ ସାହୁ, ପରକ୍ଷିତ ସାହୁ ପି: ହରି ସାହୁ, ଜାତି: କୁଲତା, ଗ୍ରାମ :ନିଜଗାଁ | ୫.୬୯ | 1. NLC/CBA/MAL/TL-194, Dt 04.04.2024<br>2. NLC/CBA/MAL/TL-194, Dt 02.09.2025 |
| ୫ | ୭୦ | ସଙ୍କର ସାହୁ ପି: **ଗଣେଶ୍ୱର** ସାହୁ, ହାରା ସାହୁ ସ୍ୱା: **ଗଣେଶ୍ୱର** ସାହୁ, ପଦ୍ମଲାବ ସାହୁ, ପରମାନନ୍ଦ ସାହୁ, ଦେବାନନ୍ଦ ସାହୁ ପି:ଶ୍ୟାମ ସାହୁ ଜାତି: କୁଲତା, ଗ୍ରାମ :ମଲଦା | ୩.୭୯ | 1. NLC/CBA/MAL/TL-200, Dt 26.10.2022<br>2. NLC/CBA/MAL/TL-200, Dt 25.04.2024 |
| ୬ | ୧୧ | ନୀଲମାଧବ ସିଂ ପି:ଉଦିତ ପ୍ରତାପ ସିଂ ଚନ୍ଦ୍ରକାନ୍ତୀ ସିଂ ଶାନ୍ତିଲତା ସିଂ ମଦନା ରାଉତ ପି:ପ୍ରଭାସ ଚନ୍ଦ୍ର ସିଂ **କାନ୍ତିବାଇ** ସିଂ ସ୍ୱା: ଜଗତ ମୋହନ ସିଂ ରୋହିତ କୁମାର ସିଂ ରାଧା ବଲାଭ ସିଂ ବସନ୍ତ ମଞ୍ଜରୀ ସାଇ ସତ୍ୟମଞ୍ଜରୀ ରାୟ ସନ୍ତୋଷିନୀ ପାତ୍ର ପଦ୍ମନି ସାଇ ପି: ଜଗତ ମୋହନ ସିଂ ଅମରେନ୍ଦ୍ର ସିଂ ପିଣ୍ଟୁ ସିଂ ପି:ସ୍ୱର୍ଗତ ଗୌର ସିଂ ବଦୀ ସିଂ ନେତ୍ର ସିଂ ପି:ସ୍ୱର୍ଗତ ତୁଳସୀ ସିଂ ଗୋମତୀ ସିଂ ସ୍ୱା:ସ୍ୱର୍ଗତ ରତନ ସିଂ ସୁନୀଲ ସିଂ ମୀନା ସିଂ ମମତା ସିଂ ପି:ସ୍ୱର୍ଗତ ରତନ ସିଂ ଅବୀନ୍ଦ୍ର ନାୟକ ଜଗନ୍ନାଥ ନାୟକ ତିଲୋତମା ନାୟକ ରାଜକୁମାରୀ ନାୟକ ପି:ସ୍ୱର୍ଗତ ଗବାକ୍ଷ ସିଂ ଜସୱନ୍ତ ସିଂଦେଓ ଅମରେଶ କୁମାର ସିଂଦେଓ ପି:ଗୌରଚନ୍ଦ୍ର ସିଂଦେଓ ମୋହନ ଠାକୁର ସାବିତ୍ରୀ ଚାନ୍ଦେଲ ବୀଣାପାଣି ଶେଖରଦେଓ ଗୋଦାବରୀ ସିଂ ପଙ୍କଜିନି ରାୟ ଅଞ୍ଜଳି ସିଂ ପି: ଧର୍ମସିଂହ ଠାକୁର ମୋହନ ସିଂ ଜୋଗେନ୍ଦ୍ର କୁମାର ସିଂ ରାଜକୁମାରୀ ଠାକୁର ଅହଲ୍ୟା ସାଇ ପି:ବିଶ୍ୱମ୍ଭର ସିଂ ବିପିନ ସିଂ ଆଲୁରୀ ସିଂ ରଶ୍ମିଦେବ ସିଂ ପି:ପୁରୁଷୋତ୍ତମ ସିଂ ବିଜୟ କୁମାର ସିଂ ଗୀତାଞ୍ଜଳି ସେଖରଦେଓ ପି:ପୂର୍ଣ୍ଣ ଚନ୍ଦ୍ର ସିଂ ପଙ୍କଜିନି ସିଂ ସ୍ୱା: ମହାର ସିଂ ନୟନ ସିଂ ଜାଗୃତି ସିଂ ପି:ମହାର ସିଂ ନରେନ୍ଦ୍ର ସିଂ ଲିଲି ସିଂ ମିଲି ସିଂ ମମତା ସିଂ ବବି ସିଂ ପଙ୍କଜିନୀ ସିଂ ପି:ବିପିନ ସିଂ ସରଙ୍ଗା ରାୟ ସୁରେନ୍ଦ୍ର ରାୟ ଦିଲୀପ କୁମାର ରାୟ ସାଇରେନ୍ଦ୍ର ଚାନ୍ଦେଲ ପି: ଦୋଳଗୋବିନ୍ଦ ରାୟ ଉଚିତ ସିଂ ସତ୍ୟନାରାୟଣ ସିଂ ମୁକେଶ ସିଂ ଅର୍ଣ୍ଣପୂର୍ଣ୍ଣା ପାତ୍ର ପି:ବନବିହାରୀ ସିଂ ଲବଙ୍ଗା ସିଂ ସ୍ୱା: ଅନନ୍ତ ସିଂ ପଞ୍ଚମ ସିଂ ପି: ଅନନ୍ତ ସିଂ ନବିନ ବାଘେଲ ପ୍ରେମଜିତ ବାଘେଲ ପି:ଦୁବରାଜ ବାଘେଲ ଜାତି: ରାଜପୁତ ଗ୍ରାମ: ମଲଦା | ୧୩.୯୬ | 1. NLC/CBA/MAL/TL-154, Dt 26.10.2022<br>2. NLC/CBA/MAL/TL-154, Dt 25.04.2024<br>3. NLC/CBA/MAL/TL-154, Dt 02.09.2025 |
| ୭ | ୭୭/୨୬ | ଡମ୍ବରୁଧର ସେଠ୍ ପି:ହରି ସେଠ୍ ଜାତି: କେଉଟ ଗ୍ରାମ: ମଲଦା | ୦.୫୦ | 1. NLC/CBA/MAL/TL-227, Dt 26.10.2022<br>2. NLC/CBA/MAL/TL-227, Dt 25.04.2024 |
| ୮ | ୨୫ | ଘାସିଆ ଠାକୁର, ଗୋକୁଳା ଠାକୁର ପି: ଭରତ ଠାକୁର, ରଞ୍ଜିତ ସିଂହ, ପୁଷ୍ପାବତୀ ରାଏ ପି: ଭାଗିରଥି ଠାକୁର, ଯ୍ୟଞ୍ଜସିନୀ ଠାକୁର ସ୍ୱା: ଅନିରୁଦ୍ଧ ଠାକୁର, ତେଜରାଜ ସିଂହ, ମଥୁରା ସିଂହ, ହୀରା ସିଂହ ପି: ଅନିରୁଦ୍ଧ ଠାକୁର, ଧନୁ ଠାକୁର ପି: ହର୍ଷ ଠାକୁର, ଲାଇବାନ ଠାକୁର ସ୍ୱା: ଅଇଠା ଠାକୁର, ରଇବାରୀ ଠାକୁର, ବୁଦୁନୀ ଠାକୁର, ଅଲୁରା ଠାକୁର ପି: ଅଇଠା ଠାକୁର, ଶ୍ୟାମ ସୁନ୍ଦର ସିଂହ, ଜନାର୍ଦ୍ଦନ ସିଂହ, ଘସିଆନ ସିଂହ, ପକଲା ସିଂହ ପି: ଜଦୁନାଥ ସିଂହ, ମାଳତୀ ସିଂହ ସ୍ୱା: ଜଦୁନାଥ ସିଂହ ଜା: ରାଜପୁତ ଗ୍ରାମ: ମଲଦା | ୪.୪୪ | 1. NLC/CBA/MAL/TL-171, Dt 26.10.2022<br>2. NLC/CBA/MAL/TL-171, Dt 25.04.2024<br>3. NLC/CBA/MAL/TL-171, Dt 02.09.2025 |
| ୯ | ୨୬ | ଘାସିଆ ଠାକୁର, ଗୋକୁଲ ଠାକୁର, ଛେଲିଏନ ଠାକୁର ପି:ଭରତ ଠାକୁର, ପଦ୍ମାବତୀ ଠାକୁର ସ୍ୱା:ଭରତ ଠାକୁର, ଫୁଲେଇ ଠାକୁର ପି: ଛେଲିଆ ଠାକୁର, ଲକ୍ଷ୍ମୀ ଠାକୁର, ଶୁକ୍ରୁ ଠାକୁର ପି:କୁଶଳ ଠାକୁର, ଜାତି: ରାଜପୁତ, ଗ୍ରାମ: ନିଜଗାଁ | ୩.୬୭ | NLC/CBA/MAL/TL-172, Dt 13.11.2025 |
| ୧୦ | ୭୭/୧୫ | ପଦ୍ମନାଭ ସାହୁ ପି:ଶ୍ୟାମ ସାହୁ , ଜାତି: କୁଲତା, ଗ୍ରାମ: ମଲଦା | ୦.୨୨ | 1. NLC/CBA/MAL/TL-219, Dt 26.10.2022<br>2. NLC/CBA/MAL/TL-219, Dt 25.04.2024 |
| ୧୧ | ୭୭/୨୨ | ବାସୁମତି ସିଂ ସ୍ୱା:ଲକ୍ଷ୍ମଣ ସିଂ, ରୂପନାରାୟଣ ସିଂ ପି: ଲକ୍ଷ୍ମଣ ସିଂ ଜାତି: ରାଜପୁତ ଗ୍ରାମ: ମଲଦା | ୦.୧୮ | 3. NLC/CBA/MAL/TL-224, Dt 26.10.2022<br>4. NLC/CBA/MAL/TL-224, Dt 25.04.2024 |
| ୧୨ | ୩ | ଅଇଁଠା ପଧାନ, ହିରା ପଧାନ, ହିରନ ପଧାନ, ଉପାସି ପଧାନ ପି: ଭକ୍ତି ପଧାନ, ରୁକୁଣୀ ପଧାନ ସ୍ୱା: ଭକ୍ତି ପଧାନ, ଭଗତ ପଧାନ ପି: ଯୁଧିଷ୍ଠିର ପଧାନ, ଶୁବକେଶୀ ପଧାନ ସ୍ୱା: ଯୁଧିଷ୍ଠିର ପଧାନ, ସଇତା ବାରିକ ସ୍ୱା: ସତୃଘ୍ନ ବାରିକ ଜା: କୁଲତା ଗ୍ରାମ: ମଲଦା | ୪.୯୨ | 1. NLC/CBA/MAL/TL-164, Dt 26.10.2022<br>2. NLC/CBA/MAL/TL-164, Dt 25.04.2024<br>3. NLC/CBA/MAL/TL-164, Dt 02.09.2025 |
| ୧୩ | ୭୭/୧୪୩ | ସନାତନ ଗଣ୍ଡା, ଗରଜୋଗୀ ଗଣ୍ଡା, ଘରାମଣି ଗଣ୍ଡା, ବୁଧୁରାମ ଗଣ୍ଡା, ଲକ୍ଷ୍ମୀ ଗଣ୍ଡା ପି:ମଖାନୁ ଗଣ୍ଡା ଜାତି: ଗଣ୍ଡା ଗ୍ରାମ: ମଲଦା | ୪.୫୩ | 1. NLC/CBA/MAL/TL-136, Dt 16.06.2021<br>2. NLC/CBA/MAL/TL-136, Dt 25.04.2024 |
| ୧୪ | ୬୧ | ଚୈତନ ସେଟ, ଖେତ୍ର ସେଟ, ରଥରାଜ ସେଟ୍, ସକୁନ୍ତଳା ସେଟ ପି: ମୁନୁ ସେଟ, ବୃଷଭ ଦେହେରି ପି: ଫକିର ଦେହେରି, ମତି ସେଟ ପି: ନିଲମଣି ସେଟ, ଅଭିନ ସେଟ, ପ୍ରଦୀପ ପାଣ୍ଡେ, ଭୁମି ବାରିକ, ସରୋଜିନି ଡନସେନା ପି: ଦୁତିଆଚାନ୍ଦ ଡନସେନା, ସୁରେନ କାଲୋ, ଲିଂଗ କାଲୋ, ଭୁମିତା କାଲୋ, ସୁଷମା କାଲୋ ପି: ନିରାକାର କାଲୋ, ଡମ୍ବରୁଧର ସେଟ ପି: ହରି ସେଟ, ପ୍ରେମାନନ୍ଦ ବେହେରା ପି: ବିଘ୍ନେଶ୍ୱର ବେହେରା ଜାତି: କେଉଟ ଗ୍ରାମ: ମଲଦା | ୦.୭୭ | 1. NLC/CBA/MAL/TL-156, Dt 26.10.2022<br>2. NLC/CBA/MAL/TL-156, Dt 25.04.2024<br>3. NLC/CBA/MAL/TL-156, Dt 02.09.2025 |
| ୧୫ | ୧୨ | ନୀଲମାଧବ ସିଂ ପି:ଉଦିତ ପ୍ରତାପ ସିଂ, ଚନ୍ଦ୍ରକାନ୍ତି ସିଂ, ଶାନ୍ତିଲତା ସିଂ, ମଦନା ରାଉତ ପି: ପ୍ରଭାସ ଚନ୍ଦ୍ର ସିଂ, କାନ୍ତିବାଇ ସିଂ ସ୍ୱା: ଜଗତ ମୋହନ ସିଂ, ରୋହିତ କୁମାର ସିଂ, ରାଧା ବଲ୍ଲଭ ସିଂ, ବସନ୍ତ ମଞ୍ଜରୀ ସାଇ, ସତ୍ୟମଞ୍ଜରୀ ରାଇ, ସନ୍ତୋସିନୀ ପାତ୍ର, ପଦ୍ମନୀ ସାଇ ପି:ଜଗତ ମୋହନ ସିଂ, ଅମରେନ୍ଦ୍ର ସିଂ, ପିନ୍ଟୁ ସିଂ ପି:ସ୍ୱର୍ଗତ ଗୌର ସିଂ, ବଦୀ ସିଂ, ନେତ୍ର ସିଂ ପି:ସ୍ୱର୍ଗତ ତୁଳସା ସିଂ, ଗୋମତି ସିଂ ସ୍ୱା: ସ୍ୱର୍ଗତ ରତନ ସିଂ, ସୁନୀଲ ସିଂ, ମିନା ସିଂ, ମମତା ସିଂ ପି: ସ୍ୱର୍ଗତ ରତନ ସିଂ, ଅବିନ୍ଦ୍ର ନାୟକ, ଜଗନ୍ନାଥ ନାୟକ, ତିଲୋତ୍ତମା ନାୟକ, ରାଜକୁମାରୀ ନାୟକ ପି:ସ୍ୱର୍ଗତ ଗବାକ୍ଷ ସିଂ, ଜସ୍ୱନ୍ତ ସିଂଦେଓ, ଅମରେଶ କୁମାର ସିଂଦେଓ ପି:ଗୌର ଚନ୍ଦ୍ର ସିଂଦେଓ, ମୋହନ ଠାକୁର, ସବିତ୍ରୀ ଚଣ୍ଡେଲ, ବିନାପାନି ଶେଖରଦେଓ, ଗୋଦାବରୀ ସିଂ, ପଂକଜିନୀ ରାଇ, ଅଞ୍ଜଳି ସିଂ ପି:ଧର୍ମସିଂ ଠାକୁର, ମୋହନ ସିଂ, ଜୋଗେନ୍ଦ୍ର କୁମାର ସିଂ, ରାଜକୁମାରୀ ଠାକୁର, ଅହଲ୍ୟା ସାଇ ପି:ବିଶ୍ୱମ୍ଭର ସିଂ, ବିପିନ ସିଂ, ଅଲୁରି ସିଂ, ରଶ୍ମିଦେବ ସିଂ ପି:ପୁରୁଷୋତ୍ତମ ସିଂ, ବିଜୟ କୁମାର ସିଂ, ଗୀତାଞ୍ଜଲି ଶେଖରଦେଓ ପି: ପୂର୍ଣ୍ଣ ଚନ୍ଦ୍ର ସିଂ, ପଂକଜିନୀ ସିଂ ସ୍ୱା: ମହର ସିଂ, ନୟନ ସିଂ, ଜାଗୃତି ସିଂ ପି:ମହର ସିଂ, ନରେନ୍ଦ୍ର ସିଂ, ଲିଲି ସିଂ, ମିଲି ସିଂ, ମମତା ସିଂ, ବବି ସିଂ, ପଂକଜିନୀ ସିଂ ପି:ବିପିନ ସିଂ, ସରଙ୍ଗା ରାଇ, ସୁରେନ୍ଦ୍ର ରାଇ, ଦିଲୀପ କୁମାର ରାଇ, ସାଇରେନ୍ଦ୍ର ଚଣ୍ଡେଲ ପି:ଦୋଳଗୋବିନ୍ଦ ରାଇ, ଉଚିତ ସିଂ, ସତ୍ୟନାରାୟଣ ସିଂ, ମୁକେଶ ସିଂ, ଅର୍ଣ୍ଣପୂର୍ଣ୍ଣା ପାତ୍ର ପି:ବନବିହାରୀ ସିଂ, ଲବଙ୍ଗା ସିଂ ସ୍ୱା: ଅନ୍ତ ସିଂ, ପଞ୍ଚମ ସିଂ ପି:ଅନ୍ତ ସିଂ, ନବୀନ ବାଘେଲ, ପ୍ରେମଜିତ ବାଘେଲ ପି:ଦୁବରାଜ ବାଘେଲ, ପ୍ରସାଦି ସିଂ, ନିଶିକାନ୍ତ ସିଂ ପି:ନାରାୟଣ ସିଂ, ଯୁଧିଷ୍ଠିର ସିଂ, ଦେବକି ସିଂ ପି:ଲବ ସିଂ, କୁଞ୍ଜଲତା ସିଂ ସ୍ୱା: କୁଷ ସିଂ, ଗଣେଶ ସିଂ, ସ୍ନେହଲତା ସିଂ, ବିଶାଖା ସିଂ ପି:କୁଷ ସିଂ, ଜଙ୍ଗ୍ୟା ସିଂ ସ୍ୱା: ସ୍ୱର୍ଗତ ସଂଖ୍ୟା ସିଂ, ଅମୂଲ୍ୟ ସିଂ, ଜୋଗେନ୍ଦ୍ର ସିଂ, ସୁଶାନ୍ତ ସିଂ, ମେଦିନୀ ରାଇ, ଦଶମୀ ସିଂ ପି:ସଂଖ୍ୟା ସିଂ, ତପସ୍ୱିନୀ ସିଂ ସ୍ୱା: ଝସ୍କେତନ ସିଂ, ହୃଦାନନ୍ଦ ସିଂ, ସଚିଦାନନ୍ଦ ସିଂ, ପଦ୍ମାଳୟା ପାତ୍ର, ଚନ୍ଦ୍ରମା ଦେବ, ଇନ୍ଦ୍ରାଣୀ ଦିଚ୍ ପି: ଝସ୍କେତନ ସିଂ, କୁନୁବୁଇ ସିଂ ସ୍ୱା: ହରେକୃଷ୍ଣ ସିଂ, କ୍ଷିରୋଦ ସିଂ, ସୁବୋଦ ସିଂ, ରୌକ୍ମନ ସିଂ, ସୌଦାମିନୀ ଚିନ୍ଦା ପି:ହରେକୃଷ୍ଣ ସିଂ, ଜାଜ୍ଞସ୍ୱିନୀ ସିଂ ସ୍ୱା: ଛଦାନନ୍ଦ ସିଂ, ବିନାପାନି ଚଣ୍ଡେଲ ପି: ଛଦାନନ୍ଦ ସିଂ, ରଘୁନନ୍ଦନ ସିଂ, ରୁଦ୍ର ସିଂ, ଜାଜ୍ଞସିନୀ ସିଂ, ତପସ୍ୱିନୀ ସିଂ ପି:ସାଗର ସିଂ, ରତ୍ନାକର ସିଂ, ମଦନମୋହନ ସିଂ, ଜୋଗେଶ୍ୱର ସିଂ, ଗଙ୍ଗା ରାୟ ପି:ଚୈତନ୍ୟ ସିଂ, ଗୁଲାବତୀ ସିଂ ସ୍ୱା: କହ୍ନେଇ ସିଂ, ଗିରିଶ ସିଂ, ସୁନାଫୁଲା ସିଂ, କେନା ସିଂ, ଗୁରା ସିଂ ପି:ପ୍ରସାଦି ସିଂ, ମିନକେତନ ସିଂ, ପୁଷ୍ପା ସିଂ, ସବିତା ସିଂ ପି:ସୁରେନ୍ଦ୍ର ସିଂ, ଜେନାମଣି ବାଘେଲ ପି:ଫକିରମୋହନ ସିଂ, ଜାତି: ରାଜପୁତ, ଗ୍ରାମ: ମଲଦା | ୧୧.୯୩ | 1. NLC/CBA/MAL/TL-155, Dt 26.10.2022<br>2. NLC/CBA/MAL/TL-155, Dt 25.04.2024<br>3. NLC/CBA/MAL/TL-155, Dt 02.09.2025 |
| ୧୬ | ୬୬ | ସତ୍ୟାନନ୍ଦ କିସାନ, ଚିକ କିସାନ, କେଦାର କିସାନ ପି:ଲବ କିସାନ, ଜାତି:କିସାନ, ଗ୍ରାମ: ମଲଦା | ୦.୩୬ | 1. NLC/CBA/MAL/TL-196, Dt 26.10.2022<br>2. NLC/CBA/MAL/TL-196, Dt 25.04.2024<br>3. NLC/CBA/MAL/TL-196, Dt 02.09.2025 |
| ୧୭ | ୪୪ | ନିକେ କିସାନ ସ୍ୱା:ପୁରୁଷୋତ୍ତମ କିସାନ, ରମେଶ୍ୱର କିସାନ ପି:ପୁରୁଷୋତ୍ତମ କିସାନ, ବାଲା କିସାନ ସ୍ୱା:ମୁଦୁ କିସାନ, ବୈଜୁ କିସାନ, କୁଷ କିସାନ, ପରଖିତ କିସାନ ପି:ମୁଦୁ କିସାନ, ଜଟଙ୍ଗା କିସାନ ପି: ମାଧ କିସାନ, ଦଇମତୀ କିସାନ ସ୍ୱା:କଷ୍ଟୁ କିସାନ, ଘାସିଆନ କିସାନ ପି:ଉଦୟ କିସାନ, ଠାକୁର କିସାନ, ଲୋଚନ କିସାନ, ନିଳ କିସାନ ପି:ସୁରୁ କିସାନ, ଗୁରୁବାରି କିସାନ ସ୍ୱା:ସୁରୁ କିସାନ, ମାଳତି କିସାନ, ସୁଶୀଲା କିସାନ, ସୁବର୍ଣ୍ଣ କିସାନ ପି:ଜୁଗ କିସାନ, ଜାତି: କିସାନ, ଗ୍ରାମ: ମଲଦା | ୧୬.୫୩ | 1. NLC/CBA/MAL/TL-181, Dt 26.10.2022<br>2. NLC/CBA/MAL/TL-181, Dt 25.04.2024<br>3. NLC/CBA/MAL/TL-181, Dt 02.09.2025 |
| ୧୮ | ୭୭/୩୧୩ | ରାମକୃଷ୍ଣ କଉଡ଼ି ପି: ବିଦେଶୀ କଉଡ଼ି , ଜାତି:ଗଉଡ, R / ୦: ତିଲେଇମାଳ, ଥାନା: ଠେଲକୋଲଇ, ଜିଲ୍ଲା: ସମ୍ବଲପୁର । | ୦.୧୦ | 1. NLC/CBA/MAL/TL-168G, Dt 04.04.2024 |
| ୧୯ | ୧୦ | ନୀଲମାଧବ ସିଂ ପି:ଉଦିତ ପ୍ରତାପ ସିଂ, ଚନ୍ଦ୍ରକାନ୍ତି ସିଂ, ଶାନ୍ତିଲତା ସିଂ, ମଦନା ରାଉତ ପି:ପ୍ରଭାଚନ୍ଦ୍ର ସିଂ, କାନ୍ତିବାଇ ସିଂ ସ୍ୱା:ଜଗତ ମୋହନ ସିଂ, ରୋହିତ କୁମାର ସିଂ, ରାଧା ବଲ୍ଲଭ ସିଂ, ବସନ୍ତ ମଞ୍ଜରି ସାଇ, ସତ୍ୟମଞ୍ଜରି ରାଏ, ସନ୍ତୋଷିନୀ ପାତ୍ର, ପଦ୍ମାନୀ ସାଇ ପି:ଜଗତ ମୋହନ ସିଂ, ଗୋମତି ସିଂ ସ୍ୱା:ସ୍ୱର୍ଗତ ରତନ ସିଂ, ସୁନୀଲ ସିଂ, ମିନା ସିଂ, ମମତା ସିଂ ପି:ସ୍ୱର୍ଗତ ରତନ ସିଂ, ଅବିନ୍ଦ୍ର ନାୟକ, ଜଗନ୍ନାଥ ନାୟକ, ତିଲୋତ୍ତମା ନାୟକ,ରାଜକୁମାରୀ ନାୟକ ପି:ସ୍ୱର୍ଗତ ଗବାକ୍ଷ ସିଂ, ଜସ୍ୱନ୍ତ ସିଂଦେଓ, ଅମରେଶ କୁମାର ସିଂଦେଓ ପି:ଗୌର ଚନ୍ଦ୍ର ସିଂଦେଓ, ବଦୀ ସିଂ, ନେତ୍ର ସିଂ ପି: ସ୍ୱର୍ଗତ ତୁଳସା ସିଂ, ଜାତି: ରାଜପୁତ, ଗ୍ରାମ: ମଲଦା | ୮.୪୭ | 1. NLC/CBA/MAL/TL-153, Dt 26.10.2022<br>2. NLC/CBA/MAL/TL-153, Dt 25.04.2024<br>3. NLC/CBA/MAL/TL-153, Dt 02.09.2025 |
| ୨୦ | ୬୫ | ଲଛମଣ କିସାନ ପି: ବଦେ କିସାନ, ଦୁବରାଜ କିସାନ, ପୂର୍ଣ୍ଣ କିସାନ ପି:ଉଜଲ କିସାନ, କଟି କିସାନ ପି:ଭୁତୁଲୁ କିସାନ, ମୁନୁ କିସାନ ପି:ବିତ କିସାନ, ପାଲା କିସାନ ସ୍ୱା:ଘୁଟୁର କିସାନ, ଜାତି: କିସାନ, ଗ୍ରାମ: ମଲଦା। | ୯.୬୬ | 1. NLC/CBA/MAL/TL-195, Dt 26.10.2022<br>2. NLC/CBA/MAL/TL-195, Dt 25.04.2024<br>3. NLC/CBA/MAL/TL-195, Dt 02.09.2025 |
| ୨୧ | ୭୭/୧୨୫ | ସୁରଥ କିସାନ, କୃଷ୍ଣ କିସାନ ପି:କ୍ଷେତ୍ର କିସାନ, ସୁଦର୍ଶନ କିସାନ, ବିଘ୍ନେଶ୍ୱର କିସାନ ପି:ଦୁବରାଜ କିସାନ, ଜାତି: କିସାନ, ଗ୍ରାମ: ମଲଦା | ୧.୭୩ | 1. NLC/CBA/MAL/TL-130, Dt 16.06.2021<br>2. NLC/CBA/MAL/TL-130, Dt 25.04.2024<br>3. NLC/CBA/MAL/TL-130, Dt 02.09.2025 |
| ୨୨ | ୭୭/୧୧ | ଗୁଲା କିସାନ, ବିପିନ କିସାନ ପି:କୁଶ କିସାନ, ଜାତି: କିସାନ, ଗ୍ରାମ: ମଲଦା | ୦.୩୧ | 1. NLC/CBA/MAL/TL-216, Dt 26.10.2022<br>2. NLC/CBA/MAL/TL-216, Dt 25.04.2024<br>3. NLC/CBA/MAL/TL-216, Dt 02.09.2025 |
| ୨୩ | ୭୯ | ନିଳା ଗୋଣ୍ଡ ପି:ପାଣ୍ଡୁ ଗୋଣ୍ଡ, ବେଣୁଧର ଭୋଇ ପି:କାନ୍ହୁଚରଣ ଭୋଇ ଗ୍ରାମ: ଲାପଙ୍ଗା, ଥାନା: କତରବଗା, ତୁଳସା ଗୋଣ୍ଡ, ଉଷା ଗୋଣ୍ଡ ପି:ସୋମନାଥ ଗୋଣ୍ଡ, ଗଣେନ୍ ଗୋଣ୍ଡ, ଅରଣି ଗୋଣ୍ଡ ପି:ବୁଧୁ ଗୋଣ୍ଡ, ଜାତି: ଗୋଣ୍ଡ, ଗ୍ରାମ: ମଲଦା। | ୨୩.୬୬ | 1. NLC/CBA/MAL/TL-206, Dt 26.10.2022<br>2. NLC/CBA/MAL/TL-206, Dt 25.04.2024<br>3. NLC/CBA/MAL/TL-206, Dt 02.09.2025 |
| ୨୪ | ୩୧ | ଗଣେନ ନେଟି, ଅରଣି ଧୁରୁଆ, ପି:ବୁଧ ଧୁରୁଆ, ବିମ୍ବାଧର ଧୁରୁଆ, ପି:ଜୟସିଂ ଧୁରୁଆ, ବିନୋଦିନୀ ଧୁରୁଆ, ଦୁତିଆ ଧୁରୁଆ, ରତନ ଧୁରୁଆ, ଅମ୍ବିକା ଧୁରୁଆ, ମାଧବୀ ଧୁରୁଆ, ଗେଣ୍ଡି ଧୁରୁଆ, ସପ୍ନା ଧୁରୁଆ, ରୁକ୍ମଣ ଧୁରୁଆ, ବିନୋଦ ଧୁରୁଆ, ପି:କୁମାର ଧୁରୁଆ, ସୌକି ବରିହା, ଲକ୍ଷ୍ମୀ ବରିହା, ସୁନୀଲ ବରିହା, ରୀନା ବରିହା, ପି:ଚନ୍ଦ୍ରଶେଖର ବରିହା, ଜାତି: ଗୋଣ୍ଡ, ଗ୍ରାମ: ମଲଦା | ୪.୪୭ | 1. NLC/CBA/MAL/TL-174, Dt 26.10.2022<br>2. NLC/CBA/MAL/TL-174, Dt 25.04.2024<br>3. NLC/CBA/MAL/TL-174, Dt 02.09.2025 |

ତେଣୁ, ଏହାଦ୍ୱାରା ସୂଚିତ କରାଯାଉଅଛି ଯେ:

୧. ଉପରେ ଉଲ୍ଲେଖିତ ହୋଇଥିବା ଭୂମି ମାଲିକଙ୍କ ସମ୍ପୃକ୍ତ ଖାତା ନମ୍ବର, ରକବା ଏବଂ କ୍ଷତିପୂରଣ ରାଶିର ବିବରଣୀ ଅନୁସାରେ, ଅନୁମୋଦିତ କ୍ଷତିପୂରଣ ରାଶି ଗ୍ରହଣ କରିବା ପାଇଁ ଅନେକଥର ନୋଟିସ୍ ଜାରି କରାଯାଇଅଛି। କିନ୍ତୁ ଭୂମି ମାଲିକଙ୍କ ତରଫରୁ ଏପର୍ଯ୍ୟନ୍ତ କୌଣସି ଡକ୍ୟୁମେଣ୍ଟ ଦାଖଲ କରାଯାଇନାହିଁ ଓ NLC ଇଣ୍ଡିଆ ଲିମିଟେଡ୍‌ଠାରୁ ପେମେଣ୍ଟ ଗ୍ରହଣ କରାଯାଇନାହିଁ ।

୨. ବର୍ତ୍ତମାନ, ରେଲୱେ ଓ CHP କରିଡର କାର୍ଯ୍ୟ ଆରମ୍ଭ ହୋଇଛି, ଯାହା ଆପଣଙ୍କ ଉପରୋକ୍ତ ଜମି ଦେଇ ଯାଉଅଛି, ଏବଂ NLCIL ଜମି ପାଇଁ କ୍ଷତିପୂରଣ ଦେବାକୁ ପ୍ରସ୍ତୁତ।

୩. ତେଣୁ, ଉପରୋକ୍ତ ରେକର୍ଡ ହୋଇଥିବା ସମସ୍ତ ଭୂମି ମାଲିକଙ୍କୁ ପୁଣିଥରେ ଅନୁରୋଧ କରାଯାଉଅଛି ଯେ, ଏହି ଅନ୍ତିମ ସୂଚନା ପ୍ରକାଶ ତାରିଖରୁ ୦୭ ଦିନ ମଧ୍ୟରେ ସମସ୍ତ ଆବଶ୍ୟକ ଡକ୍ୟୁମେଣ୍ଟ ସହିତ NLC ଇଣ୍ଡିଆ ଲିମିଟେଡ୍, ସାଇଟ ଅଫିସ୍ MFA, ଖିଣ୍ଡା ଗ୍ରାମ, ରେଙ୍ଗାଲି ତାହସିଲ, ସମ୍ବଲପୁର ଜିଲ୍ଲାକୁ ଆସି କ୍ଷତିପୂରଣ ରାଶି ଗ୍ରହଣ କରିବାକୁ ଅନୁରୋଧ କରାଯାଉଅଛି, ଏହା ବିଫଳ ହେଲେ NLC ଇଣ୍ଡିଆ ଲିମିଟେଡ ଉପରୋକ୍ତ ଅଧିଗ୍ରହଣିତ ଜମି ସମ୍ପର୍କରେ କୋଇଲା ପରିବହନ କ୍ଷେତ୍ର (ଅଧିଗ୍ରହଣ ଓ ବିକାଶ) ଆଇନ : ୧୯୫୭ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧହେବ।

୪. ଏହାକୁ **'ଶେଷ ସୂଚନା'** ଭାବରେ ବିବେଚନା କରାଯାଇପାରେ।

Sd/:
ଭୂମି ଅଧିଗ୍ରହଣ ଅଧିକାରୀ / ତଲାବିରା II ଓ III OCP
ଏନ.ଏଲ.ସି. ଇଣ୍ଡିଆ ଲିମିଟେଡ୍

# NLC India Limited

'Navratna' - Government of India Enterprise
Talabira II & III OCP

2025 International Year of Cooperatives

## PUBLIC NOTICE

To,
**The Recorded Tenants of the following Khatas detailed below,**

This is to inform that the Govt of India, by notification U/s 9(1) of Coal Bearing Areas (Acquisition and Development) Act 1957, has acquired the rights in or over the lands of following Khatas detailed below for Talabira II & III OCP dt. 05.09.2009 and 22.03.2005 respectively. Under the provision U/s 11(1) of the said Act, Govt. of India has vested all rights of the land furnished below table in the name of NLC India Limited, a Govt of India Enterprise, on dt. 05.10.2016.

| Sl. No. | Khata no. | Recorded tenants Name | Area in Acres | Last notices served to Recorded tenants by NLC India Limited. |
|---|---|---|---|---|
| 1 | 52 | Bhagwan Singh S/o-Narendra Singh, Jagyaseni Singh W/o- Krishna Mohan Singh, Rajesh Kumar Singh, Gyana Ranjan Singh, Padmini Singh S/D/o. Krishna Mohan Singh, Paramanand Singh, Alekh Singh, Hembati Rai S/D/o. Dilip Singh, Mamta Singh W/o. Upendra Singh, Varsha Singh D/o. Upendra Singh, Bhogdev Singh, Shashi Singh S/D/o. Khageshwar Singh, Narayan Singh S/o-Lakshmidhar Singh, Caste-rajput,Vill-Nijgaon | 13.18 | 1. NLC/CBA/MAL/TL-187, Dt 04.04.2024<br>2. NLC/CBA/MAL/TL-187, Dt 02.09.2025 |
| 2 | 77/353 | Debadullav Singh S/o. Surendra Singh, Caste-rajput, Vill-Nijgaon | 3.93 | 1. NLC/CBA/MAL/TL-193J, Dt 04.04.2024 |
| 3 | 72 | Ullas Jagat, Mukteswar Jagat S/o. Bhagaatram Jagat, Caste-Gond Village-Malda | 6.02 | 1. NLC/CBA/MAL/TL-109, Dt 16.06.2021<br>2. NLC/CBA/MAL/TL-109, Dt 25.04.2024<br>3. NLC/CBA/MAL/TL-109, Dt 02.09.2025 |
| 4 | 63 | Ramesh Biswal, Umesh Biswal, Kakeya Biswal, Manda Biswal, Hemala Biswal, Banta Biswal S&D/o. Khageshwar Biswal, Revati Padhan, Janak Khamari D/o. Parmeshwar Sahu, Padmalochan Sahu, Kripa Sahu S/o. Laxman Sahu, Parakshit Sahu S/o. Hari Sahu, Caste-Kuluta, Vill-Nijgaon | 5.69 | 1. NLC/CBA/MAL/TL-194, Dt 04.04.2024<br>2. NLC/CBA/MAL/TL-194, Dt 02.09.2025 |
| 5 | 70 | Sankar sahu S/o. Ganeswar Sahu, Hara Sahu W/o. Ganeswar Sahu, Padmalabh Sahu, Parmananda Sahu, Debannda sahu S/o. Shyam Sahu Caste-Kuluta Vill-Malda | 3.79 | 1. NLC/CBA/MAL/TL-200, Dt 26.10.2022<br>2. NLC/CBA/MAL/TL-200, Dt 25.04.2024 |
| 6 | 11 | Nilamadhab Singh S/o. Udit Pratap Singh Chandrakanti Singh Shantilata Singh Madana Rout D/o. Prabhas Chandra Singh Kantibai Singh W/o. Jagat Mohan Singh Rohit Kumar Singh Radha Ballav Singh Basant Manjari Sai Satyamanjari Rai Santosini Patra Padmani Sai S&D/o. Jagat Mohan Singh Amarendra Singh Pintu Singh S/o. Late Goura Singh Badi Singh Netra Singh D/o. Late Tulsa Singh Gomati Singh W/o. Late Ratan Singh Sunil Singh Mina Singh Mamata Singh S&D/o. Late Ratan Singh Abindra Naik Jagannath Naik Tilottama Naik Rajkumari Naik S&D/o. Late Gabakshya Singh Jaswant Singhdeo Amresh Kumar Singhdeo S/o. Gour Chandra Singhdeo Mohan Thakur Sabitri Chandel Binapani Sekhardeo Godabari Singh Pankajini Rai Anjali Singh S&D/o. Dharmasingh Thakur Mohan Singh Jogendra Kumar Singh Rajkumari Thakur Ahalya Sai S&D/o. Biswambar Singh Bipin Singh Aluri Singh Rasmidev Singh S/o. Purusottam Singh Bijay Kumar Singh Gitanjali Sekhar Deo S&D/o. Purna Chandra Singh Pankajini Singh W/o. Mahar Singh Nayan Singh Jagruti Singh S&D/o. Mahar Singh Narendra Singh Lili Singh Mili Singh Mamata Singh Boby Singh Pankajini Singh S&D/o. Bipin Singh Saranga Rai Surendra Rai Dilip Kumar Rai Sairendra Chandel S&D/o. Dolagobinda Rai Uchit Singh Satyanarayan Singh Mukesh Singh Arnapurna Patra S&D/o. Banabihari Singh Labanga Singh W/o. Anta Singh Pancham Singh S/o. Anta Singh Nabin Baghel Premjit Baghel S/o. Dubraj Baghel Caste- Rajput Village- Malda | 13.96 | 1. NLC/CBA/MAL/TL-154, Dt 26.10.2022<br>2. NLC/CBA/MAL/TL-154, Dt 25.04.2024<br>3. NLC/CBA/MAL/TL-154, Dt 02.09.2025 |
| 7 | 77/26 | Dambarudhar Seth S/o. Hari Seth Caste-Kuet Vill-Malda | 0.50 | 1. NLC/CBA/MAL/TL-227, Dt 26.10.2022<br>2. NLC/CBA/MAL/TL-227, Dt 25.04.2024 |
| 8 | 25 | Ghasia Thakur, Gokula Thakur, S/o. Bharat Thakur, Ranjit Singh, Puspabati Rai, S&D/o. Bhagirathi Thakur, Jangyaseni Thakur, W/o. Aniruddh Thakur, Tejraj Singh, Mathura Singh, Hira Singh, S/o. Aniruddh Thakur, Dhanu Thakur, S/o. Harsha Thakur, Laiban Thakur, W/o. Aintha Thakur, Raibari Thakur, Buduni Thakur, Alura Thakur, D/o. Aintha Thakur, Shyam Sundar Singh, Janardan Singh, Ghasian Singh, Pakala Singh, S/o. Jadunath Singh, Malati Singh, W/o. Jadunath Singh, Caste-Rajput, Vill-Malda. | 4.44 | 1. NLC/CBA/MAL/TL-171, Dt 26.10.2022<br>2. NLC/CBA/MAL/TL-171, Dt 25.04.2024<br>3. NLC/CBA/MAL/TL-171, Dt 02.09.2025 |
| 9 | 26 | Ghasia Thakur, Gokul Thakur, Chhelien Thakur S&D/o. Bharat Thakur, Padmavati Thakur W/o. Bharat Thakur, Phulei Thakur D/o. Chhelia Thakur, Laxmi Thakur, Shukru Thakur S&D/o. Kushal Thakur ,Caste-Rajput,Vill-Nijgaon | 3.67 | NLC/CBA/MAL/TL-172, Dt 13.11.2025 |
| 10 | 77/15 | Padmanabh Sahu S/o. Shyam Sahu Caste-Kulta Vill-Malda | 0.22 | 1. NLC/CBA/MAL/TL-219, Dt 26.10.2022<br>2. NLC/CBA/MAL/TL-219, Dt 25.04.2024 |
| 11 | 77/22 | Basumati singh W/o. Laxman Singh, Rupanarayan Singh S/o. Laxman Singh Caste-Rajput Vill-Malda | 0.18 | 3. NLC/CBA/MAL/TL-224, Dt 26.10.2022<br>4. NLC/CBA/MAL/TL-224, Dt 25.04.2024 |
| 12 | 3 | Ainthha Padhan, Hira Padhan, Hiran Padhan, Upasi Padhan S/o. Bhakti Padhan, Rukuni Padhan W/o. Bhakti Padhan, Bhagat Padhan S/o. Judhistir Padhan, Subakeshi Padhan W/o. Judhistir Padhan, Saita Barik W/o. Satrighna Barik, Caste-Kulta, Village-Malda. | 4.92 | 1. NLC/CBA/MAL/TL-164, Dt 26.10.2022<br>2. NLC/CBA/MAL/TL-164, Dt 25.04.2024<br>3. NLC/CBA/MAL/TL-164, Dt 02.09.2025 |
| 13 | 77/143 | Sanatan Ganda, Gharjogi Ganda, Gharamani Ganda, Budhuram Ganda, Laxmi Ganda S/o. Makhanu Ganda Caste-Ganda Vill-Malda | 4.53 | 1. NLC/CBA/MAL/TL-136, Dt 16.06.2021<br>2. NLC/CBA/MAL/TL-136, Dt 25.04.2024 |
| 14 | 61 | Chaitan Seth, Khetra Seth, Rathraj Seth, Sakuntala Seth S&D/o. Munu Seth, Brushav Deheri S/o. Fakir Deheri, Mati Seth D/o. Nilamani Seth, Abhin Seth, Pradip Pandey, Bhumi Barik, Sarojini Dansana S&D/o. Dutiachand Dansana, Suren Kalo, Linga Kalo, Bhumita Kalo, Susama Kalo S&D/o. Nirakar Kalo, Dambarudhar Seth S/o. Hari Seth, Premananda Behera S/o. Bighneswar Behera, Caste-Keut, Village-Malda. | 0.77 | 1. NLC/CBA/MAL/TL-156, Dt 26.10.2022<br>2. NLC/CBA/MAL/TL-156, Dt 25.04.2024<br>3. NLC/CBA/MAL/TL-156, Dt 02.09.2025 |
| 15 | 12 | Nilamadhab Singh S/o. Udit Pratap Singh, Chandrakanti Singh, Shantilata Singh, Madana Rout D/o. Prabhas Chandra Singh, Kantibai Singh W/o. Jagat Mohan Singh, Rohit Kumar Singh, Radha Ballav Singh, Basant Manjari Sai, Satyamanjari Rai, Santosini Patra, Padmani Sai S&D/o. Jagat Mohan Singh, Amarendra Singh, Pintu Singh S/o. Late Goura Singh, Badi Singh, Netra Singh D/o. Late Tulsa Singh, Gomati Singh W/o. Late Ratan Singh, Sunil Singh, Mina Singh, Mamata Singh S&D/o. Late Ratan Singh, Abindra Naik, Jagannath Naik, Tilottama Naik, Rajkumari Naik S&D/o. Late Gabakshya Singh, Jaswant Singhdeo, Amresh Kumar Singhdeo S/o. Gour Chandra Singhdeo, Mohan Thakur, Sabitri Chandel, Binapani Sekhardeo, Godabari Singh, Pankajini Rai, Anjali Singh S&D/o. Dharmasingh Thakur, Mohan Singh, Jogendra Kumar Singh, Rajkumari Thakur, Ahalya Sai S&D/o. Biswambar Singh, Bipin Singh, Aluri Singh, Rasmidev Singh S/o. Purusottam Singh, Bijay Kumar Singh, Gitanjali Sekhar Deo S&D/o. Purna Chandra Singh, Pankajini Singh W/o. Mahar Singh, Nayan Singh, Jagruti Singh S&D/o. Mahar Singh, Narendra Singh, Lili Singh, Mili Singh, Mamata Singh, Boby Singh, Pankajini Singh S&D/o. Bipin Singh, Saranga Rai, Surendra Rai, Dilip Kumar Rai, Sairendra Chandel S&D/o. Dolagobinda Rai, Uchit Singh, Satyanarayan Singh, Mukesh Singh, Arnapurna Patra S&D/o. Banabihari Singh, Labanga Singh W/o. Anta Singh, Pancham Singh S/o. Anta Singh, Nabin Baghel, Premjit Baghel S/o. Dubraj Baghel, Prasadi Singh, Nishikanta Singh S/o. Narayan Singh, Judhistir Singh, Debaki Singh S&D/o. Laba Singh, Kunjalata Singh W/o. Kusha Singh, Ganesh Singh, Snehalata Singh, Bisakha Singh S/o. Kusha Singh, Jangya Singh W/o. Late Sankhya Singh, Amulya Singh, Jogendra Singh, Susanta Singh, Medini Rai, Dasami Singh S&D/o. Sankhya Singh, Tapaswini Singh W/o. Jhasketan Singh, Hrudananda Singh, Sachidananda Singh, Padmalaya Patra, Chandrama Deb, Indrani Dich S&D/o. Jhasketan Singh, Kunubui Singh W/o. Harekrushna Singh, Kshirod Singh, Subod Singh, Raukman Singh, Soudamini Chinda S&D/o. Harekrushna Singh, Jagyaswini Singh W/o. Chhadananda Singh, Binapani Chandel D/o. Chhadananda Singh, Raghunandan Singh, Rudra Singh, Jagyasini Singh, Tapaswini Singh S&D/o. Sagar Singh, Ratnakar Singh, Madan Mohan Singh, Jogeswar Singh, Ganga Ray S&D/o. Chaitanya Singh, Gulabati Singh W/o. Kahnei Singh, Girish Singh, Sunafula Singh, Kena Singh, Gura Singh S&D/o. Prasadi Singh, Minaketan Singh, Puspa Singh, Sabita Singh S&D/o. Surendra Singh, Jenamani Baghel D/o. Fakirmohan Singh, Caste-Rajput, Village-Malda | 11.93 | 1. NLC/CBA/MAL/TL-155, Dt 26.10.2022<br>2. NLC/CBA/MAL/TL-155, Dt 25.04.2024<br>3. NLC/CBA/MAL/TL-155, Dt 02.09.2025 |
| 16 | 66 | Satyananda Kisan, Chika Kisan, Kedar Kisan S/o. Laba Kisan, Caste-Kisan, Vill-Malda | 0.36 | 1. NLC/CBA/MAL/TL-196, Dt 26.10.2022<br>2. NLC/CBA/MAL/TL-196, Dt 25.04.2024<br>3. NLC/CBA/MAL/TL-196, Dt 02.09.2025 |
| 17 | 44 | Nike Kisan W/o. Purusottam Kisan Rameswar Kisan S/o. Purusottam Kisan Bala Kisan W/o. Mudu Kisan Baiju Kisan Kusha Kisan Parakhit Kisan S/o. Mudu Kisan Jatanga Kisan S/o. Madha Kisan Daimati Kisan W/o. Kastu Kisan Ghasian Kisan S/o. Uday Kisan Thakur Kisan Lochan Kisan Nila Kisan S/o. Suru Kisan Gurubari Kisan W/o. Suru Kisan Malati Kisan Sushila Kisan Subarna Kisan S&D/o. Juga Kisan Caste-Kisan Vill-Malda. | 16.53 | 1. NLC/CBA/MAL/TL-181, Dt 26.10.2022<br>2. NLC/CBA/MAL/TL-181, Dt 25.04.2024<br>3. NLC/CBA/MAL/TL-181, Dt 02.09.2025 |
| 18 | 77/313 | Ramakrishna Kaudi S/o. Bidesi Kaudi, Caste-Gauda, R/o. Tilleimal, Ps-Thelkoloi, Dist-Sambalpur | 0.10 | 1. NLC/CBA/MAL/TL-168G, Dt 04.04.2024 |
| 19 | 10 | Nilamadhab Singh S/o. Udit Pratap Singh, Chandrakanti Singh, Shantilata Singh, Madana Rout D/o. Prabha Chandra Singh, Kantibai Singh W/o. Jagat Mohan Singh, Rohit Kumar Singh, Radha Ballav Singh, Basant Manjari Sai, Satyamanjari Rai, Santosini Patra, Padmani Sai S&D/o. Jagat Mohan Singh, Gomati Singh W/o. Late Ratan Singh, Sunil Singh, Mina Singh, Mamata Singh S&D/o. Late Ratan Singh, Abindra Naik, Jagannath Naik, Tilottama Naik, Rajkumari Naik S&D/o. Late Gabakhsya Singh, Jaswant Singhdeo, Amaresh Kumar Singhdeo S/o. Gour Chandra Singhdeo, Badi Singh, Netra Singh D/o. Late Tulsa Singh, Caste-Rajput, Village-Malda. | 8.47 | 1. NLC/CBA/MAL/TL-153, Dt 26.10.2022<br>2. NLC/CBA/MAL/TL-153, Dt 25.04.2024<br>3. NLC/CBA/MAL/TL-153, Dt 02.09.2025 |
| 20 | 65 | Lachhaman Kisan S/o. Bade Kisan, Dubaraj Kisan, Purna Kisan S/o. Ujal Kisan, Kati Kisan S/o. Bhutulu Kisan, Munu Kisan S/o. Bita Kisan, Pala Kisan W/o. Ghutur Kisan, Caste-Kisan, Vill-Malda. | 9.66 | 1. NLC/CBA/MAL/TL-195, Dt 26.10.2022<br>2. NLC/CBA/MAL/TL-195, Dt 25.04.2024<br>3. NLC/CBA/MAL/TL-195, Dt 02.09.2025 |
| 21 | 77/125 | Surath Kisan, Krushna Kisan S/o. Kshetra Kisan, Sudarsan Kisan, Bighneswar Kisan S/o. Dubraj Kisan, Caste-Kisan, Vill-Malda | 1.73 | 1. NLC/CBA/MAL/TL-130, Dt 16.06.2021<br>2. NLC/CBA/MAL/TL-130, Dt 25.04.2024<br>3. NLC/CBA/MAL/TL-130, Dt 02.09.2025 |
| 22 | 77/11 | Gula Kisan, Bipin Kisan S/o. Kusha Kisan, Caste-Kisan, Vill-Malda | 0.31 | 1. NLC/CBA/MAL/TL-216, Dt 26.10.2022<br>2. NLC/CBA/MAL/TL-216, Dt 25.04.2024<br>3. NLC/CBA/MAL/TL-216, Dt 02.09.2025 |
| 23 | 79 | Nila Gond S/o. Pandu Gond, Benudhar Bhoi S/o. Kanhu Charan Bhoi Vill-Lapanga, PS-Katarbaga, Tulsa Gond, Usha Gond S/o. Somanath Gond, Ganen Gond, Arani Gond S/o. Budhu Gond, Caste-Gond, Vill-Malda | 23.66 | 1. NLC/CBA/MAL/TL-206, Dt 26.10.2022<br>2. NLC/CBA/MAL/TL-206, Dt 25.04.2024<br>3. NLC/CBA/MAL/TL-206, Dt 02.09.2025 |
| 24 | 31 | Ganen Neti, Arani Dhurua, S&D/o. Budha Dhurua, Bimbadhar Dhurua, S/o. Jayasingh Dhurua, Binodini Dhurua, Dutia Dhurua, Ratan Dhurua, Ambika Dhurua, Madhabi Dhurua, Gendi Dhurua, Sapna Dhurua, Rukman Dhurua, Binod Dhurua, S&D/o. Kumar Dhurua, Souki Bariha, Laxmi Bariha, Sunil Bariha, Rina Bariha, S&D/o. Chandrasekhar Bariha, Caste-Gond, Vill-Malda. | 4.47 | 1. NLC/CBA/MAL/TL-174, Dt 26.10.2022<br>2. NLC/CBA/MAL/TL-174, Dt 25.04.2024<br>3. NLC/CBA/MAL/TL-174, Dt 02.09.2025 |

Therefore, it is hereby informed that: -

1. Several notices have been issued to the recorded tenants mentioned above for receiving approved land compensations of respective khata number, area and compensation amounts stated in the above table against the details mentioned in the respective notices served. However, no documents have been submitted and not received payment so far from NLC India Limited.
2. Now, the work of the Railway & CHP corridor has started, which passes through your above-mentioned land, and NLCIL is ready to pay the compensation for land.
3. Hence, it is once again requested to all recorded tenants stated above to visit NLC India Limited, Site Office at MFA, Khinda Village, Rengali Tahsil, Sambalpur District within 07 days from the publication date of this Final Notice, with all the requisite documents for receiving compensation, failing which NLC India Limited is constrained to take appropriate actions in accordance with the Coal Bearing Areas (Acquisition and Development) Act – 1957 in respect of the above-said acquired land.
4. This may be treated as 'FINAL NOTICE'.

Sd/-
**Land Acquisition Officer/ Talabira II & III OCP**
**NLC India Limited**

# କାମ କରୁନି ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା


ଏଜି ଛକରେ ଟ୍ରାଫିକ୍ ସିଗ୍‌ନାଲ ଜଳୁନି।

ଭୁବନେଶ୍ୱର, ୨୮।୧୧(ତ୍ରିନାଥ ମହାନ୍ତି)

■ ଟ୍ରାଫିକ୍ ପୋଲିସ ହାତ ଦେଖାଇ କରୁଛନ୍ତି ଟ୍ରାଫିକ୍ ପରିଚାଳନା
■ ସିଗ୍‌ନାଲର ସମୟସୀମା ଠିକ୍ ନ ଥିବାରୁ ବଢୁଛି ସମସ୍ୟା
■ ମାନବସମ୍ବଳ ଅଭାବ ଦୂର କରିବାକୁ କରାଯାଇଥିଲା ସ୍ୱୟଂଚାଳିତ ବ୍ୟବସ୍ଥା

ରାଜଧାନୀରେ ଲୋକସଂଖ୍ୟା ବଢ଼ିବା ସହ ଗାଡ଼ି ମୋଟର ସଂଖ୍ୟା ବଢୁଛି। ଫଳରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଜଟିଳ ହେବାରେ ଲାଗିଛି। ଏହି ସମସ୍ୟା ଦୂର କରିବା ପାଇଁ ସହରର ବିଭିନ୍ନ ଛକରେ ସ୍ୱୟଂଚାଳିତ ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା କରାଯାଇଥିଲା। କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାଜ୍ୟ ବାହାରର ସଂସ୍ଥାକୁ ସ୍ୱୟଂଚାଳିତ ଟ୍ରାଫିକ୍ ସିଗ୍‌ନାଲ ଲଗାଇବାକୁ ଟେଣ୍ଡର ଦିଆଯାଇଥିଲା। ହେଲେ ଏବେ ରାଜଧାନୀର ସୋଲାର ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା ଫେଲ୍ ମାରିଛି। ଗୋଟିଏ ଛକରେ ସିଗ୍‌ନାଲ କାମ କଲେ ଏକାଧିକ ଛକରେ କାମ କରୁନି। ଯେଉଁଠି କାମ କରୁଛି, ସେଠାରେ ସିଗ୍‌ନାଲର ସମୟସୀମା ଠିକ୍ ମଧ୍ୟ ରହୁନାହିଁ। ଗୋଟିଏ ପଟରେ ସିଗ୍‌ନାଲ ବ୍ୟବସ୍ଥା ୩ ମିନିଟ ରଖାଯାଇଥିବା ବେଳେ ଅନ୍ୟପଟରେ ୭ ମିନିଟରୁ ଅଧିକ ସମୟ ରଖାଯାଇଛି, ଯେଉଁଥିପାଇଁ ଅନ୍ୟପାର୍ଶ୍ୱରେ ଲୋକମାନେ ଅଧିକ ସମୟ ପର୍ଯ୍ୟନ୍ତ ଛିଡ଼ା ହେଉଛନ୍ତି। ସହର ମଧ୍ୟରେ ୫୪ଟି ଟ୍ରାଫିକ୍ ପୋଷ୍ଟ ରହିଥିବାବେଳେ ଅଧିକାଂଶ ସ୍ଥାନରେ ଟ୍ରାଫିକ୍ ଲାଇଟ୍ ସିଗ୍‌ନାଲ କାମ କରୁନାହିଁ। ଫଳରେ ସେଠାରେ ଟ୍ରାଫିକ୍ ସମସ୍ୟା ଜଟିଳ ହୋଇପଡୁଛି। ବିଶେଷକରି ବର୍ଷା ହେଲେ କିମ୍ବା ରାତି ସମୟରେ ଏହି ବ୍ୟବସ୍ଥାରେ ସମସ୍ୟା ଦେଖାଯାଉଛି। ବଡ଼ କଥା ହେଲା ଏଜି ଛକ ଭଳି ପ୍ରମୁଖ ଛକରେ ସିଗ୍‌ନାଲରେ ଯେତିକି ସମୟ ଦିଆଯାଉଛି, ଉକ୍ତ ସମୟସୀମା ଛୋଟ ଛକ ସିଗ୍‌ନାଲରେ ମଧ୍ୟ ରହୁଛି। ଫଳରେ ଉକ୍ତ ଛକରେ ଲୋକ ନ ଥିବା ବେଳେ ଗୋଟିଏ ପଟକୁ ଅଧିକ ସମୟ ପର୍ଯ୍ୟନ୍ତ ଗ୍ରୀନ୍ ଲାଇଟ୍ ଜଳି ରହୁଛି। ରାସ୍ତା ଫାଙ୍କା ଥିବାରୁ ଲୋକେ ସିଗ୍‌ନାଲକୁ ନ ମାନି ଗାଡ଼ି ଚଲାଇ ପଳାଇ ଯାଉଛନ୍ତି। ରାଜଧାନୀର କଳ୍ପନା, ରାଜମହଲ, ରାମ ମନ୍ଦିର, ଜାଗମରା, ବାଣୀବିହାର, ରସୁଲଗଡ଼ ଆଦି ଏକାଧିକ ଛକରେ ଏବେ ଟ୍ରାଫିକ୍ ସିଗ୍‌ନାଲ କାମ କରୁନି, ଯେଉଁଥିପାଇଁ ଟ୍ରାଫିକ୍ ପୋଷ୍ଟରେ ଟ୍ରାଫିକ୍ ପୋଲିସ ଏବେ ଲୋକଙ୍କୁ ହାତ ଦେଖାଇ ଟ୍ରାଫିକ୍ ପରିଚାଳନା କରୁଛନ୍ତି। ବଡ଼ କଥା ହେଲା ଟ୍ରାଫିକ୍ ପୋଲିସର ମାନବ ସମ୍ବଳ ଅଭାବକୁ ପୂରଣ କରିବା ପାଇଁ ଏହି ସ୍ୱୟଂଚାଳିତ ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏବେ ଉକ୍ତ ବ୍ୟବସ୍ଥା ଫେଲ୍ ମାରିଥିବାରୁ ଟ୍ରାଫିକ୍ ପରିଚାଳନା ଜଟିଳ ହୋଇପଡ଼ିଛି। ପୂର୍ବରୁ ଯେଉଁ ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା ଥିଲା ଏକ ପ୍ରକାର ଭଲ ଥିଲା ବୋଲି ଏକାଧିକ ଡ୍ରାଇଭର ମତ ଦେଇଛନ୍ତି। କାରଣ ସେଥିରେ କେତେ ସମୟରେ ଟ୍ରାଫିକ୍ ଛାଡ଼ିବ ତାହା ସଂଖ୍ୟା ମାଧ୍ୟମରେ ଦର୍ଶାଯାଉଥିଲା। ଗାଡ଼ିଚାଳକ ଏହି ସଂଖ୍ୟା ଦେଖି ଛକ ପାରି ହେଉଥିଲେ। କିନ୍ତୁ ଏବେ ସୋଲାର ଟ୍ରାଫିକ୍ ସିଗନାଲ ବ୍ୟବସ୍ଥାରେ ସଂଖ୍ୟା ଦେଖାଉ ନ ଥିବାରୁ ମନଇଚ୍ଛା ଏହାକୁ ପରିଚାଳନା କରାଯାଉଛି। ଗୋଟିଏ ପଟକୁ ଶୀଘ୍ର ଛାଡ଼ି ଦିଆଯାଉଥିବା ବେଳେ ଅନ୍ୟପଟରେ ଥିବା ଗାଡ଼ି ଚାଳକଙ୍କୁ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡୁଛି।


“ଅନେକ ସ୍ଥାନରେ ଟ୍ରାଫିକ୍ ସିଗ୍‌ନାଲ କାମ କରୁ ନ ଥିବାରୁ ଲୋକେ ମନଇଚ୍ଛା ଯୁଆଡେ ପାରିଲେ ଚାଲିଲେ। ଛକରେ ଛିଡ଼ା ହୋଇଥିବା ଟ୍ରାଫିକ୍ ପୋଲିସ ପକ୍ଷରୁ ସେମାନଙ୍କୁ ଅଟକାଇବା କଷ୍ଟକର ହେଉଛି, ଯେଉଁଥିପାଇଁ ବିଭିନ୍ନ ଛକରେ ଟ୍ରାଫିକ୍ ସମସ୍ୟା ବଢୁଛି।

**– ଅଶୋକ ନାୟକ, ଗାଡ଼ିଚାଳକ**


“ସୋଲାର ଟ୍ରାଫିକ୍ ସିଗ୍‌ନାଲ ତା’ର ମନଇଚ୍ଛା କାମ କରୁଛି। ଅନେକ ସମୟରେ ଠିକ୍ ଭାବରେ ଚାଲୁଥିବା ବେଳେ ଆଉ ଏକାଧିକ ସମୟରେ ଅଚଳ ହୋଇପଡୁଛି। ବିଶେଷ କରି ବର୍ଷା ଦିନେ ଏହି ଟ୍ରାଫିକ୍ ସିଗ୍‌ନାଲ ପୂରା ଫେଲ୍ ମାରୁଛି।

**– ଆଶିଷ କୁମାର ନାୟକ, ଗାଡ଼ିଚାଳକ**


“ଯେଉଁ ସ୍ଥାନରେ ସିଗ୍‌ନାଲ କାମ କରୁନି, ସେଠାରେ ଟ୍ରାଫିକ୍ ପୋଲିସକୁ ନିୟୋଜିତ କରାଯାଉଛି। ସ୍ମାର୍ଟ ସିଟି ଅଧୀନରେ ସିଗ୍‌ନାଲ ଯାଉଥିବାରୁ ତୁରନ୍ତ ଖରାପ ହୋଇଥିବା ସିଗ୍‌ନାଲକୁ ଠିକ୍ କରିବାକୁ କୁହାଯାଉଛି। ସବୁ ଛକରେ ଖୁବ୍‌ଶୀଘ୍ର ଠିକ୍ ହୋଇଯିବ ବୋଲି କହିଛନ୍ତି।

**– ତପନ ମହାନ୍ତି, ଟ୍ରାଫିକ୍ ଡିସିପି**

# ଓଡ଼ିଆ ଚଳଚ୍ଚିତ୍ରକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ମିଳୁ

## ଗୋଆ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ପ୍ରେମ୍ ଆନନ୍ଦ

ଭୁବନେଶ୍ୱର,୨୮।୧୧ (ସୌମ୍ୟରଞ୍ଜନ ରାଉତ)


ପ୍ରେମ୍ ଆନନ୍ଦ

ଓଡ଼ିଆ ଚଳଚ୍ଚିତ୍ରକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ମିଳିବା ଆବଶ୍ୟକ। ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ଗୋଆର ପଣଜୀରେ ଆୟୋଜିତ ୫୬ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଏଥିସହ ଓଡ଼ିଆ ସଙ୍ଗୀତ ଏବଂ ଓଡ଼ିଆ ଚଳଚ୍ଚିତ୍ରର ସଫଳ ଅନ୍ତର୍ଜାତୀୟ ଯାତ୍ରାକୁ ଗୁରୁତ୍ୱ ଦେବାର ସମୟ ଆସିଛି ବୋଲି ସେ ମତ ରଖିବା ସହ ସୁନ୍ଦର ଆୟୋଜନ ଲାଗି ଏନ୍‌ଏଫ୍‌ଡିସି ଓ ଗୋଆ ସରକାରଙ୍କୁ ପ୍ରଶଂସା କରିଛନ୍ତି। ଗୋଆ ଫିଲ୍ମ ଫେଷ୍ଟିଭାଲ ପରି ଏକ ଭବ୍ୟ ଚଳଚ୍ଚିତ୍ର ମହୋତ୍ସବ ପୁରୀଠାରେ ଆୟୋଜନ କରାଯାଉ। ଏହା ରାଜ୍ୟର ସିନେ ଶିଳ୍ପକୁ ନୂଆ ଦିଗ ଦେଖାଇବ ବୋଲି ଗୋଆ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ମଞ୍ଚରୁ ସେ ଓଡ଼ିଶା ସରକାରଙ୍କୁ ଅନୁରୋଧ କରି କହିଛନ୍ତି। ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଆ ସିନେମା ଆଗକୁ ବଢ଼ିଲେ ରାଜ୍ୟର କଳା, ସଂସ୍କୃତି ଏବଂ ଐତିହ୍ୟର ବିଶ୍ୱବ୍ୟାପୀ ପ୍ରଚାର ହେବ। ଏହି ଆଶା ଓ ଅନୁଭୂତିକୁ ସେ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ନିକଟରେ ମଧ୍ୟ ପ୍ରକାଶ କରିଛନ୍ତି।



ଭୁବନେଶ୍ୱର ସୂଚନାଭବନଠାରେ ଶୁକ୍ରବାର ଅନୁଷ୍ଠିତ ରାଜଧାନୀ କଳାନିକେତନର ବାର୍ଷିକଉତ୍ସବ ‘ଶିଶିର ମହୋତ୍ସବ’ର ଅଭୁଲା ସଙ୍ଗୀତ ଆସରରେ ଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ବିଦେଶରେ ଇସ୍କନର ଅଦିନିଆ ରଥଯାତ୍ରା ଶ୍ରୀଜଗନ୍ନାଥ ସଂସ୍କୃତିର ଅବମାନନା

ଭୁବନେଶ୍ୱର,୨୮।୧୧(ସୁଚିସ୍ମିତା ସାହୁ)

## ଜଗନ୍ନାଥ ପ୍ରେମୀମାନେ ପ୍ରତିବାଦର ସ୍ୱର ଉଠାନ୍ତୁ

ବିଭିନ୍ନ ଦେଶରେ ଇସ୍କନ ତରଫରୁ ଅଦିନିଆ ରଥଯାତ୍ରା କରାଯାଉଥିବାରୁ ବିଶ୍ୱର ଅଗଣିତ ଜଗନ୍ନାଥପ୍ରେମୀ ମର୍ମାହତ। ଶ୍ରୀମନ୍ଦିର ପ୍ରଶାସନ, ରାଜ୍ୟ ସରକାର ଓ ଜଗନ୍ନାଥପ୍ରେମୀ ଏହାକୁ ବାରମ୍ବାର ବିରୋଧ କରିବା ସହ ଅଦିନିଆ ରଥଯାତ୍ରା ନ କରିବାକୁ ଇସ୍କନକୁ ଅନୁରୋଧ କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନି। ଏବେ ପୁଣି ଇସ୍କନ ଅଦିନିଆ ରଥଯାତ୍ରା କରିଥିବାରୁ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡ଼ୱାଇଡ୍ ତୀବ୍ର ପ୍ରତିବାଦର ସ୍ୱର ଉଠାଇଛି। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ରମେଶ ଚନ୍ଦ୍ର ବିଶ୍ୱାଳ କହିଛନ୍ତି, ଇସ୍କନ ପୁଣି ନଭେମ୍ବର ୨୨ରେ ନାଇଜେରିଆର ୱାରୀ ସହରରେ ରଥଯାତ୍ରା ପାଳନ କରାଯାଇଛି। ଏହି ରଥଯାତ୍ରା ସମ୍ପର୍କରେ ପୂର୍ବରୁ ଇସ୍କନ ତରଫରୁ ବହୁଳ ଭାବରେ ପ୍ରଚାର କରାଯାଇଥିଲା। ଏହାର ପ୍ରତିବାଦ କରି ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡ୍‌ୱାଇଡ୍ ଅନୁଷ୍ଠାନ ପକ୍ଷରୁ ନାଇଜେରିଆର ଲାଗୋସ ସହରରେ ଗତ ୧୬ ତାରିଖ ଦିନ ଇସ୍କନର ପଶ୍ଚିମ ଆଫ୍ରିକା ମୁଖ୍ୟ ପ୍ରଭୁ ମହାରାଜଙ୍କୁ ଏକ ଅନୁରୋଧପତ୍ର ପ୍ରଦାନ କରାଯାଇଥିଲା। ଏଥିସହିତ ଗଜପତି ମହାରାଜାଙ୍କ ପ୍ରେରିତ ପୁରାଣର ଉଦାହରଣଯୁକ୍ତ ପତ୍ରର କପି, ପୁରୀ ଶ୍ରୀମନ୍ଦିର ପଣ୍ଡିତଙ୍କ ପ୍ରମାଣ ଓ ଯୁକ୍ତି ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅଦିନିଆ ରଥଯାତ୍ରାକୁ ବନ୍ଦ କରିବା ପାଇଁ ତାଙ୍କୁ ବିଶେଷ ଅନୁରୋଧ କରାଯାଇଥିଲା। ଏ ସମ୍ପର୍କରେ ଇସ୍କନର ଗଭର୍ଣ୍ଣି ବଡି କମିଶନ ମାୟାପୁର ସହିତ କଥାହେବା ପାଇଁ ଇସ୍କନ ପଶ୍ଚିମ ଆଫ୍ରିକାର ମୁଖ୍ୟ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେମାନେ ପୂର୍ବ ପ୍ରଚାରିତ ଅନୁସାରେ ୨୨ ତାରିଖ ଦିନ ରଥଯାତ୍ରା କରିଥିଲେ, ଯାହା ଶ୍ରୀଜଗନ୍ନାଥ ସଂସ୍କୃତିର ଅବମାନନା ହେଉଛି। ରଥଯାତ୍ରା ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ନୁହେଁ। ଏଣୁ ଇସ୍କନର ଏହି ମନମୁଖୀ କାର୍ଯ୍ୟକଳାପ ସଂପର୍କରେ ସାରା ବିଶ୍ୱରେ ଥିବା ଜଗନ୍ନାଥ ପ୍ରେମୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ପ୍ରତିବାଦର ସ୍ୱର ଉଠାଇବାର ସମୟ ଆସିଛି। ଦେଶବିଦେଶରେ ଥିବା ସବୁ ଆଧାତ୍ମିକ ଅନୁଷ୍ଠାନ ତରଫରୁ ଇସ୍କନର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରତିବାଦ ପତ୍ର ପଠାଇବା ନିହାତି ଜରୁରୀ। ଏଥିସହ ଆଇନଗତ ପଦକ୍ଷେପର ଆବଶ୍ୟକତା ରହିଛି। ଏଥିସହ ସଙ୍ଗଠିତ ଭାବେ ଏହାକୁ ବିରୋଧ କଲେ ହିଁ ଇସ୍କନର ଏହି ଅଦିନିଆ ରଥଯାତ୍ରାକୁ ବନ୍ଦ କରିହେବ ବୋଲି ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱାଳ ସମସ୍ତଙ୍କୁ ନିବେଦନ କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଦିତ୍ୟ


@ ଜ୍ଞାନରଞ୍ଜନ


@ ବିଦ୍ୟାଭୂଷଣ


@ ସୁରେଶ୍ୱର


@ ବିଶ୍ୱନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାସହରା ହୋଇ ବୁଲୁଛନ୍ତି ୧୩ ବନ୍ୟା ପ୍ରପୀଡ଼ିତ ପରିବାର

ଭୁବନେଶ୍ୱର, ୨୮।୧୧(ତ୍ରିନାଥ ମହାନ୍ତି)

## ଅତିରିକ୍ତ ଶାସନ ସଚିବଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

କଟକ ଜିଲା କଣ୍ଟାପଡା ତହସିଲ ଅନ୍ତର୍ଗତ ଅଡ଼ଶପୁର ଅଞ୍ଚଳର ବନ୍ୟା ପ୍ରପୀଡ଼ିତ ୧୩ ପରିବାର ବାସହରା ହୋଇ ବୁଲୁଛନ୍ତି। ଏନେଇ ଅଭିଯୋଗ ହେବା ପରେ ରାଜ୍ୟ ମାନବାଧିକାର ଆୟୋଗ (ଓଏଚ୍‌ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନଙ୍କୁ ଥଇଥାନ ଓ ଅନ୍ୟାନ୍ୟ ସହାୟତା ଲାଗି କି ପଦକ୍ଷେପ ନିଆଯାଇଛି, ସେ ସଂକ୍ରାନ୍ତରେ ଜାନୁଆରୀ ୧୬ ସୁଦ୍ଧା ରିପୋର୍ଟ ଦେବାକୁ ଆୟୋଗ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ବିଶ୍ୱପ୍ରିୟ କାନୁନଗୋ, ସୁବାଶିଷ ପଣ୍ଡା ଓ ବିଜୟ ପଣ୍ଡା ମିଳିତଭାବେ ଓଏଚ୍‌ଆର୍‌ସିରେ ଏକ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି କରି ଆୟୋଗ ଶୁକ୍ରବାର ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲା ଅନୁଯାୟୀ, ୧୯୮୦ ଓ ୮୨ ମସିହାରେ ହୋଇଥିବା କନ୍ଦଳ ନଦୀ ବନ୍ୟାରେ ଅଗିଣଲ ଘାଟ ପାଖରେ ଏକ ଘାଇ ସୃଷ୍ଟି ହୋଇଥିଲା। ସେଥିରେ ଅଡ଼ଶପୁର ଗାଁର ୧୩ ପରିବାରର ଘରଡିହ ନଦୀ ଗର୍ଭରେ ଲୀନ ହୋଇଯାଇଥିଲା। ତହସିଲ ରେକର୍ଡ ଅନୁଯାୟୀ ଏବେ ଉକ୍ତ ଘରଡିହ ନଦୀରେ ମିଶିଯାଇଛି। ତେଣୁ ସେମାନଙ୍କୁ ସ୍ଥାନୀୟ ଅଞ୍ଚଳର ଏକ ଗୋଚର ଜମିରେ ଥଇଥାନ କରାଯାଇଛି। ଦୀର୍ଘ ୪୩ବର୍ଷ ହେଲା ୧୩ ପରିବାର ସେଠାରେ ରହିବା ସହ ଉକ୍ତ ଜମିର ପଟ୍ଟା ପାଇବାକୁ କଣ୍ଟାପଡା ତହସିଲଦାର ପାଖେ ସତ୍ୟପାଠ ଦାଖଲ କରିଛନ୍ତି। ତହସିଲଦାର ଓ ଉପଜିଲାପାଳ ମିଳିତ ଭାବେ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି। ଗୋଚର ଜମିରେ ରହୁଥିବା ପରିବାରଗୁଡ଼ିକ ସରକାରଙ୍କୁ ଅନ୍ୟତ୍ର ଜମିଦେଇ ଉକ୍ତ ଜମିକୁ ନିଜ ନାମରେ ପଟ୍ଟା କରିବାକୁ ରାଜି ଅଛନ୍ତି। ଜିଲାପାଳ ଉକ୍ତ ରିପୋର୍ଟକୁ ସେଣ୍ଟ୍ରାଲ ଆର୍‌ଡିସିଙ୍କୁ ଦେଇଛନ୍ତି। ଆର୍‌ଡିସି ମେମ୍ବର ବୋର୍ଡ ଅଫ ରେଭିନ୍ୟୁକୁ ପଠାଇଛନ୍ତି। ବୋର୍ଡ ରେଭିନ୍ୟୁ ରାଜସ୍ୱ ବିଭାଗକୁ ଦେବାପରେ ଜମି ଅଦଳ ବଦଳ ଏକ୍ଷେତ୍ରରେ ଏକ ଜନସ୍ୱାର୍ଥ ପ୍ରସଙ୍ଗ ନୁହେଁ ବୋଲି ବିଭାଗୀୟ ଅତିରିକ୍ତ ଶାସନ ସଚିବ ଆଦେଶ ଦେଇ ଏହି ପ୍ରସ୍ତାବ ଖାରଜ କରିଦେଇଛନ୍ତି। ଏପଟେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ କହିଛନ୍ତି, ବନ୍ୟା ପ୍ରପୀଡିତ ଲୋକଙ୍କୁ ସ୍ୱତନ୍ତ୍ର ଭାବେ ଥଇଥାନ କରାଯିବ। ଗୋଟିଏ ପଟେ ମନ୍ତ୍ରୀ ଥଇଥାନ କରିବାକୁ ଘୋଷଣା କରୁଥିବାବେଳେ ଅନ୍ୟପଟରେ ସଂପୃକ୍ତ ବିଭାଗ ଜନସ୍ୱାର୍ଥକୁ ଠିକ୍ ଭାବେ ତର୍ଜମା ନ କରି ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଖାରଜ କରିଦେବା ଅନ୍ୟାୟ ବୋଲି ଆବେଦନକାରୀମାନେ ଅଭିଯୋଗ କରିଛନ୍ତି।

# ୨ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀ ଗିରଫ

ଭୁବନେଶ୍ୱର, ୨୮।୧୧(ତ୍ରିନାଥ ମହାନ୍ତି)

ଦୁଇଜଣ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ। ସେମାନେ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳର ପରୀକ୍ଷିତ ପ୍ରଧାନ ଏବଂ କନ୍ଧମାଳର ମଦନ ପ୍ରଧାନ। ସେମାନଙ୍କ ନିକଟରୁ ଏସ୍‌ଟିଏଫ ୧୫୬ କେଜିର ଗଞ୍ଜେଇ ଜବତ କରିଛି। ଏହାର ବଜାର ମୂଲ୍ୟ ୯ଲକ୍ଷ ଟଙ୍କାର ଅଧିକ ହେବ। ଦୁଇ ଅଭିଯୁକ୍ତ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗୁପ୍ତେଶ୍ୱର ମନ୍ଦିର ନିକଟରେ ଏକ ଘରେ ଗଞ୍ଜେଇ ସଂଗ୍ରହ କରି ରଖିଥିଲେ। ଏହାକୁ କନ୍ଧମାଳ ଜିଲାକୁ ଚାଲାଣ କରିଥାନ୍ତେ। ସେଠାରୁ ଗଞ୍ଜେଇ ବିହାରକୁ ଚାଲାଣ କରାଯିବାର ଯୋଜନା ହୋଇଥିଲା। ଏନେଇ ଖବର ପାଇବା ପରେ ଏସ୍‌ଟିଏଫ୍ ଟିମ୍ ଗୁରୁବାର ବିଳମ୍ବିତ ରାତିରେ ଉକ୍ତ ଘର ଉପରେ ଚଢାଉ କରି ଦୁଇ ଜଣଙ୍କୁ କାବୁ କରିଥିଲା।

# ଦମ୍ପତି ଶିକ୍ଷକ ବଦଳିରେ ବିଳମ୍ବ, ଆଜିଠୁ ଗଣଧାରଣା

ଭୁବନେଶ୍ୱର,୨୮।୧୧ (ସୁଚିସ୍ମିତା ସାହୁ)

## ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟମ ମାନୁ ନ ଥିବା ଅଭିଯୋଗ

ଚଳିତବର୍ଷ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦମ୍ପତିଙ୍କ ବଦଳିରେ ଅହେତୁକ ବିଳମ୍ବ ହୋଇଛି। ପ୍ରାୟ ୬ମାସରୁ ଅଧିକ ସମୟ ଧରି ବଦଳି ପାଇଁ ଆବେଦନ କରିଥିଲେ ସୁଦ୍ଧା ଏଯାବତ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଫଳରେ ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ବଦଳି ପ୍ରକ୍ରିୟା ସରକାରୀ ନିୟମାବଳୀରେ ଥାଇ ମଧ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସେମାନଙ୍କର ବଦଳି ପ୍ରକ୍ରିୟାକୁ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟକାରୀ କରୁ ନ ଥିବା ହାଇସ୍କୁଲ ଟିଚର(ଟିଜିଟି) ୱାର୍କିଂ ସ୍ୱାଉସ୍ ଆସୋସିଏଶନ ପକ୍ଷରୁ ଅଭିଯୋଗ କରିବା ସହ ବଡ଼ ଧରଣର ଆନ୍ଦୋଳନ ଚେତାବନୀ ଦେଇଛି। ଚଳିତ ବର୍ଷର ଟିଜିଟି ଦମ୍ପତି ବଦଳି ପ୍ରକ୍ରିୟା ୧୦ଦିନ ମଧ୍ୟରେ କାର୍ଯ୍ୟକାରୀ ନ ହେଲେ, ଅନଲାଇନ ବଦଳି ଆବେଦନ କରିଥିବା ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକ ପରିବାର ସହିତ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ। ଏଥିସହ ଶନିବାରଠାରୁ ଶାନ୍ତିପୂର୍ଣ୍ଣ ଭାବେ ଲୋୟର ପିଏମ୍‌ଜିରେ ଧାରଣାରେ ବସିବେ ବୋଲି ଶୁକ୍ରବାର ଉତ୍କଳ ସାମ୍ବାଦିକ ସଂଘରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ଆବାହକ ରାମକୃଷ୍ଣ ସେଠୀ, ମାନସ ରଞ୍ଜନ ରଣା ପ୍ରମୁଖ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ବଦଳି ନିୟମ ଅନୁଯାୟୀ, ଦମ୍ପତି ଶିକ୍ଷକଙ୍କ ବଦଳିକୁ ପ୍ରାଥମିକତା ଦେବାକୁ ବଦଳି ନିୟମରେ ଉଲ୍ଲେଖ ରହିଛି। ମାତ୍ର ବଦଳି ଆବେଦନ କରିଥିବା ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକ ବାରମ୍ବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କୁ ନିବେଦନ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ବିଗତବର୍ଷ ମୋହନ ସରକାର ପ୍ରଥମ କରି ଦମ୍ପତି ଶିକ୍ଷକ ବଦଳି କାର୍ଯ୍ୟକାରୀ କରିଥିଲେ। କିନ୍ତୁ ଚଳିତବର୍ଷ ବିଭାଗୀୟ ଉଦାସୀନତା ପାଇଁ ଏହି କାର୍ଯ୍ୟ ଆଗେଇ ପାରୁନାହିଁ। ଦମ୍ପତି ଶିକ୍ଷକ ପରସ୍ପରଠାରୁ ଦୂରରେ ରହୁଥିବାରୁ ପାରିବାରିକ ଅଶାନ୍ତି ଦେଖାଦେଉଛି, ଯାହା ପରୋକ୍ଷରେ ଶିକ୍ଷାଦାନକୁ ପ୍ରଭାବିତ କରୁଛି। ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସଂଘ କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତାମାନେ ଅଭିଯୋଗ ଆଣୁଛନ୍ତି।

**ଚୋରା ବାଲି ବୋଝେଇ ଗାଡ଼ି ଜବତ**

ବାଙ୍କୀ, ( ଶୁଭେନ୍ଦୁ ମହାପାତ୍ର): କଟକ ଏମ୍‌ଭିଆଇଙ୍କ ପକ୍ଷରୁ ଗୁରୁବାର ରାତିରେ ଗାଡି ଯାଞ୍ଚ କରାଯାଇଛି। ଏହି ଅବସରରେ ବାଙ୍କୀ ଥାନା ଅନ୍ତର୍ଗତ ଅଂଶୁପା ମୁଖ୍ୟ ରାସ୍ତା ଦେଇ ଦ୍ରୁତ ଗତିରେ ଯାଉଥିବା ଏକ ବାଲି ବୋଝେଇ ଗାଡ଼ି ଧରାପଡ଼ିଛି। ତେବେ ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ଚଢ଼ାଉ ପରେ ଉକ୍ତ ଚୋରା ବାଲି ବୋଝେଇ ଗାଡ଼ିକୁ ସୁବର୍ଣ୍ଣପୁର ବିଟ୍ ହାଉସ ପୋଲିସକୁ ଜିମା ଦିଆଯାଇଛି ବୋଲି ଏସ୍‌ଆଇ ସମ୍ବିତ ସ୍ୱାଇଁ କହିଛନ୍ତି।

## ସଂକ୍ଷେପରେ

### ୨୫ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ଜଙ୍ଗଲୀ ଜନ୍ତୁ ମାରି ମାଂସ ବିକ୍ରି ଭିଡିଓ ଭାଇରାଲ ଘଟଣା**

ବାଙ୍କୀ , ୨୮।୧୧( ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ଉପଖଣ୍ଡ କୁସପଙ୍ଗି ପଞ୍ଚାୟତ ଅନ୍ତର୍ଗତ ଅରାଚଣ୍ଡୀ ଜଙ୍ଗଲରେ ଦିବାଲୋକରେ ଜଙ୍ଗଲୀ ଜନ୍ତୁ ଧରି ହତ୍ୟା କରିବା ଏବଂ ମାଂସ କାଟି ବିକ୍ରି କରୁଥିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ଖବରପାଇ ଶିଶୁଆ ଫରେଷ୍ଟ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏହାପୂର୍ବରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ମାମଲା ( ନଂ. ୯/୨୫) ରୁଜୁ କରାଯାଇଛି ବୋଲି ଶିଶୁଆ ଫରେଷ୍ଟ ବିଭାଗ ଅଧିକାରୀ ଶ୍ରୀକାନ୍ତ ବେହେରା କହିଛନ୍ତି। ଏହି ଘଟଣାକୁ ୨୫ ଦିନରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ବନ ବିଭାଗ କିମ୍ବା ବାଙ୍କୀ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରିବେଶବିତ୍ ଓ ସାମାଜିକ କର୍ମୀମାନେ କହିଛନ୍ତି।

### ପ୍ରାଥମିକ, ନିମ୍ନ ପ୍ରାଥମିକ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶ

ତିଗିରିଆ,୨୮।୧୧(ଜାଫର ଖାଁ)

ତିଗିରିଆ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ମେଧାବୃତ୍ତି, ପ୍ରାଥମିକ ଆର୍ଥିକ ଅନଗ୍ରସର ମେଧାବୃତ୍ତି, ନିମ୍ନ ପ୍ରାଥମିକ ମେଧାବୃତ୍ତି ଓ ନିମ୍ନ ପ୍ରାଥମିକ ଆର୍ଥିକ ଅନଗ୍ରସର ମେଧାବୃତ୍ତି ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ବ୍ଲକ ଶିକ୍ଷା ଅଧିକାରୀ ଅମର କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଚିଠି ନଂ.୨୫୧୪, ୨୫୧୭, ୨୫୦୮ ଓ ୨୫୧୧ ଅନୁଯାୟୀ ଏହି ଫଳାଫଳ ପ୍ରକାଶ ପାଇଛି। ପ୍ରାଥମିକ ମେଧାବୃତ୍ତି ପାଇବାକୁ ଶ୍ରେୟାଂଶୁ କୁମାର କୁଣ୍ଡୁ, ସିଦ୍ଧାର୍ଥ ଶଙ୍କର ସାହୁ, ଓମ୍ ପ୍ରକାଶ କଟୁଆଳ, ଆଶୁତୋଷ ସାହୁ, ବିଶ୍ୱରୂପା ବେହେରା, ସ୍ମୃତି ରଞ୍ଜନ ସାହୁ, ଦିବ୍ୟସ୍ମିତା ପାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି।

ସେହିପରି ପ୍ରାଥମିକ ଆର୍ଥିକ ଅନଗ୍ରସର ମେଧାବୃତ୍ତି ପାଇଁ ଅଙ୍କିତା ବେହେରା, ସାଇକ୍ରିଷ୍ଟା ଜେନା, ଶକ୍ତି ପ୍ରସାଦ ଦାସ, ପୁଷ୍ପଲତା ବେହେରା, ଜ୍ଞାନରଞ୍ଜନ ରାଉତ, ରୋଜାଲିନ ପ୍ରିୟଦର୍ଶିନୀ ରାଉତ ଓ ଅଂଶୁମାନ ରଣା ଯୋଗ୍ୟ ବିବେଚିତ ହୋଇଛନ୍ତି। ନିମ୍ନ ପ୍ରାଥମିକ ମେଧାବୃତ୍ତି ପାଇଁ ଅନିମେଶ ସାହୁ, ମାଧୁରୀ ମଧୁପର୍ଣ୍ଣା, ସୌମ୍ୟରଞ୍ଜନ ଦାସ, ସୁଭାଶିଷ ବାହାଡି, ପ୍ରୀତିପଲ୍ଲବୀ ଦାଶ, ଶ୍ରୀୟାନ୍ସ ଶେଖର ସାହୁ ଓ ବିଷ୍ଣୁ ପ୍ରସାଦ ଦାସ ଯୋଗ୍ୟତା ହାସଲ କରିଛନ୍ତି। ଅନୁରୂପ ଭାବେ ନିମ୍ନ ପ୍ରାଥମିକ ଆର୍ଥିକ ଅନଗ୍ରସର ମେଧାବୃତ୍ତି ପାଇଁ ଆରାଧନା ସାମନ୍ତସିଂହାର, ତପନ କୁମାର ସାମଲ, ଆୟୁଷ କୁମାର ସ୍ୱାଇଁ, ଆଶୁତୋଷ ରାଉତ, ବିଦ୍ୟୁସ୍ମିତା ବେହେରା, ତେଜସ୍ୱିନୀ ଦାଶ ଓ ସ୍ୱୟଂଶ୍ରୀ ପରିଡା ଯୋଗ୍ୟ ବିବେଚିତ ହୋଇଛନ୍ତି।

# ୪୦ ହାଇୱା ଜବତ, ୧୩.୨୫ ଲକ୍ଷ ଜରିମାନା



ଆଠଗଡ଼ ପ୍ରଶାସନ ପକ୍ଷରୁ ଜବତ କରାଯାଇଥିବା ବାଲି ବୋଝେଇ ହାଇୱା।

**ଆଠଗଡ଼ ପ୍ରଶାସନର ଅତର୍କିତ ଚଢ଼ାଉ**

ଆଠଗଡ,୨୮।୧୧ ( ସତ୍ୟ ପ୍ରସାଦ ରଥ):

ଆଠଗଡ଼ ଦେଇ ପ୍ରତିଦିନ ଲଘୁ ଖଣିଜ ପଦାର୍ଥ ଅବାଧ ଚାଲାଣ ହେଉଥିଲା । ବାଲି ମୋରମଠାରୁ ଆରମ୍ଭ କରି କଳା ମେଟାଲ ଏବଂ ଚିପ୍ସ ଇତ୍ୟାଦି ହାଇୱା ମାଧ୍ୟମରେ ଜିଲା ତଥା ବାହାରକୁ ଚୋରା ଚାଲାଣ ହେଉଥିଲା। ଏ ବାବଦରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଶେଷରେ ଆଠଗଡ଼ ପ୍ରଶାସନର ଚେତା ପଶିଛି। ଗୁରୁବାର ରାତିରେ ବିଭିନ୍ନ ସ୍ଥାନରେ ଅତର୍କିତଭାବେ ଚଢ଼ାଉ କରିଛି। ଆଠଗଡ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ନେତୃତ୍ୱରେ ୨୦ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪୦ ହାଇୱା ଜବତ କରିଛି। ସବୁଥିରେ ଚିପ୍ସ, କ୍ରଶର ଗୁଣ୍ଡ ଭଳି ଲଘୁ ଖଣିଜ ପଦାର୍ଥ ରହିଥିଲା। କିଛି ଗାଡ଼ିର କାଗଜପତ୍ରଠାରୁ ଆରମ୍ଭ କରି ଚାଲାଣ କାଗଜ ୱାଇ ଫର୍ମ ଥିବା ବେଳେ ସବୁଥିରେ କିନ୍ତୁ ଗାଡିର କ୍ଷମତା ଠାରୁ ଅଧିକ ବୋଝେଇ ହୋଇଥିଲା। ପ୍ରଶାସନ ପକ୍ଷରୁ ସବୁ ଗାଡ଼ିକୁ ମହୋତ୍ସବ ପଡ଼ିଆକୁ ଆଣି ପରିବହନ ବିଭାଗ ଏବଂ ଖଣି ବିଭାଗକୁ ଖବର ଦିଆଗଲା। ପରିବହନ ବିଭାଗ ପକ୍ଷରୁ ଇନ୍ସପେକ୍ଟର ରଞ୍ଜନ କୁମାର ଦୋରା ଗାଡିଗୁଡ଼ିକୁ ଯାଞ୍ଚ କରି ୩ ଗାଡ଼ିର କାଗଜପତ୍ର ଠିକ ଥିବାରୁ ସେଗୁଡିକ ଛାଡି ଦେଇଥିଲେ। ବାକି ଗାଡିରୁ ସମୁଦାୟ ୧୩,୨୫୮୨୪ ଟଙ୍କା ଜରିମାନା କଟାଯାଇଛି। ଏଗୁଡ଼ିକ ମଧ୍ୟରୁ ଗୋଟିଏ ଗାଡ଼ି (ନଂ.ଓଡି –୦୫– ବିଏକ୍ସ –୧୬୬୬)ର କୌଣସି କାଗଜପତ୍ର ଠିକ୍ ନ ଥିବା ଯୋଗୁ ତା'ଉପରେ ୫୦ ହଜାର ଟଙ୍କା ଜରିମାନା ଚାଲାଣ କାଟି ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ଗୁରୁବାର କଟକ ଜିଲାପାଳ, ଆଠଗଡ଼ ଉପଜିଲାପାଳଙ୍କ ସମେତ ଜିଲାର ୩୬ ଜଣ ଅଧିକାରୀଙ୍କ ଦରମା ବନ୍ଦ ପରେ ଏହା ପାର୍ଶ୍ୱ ପ୍ରତିକ୍ରିୟା ବୋଲି ସାଧାରଣରେ ଆଲୋଚନା ହେଉଛି।

## ବଜାର ଦର ଅନୁସାରେ ଜମିର ମୂଲ୍ୟାଙ୍କନ ଦାବି

**ଗ୍ରୀନ୍‌ଫିଲ୍ଡ ଜାତୀୟ ରାଜପଥ ନିର୍ମାଣ ପାଇଁ ଭୂମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ**

ବାଙ୍କୀ,୨୮।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ଉପଖଣ୍ଡରେ ଗ୍ରୀନ୍‌ଫିଲ୍ଡ ଜାତୀୟ ରାଜପଥ ନିର୍ମାଣ ପାଇଁ ଭୂମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିଯୋଗୁ ଶିମିଳିପୁର, ମକୁନ୍ଦପୁର ଚାରିଘରିଆ, ବରପଦନପୁର ମୌଜାର ବହୁ ଚାଷୀ ଜମି ହରାଉଛନ୍ତି। ଏହି ଜମିଗୁଡ଼ିକୁ ବଜାର ଦର ହିସାବରେ ମୂଲ୍ୟାଙ୍କନ କରାଯାଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ମକୁନ୍ଦପୁର ଚାରିଘରିଆ , ବରପଦନପୁର ମୌଜାର ପ୍ରସନ୍ନ ନାୟକ, ମଦନ ମୋହନ ବେହେରା,ଶରତଚନ୍ଦ୍ର ମନ୍ତ୍ରୀ, ସୂର୍ଯ୍ୟମଣି ନାୟକ, ପ୍ରମୋଦ କୁମାର ସାହୁ, ଅଦ୍ୱୈତ କୁମାର ସାମଲ, ଗଣେଶ୍ୱର ସାହୁ, ଜିତେନ ନାୟକଙ୍କ ସମେତ ସହସ୍ରାଧିକ ଚାଷୀ ଲିଖିତ ଭାବେ ମୁଖ୍ୟମନ୍ତ୍ରୀ, ଏମ୍‌ପି, ବିଧାୟକ, ଜିଲାପାଳ, ଉପଜିଲାପାଳଙ୍କ ସମେତ ବାଙ୍କୀ ଓ ଡମପଡ଼ା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ସାତପୁରୁଷ ଧରି ଚାଷ କରୁଥିବା ଜମି ସେମାନଙ୍କ ହାତରୁ ଚାଲିଗଲେ ପରିବାର ଭରଣପୋଷଣ କରିବା ଅସମ୍ଭବ ହୋଇପଡ଼ିବ। ଅଧିଗ୍ରହଣ ହେଉଥିବା ଜମିର ନିର୍ଦ୍ଧାରିତ ମୂଲ୍ୟାଙ୍କନ କରାଯାଇ ତା'ବଦଳରେ ଅନ୍ୟତ୍ର ଜମି ଦିଆଯିବା ସହ ପରିବାର ଭରଣପୋଷଣ ନିମନ୍ତେ କେନ୍ଦ୍ର ସରକାରଙ୍କ ଅଧୀନରେ ଜଣକୁ ସ୍ଥାୟୀ ନିଯୁକ୍ତି ଦେବାକୁ ସ୍ଥାନୀୟ ଅଧିବାସୀମାନେ ଦାବି କରିଛନ୍ତି। ଏବେ ଏହି ମୌଜାରେ ଜମିର ମୂଲ୍ୟ ଯାହା ଅଛି ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ତା'ଠାରୁ ବହୁତ କମ ରହିଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରା ନ ଗଲେ ଆଗାମୀ ଦିନରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ କରିବେ ବୋଲି ସୂଚନା ଦେଇଛନ୍ତି।

## ୫ ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

**ଷ୍ଟେଟ ବ୍ୟାଙ୍କ, ସର୍ବୋତ୍ତମ ସୋସିଆଲ ଅର୍ଗାନାଇଜେଶନର ସହାୟତା**

କଟକ,୨୮।୧୧(କାର୍ତ୍ତିକ ସାହୁ)

ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଅତ୍ୟାଧୁନିକ ଜ୍ଞାନକୌଶଳ କେନ୍ଦ୍ରରେ ପରିଣତ କରିବା ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ସର୍ବୋତ୍ତମ ସୋସିଆଲ ଆର୍ଗାନାଇଜେଶନ ମିଳିତ ସହଯୋଗରେ କଟକ ଜିଲାରେ ୫ଟି ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଅତ୍ୟାଧୁନିକ ସ୍କୁଲ ପରି ଅଙ୍ଗନୱାଡି କେନ୍ଦ୍ରକୁ ସ୍ମାର୍ଟ କେନ୍ଦ୍ରରେ ପରିଣତ କରିବା ଉଦେଶ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ କଟକ ମ୍ୟୁନିସିପାଲିଟି ସହିତ ସାଲେପୁର ଓ ଟାଙ୍ଗୀ ବ୍ଲକରେ ପ୍ରାୟ ୫ଟି ଅଙ୍ଗନୱାଡି କେନ୍ଦ୍ରକୁ ବିଭିନ୍ନ ପ୍ରକାର ଖେଳ ଉପକରଣ, ସ୍ମାର୍ଟ ଟିଭି, ଆକ୍ୱାଆଗାର୍ଡ, ବିଭିନ୍ନ ପ୍ରକାର ବହି ଓ ପାଠ ଉପକରଣ ପ୍ରଦାନ କରାଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ସିଡିପିଓ, ଅଙ୍ଗନୱାଡି ସୁପରଭାଇଜର, ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ଶାଖା ପ୍ରବନ୍ଧକ ଚୌଧୁରୀ ଅସୀମ ଅନୁପମ ପ୍ରହରାଜ ଓ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ସର୍ବୋତ୍ତମ ସୋସିଆଲ ଅର୍ଗନାଇଜେଶନର ଏହି ପ୍ରୟାସକୁ ଉପସ୍ଥିତ ଅତିଥି ଓ ଜନସାଧାରଣ ପ୍ରସଂଶା କରିବା ସହିତ ଆଗାମୀ ଦିନରେ ଆହୁରି ଅଧିକ ଅଙ୍ଗନୱାଡି କେନ୍ଦ୍ରକୁ ଏହିପରି ସ୍ମାର୍ଟ କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ଅନୁରୋଧ କରିଥିଲେ। ଅନୁଷ୍ଠାନ ସମ୍ପାଦିକା ଶ୍ରାବଣୀ ରାୟ, ଅଞ୍ଜଳି ବେହେରା, ଆକାଶ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଭାରତୀୟ ସଂସ୍କୃତି, ପରମ୍ପରା ମାଧ୍ୟମରେ ପିଲାଙ୍କୁ ଶିକ୍ଷା ଦିଅ'

**ଆର୍‌ଏସ୍‌ଏସ୍‌ର କୁଟୁମ୍ବ ପ୍ରବୋଧନ କାର୍ଯ୍ୟକ୍ରମ**

ସାଲେପୁର,୨୮।୧୧(ଅରବିନ୍ଦ ଭୂୟାଁ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସାଲେପୁର ଖଣ୍ଡ ତରଫରୁ କୁଟୁମ୍ବ ପ୍ରବୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସାଲେପୁର ଖଣ୍ଡ ସଂଘ ଚାଳକ ଡ. ଚିତ୍ତରଞ୍ଜନ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଅଖିଳ ଭାରତୀୟ କୁଟୁମ୍ବ ପ୍ରବୋଧନ ସଂଯୋଜକ ଡ. ରବୀନ୍ଦ୍ର ଯୋଶୀ ଯୋଗଦେଇ ପ୍ରତି ପରିବାର ଭାରତୀୟ ସଂସ୍କୃତି ଓ ପରମ୍ପରା ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବପ୍ରାନ୍ତ କୁଟୁମ୍ବ ପ୍ରବୋଧନ ସଂଯୋଜକ ବୈକୁଣ୍ଠନାଥ ସାହୁ ଓ କଟକ ବିଭାଗ ସଂଘ ଚାଳକ ତଥା ପୂର୍ବ ପ୍ରାନ୍ତ କୁଟୁମ୍ବ ପ୍ରବୋଧନ ସହ ସଂଯୋଜକ ଡ. ଗୌତମ ମହାରଣା ଯୋଗଦେଇଥିଲେ। ଏହି ଅବସରରେ ସାଲେପୁର ଅଞ୍ଚଳର ଆଦର୍ଶ ମାତା, ଆଦର୍ଶ ବାପା, ଆଦର୍ଶ ଯୌଥ ପରିବାର ଓ ବିଭିନ୍ନ ସେବା ଶ୍ରମକୁ ସେବା କାର୍ଯ୍ୟ ପାଇଁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ୨୫୦ରୁ ଉର୍ଦ୍ଧ୍ୱ ନବଦମ୍ପତି, ପୁରୋହିତ, ଗୀତା ବ୍ୟାଖ୍ୟାକାର, କଥାବାଚକ ଓ କୁଟୁମ୍ବ ମିତ୍ର ଯୋଗଦେଇଥିଲେ। ପ୍ରାନ୍ତ ପର୍ଯ୍ୟାବରଣ ପ୍ରମୁଖ ବଳରାମ ଦାଶ, ପ୍ରାନ୍ତ ଗ୍ରାମ ବିକାଶ ପ୍ରମୁଖ ଅବିନାଶ ଆଚାର୍ଯ୍ୟ, ଡ. ପୂର୍ଣ୍ଣ ଚନ୍ଦ୍ର ଓଝା ଓ ଶିଶୁ ମନ୍ଦିର ପ୍ରଶାସକ ପ୍ରଶାନ୍ତ କର ଅତିଥିଭାବେ ଯୋଗଦେଇ ଥିବାବେଳେ ଖଣ୍ଡ କାର୍ଯ୍ୟବାହ ଜଗନ୍ନାଥ ପ୍ରଧାନ ଓ କଟକ ଜିଲା ସଦଭାବନା ସଂଯୋଜକ ଚିନ୍ମୟ ରଞ୍ଜନ ଶତପଥୀ ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ।



ସାଲେପୁର ଅଞ୍ଚଳର ଆଦର୍ଶ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ବିଦ୍ୟାଭୂଷଣ



@ ବିଶ୍ୱନାଥ



@ ଜ୍ଞାନରଞ୍ଜନ



@ ସୁରେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## 'ଧାର୍ମିକ ହୁଅ ଧର୍ମାନ୍ଧ ହୁଅନାହିଁ'

**ଚୈତନ୍ୟ ସାହୁ ସ୍ନାତକ କଳା ଓ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**

ତିଗିରିଆ, ୨୮।୧୧( ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ ସ୍ନାତକ କଳା ଓ ବିଜ୍ଞାନ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ 'ମହକ ୨୦୨୫' ଶୁକ୍ରବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗବନ୍ଧୁ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଶିକ୍ଷକମାନେ ପୁରାଣକୁ ନେଇ ବିଜ୍ଞାନ ସହ ଯୋଡ଼ନ୍ତୁ ନାହିଁ ବୋଲି କହିଥିଲେ। ଏଥିସହ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଧାର୍ମିକ ହୁଅ ଧର୍ମାନ୍ଧ ହୁଅ ନାହିଁ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ନରସିଂହପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.କୁଳମଣି ବାରିକ ଯୋଗଦେଇ ଶୃଙ୍ଖଳିତ ଛାତ୍ରୀଛାତ୍ର ହେଉଛନ୍ତି ଦେଶର ପୁଞ୍ଜି। ଚେତନାର ବିକାଶ ଭାରତରେ ହୋଇଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ତିଗିରିଆ ବ୍ଲକ ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ଚୈତନ୍ୟ ସାହୁ ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ସାଂସ୍କୃତିକ ପରିଷଦ ଅଧ୍ୟକ୍ଷ ଦେବରାଜ ପଣ୍ଡା, ବିଜୟ ମିଶ୍ର ଓ ସରୋଜ କାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ନାତକ ମହାବିଦ୍ୟାଳୟର ନୂତନ ପ୍ରଶାସନିକ କୋଠାର ଶୁଭଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## କାଳୀଚରଣ ନାଟ୍ୟଜଗତର ଜଣେ ସ୍ୱାଭିମାନୀ ସାଧକ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଓଡ଼ିଆ ପାଠଚକ୍ର**

ବଡ଼ମ୍ବା, ୨୮।୧୧(ମାୟାଧର ମଲ୍ଲିକ)

ବଡ଼ମ୍ବାସ୍ଥିତ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଏକ ଓଡ଼ିଆ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ନାଟ୍ୟ ସାହିତ୍ୟକୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଅବଦାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମୋହିତ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶୈଳବାଳା ମହିଳା ମହାବିଦ୍ୟାଳୟ ଓଡ଼ିଆ ସ୍ନାତକୋତ୍ତର ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ. ଚିତ୍ତରଞ୍ଜନ ପଣ୍ଡା ଯୋଗଦେଇ କାଳୀଚରଣ ନାଟ୍ୟ ଜଗତର ଜଣେ ସ୍ୱାଭିମାନୀ ସାଧକ ଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ବିଜୟଲକ୍ଷ୍ମୀ ଦାଶ ଓ ସମ୍ମାନିତ ଅତିଥିଭାବେ ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ନାଟ୍ୟକାର କାଳୀଚରଣଙ୍କ ନାଟକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ସରିତା ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ନାଟ୍ୟକାର କାଳୀଚରଣଙ୍କ ବିଭିନ୍ନ ନାଟକ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ଡ. ଅରବିନ୍ଦ ନାୟକ ଯୋଗଦେଇ ବଡ଼ମ୍ବା ମାଟି ସହ କାଳୀଚରଣଙ୍କ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ବିଭାଗର ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀଧର ପଣ୍ଡା, ଅଧ୍ୟାପିକା ସୁଶ୍ରୀ ସଂଗୀତା ମହାପାତ୍ର, ଡ. ଗୌତମୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଅଧ୍ୟାପିକା ଡ. ପୁଷ୍ପଲତା ପାଣିଗ୍ରାହୀ, ଶିକ୍ଷା ବିଭାଗ ମୁଖ୍ୟ ପ୍ରିୟମ୍ବଦା ଦାଶ, ଅଧ୍ୟାପିକା ସସ୍ମିତା ବେହେରା, ଗଣିତ ବିଭାଗ ମୁଖ୍ୟ କେଦାରନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ମହାବିଦ୍ୟାଳୟ ଛାତ୍ରୀ ପ୍ରିୟଦର୍ଶିନୀ ରଣା ଓ ଶୁଭଲକ୍ଷ୍ମୀ ରାଉତ ପାଠଚକ୍ରର ପ୍ରବନ୍ଧ ପାଠ କରିଥିଲେ। ମହାବିଦ୍ୟାଳୟ ଓଡ଼ିଆ ବିଭାଗ ବରିଷ୍ଠ ଅଧ୍ୟାପିକା ଡ. ସୁବାସିନୀ ସାହୁ ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଲକ୍ଷ୍ମୀଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମୃତ୍ୟୁ

ବୋଲଗଡ଼,୨୮।୧୧(ଦେବବ୍ରତ ହୋତା)

ବୋଲଗଡ଼ ଥାନା ସଦର ସ୍ଥିତ କଲେଜ ଲେନ୍‌ର ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ସେ ହେଲେ ମହେନ୍ଦ୍ର ଦାସ(୭୩)। ସୂଚନା ମୁତାବକ, ସବୁଦିନ ଭଳି ମହେନ୍ଦ୍ର ବୁଧବାର ପ୍ରାତଃ ଭ୍ରମଣରେ ବାହାରି ସ୍ଥାନୀୟ ବ୍ଲକ ଛକ ନିକଟ ଦୋକାନରୁ ଚା’ ପିଇବା ପାଇଁ ରାସ୍ତାର ବାମକଡ଼ରେ ଚାଲିଚାଲି ଯାଉଥିଲେ। ତେବେ ଭୁବନେଶ୍ୱର ପଟୁ ନୟାଗଡ଼ ଅଭିମୁଖେ ଯାଉଥିବା ଏକ ଅଜଣା ଗାଡ଼ି ତାଙ୍କୁ ପଛପାର୍ଶ୍ୱରୁ ଧକ୍କାଦେଇ ପଳାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ମହେନ୍ଦ୍ର ଜଗତ୍‌ସିଂହପୁର ଜିଲାର ମୂଳ ବାସିନ୍ଦା ହୋଇଥିଲେ ମଧ୍ୟ ଦୀର୍ଘବର୍ଷ ଧରି ସ୍ଥାନୀୟ କଲେଜ ଲେନରେ ଘର କରି ସ୍ଥାୟୀ ବାସିନ୍ଦା ଭାବେ ରହି ଆସୁଥିଲେ।

### ପୁଣି ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)

ଜଙ୍କିଆ, ବାଘମାରୀ ପରେ ଏବେ ସଦର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ ଯେ, ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ଆଣିଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତଦନ୍ତ ଜାରି ରଖିଛି।

### ମାଙ୍କଡ଼ା ପଥର ବୋଝେଇ ୨ ଟ୍ରକ୍ ଜବତ

ବାଘମାରୀ,୨୮।୧୧(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ଥାନା ଅନ୍ତର୍ଗତ ଅତ୍ରି ତାରିଣୀ ଛକରୁ ବାଘମାରୀ ପୋଲିସ ବେଆଇନଭାବେ ଚାଲାଣ ହେଉଥିବା ମାଙ୍କଡ଼ା ପଥର ବୋଝେଇ ଦୁଇଟି ଟ୍ରକ ଜବତ କରିଛି। ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ପାଟ୍ରୋଲିଂ ବେଳେ ଦୁଇଟି ଟ୍ରକ୍ (ଓଆର୍ ୦୨ବିଏସ ୯୧୭୭ ଏବଂ ଓଆର୍ ୦୨ବିକେ ୩୦୯୯) ମାଙ୍କଡ଼ା ପଥର ବୋଝେଇ କରି ବାଘମାରୀ ଅଭିମୁଖେ ଆସୁଥିବାବେଳେ ପୋଲିସ ସେମାନଙ୍କୁ ପିଛା କରି ଧରିଥିଲେ। ତେବେ ଚାଳକଦ୍ୱୟ ଫେରାର ହୋଇଯାଇଥିଲେ।

### ସାମାଜିକ କର୍ମୀ ମଞ୍ଜୁଲତା ଖୁଣ୍ଟିଆଙ୍କ ପରଲୋକ

ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଅଞ୍ଚଳର ଜଣାଶୁଣା ମହିଳା ସମାଜସେବୀ ମଞ୍ଜୁଲତା ଖୁଣ୍ଟିଆ (୫୯)ଙ୍କ ହୃଦ୍‌ଘାତରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ଘଟିଛି। ଗୁରୁବାର ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୋର୍ଦ୍ଧା ଅଞ୍ଚଳରେ ସେ ମଞ୍ଜୁ ଅପା ନାମରେ ପରିଚିତ ଥିଲେ। ୧୯୮୦ ମାର୍ଚ୍ଚ ୧୭ରେ ସେ କଟକ ଜିଲାରୁ ଆସି ଖୋର୍ଦ୍ଧା କୋଣାର୍କ ଘଣ୍ଟା କମ୍ପାନୀରେ ଚାକିରି କରିଥିଲେ। ୧୯୯୬ରେ କମ୍ପାନୀ ବନ୍ଦ ହୋଇଯାଇଥିଲେ ମଧ୍ୟ ସେ ଖୋର୍ଦ୍ଧାରେ ରହି ବିଭିନ୍ନ ଅନୁଷ୍ଠାନରେ କାମ କରୁଥିଲେ। ଆଞ୍ଚଳିକ ମହିଳା ମହାସଂଘର ପୂର୍ବତନ ସମ୍ପାଦିକା, ଅଙ୍ଗନୱାଡ଼ି କେନ୍ଦ୍ରର ସହାୟିକା, ବାବା ଆଖଣ୍ଡଳମଣି ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକାଭାବେ ସୁଚାରୁ ଭାବେ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ କାଉନସିଲର ଅମିୟ ମହାନ୍ତି, ନାରୀ ନେତ୍ରୀ ବାସନ୍ତୀ ମହାପାତ୍ର, ବୀଣାପାଣି ମହାନ୍ତି, ଲୀଳା ସାହୁ, ସରୋଜିନୀ ମିଶ୍ର, ଅଞ୍ଜଳି ମିଶ୍ର, ରଞ୍ଜିତା ପଟ୍ଟନାୟକ, ଜ୍ଞାନରଞ୍ଜନ ଦାଶ, ସଦାଶିବ ଖୁଣ୍ଟିଆ, ନାରାୟଣ ଭୂୟାଁ, ସତ୍ୟ ନାରାୟଣ ପଟ୍ଟନାୟକ, ଶ୍ରୀବତ୍ସ ମିଶ୍ର, ଖବରଦାତା ଲଳିତ ମୋହନ ମହାପାତ୍ରଙ୍କ ସମେତ ଶତାଧିକ ମହିଳା ସହକର୍ମୀ ମେଡିକାଲରେ ପହଞ୍ଚିଥିଲେ। ସ୍ଥାନୀୟ ଗାନ୍ଧୀ ପଡିଆସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଦେବା ସହ ଶେଷ ଦର୍ଶନ କରିଥିଲେ।

# କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ଦେଶରେ ପ୍ରଶଂସିତ ଓଡ଼ିଶା ଏଜି

## ପଞ୍ଚମ ଅଡିଟ ସପ୍ତାହ ଉଦ୍‌ଯାପିତ

ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା)

ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ପଞ୍ଚମ ଅଡିଟ ସପ୍ତାହର ଉଦ୍‌ଯାପନୀ ସମାରୋହ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ(ସିଏଜି)ଙ୍କ ଆର୍ଥିକ ଶୃଙ୍ଖଳା ବଜାୟ ରଖିବା ଏବଂ ସାଧାରଣ ଦାୟିତ୍ୱ ସୁନିଶ୍ଚିତ କରିବାରେ ୧୫୦ ବର୍ଷରୁ ଅଧିକ ବର୍ଷର ଐତିହ୍ୟକୁ ପ୍ରଶଂସା କରିଥିଲେ। ସେ ପ୍ରଭାବଶାଳୀ ଢଙ୍ଗରେ କାମ କରିବା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ


ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ଅନ୍ୟ ଅତିଥି।

ଡିଜିଟାଲ ଉପକରଣଗୁଡିକ ଆପଣେଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ମହାଲେଖାକାର ଡି. ସାହୁ ସ୍ୱାଗତ ଭାଷଣରେ କହିଲେ, ଓଡିଶା ଏଜି ବିଭିନ୍ନ ସରକାରୀ କାର୍ଯ୍ୟକୁ ସରଳ, ସୁଗମ ଓ ଶୀଘ୍ର ସମ୍ପାଦନ ପାଇଁ ଉନ୍ନତ କୌଶଳ ଯଥା ନୂତନ ସଫ୍ଟୱେୟାର ପ୍ରସ୍ତୁତି ଓ ଏଆଇ ପ୍ରଯୁକ୍ତିବିଦ୍ୟା ଉପଯୋଗରେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରି ଦେଶରେ ପ୍ରଶଂସା ଭାଜନ ହୋଇପାରିଛି। ଦେଶର ବିଭିନ୍ନ ଏଜି କାର୍ଯ୍ୟାଳୟରୁ ଅଧିକାରୀମାନେ ଏହି ନୂତନ କୌଶଳ ତାଲିମ ନେବାପାଇଁ ଓଡିଶା ଏଜିକୁ ଆସୁଛନ୍ତି ବୋଲି ପ୍ରକାଶ କରିଥିଲେ। ପ୍ରଧାନ ମହାଲେଖାକାର ସୁବୁ ଆର. କହିଲେ, ଭାରତୀୟ ଅଡିଟ ଏବଂ ଆକାଉଣ୍ଟସ ବିଭାଗ ଆଗାମୀ ବର୍ଷଗୁଡ଼ିକରେ କାର୍ଯ୍ୟ ସମ୍ପାଦନରେ ଉତ୍କର୍ଷ ପାଇଁ ପ୍ରୟାସ ଜାରି ରଖିବା ସହିତ ଅଡିଟ ପାରାଗୁଡିକର ତ୍ୱରିତ କାର୍ଯ୍ୟକାରିତା ପାଇଁ ଜି-କନେକ୍ଟ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରିଛି। ଦେଶରେ ପ୍ରଥମଥର ପାଇଁ ଅଡିଟ ଅଦାଲତ ଅନୁଷ୍ଠିତ ହୋଇଛି। ସାଧାରଣ ଅଡିଟିଂରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନବସୃଜନ ପ୍ରତି ପ୍ରତିବଦ୍ଧତା ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଅଡିଟ ଓ ଆକାଉଣ୍ଟସ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହାଲେଖାକାର କାର୍ଯ୍ୟାଳୟର ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ସହ ମହିଳାଙ୍କ ରଙ୍ଗୋଲି ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଉପ ମହାଲେଖାକାର ପ୍ରଥମା ପ୍ରତୀକ୍ଷା ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଚାନ୍ଦୁଆ ବଜାରରେ ସିରିଜ୍ ଦୁର୍ଘଟଣା ଘଟାଇଲା କାର୍: ୫ ଗୁରୁତର

ପିପିଲି,୨୮।୧୧(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ଚାନ୍ଦୁଆ ବଜାରରେ ଶୁକ୍ରବାର ଏକ କାର୍ ସିରିଜ ଦୁର୍ଘଟଣା ଘଟାଇଛି। ଭୁବନେଶ୍ୱର ଅଭିମୁଖେ ଯାଉଥିବା ଦୁଇଟି ବାଇକକୁ ସାମ୍ନା ପଟୁ ଧକ୍କା ଦେଇ କାର୍‌ଟି ଏକ ଜଳଖିଆ ଦୋକାନ ଉପରକୁ ମାଡ଼ିଯାଇଥିଲା। ଫଳରେ ଜଳଖିଆ ଦୋକାନୀ ନାରାୟଣ ସିଂହ (୩୨)ଙ୍କ ସମେତ ୫ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପିପିଲି ପୋଲିସ ପହଞ୍ଚି କାର ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ କରୁଛି। ସେପଟେ କାର୍ ଭିତରେ ମଦ ବୋତଲ ଥିବାରୁ କାର ଚାଳକ ମଦ ପିଇ ବେପରୁଆ ଭାବେ ଗାଡ଼ି ଚଳାଉଥିବା ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି। ଆହତମାନଙ୍କୁ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ମଧ୍ୟାହ୍ନ ସମୟରେ ପିପିଲି ଚାନ୍ଦୁଆ ବଜାର ମୁଖ୍ୟ ରାସ୍ତାରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା ଏକ କାର୍ (ନଂ. ଓଡି ୦୨ ଏୱାଇ ୫୦୫୪) ଦ୍ରୁତଗତିରେ ସାମ୍ନା




ପଟୁ ଆସୁଥିବା ଦୁଇ ବାଇକ୍‌କୁ ଧକ୍କା ଦେଇଥିଲା। ପରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଜଳଖିଆ ଦୋକାନ ଉପରକୁ ମାଡ଼ି ଯାଇଥିଲା। ଦୋକାନ ଭିତରେ ଦୋକାନ ମାଲିକ ଚାପି ହୋଇଯାଇଥିବାବେଳେ ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ତାଙ୍କ ଦେହରେ ଗରମ୍ ତେଲ ଢାଳିହୋଇଯିବାରୁ ଏବେ ସେ ଗୁରୁତର ଥିବା ତାଙ୍କ ଭାଇ କହିଛନ୍ତି। ଅନ୍ୟ ଦୁଇ ବାଇକ୍ ଆରୋହୀଙ୍କ ସହ ଜଣେ ମହିଳା ଗୁରୁତର ହୋଇ ପିପିଲି ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ସେମାନେ ହେଲେ ସରସ୍ୱତୀ ମୁଦୁଲି, ତାଙ୍କ ବାପା କାର୍ତ୍ତିକ ମୁଦୁଲି, ଲିଙ୍ଗରାଜ ପୃଷ୍ଟି ଓ ସନ୍ତୋଷ କୁମାର ଦାସ। ଏହି ଘଟଣାରେ କାର ଚାଳକଙ୍କୁ ଅଟକ ରଖି ପଚରାଉଚରା କରାଯଉଥିବା ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

### ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରି ଗିରଫ

**୯ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ**

ଭୁବନେଶ୍ୱର, ୨୮।୧୧(ତ୍ରିନାଥ ମହାନ୍ତି)

ଦୁଇଜଣ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ। ସେମାନେ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳର ପରୀକ୍ଷିତ ପ୍ରଧାନ ଏବଂ କନ୍ଧମାଳର ମଦନ ପ୍ରଧାନ। ସେମାନଙ୍କ ନିକଟରୁ ଏସ୍‌ଟିଏଫ ୧୫୬ କେଜିର ଗଞ୍ଜେଇ ଜବତ କରିଛି। ଏହାର ବଜାର ମୂଲ୍ୟ ୯ଲକ୍ଷ ଟଙ୍କାର ଅଧିକ ହେବ। ଦୁଇ ଅଭିଯୁକ୍ତ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗୁପ୍ତେଶ୍ୱର ମନ୍ଦିର ନିକଟରେ ଏକ ଘରେ ଗଞ୍ଜେଇ ସଂଗ୍ରହ କରି ରଖିଥିଲେ। ଏହାକୁ କନ୍ଧମାଳ ଜିଲାକୁ ଚାଲାଣ କରିଥାନ୍ତେ। ସେଠାରୁ ଗଞ୍ଜେଇ ବିହାରକୁ ଚାଲାଣ କରାଯିବାର ଯୋଜନା ହୋଇଥିଲା। ଏନେଇ ଖବର ପାଇବା ପରେ ଏସ୍‌ଟିଏଫ୍ ଟିମ୍ ଗୁରୁବାର ବିଳମ୍ବିତ ରାତିରେ ଉକ୍ତ ଘର ଉପରେ ଚଢାଉ କରି ଦୁଇ ଜଣଙ୍କୁ କାବୁ କରିବା ସହ ସେଠାରୁ ଗଞ୍ଜେଇ ଜବତ କରିଥିଲା। ତେବେ ଚଢ଼ାଉ ସମୟରେ ସେଠାରେ ଥିବା ଆଉକେତେଜଣ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଧରବାକୁ ଏସ୍‌ଟିଏଫ୍ ଉଦ୍ୟମ କଲାଇଥିବା ଜଣାପଡିଛି।

# ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ପ୍ରସ୍ତାବ ସାମୟିକ ସ୍ଥଗିତ

ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ମନ୍ଦିର ସର୍ବସାଧାରଣ ଭକ୍ତଙ୍କ ପାଇଁ ଖୋଲାଯିବା ପ୍ରସ୍ତାବ ସାମୟିକ ଭାବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥଗିତ ରଖଯାଇଥିବା ନେଇ ସୂଚନା ପ୍ରଦାନ କରାଯାଇଛି। ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଏବଂ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜରଙ୍କ ଜରୁରୀ ରିପୋର୍ଟ ତଥା ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ନଜରରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ପରାମର୍ଶ ତଥା ଅଧିସ୍ୱୀକୃତି ଅନୁସାରେ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରି ଏବଂ ପରେ, ପରିଚାଳନା କମିଟିର ବରିଷ୍ଠ ସେବକ ସଦସ୍ୟ ଏବଂ ଅଧିକାରୀ ବୃନ୍ଦ ଶ୍ରୀଗୁଣ୍ଡିଚା ମନ୍ଦିର ଅନୁଧାନ କରିଥିଲେ ଏହାପରେ ଆସନ୍ତା ଡିସେମ୍ବର ୧ ତାରିଖରୁ ଶ୍ରୀଗୁଣ୍ଡିଚା ମନ୍ଦିର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଲାଗି ଖୋଲାଯିବା ନେଇ ବିଚାର କରାଯାଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ପାଇଁ ଆହୁରି ଅଧିକ ସମୟ ଆବଶ୍ୟକ ବୋଲି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରିପୋର୍ଟ ଦେଇଛନ୍ତି। ଏଥିସହ ମନ୍ଦିର ମଧ୍ୟରେ ଷ୍ଟିଲ ବିମ୍ ଲଗାଯିବା ପ୍ରସ୍ତାବ ଥିବା ସହ ଖଣ୍ଡେଲାଇଟ୍ ପଥର ଲଗା କାମ ବାକିଥିବା ଦର୍ଶାଇଛନ୍ତି। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଉଦ୍ୟାନଗୁଡ଼ିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତୀକରଣ ଜରୁରୀ ଥିବା ବରିଷ୍ଠ ସୁପରଭାଇଜର୍ ରିପୋର୍ଟ ଦେଇଛନ୍ତି । ଏହାକୁ ବିଚାରକୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ନିଷ୍ପତ୍ତିକୁ ପରବର୍ତ୍ତୀ ଆଦେଶ ଯାଏ ସ୍ଥଗିତ ରଖିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ୪ ଅଭିଯୁକ୍ତଙ୍କୁ ଧରି ଏକାଧିକ ସ୍ଥାନରେ ଚଢ଼ାଉ

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

ଭୁବନେଶ୍ୱର, ୨୮।୧୧(ତ୍ରିନାଥ ମହାନ୍ତି)

ପୋଲିସି ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ରିମାଣ୍ଡରେ ଆସିଥିବା ୪ ଅଭିଯୁକ୍ତ ଲୋକନାଥ ସାହୁ, ତଫିମ ଅହମ୍ମଦ ଖାନ, ବିଶ୍ୱଜିତ ହରିଚନ୍ଦନ ଓ ଏସଏସ୍‌ବି ଯବାନ ବିଶ୍ୱରଞ୍ଜନ ସେନାପତିଙ୍କୁ ମାରାଥନ ଜେରା କରୁଛି ସିବିଆଇ। ଶୁକ୍ରବାର ସିବିଆଇ ତାଙ୍କୁ ଧରି ଭୁବନେଶ୍ୱରର ଏକାଧିକ ସ୍ଥାନରେ ଛାନଭିନ କରିଛି। ର୍‍ୟାକେଟର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ଶଙ୍କର ପୃଷ୍ଟି କରିଥିବା ଅଫିସରେ ମଧ୍ୟ ସେମାନଙ୍କୁ ନେଇ ଖୋଳତାଡ଼ କରାଯାଇଥିଲା। ଯେଉଁ ଅଫିସରେ ଟଙ୍କା ଡିଲ ହେଉଥିଲା ଏବଂ ବହୁ କୋଚିଂ ସେଣ୍ଟରର ମାଲିକମାନେ ଆସି ବସୁଥିଲେ, ତା’ର ଲିଙ୍କ୍ ପାଇଛି ସିବିଆଇ। ଏଥିସହ ଏହି ମହାଦୁର୍ନୀତିର ଚେର ଉତ୍ତରପ୍ରଦେଶ, କୋଲକାତା, ଦିଲ୍ଲୀ, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡକୁ ଲମ୍ବିଥିବା ଜଣାପଡିଛି। ଖୁବ୍‌କ୍ଶୀଘ୍ର ସିବିଆଇ ପକ୍ଷରୁ ବଡ଼ଧରଣ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି କୁହାଯାଉଛି। ଶନିବାର ସନ୍ଧ୍ୟାରେ ୪ ଅଭିଯୁକ୍ତଙ୍କୁ ସିବିଆଇର ସ୍ୱତନ୍ତ୍ର ଅଦାଲତରେ ହାଜର କରାଯିବ। ପରେ ପୁଣି ଥରେ ରିମାଣ୍ଡରେ ନେବାକୁ ସିବିଆଇ ଆବେଦନ କରିପାରେ ବୋଲି ଜଣାପଡ଼ିଛି।

# ୫ ଜଣଙ୍କୁ ‘ନୋବେଲ୍ ସିଟିଜେନ୍ ଅଫ୍ ଇଣ୍ଡିଆ ଆୱାର୍ଡ’

ଭୁବନେଶ୍ୱର,୨୮।୧୧ (ସୌମ୍ୟରଞ୍ଜନ ରାଉତ)

ଆଇନ ସେବା ସଂସ୍ଥା କ୍ଲାପ୍ ପକ୍ଷରୁ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ୭୭ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଦିକ୍ଷିତ କ୍ରିଷ୍ଣା ଶ୍ରୀପଦ କହିଲେ, ସମ୍ବିଧାନର ପ୍ରତ୍ୟେକ ବ୍ୟବସ୍ଥା ମଧ୍ୟରେ ସାମ୍ବିଧାନିକ ଅନୁଷ୍ଠାନମାନେ ପ୍ରତ୍ୟେକ ନାଗରିକଙ୍କୁ ସମାନ ନ୍ୟାୟ ପ୍ରଦାନ କରିବା ଆବଶ୍ୟକ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି




ବି. ପି. ଚୌଧୁରୀ, ପ୍ରଫେସର ପ୍ରବୀର ପଟ୍ଟନାୟକ ଉପସ୍ଥିତ ଥିଲେ। ଡ. ବିକାଶ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ୫ଜଣଙ୍କୁ ସମ୍ମାନିତ କରାଯାଇଥିଲା। ରାଜ୍ୟ ବାର୍ କାଉନ୍‌ସିଲରର ପୂର୍ବତନ ଅଧ୍ୟକ୍ଷ ଆଡ୍‌ଭୋକେଟ ମାନସ ରଞ୍ଜନ ମହାପାତ୍ର, ମାନବିକ ଅଧିକାର ପ୍ରବକ୍ତା ସଂଗ୍ରାମ ମଲିକ, ପ୍ରଶାସନିକ ଅଧିକାରୀ ସନ୍ୟାସୀ କୁମାର ବେହେରା, ମହିଳା ଅଧିକାର ପାଇଁ କାର୍ଯ୍ୟରତ ବୀଣାପାଣି ମଲ୍ଲିକ ପ୍ରମୁଖଙ୍କୁ ‘ନୋବେଲ୍ ସିଟିଜେନ୍ ଅଫ୍ ଇଣ୍ଡିଆ ଆୱାର୍ଡ’ ପ୍ରଦାନ କରାଯାଇଥିଲା।

# ଦମ୍ପତି ଶିକ୍ଷକ ବଦଳିରେ ବିଳମ୍ବ, ଆଜିଠୁ ଧାରଣା

## ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟମ ମାନୁ ନ ଥିବା ଅଭିଯୋଗ

ଭୁବନେଶ୍ୱର,୨୮।୧୧(ସୁଚିସ୍ମିତା ସାହୁ)

ଚଳିତବର୍ଷ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦମ୍ପତିଙ୍କ ବଦଳିରେ ଅହେତୁକ ବିଳମ୍ବ ହୋଇଛି। ପ୍ରାୟ ୬ମାସରୁ ଅଧିକ ସମୟ ଧରି ବଦଳି ପାଇଁ ଆବେଦନ କରିଥିଲେ ସୁଦ୍ଧା ଏଯାବତ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଫଳରେ ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ବଦଳି ପ୍ରକ୍ରିୟା ସରକାରୀ ନିୟମାବଳୀରେ ଥାଇ ମଧ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସେମାନଙ୍କର ବଦଳି ପ୍ରକ୍ରିୟାକୁ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟକାରୀ କରୁ ନ ଥିବା ହାଇସ୍କୁଲ ଟିଚର(ଟିଜିଟି) ୱାର୍କ ସ୍ୱାଉସ୍ ଆସୋସିଏଶନ ପକ୍ଷରୁ ଅଭିଯୋଗ କରିବା ସହ ବଡ଼ ଧରଣର ଆନ୍ଦୋଳନ ଚେତାବନୀ ଦେଇଛି। ଚଳିତ ବର୍ଷର ଟିଜିଟି ଦମ୍ପତି ବଦଳି ପ୍ରକ୍ରିୟା ୧୦ଦିନ ମଧ୍ୟରେ କାର୍ଯ୍ୟକାରୀ ନ ହେଲେ, ଅନଲାଇନ ବଦଳି ଆବେଦନ କରିଥିବା ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକ ପରିବାର ସହିତ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ। ଏଥିସହ ଶନିବାରଠାରୁ ଶାନ୍ତିପୂର୍ଣ୍ଣ ଭାବେ ଲୋୟର ପିଏମ୍‌ଜିରେ ଧାରଣାରେ ବସିବେ ବୋଲି ଶୁକ୍ରବାର ଉତ୍କଳ ସାମ୍ବାଦିକ ସଂଘରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ଆବାହକ ରାମକୃଷ୍ଣ ସେଠୀ, ମାନସ ରଞ୍ଜନ ରଣା ପ୍ରମୁଖ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ବଦଳି ନିୟମ ଅନୁଯାୟୀ, ଦମ୍ପତି ଶିକ୍ଷକଙ୍କ ବଦଳିକୁ ପ୍ରାଥମିକତା ଦେବାକୁ ବଦଳି ନିୟମରେ ଉଲ୍ଲେଖ ରହିଛି। ମାତ୍ର ବଦଳି ଆବେଦନ କରିଥିବା ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକ ବାରମ୍ବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କୁ ନିବେଦନ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ବିଗତବର୍ଷ ମୋହନ ସରକାର ପ୍ରଥମ କରି ଦମ୍ପତି ଶିକ୍ଷକ ବଦଳି କାର୍ଯ୍ୟକାରୀ କରିଥିଲେ। କିନ୍ତୁ ଚଳିତବର୍ଷ ବିଭାଗୀୟ ଉଦାସୀନତା ପାଇଁ ଏହି କାର୍ଯ୍ୟ ଆଗେଇ ପାରୁନାହିଁ। ଦମ୍ପତି ଶିକ୍ଷକ ପରସ୍ପରଠାରୁ ଦୂରରେ ରହୁଥିବାରୁ ପାରିବାରିକ ଅଶାନ୍ତି ଦେଖାଦେଉଛି, ଯାହା ପରୋକ୍ଷରେ ଶିକ୍ଷାଦାନକୁ ପ୍ରଭାବିତ କରୁଛି। ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସଂଘ କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି।

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଦିତ୍ୟ


@ ବିଦ୍ୟାଭୂଷଣ


@ ବିଶ୍ୱନାଥ


@ ଜ୍ଞାନରଞ୍ଜନ


@ ସୁରେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାସହରା ହୋଇ ବୁଲୁଛନ୍ତି ୧୩ ବନ୍ୟା ପ୍ରପୀଡ଼ିତ ପରିବାର

ଭୁବନେଶ୍ୱର, ୨୮।୧୧(ତ୍ରିନାଥ ମହାନ୍ତି)

## ଅତିରିକ୍ତ ଶାସନ ସଚିବଙ୍କୁ ଓଏଚ୍‌ଆରସିଙ୍କ ରିପୋର୍ଟ ତଲବ

କଟକ ଜିଲା କଣ୍ଟାପଡା ତହସିଲ ଅନ୍ତର୍ଗତ ଅଡ଼ଶପୁର ଅଞ୍ଚଳର ବନ୍ୟା ପ୍ରପୀଡ଼ିତ ୧୩ ପରିବାର ବାସାହାରା ହୋଇ ବୁଲୁଛନ୍ତି। ଏନେଇ ଅଭିଯୋଗ ହେବା ପରେ ରାଜ୍ୟ ମାନବାଧିକାର ଆୟୋଗ (ଓଏଚ୍‌ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନଙ୍କୁ ଥଇଥାନ ଓ ଅନ୍ୟାନ୍ୟ ସହାୟତା ଲାଗି କି ପଦକ୍ଷେପ ନିଆଯାଇଛି, ସେ ସଂକ୍ରାନ୍ତରେ ଜାନୁଆରୀ ୧୬ ସୁଦ୍ଧା ରିପୋର୍ଟ ଦେବାକୁ ଆୟୋଗ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ବିଶ୍ୱପ୍ରିୟ କାନୁନଗୋ, ସୁବାଶିଷ ପଣ୍ଡା ଓ ବିଜୟ ପଣ୍ଡା ମିଳିତଭାବେ ଓଏଚ୍‌ଆର୍‌ସିରେ ଏକ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି କରି ଆୟୋଗ ଶୁକ୍ରବାର ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲା ଅନୁଯାୟୀ, ୧୯୮୦/୮୨ ମସିହାରେ ହୋଇଥିବା କନ୍ଦଳ ନଦୀ ବନ୍ୟାରେ ଅରିଶଳ ଘାଟ ପାଖରେ ଏକ ଘାଇ ସୃଷ୍ଟି ହୋଇଥିଲା। ସେଥିରେ ଅଡ଼ଶପୁର ଗାଁର ୧୩ ପରିବାରର ଘରଡିହ ନଦୀ ଗର୍ଭରେ ଲୀନ ହୋଇଯାଇଥିଲା। ତହସିଲ ରେକର୍ଡ ଅନୁଯାୟୀ ଏବେ ଉକ୍ତ ଘରଡିହ ନଦୀରେ ମିଶିଯାଇଛି। ତେଣୁ ସେମାନଙ୍କୁ ସ୍ଥାନୀୟ ଅଞ୍ଚଳର ଏକ ଗୋଚର ଜମିରେ ଥଇଥାନ କରାଯାଇଛି। ଦୀର୍ଘ ୪୩ବର୍ଷ ହେଲା ୧୩ ପରିବାର ସେଠାରେ ରହିବା ସହ ଉକ୍ତ ଜମିର ପଟ୍ଟା ପାଇବାକୁ କଣ୍ଟାପଡା ତହସିଲଦାର ପାଖେ ସତ୍ୟପାଠ ଦାଖଲ କରିଛନ୍ତି। ତହସିଲଦାର ଓ ଉପଜିଲାପାଳ ମିଳିତ ଭାବେ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି। ଗୋଚର ଜମିରେ ରହୁଥିବା ପରିବାରଗୁଡ଼ିକ ସରକାରଙ୍କୁ ଅନ୍ୟତ୍ର ଜମିଦେଇ ଉକ୍ତ ଜମିକୁ ନିଜ ନାମରେ ପଟ୍ଟା କରିବାକୁ ରାଜି ଅଛନ୍ତି। ଜିଲାପାଳ ଉକ୍ତ ରିପୋର୍ଟକୁ ସେଣ୍ଟ୍ରାଲ ଆର୍‌ଡିସିଙ୍କୁ ଦେଇଛନ୍ତି। ଆର୍‌ଡିସି ମେମ୍ବର ବୋର୍ଡ ଅଫ ରେଭିନ୍ୟୁକୁ ପଠାଇଛନ୍ତି। ବୋର୍ଡ ରେଭିନ୍ୟୁ ରାଜସ୍ୱ ବିଭାଗକୁ ଦେବାପରେ ଜମି ଅଦଳ ବଦଳ ଏକ୍ଷେତ୍ରରେ ଏକ ଜନସ୍ୱାର୍ଥ ପ୍ରସଙ୍ଗ ନୁହେଁ ବୋଲି ବିଭାଗୀୟ ଅତିରିକ୍ତ ଶାସନ ସଚିବ ଆଦେଶ ଦେଇ ଏହି ପ୍ରସ୍ତାବ ଖାରଜ କରିଦେଇଛନ୍ତି। ଏପଟେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ କହିଛନ୍ତି, ବନ୍ୟା ପ୍ରପୀଡିତ ଲୋକଙ୍କୁ ସ୍ୱତନ୍ତ୍ର ଭାବେ ଥଇଥାନ କରାଯିବ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୮।୧୧।୨୦୨୫

| ୫,୩୮,୩୪୩ ଟଙ୍କା | |
|---|---|
| ସୁନା | ୬.୮୦୦ ଗ୍ରାମ୍ |
| ରୁପା | ୨୦.୪୦୦ ଗ୍ରାମ୍ |

# ଅନିଶ୍ଚିତତାରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ବିମାନବନ୍ଦର

**ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)**

ପୁଣି ଅନିଶ୍ଚିତତାରେ ପୁରୀରେ ହେବାକୁ ଥିବା ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରକଳ୍ପ ଉପରେ ପଡ଼ିଛି ଏନଜିଟି ବା ନ୍ୟାଶନାଲ ଗ୍ରୀନଟ୍ରିବ୍ୟୁନାଲର ଛାଟ ବର୍ତ୍ତମାନ ପଡ଼ିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଯାବତ ପରିବେଶ ମଞ୍ଜୁରୀ ମିଳିନି। ଏହାକୁ ନେଇ ଏବେ ଅନିଶ୍ଚିତତାଘେରରେ ରହିଛି ବିମାନବନ୍ଦର ଭାଗ୍ୟ। ପରିବେଶ ମଞ୍ଜୁରୀ ମିଳି ନ ଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ସରକାର ବିମାନବନ୍ଦର ନିର୍ମାଣ ନିମନ୍ତେ ଅନେକ ଗଛ କାଟି ରୋଡ୍ ନିର୍ମାଣ କରିବା ସହ ପାଚେରି ନିର୍ମାଣ କରିଛନ୍ତି। ତେବେ ନିର୍ମାଣ ପାଇଁ ପରିବେଶ ମଞ୍ଜୁରି ମିଳି ନ ଥିବା ଜଣାପଡ଼ିଛି। ଏନେଇ ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନର ଆବାହକ ସୁରେନ୍ଦ୍ର ତପସୁ କହିଛନ୍ତି, ପୁରୀ ଅର୍ନ୍ତଜାତୀୟ ଗ୍ରୀନ ଫିଲ୍ଡ ବିମାନ ବନ୍ଦର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବେଆଇନ୍ ବୋଲି ଖୋଦ୍ ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗର ବିନା କ୍ଲିୟରାନ୍ସରେ ଗଛ କାଟି ପ୍ରାଚୀର ନିର୍ମାଣ ଭଳି ବେଆଇନ୍ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଜାତୀୟ ସବୁଜ ପ୍ରାଧିକରଣରେ ମାମଲାର ଶୁଣାଣୀରେ ଡି, ଏଫ୍, ଓ , ପୁରୀ ଦର୍ଶାଇଥିଲେ ଯେ, ପ୍ରସ୍ତାବିତ ବିମାନ ବନ୍ଦର ଅଞ୍ଚଳର ସମୁଦ୍ରକୂଳକୁ ପୂର୍ବାପେକ୍ଷା ଅଧିକ ଅଲିଭ୍ ରିଡ୍ଲେ ଅଣ୍ଡାଦାନ କରିବାକୁ ଆସୁଛନ୍ତି ଏବଂ ଡଲଫିନମାନଙ୍କ ଚଳପ୍ରଚଳ ଅବ୍ୟାହତ ରହିଛି। ତେଣୁ ଜଙ୍ଗଲ ଓ ପରିବେଶ ବିଭାଗର ଅନୁମତି ନ ମିଳିବା ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟ ହେବନାହିଁ ବୋଲି ପ୍ରାଧିକରଣ ନିକଟରେ ଏକ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ସ୍ଥିତିରେ ସରକାର ପୁରୀ ଭଳି ଏକ ବାତ୍ୟା ପ୍ରବଣ ଅଞ୍ଚଳରେ ବିମାନ ବନ୍ଦର ସ୍ଥାପନା ଭଳି ଏକ ପରିବେଶ ବିରୋଧି ପ୍ରକଳ୍ପରୁ ନିବୃତ୍ତ ରହି ବ୍ୟାପକ ବନୀକରଣ ସହିତ ସମଗ୍ର ଅଞ୍ଚଳକୁ ଜଙ୍ଗଲ ଜମି ଘୋଷଣା କରାଯାଇ ଗ୍ରାମ୍ୟ କମିଟିକୁ ହସ୍ତାନ୍ତର କରିବାକୁ ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନର ଆବାହକ ତପସୁ ଦାବି କରିଛନ୍ତି। ଏନେଇ ପୁରୀ ଏମ୍ପି ଡ. ସମ୍ବିତ ପାତ୍ର କହିଛନ୍ତି, ଏ ସମ୍ପର୍କରେ ଅବଗତ ହେବା ପରେ ବକ୍ତବ୍ୟ ଦେବା ଠିକ୍ ହେବ। ତେବେ ସବୁ କାମ ଠିକ୍ ଭାବରେ ଆଇନ ଅନୁଯାୟୀ ହେବ ବୋଲି କହିଛନ୍ତି। ସେହିପରି ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ବିମାନ ବନ୍ଦର ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିଥିଲେ। ତେବେ କେଉଁଠି ତ୍ରୁଟି ରହିଲା ତାହା ସେ ଜାଣିନାହାନ୍ତି। ଯାହା ସମସ୍ୟା ରହିଛି ତାହାର ସମାଧାନ କରାଯିବ। ପୁରୀ ପାଇଁ ଏୟାରପୋର୍ଟର ଆବଶ୍ଯକ ରହିଛି। ସମସ୍ତ ସମସ୍ୟାର ସମାଧାନ କରାଯାଇ ପୁରୀରେ ବିମାନବନ୍ଦର ହେବ ବୋଲି ଷଡ଼ଙ୍ଗୀ କହିଛନ୍ତି।

## ସାପ୍ତାହିକ ପରେଡ୍, କ୍ୟାଣ୍ଟିନ୍, ବାରାକ୍ ଓ କ୍ୱାର୍ଟର୍ସ ଲାଇନ ରିଭ୍ୟୁ

**ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)**

ରିଜର୍ଭ ପୋଲିସ ଲାଇନ୍ ଠାରେ ସାପ୍ତାହିକ ପରେଡ୍ ଆୟୋଜିତ ହୋଇଯାଇଛି। ଏହି ସାପ୍ତାହିକ ପରେଡ୍‌ଟିକୁ ଏସ୍‌ପି ପ୍ରତୀକ ସିଂ ଉପସ୍ଥିତ ରହି ନିରୀକ୍ଷଣ କରିଥିଲେ। ରିଭ୍ୟୁ ସମୟରେ ସିଂ ଅଧିକାରୀଙ୍କୁ ଏବଂ ସମସ୍ତ ପୋଲିସ ଯବାନଙ୍କୁ ସମ୍ବୋଧିତ କରି କହିଥିଲେ, ପୁରୀ ପୋଲିସର ପ୍ରାଥମିକ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ସୁରକ୍ଷା, ସେବା ଓ ଭରସା। ସାପ୍ତାହିକ ପରେଡ୍ ପରେ ଏସ୍ପି ସିଂ ପୋଲିସ ଲାଇନ୍‌ର ବିଭିନ୍ନ ସୁବିଧା ଓ ଅବସ୍ଥାର ପ୍ରତ୍ୟକ୍ଷ ନିରୀକ୍ଷଣ କରିଥିଲେ। ପୋଲିସ ଲାଇନ୍ କ୍ୟାଣ୍ଟିନ୍‌ର ଖାଦ୍ୟଗୁଣ, ପରିଷ୍କାରତା ଓ ସେବା ବ୍ୟବସ୍ଥା ଯାଞ୍ଚ, ବାରାକ୍‌ଗୁଡ଼ିକର ରହଣୀୟ ବ୍ୟବସ୍ଥା, ପାଣି-ବିଦ୍ୟୁତ, ସୁରକ୍ଷା ଓ ଆବଶ୍ୟକୀୟ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। କ୍ୱାର୍ଟର୍ସ ଲାଇନ୍‌ରେ ପୋଲିସ ପରିବାରଙ୍କ ସୁବିଧା, ସାନିଟେସନ୍, ପରିବେଶ ଓ ମରାମତି କାମର ବ୍ୟବସ୍ଥା ନିରୀକ୍ଷଣ କରିଥିଲେ। ସମସ୍ତ ସମସ୍ୟାର ସେହି ସ୍ଥାନରେ ନିରୀକ୍ଷଣ କରି ସମ୍ପର୍କିତ ବିଭାଗକୁ ଶୀଘ୍ର ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସାପ୍ତାହିକ ରିଭ୍ୟୁ ଓ ନିରୀକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍ ପି ସୁଶୀଲ କୁମାର ମିଶ୍ର, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଏସ୍‌ପି ସୌମ୍ୟ ରଞ୍ଜନ ମଲ୍ଲିକ, ଡିଏସ୍‌ପି ତପନ ଦାଶ, ଡିଏସ୍‌ପି ସ୍ମିତା କଳ୍ପନା କାଉଁରୀ, ଡିଏସ୍‌ପି ସସ୍ମିତା ବେହେରା, ଡିଏସ୍‌ପି ତିଲୋତ୍ତମା ରାଉତ, ଆର.ଆଇ. ଚିତ୍ତରଞ୍ଜନ ମହାନ୍ତି ପରେଡ୍ ଓ ସମୀକ୍ଷା କାର୍ଯ୍ୟକ୍ରମରେ ହବିଲଦାର ଓ କନଷ୍ଟେବଲ ଆସୋସିଏଶନ୍‌ର ପ୍ରତିନିଧି ଅଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ଉପାଧ୍ୟକ୍ଷ ସନ୍ତୋଷ ସାହୁ, ସୂର୍ଯ୍ୟତାପ ଜେନା, ଦିଲୀପ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ପରେଡ୍‌ରେ ଶାରୀରିକ କ୍ଷମତା, ଅନୁଶାସନ ଓ ପ୍ରଫେଶନାଲ୍ କ୍ଷମତାକୁ ଆରୋହିତ କରିବା, ପୋଲିସ ଲାଇନ୍‌ର ଲଜିଷ୍ଟିକ୍ସ, ସୁବିଧା, ପରିଷ୍କାରତା ଓ ନିରାପତ୍ତା ନିଶ୍ଚିତ କରିବା, ସର୍ବସାଧାରଣଙ୍କ ସେବାରେ ପ୍ରମାଣିକତା, ସମୟନିଷ୍ଠା ଓ ମାନବିକତାକୁ ପ୍ରାଥମିକତା ଦେବା, ପୁରୀ ଏକ ପ୍ରମୁଖ ପର୍ଯ୍ୟଟନ ଓ ଧାର୍ମିକ କେନ୍ଦ୍ର ତତ୍‌ସହ ପର୍ଯ୍ୟଟକଙ୍କ ସୁରକ୍ଷା, ଯାତାୟାତ ନିୟନ୍ତ୍ରଣ, ପୂର୍ଣ୍ଣ ଶୃଙ୍ଖଳା, ଗମ୍ଭୀରତା ଓ ଆଧୁନିକ ପୋଲିସିଂ ମନୋଭାବକୁ ପ୍ରକାଶ କରିଥିଲା।

## ସିନିୟର ପୁରୁଷ, ମହିଳା ସଫ୍ଟବଲ ଚାମ୍ପିୟନଶିପ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

**ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)**

ପୁରୀ ଜିଲା ସଫ୍ଟବଲ୍ ଆସୋସିଏଶନ ଆନୁକୂଲ୍ୟରେ ଏବଂ ଓଡ଼ିଶା ରାଜ୍ୟ ସଫ୍ଟବଲ ଆସୋସିଏଶନ ସହଯୋଗରେ ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍ ପରିସରରେ ଶୁକ୍ରବାର ୨୪ତମ ସିନିୟର୍ ପୁରୁଷ ଓ ମହିଳା ସଫ୍ଟବଲ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଛି। ଉକ୍ତ ପ୍ରତିଯୋଗିତା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶାର ୨୨ଟି ଜିଲାରୁ ୧୬ ପୁରୁଷ ଓ ୮ ମହିଳା ଟିମ୍ ସହ ମୋଟ ୪୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଚାମ୍ପିୟନଶିପ୍‌ରେ ଉନ୍ନୀତ ଶ୍ରେଷ୍ଠ ଖେଳାଳି ଜାତୀୟସ୍ତରୀୟ ଚାମ୍ପିୟନ୍‌ଶିପରେ ଅଂଶଗ୍ରହଣ କରିଛନ୍ତି। ଅଲମ୍ପିକରେ ସଫ୍ଟବଲ ଖେଳ ସ୍ଥାନ ପାଇଥିବାରୁ ଏହି ଖେଳର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ। ଅଲିମ୍ପିକ୍ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବାକୁ ହେବ ବୋଲି ଆୟୋଜକ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଭାରତୀୟ ସଂଘ ସମ୍ପାଦକ ପ୍ରବୀଣ ଅନାଓକର, ରାଜ୍ୟ ସଫ୍ଟବଲ ଆସୋସିଏଶନ୍ ସଭାପତି ଦେବ ଗୌଡ଼, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଜିଲା ସଭାପତି ଅରବିନ୍ଦ ଦାସ, ସମ୍ପାଦକ ରଞ୍ଜନ କୁମାର ରଥ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ସଫ୍ଟ ବଲ ଆସୋସିଏଶନ ଉପସଭାପତି ସଞ୍ଜୁବାଳା ମହାନ୍ତି, ଯୁଗ୍ମ ସମ୍ପାଦକ ଚିନ୍ମୟ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୀ ସଫ୍ଟ ବଲ ଆସୋସିଏଶନ ସଭାପତି ଅରବିନ୍ଦ ଦାଶ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ରଥ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ପଟ୍ଟନାୟକ, ଉପସଭାପତି ଲକ୍ଷ୍ମଣ ଆଚାରୀ, ଅଶୋକ ମହାନ୍ତି, ଅମିୟ ପ୍ରସାଦ ନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ସରୋଜ ମଲ୍ଲିକ, ଲକ୍ଷ୍ମୀପ୍ରିୟା ସେଠୀ, ପ୍ରୀତି ରଞ୍ଜନ ଜେନା, ରୋଜାଲିନ ରଥ, ରତ୍ନେଶ୍ୱରୀ ପାଣିଗ୍ରାହୀ, ଅମିୟ ନାଗ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସତ୍ୟବାଦୀ ପାଲାଗାୟକ ମଣ୍ଡଳର ବାର୍ଷିକ ସମ୍ମିଳନୀ



ସତ୍ୟବାଦୀ ପାଲାଗାୟକ ମଣ୍ଡଳର ୮ମ ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ସାକ୍ଷୀଗୋପାଳ,୨୮।୧୧(ଭରତ ରାଉତ)**

ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର ଉପଶାଖା ଅଖଣ୍ଡ ପୁରୀ ଜିଲା ପାଲାଗାୟକ ପରିଷଦର ଶାଖା ସତ୍ୟବାଦୀ ପାଲାଗାୟକ ମଣ୍ଡଳର ୮ମ ବାର୍ଷିକ ସମ୍ମିଳନୀ ଶ୍ରୀ ହରିସହଦେବ (ହରିଆବୁଢା) ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗବେଷକ ତଥା ମଣ୍ଡଳର ଉପଦେଷ୍ଟା ଗାୟକ ଜ୍ଞାନସାଗର ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ ମଞ୍ଚରେ ପୂଜନ କରାଯାଇଥିଲା। ପୂର୍ବାହ୍ନ ଅଧିବେଶନରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଲୋକକଳା ଗୁରୁ କୁଳମଣି ବିଶ୍ୱାଳ ଏବଂ ଗାୟକ ଜ୍ଞାନବାରିଧି ନିରଞ୍ଜନ ବାହିନୀପତି ଅତିଥି ଭାବେ ଯୋଗଦେଇଥିଲେ। ପରେ ମଣ୍ଡଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସାଧାରଣ ସଭାରେ ମଣ୍ଡଳର ମୁଖ୍ୟ ଉପଦେଷ୍ଟା ଗାୟକ ଜ୍ଞାନସାଗର ସଚ୍ଚିଦାନନ୍ଦ ମହାପାତ୍ର, ରାଜ୍ୟ ପାଲାଗାୟକ ପରିଷଦ ସମ୍ପାଦକ ଗାୟକ ଆନନ୍ଦ ବସନ୍ତ କୁମାର ରାଉତ, ଅଖଣ୍ଡ ପୁରୀ ଜିଲା ପାଲାଗାୟକ ପରିଷଦ ସଭାପତି ଗାୟକ ବ୍ୟାସ ଲକ୍ଷ୍ମୀଧର ଦାସ, ଗାୟକ କୌସ୍ତୁଭ ରବୀନ୍ଦ୍ର ସାମନ୍ତରାୟ, ଗାୟକ ବିଦ୍ୟାବାରିଧି ନିରଞ୍ଜନ ବାହିନୀପତି, ରାଜ୍ୟ ପାଲାଗାୟକ ପରିଷଦର ମୁଖ୍ୟ ଆଇନ ପରାମର୍ଶଦାତା ଆଇନଜୀବୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଗାୟକ ବନମାଳୀ ମିଶ୍ର, ସୂର୍ଯ୍ୟନାରାୟଣ ରାଉତ ଏବଂ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ମଣ୍ଟୁ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଜ୍ୟୋତିର୍ବିଦ ଓ ବାସ୍ତୁ ବିଶାରଦ ଦେବୀପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହ ସଭା ସଂଯୋଜନା କରିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ପଲେଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଙ୍ଗୀତ, ଶିକ୍ଷା, ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କୃତୀ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ ବିଜୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବଳପୁର ଦେଶକୋଠ ଏହି ସମ୍ମିଳନୀ ପାଇଁ ବିଶେଷ ସହାୟତା ଯୋଗାଇଦେଇଥିଲେ। ମଣ୍ଡଳ ସଦସ୍ୟ ଗାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସଦାଶିବ ବରାଳ, ବିଜୟ ଚନ୍ଦ୍ର ସାମନ୍ତରାୟ, ସୁକାନ୍ତ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ଗାୟିକା ସୁଭଦ୍ରା ନାୟକଙ୍କ ସହ ସୁଧୀର ସ୍ୱାଇଁ, ସୁଦର୍ଶନ ପ୍ରଧାନ, ରବିନାରାୟଣ ବେହେରା ଏବଂ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ପ୍ରସ୍ତାବ ସାମୟିକ ସ୍ଥଗିତ

**ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)**

ଶ୍ରୀଗୁଣ୍ଡିଚା ମନ୍ଦିର ସର୍ବସାଧାରଣ ଭକ୍ତଙ୍କ ପାଇଁ ଖୋଲାଯିବା ପ୍ରସ୍ତାବ ସାମୟିକ ଭାବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥଗିତ ରଖାଯାଇଥିବା ନେଇ ସୂଚନା ପ୍ରଦାନ କରାଯାଇଛି। ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଏବଂ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜରଙ୍କ ଜରୁରୀ ରିପୋର୍ଟ ତଥା ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ନଜରରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ପରାମର୍ଶ ତଥା ଅଧିସ୍ୱୀକୃତି ଅନୁସାରେ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରି ଏବଂ ପରେ, ପରିଚାଳନା କମିଟିର ବରିଷ୍ଠ ସେବକ ସଦସ୍ଯ ଏବଂ ଅଧିକାରୀ ବୃନ୍ଦ ଶ୍ରୀଗୁଣ୍ଡିଚା ମନ୍ଦିର ଅନୁଧ୍ୟାନ କରିଥିଲେ ଏହାପରେ ଆସନ୍ତା ଡିସେମ୍ବର ୧ ତାରିଖରୁ ଶ୍ରୀଗୁଣ୍ଡିଚା ମନ୍ଦିର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଲାଗି ଖୋଲାଯିବା ନେଇ ବିଚାର କରାଯାଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ପାଇଁ ଆହୁରି ଅଧିକ ସମୟ ଆବଶ୍ୟକ ବୋଲି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରିପୋର୍ଟ ଦେଇଛନ୍ତି। ଏଥିସହ ମନ୍ଦିର ମଧ୍ୟରେ ଷ୍ଟିଲ ବିମ୍ ଲଗାଯିବା ପ୍ରସ୍ତାବ ଥିବା ସହ ଖଣ୍ଡେଲାଇଟ୍ ପଥର ଲଗା କାମ ବାକିଥିବା ଦର୍ଶାଇଛନ୍ତି। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଉଦ୍ୟାନଗୁଡ଼ିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତୀକରଣ ଜରୁରୀ ଥିବା ବରିଷ୍ଠ ସୁପରଭାଇଜର୍ ରିପୋର୍ଟ ଦେଇଛନ୍ତି। ଏହାକୁ ବିଚାରକୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ନିଷ୍ପତ୍ତିକୁ ପରବର୍ତ୍ତୀ ଆଦେଶ ଯାଏ ସ୍ଥଗିତ ରଖିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

**ସେଲ୍‌ଫି କର୍ନର ଧରିତ୍ରୀ DHARITRI**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଆଦିତ୍ୟ



@ ବିଦ୍ୟାଭୂଷଣ



@ ବିଶ୍ୱନାଥ



@ ଜ୍ଞାନରଞ୍ଜନ



@ ସୁରେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାନ୍ତି ପଡ଼ିବାରୁ ମହାପ୍ରଭୁଙ୍କ ବଡ଼ ମହାସ୍ନାନ

**ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରରେ ଶୁକ୍ରବାର ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଫଳର ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ଶୁକ୍ରବାର ମହାପ୍ରଭୁଙ୍କ ପୂର୍ବାହ୍ନ ୮ଟା ୫ରେ ଅବକାଶ ପୂଜା ସମ୍ପନ୍ନ ହୋଇଥିଲା। ଏହି ସମୟରେ ଭକ୍ତମାନେ ଭିତର କାଠ ନିକଟକୁ ଯାଇ ରତ୍ନରଢ ଶ୍ରୀବିଗ୍ରହଙ୍କ ଦର୍ଶନ କରୁଥିଲେ। ଚଙ୍ଗଡ଼ା ଘର ନିକଟରେ ଜଣେ ଭକ୍ତ ବାନ୍ତି କରିଦେବା ଦୃଷ୍ଟିକୁ ଆସିଥିଲା। ଚଙ୍ଗଡ଼ା ଘର ନିକଟରେ ବାନ୍ତି ପଡ଼ିଥିବା ହେତୁ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଭକ୍ତଙ୍କ ଦର୍ଶନ ବନ୍ଦ କରାଯାଇ କବାଟ ବନ୍ଦ କରାଯାଇଥିଲା। ପରେ ବଡ ମହାସ୍ନାନ ପାଇଁ ନୀତି ଆରମ୍ଭ କରାଯାଇଥିଲା। ସକାଳ ୮ଟା ୫୦ରେ ଧୂଆଧୋଇ ହୋଇ ଚୂନପାଣି ପଡ଼ିଥିଲା। ପରେ ୯ଟାରେ ସିଂହାସନ ଧୂଆ ହୋଇଥିଲା। ଏହାପରେ ମଇଲମ କରାଯାଇ ୯ ଟା ୧୦ ମହାସ୍ନାନ ପୂଜା ଠା ହୋଇଥିଲା। ୯ ଟା ୨୦ ରେ ମହାସ୍ନାନ ପୂଜା ଶେଷ ହୋଇଥିଲା। ପରେ ମଇଲମ, ରୋଷହୋମ ବେଶ ଶେଷ ଆଦି ନୀତି ସମ୍ପନ୍ନ କରାଯାଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ପରିଲିଖିତ ହୋଇଥିଲା। ମହାସ୍ନାନ ନୀତି ପରେ ଭକ୍ତଙ୍କ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।

## ସାଂସଦ ଖେଳ ମହୋତ୍ସବର କ୍ରିକେଟ ଉଦ୍‌ଘାଟିତ

**ପୁରୀ,୨୮।୧୧ (ଅଜିତ୍ କୁମାର ମହାନ୍ତି)**




ଅତିଥିଙ୍କ ସହ ଖେଳାଳିମାନେ।

ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ପୁରୀ ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ପୁରୀ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ପିପିଲି, ସତ୍ୟବାଦୀ, ପୁରୀ ସଦର ଓ ବ୍ରହ୍ମଗିରିର କ୍ରିକେଟ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହି କ୍ରୀଡ଼ା ସେପ୍ଟେମ୍ବର ୨୧ରୁ ଆରମ୍ଭ ହୋଇଛି ଓ ଡିସେମ୍ବର ୨୫ରେ ଉଦ୍‌ଯାପିତ ହେବ। ସାଂସଦ ଖେଳ ମହୋତ୍ସବର ୧୦ଟି ଖେଳ ମଧ୍ୟରୁ କ୍ରିକେଟ ଅନ୍ୟତମ ଖେଳ ଭାବେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛି। ଉକ୍ତ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟନ କରି ସାଂସଦ ଡା ସମ୍ବିତ ପାତ୍ର କେନ୍ଦ୍ର ସରକାରଙ୍କ ର ଏହା ଏକ ଉତ୍ତମ ପଦକ୍ଷେପ। ଏହା କେବଳ ଯୁବବର୍ଗଙ୍କ କ୍ରୀଡ଼ା ପ୍ରତିଭା଼ ଆଗକୁ ଆଣୁ ନାହିଁ, ବରଂ ସେମାନଙ୍କୁ ଶାରୀରିକ ସୁସ୍ଥ ଓ ଶୃଙ୍ଖଳାର ଶିକ୍ଷା ଦେଉଛି ବୋଲି ଗାଷ୍ଟି କ୍ରିଡା ଭାରତରେ ହେବାକୁ ସ୍ଥିର ହୋଇଛି।୨୦୩୬ ଅଲମ୍ପିକ ଭାରତ ରେ କରିବାକୁ ସରକାର ଉଦ୍ୟମ କରୁଛନ୍ତି।ଯାହା କ୍ରିଡା କୁ ଆହୁରି ବିକଶିତ କରିବ ବୋଲି ସେ କହିବା ସହ ସାଂସଦ ଖେଳ ମହୋତ୍ସବ ର ସଫଳତା ଯୁବବର୍ଗ ର ମନୋବଳ ବୃଦ୍ଧି କରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇ କ୍ରିଡା ମହୋତ୍ସବ ମାଧ୍ୟମରେ ଯୁବବର୍ଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ବୋଲି କହିଥିଲେ। ଜିଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ, ଅତିଥି ପରିଚୟ ପ୍ରଦାନ କରିଥିଲେ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ଯ ପରିଚାଳନା କରିଥିଲେ।କାର୍ଯ୍ଯକ୍ରମ ରେ ଅନ୍ଯ ମାନଙ୍କ ମଧ୍ୟରେ ସମାଜସେବୀ ତଥା ଭାଜପା ଜିଲା ସଭାପତି ଡା ଦେବେନ୍ଦ୍ର ନାଥ ତରାଇ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ଭାଜପା ନେତା ରବି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରିକେଟ ପ୍ରତିଯୋଗିତାରେ ୮୦ଟି ଦଳ ଅଂଶଗ୍ରହଣ କରିଛନ୍ତି।

## ବିଭାଗୀୟ କର୍ମକର୍ତ୍ତାଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରଶିକ୍ଷଣ

**ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)**

**ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ପାଳନ**




କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଓ ଅନ୍ୟ ଅତିଥି।

କମଳା ଦେବୀ ମାତୃତ୍ୱ ଚିକିତ୍ସାଳୟରେ ଶୁକ୍ରବାର ମହିଳା ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଶିଶୁ ଯତ୍ନ ଅନୁଷ୍ଠାନ ଆଦିର କର୍ମକର୍ତ୍ତାଙ୍କୁ ନେଇ ଏକ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ପାଳନ ଅବସରରେ ସଚେତନତା ତଥା ଦକ୍ଷତା ବୃଦ୍ଧି ନିମନ୍ତେ ଏହା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଷ୍ଟାଫ୍ ନର୍ସ, ଏଏନ୍‌ଏମ୍, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଙ୍କୁ ନେଇ ମୋଟ ୭୦ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ ଯେ, ପ୍ରତ୍ୟେକ ଶିଶୁର ପରିବାର ଆବଶ୍ୟକ। ସମ୍ମାନିତ ଅତିଥିଙ୍କ ମଧ୍ୟରେ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ କୁମାର ଶତପଥୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡ. ଅର୍ଜିତ କୁମାର ମହାପାତ୍ର, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଚିକିତ୍ସା କର୍ମୀ ମନୋରମା ଶତପଥୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଅସୁରକ୍ଷିତ ଭାବେ ପରିତ୍ୟକ୍ତ ନ କରିବାକୁ ନିବେଦନ କରିବା ସହିତ ପ୍ରତ୍ୟେକ ଶିଶୁଙ୍କ ପରିବାର ନିଶ୍ଚିତ କରିବା ପୋଷ୍ୟ ଗ୍ରହଣ ଆଇନ ଦ୍ୱାରା ହିଁ ସମ୍ଭବ। ଉଦ୍‌ଘାଟନୀ ଉତ୍ସବରେ ମନୋଜ କୁମାର ତ୍ରିପାଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅକ୍ଷୟ କୁମାର ସ୍ୱାଇଁ, ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ବିଶେଷଜ୍ଞ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ସୁବିଧା ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦୁଇ ମାତାପିତା ଦେବଦତ୍ତ ବଙ୍ଗାରି ଓ ଶୋଭା ଦାସ, ଯୁବରାଜ ଭୋଳ ଓ ସୁପ୍ରିୟା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଅଣଆନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ସ୍ନିଗ୍ଧା ରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

# ଘରେ ଘରେ ଥଣ୍ଡା, କାଶ

ଭୁବନେଶ୍ୱର, ୨୮।୧୧ (ବନ୍ଦନା ସେଠୀ)- ଘରେ ଘରେ ଥଣ୍ଡା, କାଶ ବ୍ୟାପିଛି। ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନାକରୁ ପାଣି ବାହାରିବା ସହିତ ଖୁଁ ଖୁଁ ହେଉଛନ୍ତି। ଯେତେ ମେଡିସିନ ଖାଇଲେ ବି କମୁନି। ଗତ କିଛିଦିନ ହେବ ରାଜଧାନୀ ସମେତ ଚାରିଆଡେ ଏଭଳି ସ୍ୱାସ୍ଥ୍ୟ ସ୍ଥିତି ଲାଗି ରହିଛି। ବିଶେଷକରି ବୃଦ୍ଧ ଓ ଶିଶୁଙ୍କ ପାଇଁ ଏହି ଥଣ୍ଡା କାଶ ବହୁତ କଷ୍ଟଦାୟକ ହୋଇପଡ଼ିଛି। ଏବେ ଶୀତ ପ୍ରକୋପ ବଢୁଥିବାରୁ ଥଣ୍ଡାଜ୍ୱର ରୋଗୀଙ୍କ ସଂଖ୍ୟା ମଧ୍ୟ ବଢୁଥିବା ଜଣାପଡିଛି। ଥଣ୍ଡା କାଶ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ସବୁଠି ଲମ୍ୱା ଲାଇନ୍ ଲାଗି ରହୁଛି।



### ମେଡିସିନ୍ ଖାଇଲେ କାମ କରୁନି



ଗଲା ସପ୍ତାହେ ହେବ ଘରେ ସମସ୍ତଙ୍କୁ ଥଣ୍ଡା, କାଶ। ଯେତେ ମେଡିସିନ୍ ଖାଇଲେ ବି କମୁନି। ବଡମାନେ ଯାହା ଯେମିତି ଆଡ୍‌ଜଷ୍ଟ କରି ଦେଉଛନ୍ତି କିନ୍ତୁ ଛୁଆମାନେ ବ୍ୟସ୍ତ କରି ଦେଉଛନ୍ତି। ମୋ ସାନ ଝିଅକୁ ୪/୫ଦିନ ହେବ ଥଣ୍ଡା ଆଉ କାଶ ହେଉଛି। କିଛି ବି ଖାଉନି କି ଶୋଉନି। ମେଡିସିନ୍ ଦେଲେ କମି ଯାଉଛି, ପୁଣି ଦିନେ ଦି ଦିନ ପରେ ଯୋଉ କଥାକୁ ସେଇ କଥା। ଏବେ ଆଉ ମେଡିସିନ୍ ନଦେଇ ଘରୋଇ ଉପଚାର କରୁଛି।

–ସୋନମ୍ ବେହେରା, ଗୃହିଣୀ

### ଥଣ୍ଡା, ଜ୍ୱର ସାଙ୍ଗକୁ ଘୋଳାବିନ୍ଧା ହେଉଛି

ଘରେ ବାପା, ମା' ସମସ୍ତଙ୍କୁ ଥଣ୍ଡା, ଜ୍ୱର। ତା' ସାଙ୍ଗକୁ ଦେହ ହାତ ସବୁ ଘୋଳାବିନ୍ଧା ହେଉଛି। ନିୟମିତ ଗରମ ପାଣି ପିଇବା ସହିତ ଶୀତବସ୍ତ୍ର ପିନ୍ଧୁଛନ୍ତି ତଥାପି ଥଣ୍ଡା ଛାଡିବାର ନାଁ ଧରୁନି। ଡାକ୍ତରଙ୍କୁ ଦେଖାଇଲେ ଭାଏରାଲ୍ ଆଉ ୨/୪ଦିନରେ ଭଲ ହୋଇଯିବ ବୋଲି କହି ମେଡିସିନ୍ ଲେଖି ଦେଉଛନ୍ତି। ପେନ୍‌କିଲର୍ ଖାଇଲେ ଟିକେ କମି ଯାଉଛି ପୁଣି ସେମିତି ଦେହହାତ ବିନ୍ଧା ହଉଛି।



–ମୁନା ସେଠୀ, କର୍ମଜୀବୀ

### ଯେତେ ଘରୋଇ ଉପଚାର କଲେ ବି କମୁନି



ଛୋଟରୁ ବଡ ସମସ୍ତଙ୍କ ଦେହ ଖରାପ। ସୋରିଷ ତେଲ ମାଲିସ୍ ଠାରୁ ଆରମ୍ଭ କରି ତୁଳସୀ ପତ୍ର ରସ ପିଇବା ଯାଏ ଯେତେ ଘରୋଇ ଉପଚାର କଲେ ବି କମୁନି। ସକାଳୁ ଉଠି ସ୍କୁଲ ଯିବାକୁ ଛୁଆ ମଙ୍ଗୁନି। ମୋ ୬ବର୍ଷର ପୁଅର ଦେହ ହାତ ଦରଜ ଆଉ ବିନ୍ଧା ହେଉଛି। ତେଲ ମାଲିସ କରିବାକୁ ଡାକ୍ତର ପରାମର୍ଶ ଦେଉଥିବାବେଳେ କିଛି କାଟୁ କରୁନି।

–ମୃତ୍ୟୁଞ୍ଜୟ ଦାସ, କର୍ମଜୀବୀ

### ଦୁର୍ବଳ ଲୋକ, ଛୋଟ ଛୁଆଙ୍କୁ ଜଲ୍‌ଦି ଥଣ୍ଡା ହୁଏ



ଗରମରୁ ଥଣ୍ଡାକୁ ଆସିଲେ ଆମ ଶରୀରରେ ମେକାନିଜିମ୍ ବଦଳିଥାଏ ଏବଂ ଇମ୍ୟୁନିଟି ହ୍ରାସ ପାଏ। ଏଭଳି ଥଣ୍ଡା ପାଗରେ ଭାଇରସ୍ ଆଟାକ୍ କରିବାରୁ ଭାଏରାଲ୍ ଫିଭର୍ ବହୁ ପରିମାଣରେ ହୋଇଥାଏ। ନାକରୁ ପାଣି ବାହାରିବା ସହିତ କାଶ, ଛିଙ୍କ ହୋଇଥାଏ। ତେବେ ଏହା ବେଶୀ ଦିନ ଲାଗି ରହିଲେ ନିମୋନିଆ ଏବଂ ଜ୍ୱର ହେବାର ଆଶଙ୍କା ରହିଛି। ସାଧାରଣତଃ ଦୁର୍ବଳ ଲୋକ, ଛୋଟ ଛୁଆ, ଥଣ୍ଡାରେ ବେଶୀ ବୁଲୁଥିବା ଲୋକ, ଥଣ୍ଡା ପାଣିରେ ଗାଧୋଉଥିବା ଲୋକଙ୍କୁ ଏହା ହୋଇଥାଏ। ତେଣୁ ଯେତେଦୂର ସମ୍ଭବ ଥଣ୍ଡାରେ ବାହାରକୁ ନ ବାହାରିବା ଉଚିତ୍। ପିଲାମାନଙ୍କୁ ଶୀତବସ୍ତ୍ର ପିନ୍ଧାଇବା ସହିତ ସିଧାସଳଖ ପବନଠାରୁ ଦୂରେଇ ରଖିବାକୁ ପଡିବ। ବିଶେଷକରି କାଶ, ଛିଙ୍କ ହେଉଥିବା ଲୋକଙ୍କଠାରୁ ପିଲାମାନଙ୍କୁ ଦୂରେଇ ରଖିବାକୁ ପଡିବ। କେବଳ କୋଭିଡ୍ ସମୟରେ ମାସ୍କ ପିନ୍ଧିବା ତାହା ନୁହେଁ, ଥଣ୍ଡା ହେଲେ ମଧ୍ୟ ମାସ୍କ ପିନ୍ଧିବା ଦରକାର। ସେହିପରି ଟିକେ ଥଣ୍ଡା ହେବା ମାତ୍ରେ ମେଡିସିନ୍ ଖାଇବା ଦରକାର ନାହିଁ ଏହା ବିନା ଚିକିତ୍ସାରେ ଦିନେ ଦି ଦିନରେ ଭଲ ହୋଇଯିବ। ବେଶୀ ହେଲେ କିମ୍ବା ଜ୍ୱର ହେଲେ ପାରାସିଟାମଲ୍ ଦେଇ ପାରିବା। ମାତ୍ର ଆଣ୍ଟିବାଟିକ୍ ବ୍ୟବହାର କରିବା କିମ୍ବା ବ୍ୟସ୍ତ ହେବା ଉଚିତ୍ ନୁହେଁ।

–ଡା. ଲକ୍ଷ୍ମୀଧର ସାହୁ, ପୂର୍ବତନ ନିର୍ଦ୍ଦେଶକ, କ୍ୟାପିଟାଲ ହସ୍ପିଟାଲ

### କାଶରେ ରାତିରେ ଶୋଇ ହେଉନି



ଗଲା କିଛିଦିନ ହେବ ସ୍ୱାମୀ, ସ୍ତ୍ରୀ ଛୁଆ ସମସ୍ତଙ୍କ ଦେହ ଖରାପ। କାଶ ଏତେ ହଉଚି ଯେ ରାତିରେ ଶୋଇ ହଉନି। ଥଣ୍ଡାରେ ନାକ ବନ୍ଦ ହୋଇ ଯାଉଛି ଆଉ ତଣ୍ଟି ପୁରା ଦରଜ ରହୁଛି। ତା' ସାଙ୍ଗକୁ ଛିଙ୍କ ଆଉ ଆଖିରୁ ପାଣି ବାହାରୁଛି। ଘରୁ ବାହାରିଲେ ମାସ୍କ ପିନ୍ଧିକି ବାହାରିବାକୁ ପଡୁଛି। କେବଳ ମେଡିସିନ୍ ଖାଇ ଖାଇ ଦିନ ଯାଉଛି।

–ପଦ୍ମିନୀ ପ୍ରଧାନ, ଗୃହିଣୀ

## ସର୍ବଭାରତୀୟ ସନ୍ତରଣରେ ରମାଦେବୀ ଛାତ୍ରୀ ତୃତୀୟ

ଭୁବନେଶ୍ୱର,୨୮।୧୧(ସୁଚିସ୍ମିତା ସାହୁ)

ରାଜସ୍ଥାନରେ ଖେଲୋ ଇଣ୍ଡିଆ ଅନ୍ତର୍ଗତ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସନ୍ତରଣ ପ୍ରତିଯୋଗିତାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ଛାତ୍ରୀ ଆୟଶ୍ରୀ ଦତ୍ତ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୁଳପତି ଚଣ୍ଡୀ ଚରଣ ରଥ, କୁଳସଚିବ ମନସ୍ୱିନୀ ସାହୁ ଏବଂ କ୍ରୀଡ଼ା ଦାୟିତ୍ୱରେ ଥିବା ପ୍ରଫେସର ଇତିଶ୍ରୀ ଷଡ଼ଙ୍ଗୀ ଆୟଶ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ବିଶ୍ୱ କପ୍ ଜିତିଥିବା ଭାରତୀୟ ଦୃଷ୍ଟିବାଧିତ ଟି-ଟ୍ୱେଣ୍ଟି ମହିଳା କ୍ରିକେଟ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବର୍ଦ୍ଧିତ କରିଛନ୍ତି। ଏହି କ୍ରିକେଟ ଦଳରେ ରମାଦେବୀ ଛାତ୍ରୀ ଫୁଲ ସୋରେନ ମଧ୍ୟ ରହିଛନ୍ତି।



ଆୟଶ୍ରୀ ଦତ୍ତ

## 'ଲାଡୋ'ର ମ୍ୟୁଜିକ୍ ଓ ଟିଜର୍ ରିଲିଜ୍





ଭୁବନେଶ୍ୱର,୨୮।୧୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ସିନେମା 'ଲାଡୋ'ର ମ୍ୟୁଜିକ୍ ଓ ଟିଜର୍ ରିଲିଜ ହୋଇଯାଇଛି। ଫିଲ୍ମର କ୍ୟାଚ୍ ଲାଇନ ରହିଛି ମାଟିର ମଣିଷ। ସମୟ ବଦଳୁଛି। ମଣିଷ ଆଧୁନିକରୁ ଅତ୍ୟାଧୁନିକ ହଉଛି। ରାସ୍ତା ଉନ୍ନତି କରଣ ଓ ପ୍ରଶସ୍ତିକରଣ ନାଁରେ ପ୍ରତିଦିନ ବଳି ପଡୁଛନ୍ତି ହଜାର ହଜାର ଗଛ। ବିକାଶ ନାଁରେ ଚାଲିଛି ବିନାଶ। ଦ୍ରୁତ ଜଙ୍ଗଲ କ୍ଷୟ କାରଣରୁ ପ୍ରକୃତି, ପରିବେଶ ଆଉ ମାଟି ହେଉଛି ପ୍ରଦୂଷିତ-ଏ କଥା କିନ୍ତୁ ବୁଝିପାରୁ ନାହାନ୍ତି ତଥା କଥିତ ସଭ୍ୟ ମଣିଷ। ଏ କଥାକୁ ହୃଦ୍‌ବୟଙ୍ଗମ କରିଛି ସହର ସଭ୍ୟତାରୁ ଦୂରରେ ଥିବା ଜଣେ ଜଙ୍ଗଲୀ ମଣିଷ। ପରିବେଶର ସୁରକ୍ଷା କରାଯାଇପାରିଲେ ଆମେ ସୁରକ୍ଷିତ ରହି ପରିବା। ଭବିଷ୍ୟତ ପିଢ଼ି ପାଇଁ ଏହା ହିଁ ଆମର ଉତ୍ତର ଦାୟିତ୍ୱ ଏହା ହିଁ ସିନେମାର ମୁଖ୍ୟ କଥାବସ୍ତୁ ରହିଛି। ସତ୍ୟଭାମା ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏ ସିନେମା ନାୟକ ଓ ନାୟିକା ଭାବେ ନଜର ଆସିବେ ଶୁଭମ ଓ ଅଙ୍କିତା, ସଞ୍ଜନା। ନିର୍ଦ୍ଦେଶକ ଅଛନ୍ତି ସନ୍ତୋଷ ବିଶ୍ୱାଳ। ଖୁବ୍ ଶିଘ୍ର ଏହା ବଡ଼ ପରଦାକୁ ଆସିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ୪ ଅଭିଯୁକ୍ତଙ୍କୁ ଧରି ଏକାଧିକ ସ୍ଥାନରେ ଚଢ଼ାଉ

### ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

ଭୁବନେଶ୍ୱର, ୨୮।୧୧(ତ୍ରିନାଥ ମହାନ୍ତି)

ପୋଲିସି ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ରିମାଣ୍ଡରେ ଆସିଥିବା ୪ ଅଭିଯୁକ୍ତ ଲୋକନାଥ ସାହୁ, ତଫିମ ଅହମ୍ମଦ ଖାନ, ବିଶ୍ୱଜିତ ହରିଚନ୍ଦନ ଓ ଏସଏସ୍‌ବି ଯବାନ ବିଶ୍ୱରଞ୍ଜନ ସେନାପତିଙ୍କୁ ମାରାଥନ ଜେରା କରୁଛି ସିବିଆଇ। ଶୁକ୍ରବାର ସିବିଆଇ ତାଙ୍କୁ ଧରି ଭୁବନେଶ୍ୱରର ଏକାଧିକ ସ୍ଥାନରେ ଛାନଭିନ କରିଛି। ର୍‍ୟାକେଟର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି କରିଥିବା ଅଫିସରେ ମଧ୍ୟ ସେମାନଙ୍କୁ ନେଇ ଖୋଳତାଡ଼ କରାଯାଇଥିଲା। ଯେଉଁ ଅଫିସରେ ଟଙ୍କା ଡିଲ ହେଉଥିଲା ଏବଂ ବହୁ କୋଚିଂ ସେଣ୍ଟରର ମାଲିକମାନେ ଆସି ବସୁଥିଲେ, ତା'ର ଲିଙ୍କ୍ ପାଇଛି ସିବିଆଇ। ଏଥିସହ ଏହି ମହାଦୁର୍ନୀତିର ଚେର ଉତ୍ତରପ୍ରଦେଶ, କୋଲକାତା, ଦିଲ୍ଲୀ, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡକୁ ଲମ୍ବିଥିବା ଜଣାପଡ଼ିଛି। ଖୁବ୍‌କ୍ଷୀଘ୍ର ସିବିଆଇ ପକ୍ଷରୁ ବଡ଼ଧରଣ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି କୁହାଯାଉଛି। ଶନିବାର ସନ୍ଧ୍ୟାରେ ୪ ଅଭିଯୁକ୍ତଙ୍କୁ ସିବିଆଇର ସ୍ୱତନ୍ତ୍ର ଅଦାଲତରେ ହାଜର କରାଯିବ ବୋଲି ଜଣାପଡ଼ିଛି।

## ସରକାର କହୁଛନ୍ତି ନାରୀ ନିର୍ଯାତନା ଏକ ପ୍ରସଙ୍ଗ ନୁହେଁ: କଂଗ୍ରେସ

ଭୁବନେଶ୍ୱର,୨୮।୧୧(ରବିନାରାୟଣ ଜେନା

ରାଜ୍ୟ ସରକାର ନାରୀ ନିର୍ଯାତନା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନୁହେଁ ବୋଲି କହିବା ଦୁଃଖର ବିଷୟ ବୋଲି କଂଗ୍ରେସ କହିଛି। କଂଗ୍ରେସ ଭବନରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ଡ. ମନୀଷା ଦାସ ପଟ୍ଟନାୟକ କହିଛନ୍ତି, ଓଡ଼ିଶାରେ ଭାଜପା ସରକାରର ୧୭ ମାସରେ ମହିଳା ଓ ନାବାଳିକାଙ୍କ ଉପରେ ଅକଥନୀୟ ଅତ୍ୟାଚାର, ନିର୍ଯାତନା ଓ ବଳାତ୍କାର ବୃଦ୍ଧି ପାଇବା ସତ୍ତ୍ୱେ ସରକାର ଓ ପ୍ରଶାସନ ପୂରାପୂରି ନିର୍ବିକାର ସାଜିଛନ୍ତି। ଖୋର୍ଦ୍ଧା ବାଘମାରୀରେ ନାବାଳିକାଙ୍କୁ ଗଣବଳାତ୍କାର ହେବାର ଦୀର୍ଘଦିନ ପରେ ବି ଏପର୍ଯ୍ୟନ୍ତ ଅଭିଯୁକ୍ତ ଗିରଫ ହୋଇ ନ ଥିବାବେଳେ ମାଲକାନଗିରି, ପୁରୀ, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଗୋପାଳପୁର ଓ ରାୟଗଡ଼ା ଘଟଣାରେ ସରକାରଙ୍କ ପକ୍ଷରୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନାହିଁ। ଏହି ପରିସ୍ଥିତି ପାଇଁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ତତ୍କାଳ ଫାଷ୍ଟ-ଟ୍ରାକ୍ ବିଚାର, ବିଶେଷ ମହିଳା ତଦନ୍ତ ଦଳ ଗଠନ, ଦାୟୀ ପୋଲିସ ଅଧିକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତାଙ୍କୁ ସୁରକ୍ଷା-ପରାମର୍ଶ-ଆଇନ ସହାୟତା ଦେବାକୁ ଦୃଢ଼ ଦାବି କରୁଛି। ମୁଖପାତ୍ର ଜୟଶ୍ରୀ ପାତ୍ର ସେହିପରି ମୁଖପାତ୍ର ଜୟଶ୍ରୀ ପାତ୍ର ମଧ୍ୟ ଭାଜପା ସରକାରଙ୍କ ଉପରେ ବର୍ଷିବା ସହ ଚେତାବନୀ ଦେଇଛନ୍ତି।

## କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଝୁରିହେଲେ



ଓଡ଼ିଶା ମେଲୋଡ଼ି ଆସୋସିଏଶନ୍ ପକ୍ଷରୁ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଯୋଗଦେଇଥିବା କଣ୍ଠଶିଳ୍ପୀ, ବାଦ୍ୟଯନ୍ତ୍ର ଶିଳ୍ପୀ ଓ କଳାକାରମାନେ।

ଭୁବନେଶ୍ୱର,୨୮।୧୧(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ମେଲୋଡ଼ି ଆସୋସିଏଶନ୍ ଭୁବନେଶ୍ୱର ପକ୍ଷରୁ ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ସ୍ମୃତିରେ ଏକ ସ୍ମୃତିଚାରଣ ସଭା କଟକ ଗୋପାଳପୁରସ୍ଥିତ ଏକ ମଣ୍ଡପଠାରେ ଶୁକ୍ରବାର ନିଲୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁ କଣ୍ଠଶିଳ୍ପୀ, ବାଦ୍ୟଯନ୍ତ୍ର ଶିଳ୍ପୀ ଓ କଳାକାରମାନେ ଯୋଗଦେଇ ହ୍ୟୁମାନଙ୍କୁ ମନେ ପକାଇଥିଲେ। ପ୍ରଦୀପ ପ୍ରଜ୍ୱଳନ ଓ ନିରବ ପ୍ରାର୍ଥନା ପୂର୍ବକ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଭଗବାନ ନିକଟରେ ପ୍ରାର୍ଥନା କରିଥିଲେ। ତାଙ୍କ ମୃତ୍ୟୁ ସଙ୍ଗୀତ ଜଗତରେ ଏକ ଯୁଗର ଅବସାନ ଓ ଅପୂରଣୀୟ କ୍ଷତି ବୋଲି କଳାକାରମାନେ ମତବ୍ୟକ୍ତ କରିଥିଲେ। ସଂଘର ସମ୍ପାଦକ ଲୁଲୁ ମହାନ୍ତି, ସଭାପତି ଦୀପକ ବାଜୋରିଆ, ବିଶ୍ୱରଞ୍ଜନ ଦାସ, ଶ୍ୟାମକୁମାର, ଅଞ୍ଜନ ମହାନା, ବୀରେନ୍ଦ୍ର ଦାସ, ଅରବିନ୍ଦ ବଳିଆରସିଂ, ପ୍ରଦୀପ ମହାପାତ୍ରଙ୍କ ସହିତ ସଂଘର ବହୁ କାର୍ଯ୍ୟକାରୀ ସଭ୍ୟ ଓ କଳାକାର ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ଅଜୟ କୁମାର କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ପ୍ରସ୍ତାବ ସାମୟିକ ସ୍ଥଗିତ

ପୁରୀ,୨୮।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ମନ୍ଦିର ସର୍ବସାଧାରଣ ଭକ୍ତଙ୍କ ପାଇଁ ଖୋଲାଯିବା ପ୍ରସ୍ତାବ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଏବଂ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜରଙ୍କ ଜରୁରୀ ରିପୋର୍ଟ ତଥା ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ନଜରରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ପରାମର୍ଶ ତଥା ଅଧିସ୍ୱୀକୃତି ଅନୁସାରେ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ, ପରେ ପରିଚାଳନା କମିଟିର ବରିଷ୍ଠ ସେବକ ସଦସ୍ୟ ଏବଂ ଅଧିକାରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଅନୁଧ୍ୟାନ କରିଥିଲେ। ଆସନ୍ତା ଡିସେମ୍ବର ୧ରୁ ଶ୍ରୀଗୁଣ୍ଡିଚା ମନ୍ଦିର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଲାଗି ଖୋଲାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ପାଇଁ ଆହୁରି ଅଧିକ ସମୟ ଆବଶ୍ୟକ। ଏଥିସହ ମନ୍ଦିର ମଧ୍ୟରେ ଷ୍ଟିଲ ବିମ୍ ଲଗାଯିବା ପ୍ରସ୍ତାବ ଥିବା ସହ ଖଣ୍ଡେଲାଇଟ୍ ପଥର ଲଗା କାମ ବାକି ରହିଛି। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଉଦ୍ୟାନଗୁଡ଼ିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତୀକରଣ ଜରୁରୀ ଥିବା ବରିଷ୍ଠ ସୁପରଭାଇଜର୍ ରିପୋର୍ଟ ଦେଇଛନ୍ତି।

## ମାଆ ବିନା ମଣିଷର ଜୀବନ ଅଧୁରା

### 'ମଧୁଲିତା'ର ୨୦ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୮।୧୧ (ସୌମ୍ୟରଞ୍ଜନ ରାଉତ)

ମାଆ ବିନା ମଣିଷର ଜୀବନ ଅଧୁରା। ମାଆ ହିଁ ମଣିଷକୁ ତିଆରି କରେ, ହାତ ଧରି ବଡ଼ କରେ। ମାଆକୁ ଅବହେଳା କଲେ ପରିବାର ଧ୍ୱଂସ ହୋଇଯିବ। ଜଣେ ଉତ୍ତମ ମା' ହିଁ ଉତ୍ତମ ସନ୍ତାନ ଜନ୍ମ କରେ ଏବଂ ଏହା ସୁସ୍ଥ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ବୋଲି ମନନଶୀଳ ପାରିବାରିକ ପତ୍ରିକା 'ମଧୁଲିତା'ର ୨୦ତମ ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ଗୁରୁବାର ବୁଦ୍ଧ ମନ୍ଦିର ପରିସରରେ ସ୍ତମ୍ଭକାର ନିରାକାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥି ଭାବରେ ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଲେଖକ ପଂଚାନନ କାନୁନ୍‌ଗୋ, ଭୁବନେଶର ମେୟର ସୁଲୋଚନା ଦାସ, ଆଇନଜୀବୀ ନମ୍ରତା ଚଢ଼ା, ପୂର୍ବତନ ଇନ୍‌କମ୍ ଟ୍ୟାକ୍ସ କମିଶନର ଶୋଭନ କର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ଭାଜପା ନେତା ଜଗନ୍ନାଥ ପ୍ରଧାନ, ସିବିଆଇର ପୂର୍ବତନ ଆଇନ ପରାମର୍ଶଦାତା ରାଜଶ୍ରୀ ମହାପାତ୍ର, ଲେଖିକା କଳ୍ପନା ମିଶ୍ର ଏବଂ ମହିଳା ଉଦ୍ୟୋଗପତି ସ୍ୱାତୀ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ପତ୍ରିକାର ବୋଉ ସଂସ୍କରଣର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୬ଜଣଙ୍କୁ ସମ୍ମାନିତ କରାଯାଇଥିଲା। ପତ୍ରିକାର ପ୍ରତିଷ୍ଠାତା ସମ୍ପାଦିକା ମଧୁଲିତା ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁବାଦିକା ହରପ୍ରିୟା ମହାନ୍ତି ଧନ୍ୟବାଦ ଦେଇଥିଲେ।



'ମଧୁଲିତା'ର ବାର୍ଷିକ ଉତ୍ସବ ଉତ୍ସବରେ ଅତିଥିଙ୍କ ସହ ଜଣେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

## ୫ ଜଣଙ୍କୁ 'ନୋବ୍‌ଲ ସିଟିଜେନ୍ ଅଫ୍ ଇଣ୍ଡିଆ ଆୱାର୍ଡ଼'





ସମ୍ବିଧାନ ଦିବସ ପାଳନ ଅବସରରେ ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କ ସହ ଅନ୍ୟ ଅତିଥିମାନେ।

### ୭୭ତମ ସମ୍ବିଧାନ ଦିବସ

ଭୁବନେଶ୍ୱର,୨୮।୧୧ (ସୌମ୍ୟରଞ୍ଜନ ରାଉତ)

ଆଇନ ସେବା ସଂସ୍ଥା କ୍ଲାପ୍ ପକ୍ଷରୁ ଗୁରୁ କେଲୁଚରଣ ଓଡ଼ିଶୀ ଗେବେଷଣ କେନ୍ଦ୍ରଠାରେ ୭୭ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ କହିଲେ, ସମ୍ବିଧାନର ପ୍ରତ୍ୟେକ ବ୍ୟବସ୍ଥା ମଧ୍ୟରେ ସାମ୍ବିଧାନିକ ଅନୁଷ୍ଠାନମାନେ ପ୍ରତ୍ୟେକ ନାଗରିକଙ୍କୁ ସମାନ ନ୍ୟାୟ ପ୍ରଦାନ କରିବା ଆବଶ୍ୟକ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ବି. ପି. ଚୌଧୁରୀ ଓ ପ୍ରଫେସର ପ୍ରବୀର କୁମାର ପଟ୍ଟନାୟକ ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାର ଯେପରି ସୁରକ୍ଷା ହୋଇପାରିବ ତଥା ମୌଳିକ କର୍ତ୍ତବ୍ୟ ପାଳନ ହେବ ତାହା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କ୍ଲାପ୍‌ର ସଭାପତି ଡ. ବିକାଶ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ୫ଜଣଙ୍କୁ ସମ୍ମାନିତ କରାଯାଇଥିଲା। ରାଜ୍ୟ ବାର୍ କାଉନ୍‌ସିଲରର ପୂର୍ବତନ ଅଧ୍ୟକ୍ଷ ଆଡ୍‌ଭୋକେଟ ମାନସ ରଞ୍ଜନ ମହାପାତ୍ର, ମାନବିକ ଅଧିକାର ପ୍ରବକ୍ତା ସଂଗ୍ରାମ ମଲିକ, ପ୍ରଶାସନିକ ଅଧିକାରୀ ସନ୍ୟାସୀ କୁମାର ବେହେରା, ମହିଳା ଅଧିକାର ପାଇଁ କାର୍ଯ୍ୟରତ ବୀଣାପାଣି ମଲ୍ଲିକ ପ୍ରମୁଖଙ୍କୁ 'ନୋବଲ୍ ସିଟିଜେନ୍ ଅଫ୍ ଇଣ୍ଡିଆ ଆୱାର୍ଡ଼' ପ୍ରଦାନ କରାଯାଇଥିଲା। ପରିଚାଳନା ବୋର୍ଡର ସଦସ୍ୟା ସ୍ନିଗ୍ଧା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ଦେଶରେ ପ୍ରଶଂସିତ ଓଡ଼ିଶା ଏଜି

### ପଞ୍ଚମ ଅଡିଟ ସପ୍ତାହ ଉଦ୍‌ଯାପିତ

ଭୁବନେଶ୍ୱର,୨୮।୧୧
(ଅନୁରାଧା ମହାରଣା)

ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ପଞ୍ଚମ ଅଡିଟ ସପ୍ତାହର ଉଦ୍‌ଯାପନୀ ସମାରୋହ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ(ସିଏଜି)ଙ୍କ ଆର୍ଥିକ ଶୃଙ୍ଖଳା ବଜାୟ ରଖିବା ଏବଂ ସାଧାରଣ ଦାୟିତ୍ୱ ସୁନିଶ୍ଚିତ କରିବାରେ ୧୫୦ ବର୍ଷରୁ ଅଧିକ ବର୍ଷର ଐତିହ୍ୟକୁ ପ୍ରଶଂସା କରିଥିଲେ। ସେ ପ୍ରଭାବଶାଳୀ ଢଙ୍ଗରେ କାମ କରିବା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ ଉପକରଣଗୁଡିକ ଆପଣେଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ମହଲେଖାକାର ଡି. ସାହୁ ସ୍ୱାଗତ ଭାଷଣରେ କହିଲେ, ଓଡିଶା ଏଜି ବିଭିନ୍ନ ସରକାରୀ କାର୍ଯ୍ୟକୁ ସରଳ, ସୁଗମ ଓ ଶୀଘ୍ର ସମ୍ପାଦନ ପାଇଁ ଉନ୍ନତ କୌଶଳ ଯଥା ନୂତନ ସଫ୍ଟୱେୟାର ପ୍ରସ୍ତୁତି ଓ ଏଆଇ ପ୍ରଯୁକ୍ତିବିଦ୍ୟା ଉପଯୋଗରେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରି ଦେଶରେ ପ୍ରଶଂସା ଭାଜନ ହୋଇପାରିଛି। ଦେଶର ବିଭିନ୍ନ ଏଜି କାର୍ଯ୍ୟାଳୟରୁ ଅଧିକାରୀମାନେ ଏହି ନୂତନ କୌଶଳ ତାଲିମ ନେବାପାଇଁ ଓଡିଶା ଏଜିକୁ ଆସୁଛନ୍ତି ବୋଲି ପ୍ରକାଶ କରିଥିଲେ। ପ୍ରଧାନ ମହାଲେଖାକାର ସୁବୁ ଆର. କହିଲେ, ଭାରତୀୟ ଅଡିଟ ଏବଂ ଆକାଉଣ୍ଟସ ବିଭାଗ ଆଗାମୀ ବର୍ଷଗୁଡ଼ିକରେ କାର୍ଯ୍ୟ ସମ୍ପାଦନରେ ଉତ୍କର୍ଷ ପାଇଁ ପ୍ରୟାସ ଜାରି ରଖିବା ସହିତ ଅଡିଟ ପାରାଗୁଡିକର ତ୍ୱରିତ କାର୍ଯ୍ୟକାରିତା ପାଇଁ ଜି-କନେକ୍ଟ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରିଛି। ଦେଶରେ ପ୍ରଥମଥର ପାଇଁ ଅଡିଟ ଅଦାଲତ ଅନୁଷ୍ଠିତ ହୋଇଛି। ସାଧାରଣ ଅଡିଟିଂରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନବସୃଜନ ପ୍ରତି ପ୍ରତିବଦ୍ଧତା ପାଇଁ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଅଡିଟ ଓ ଆକାଉଣ୍ଟସ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହାଲେଖାକାର କାର୍ଯ୍ୟାଳୟର ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ସହ ମହିଳାଙ୍କ ରଙ୍ଗୋଲି ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଉପ ମହାଲେଖାକାର ପ୍ରଥମା ପ୍ରତୀକ୍ଷା ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଉଦ୍‌ଯାପନୀ ସମାରୋହକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରୁଛନ୍ତି।

# ଚିଲିକାରେ ପକ୍ଷୀ ସୁରକ୍ଷା ପାଇଁ ୨୧ କ୍ୟାମ୍ପ

## ଶିକାରୀଙ୍କ ଉପରେ ନଜର ରଖୁଛି ସ୍କ୍ୱାଡ୍

**ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)**

ଶୀତଋତୁ ଆସିଲେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। ପ୍ରାକୃତିକ ଜଳବାୟୁ ଓ ଖାଦ୍ୟ ଅନ୍ୱେଷଣରେ ବିଦେଶାଗତ ପକ୍ଷୀମାନେ ଚିଲିକାକୁ ଆସୁଛନ୍ତି। ଚିଲିକାର ବିଭିନ୍ନ ଅଞ୍ଚଳରେ ପକ୍ଷୀମାନେ ଦଳ ଦଳ ହୋଇ ବିଚରଣ କରୁଛନ୍ତି। କିଚିରିମିଚିରି କଳରବରେ ଫାଟି ପଡୁଛି ଚିଲିକା। ତେବେ ଏମାନଙ୍କ ଉପରେ ରହିଛି ଶିକାରୀଙ୍କ ନଜର। ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଶିକାରୀଙ୍କ ବିଷ ଓ ଫାଶରେ ପକ୍ଷୀ ପଡ଼ି ମୃତ୍ୟୁବରଣ କରିଥାନ୍ତି। ତେଣୁ ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୨୧ଟି କ୍ୟାମ୍ପ ସହ ସ୍ଥଳପଥରେ ଗୋଟିଏ ଭ୍ରାମ୍ୟମଣ ସ୍କ୍ୱାଡ୍ ଗଠନ କରାଯାଇ ଶିକାରୀଙ୍କ ଉପରେ ନଜର ରଖାଯାଇଥିବା ଚିଲିକା ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି। କେବଳ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଅଧୀନରେ ପକ୍ଷୀଙ୍କ ସୁରକ୍ଷା ପାଇଁ



ବିଭାଗ ପକ୍ଷରୁ ମୁଖ୍ୟତଃ ମଙ୍ଗଳାଯୋଡ଼ି, ଭୂଷଣ୍ଡପୁର, ବାଲିପାଟପୁର, ଦେଏପୁର, ଢୋଲପୁର, ବରୁଣପଡ଼ା, ହାଲିସିଙ୍ଗ, ଅଭିମାନପୁର, ସୁନ୍ଦରପୁର, ନଇରୀ, ସୋରଣ ଆଦି ଅଞ୍ଚଳରେ ୧୧ଟି ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ପ୍ରତି କ୍ୟାମ୍ପରେ ଜଣେ ଫରେଷ୍ଟର, ଫରେଷ୍ଟ ଗାର୍ଡ ଏବଂ ନାଇଟ ୱାଚ୍‌ମ୍ୟାନଙ୍କୁ ନିୟୋଜିତ କରାଯାଇଛି।

ପକ୍ଷୀଙ୍କ ଅଭୟାରଣ୍ୟ ଭାବେ ପରିଚିତ ନଳବଣ ଏବଂ ମଙ୍ଗଳାଯୋଡ଼ି ଅଞ୍ଚଳକୁ ବିଦେଶାଗତ ପକ୍ଷୀଙ୍କ ଅଧିକ ଆଗମନ ହୋଇଥାଏ। ପ୍ରତିବର୍ଷ ସାଇବେରିଆ, ରୁଷିଆ, କାଜାଖସ୍ତାନ, ଲଦାଖ, ମଙ୍ଗୋଲିଆ, ଆମେରିକା, କାନାଡ଼ା ଆଦି ଦେଶରୁ ପକ୍ଷୀ ଚିଲିକାକୁ ଆସିଥାନ୍ତି। ଏମାନଙ୍କ ମଧ୍ୟରେ ପାଇପର, ୟୁରେସିଆନ, ପ୍ଲୋଭର, ପିଂଟେଲ, ସୋଭଲର, ଉଡସ୍ୟାଣ୍ଡ, କମନ୍ କୁଟ୍, କମନ୍ ରେଡଷ୍ଟ୍ରକ, ଗୋଲ୍‌ଡେନ, ପ୍ଲୋଭରଙ୍କ ସମେତ ଚିଲିକାର ଶୋଭାବର୍ଦ୍ଧନ କରୁଥିବା ଗ୍ରେଟର ଫ୍ଲେମିଙ୍ଗୋ(ଏରାପକ୍ଷୀ) ଆଦିର ଆଗମନ ହୋଇଥିବା ଜଣାପଡ଼ିଛି। ନଳବଣ ଭିତରକୁ ଯିବା ପାଇଁ କଟକଣା ରହିଛି। ତେଣୁ ମଙ୍ଗଳାଯୋଡ଼ିରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଚିଲିକାରେ ମନୋରମ ଦୃଶ୍ୟ ସହ ବିଭିନ୍ନ ରଙ୍ଗବେରଙ୍ଗ ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଟାଙ୍ଗୀ ପହଞ୍ଚିବା ପରେ ଏଠାରୁ ୫କିମି ପରେ ପଡ଼ିଥାଏ ମଙ୍ଗଳାଯୋଡ଼ି। ଚିଲିକା ଭିତରକୁ ପର୍ଯ୍ୟଟକଙ୍କୁ ନେବା ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଡଙ୍ଗାର ବ୍ୟବସ୍ଥା ରହିଛି। ପକ୍ଷୀଙ୍କ ଯାତାୟାତରେ ବାଧା ଉପୁଜିବା ଆଶଙ୍କାରେ ଏଠାରେ ମୋଟର ଚାଳିତ ଡଙ୍ଗା ଚଳାଚଳ ଉପରେ କଟକଣା ରହିଛି। ମଙ୍ଗଳାଯୋଡ଼ିରୁ ଚିଲିକାର ନୀଳ ଜଳରାଶି, ପ୍ରକୃତି ନୈସର୍ଗିକ ଦୃଶ୍ୟପଟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଥିସହିତ ପକ୍ଷୀଙ୍କ ସମାହାର ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ନୀଳ ଜଳରାଶିରେ ପକ୍ଷୀଙ୍କ ଉଡ଼ନ୍ତା ଦୃଶ୍ୟ ପର୍ଯ୍ୟଟକଙ୍କ ମନରେ ବେଶ୍ ଉତ୍ସାହ ଭରି ଦେଇଥାଏ। କ୍ୟାମେରା ଲେନ୍ସରେ ପକ୍ଷୀଙ୍କ ଉଡ଼ନ୍ତା ଦୃଶ୍ୟ ହେଉ କି ନଳବଣ, ରାଜଦଳରେ ଖାଦ୍ୟ ଅନ୍ୱେଷଣ କରୁଥିବା ପକ୍ଷୀଙ୍କ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଗତବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ପକ୍ଷୀଙ୍କ ଆଗମନ ହେବା ନେଇ ପକ୍ଷୀ ସୁରକ୍ଷା ସମିତି ଏବଂ ବନ୍ୟପ୍ରାଣୀ ବିଭାଗ ଆଶା ରଖିଛି।

# ସରିଲା କୁରାଳ ପଞ୍ଚମୀ



**ବୋଲଗଡ଼,୨୮।୧୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଫାସୀଓଦା ପଞ୍ଚାୟତ ଭୀମପଡ଼ା ଗ୍ରାମରେ କୁମ୍ଭକାର ସମ୍ପ୍ରଦାୟର ଉତ୍ସବ କୁରାଳ ପଞ୍ଚମୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମାର୍ଗଶିର ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରୁ ସପ୍ତମୀ ତିଥି ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ଏହି ପର୍ବରେ କୁମ୍ଭକାରମାନେ ନୂତନ ବସ୍ତ୍ର ପରିଧାନ କରିବା ସହିତ ଘରେ ପିଠାପଣା ପ୍ରସ୍ତୁତକରି ଭୋଗ କରି ସେବନ କରିଥିଲେ। ଗ୍ରାମର କୁରାଳ ପଞ୍ଚମୀ କମିଟି ପକ୍ଷରୁ ହୋମଯଜ୍ଞ ଆୟୋଜନ କରାଯାଇଥିଲା। ପ୍ରଥମ ଦିବସରେ ମହିଳାଙ୍କ ଦ୍ୱାରା କଳସଯାତ୍ରା ପରେ ସୂର୍ଯ୍ୟପୂଜା, ଗୋ ପୂଜା, ସର୍ବ ଦେବଦେବୀ ପୂଜା ଓ ହୋମ କାର୍ଯ୍ୟ ସମ୍ପନ୍ନ କରିଥିଲେ ପୂଜକ ଦେବବ୍ରତ ହୋତା। କର୍ତ୍ତାଭାବେ ପର୍ଶୁରାମ ମଦୁଲି ଉପବିଷ୍ଟ ଥିଲେ। ଏହି ପର୍ବରେ ବିଶେଷଭାବେ କୁମ୍ଭାରଚକ୍ରକୁ ଝୋଟି ମୁରୁଜରେ ସୁସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଉତ୍ସବ ଅବସରରେ ରାମ ନାଟକ ଓ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଭିନ୍ନ ଦିବସରେ ବିଧାୟକ ପ୍ରଦୀପ ସାହୁ, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅଧିବକ୍ତା ଲୋତକବିନ୍ଦୁ ପଟ୍ଟନାୟକ, ବାନାମ୍ବର ମାଝୀ, ସଞ୍ଜୟ ବେହେରା, ଦିପନ ବିଶ୍ୱାଳ, ବିନୋଦ ମହାରଣା ପ୍ରମୁଖ ଏଠାରେ ପହଞ୍ଚି ଉତ୍ସବରେ ସାମିଲ ହୋଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ରବୀନ୍ଦ୍ର ବେହେରା, ଅଭିମନ୍ୟୁ ମୁଦୁଲି, ବସନ୍ତ ମୁଦୁଲି, ଲକ୍ଷ୍ମୀଧର ମୁଦୁଲି, ଜଗବନ୍ଧୁ ମୁଦୁଲି, ପ୍ରଦୀପ୍ତ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶରତ, ମନୋଜ, ପ୍ରମୋଦ, ପ୍ରକାଶ, ରମେଶ, କୁନି, ଲିଜା ସହଯୋଗ କରିଥିଲେ।

# ଗୋରୁ ବୋଝେଇ ଟ୍ରକ୍ ଜବତ, ୨ ଗିରଫ

## ୧୭ ଗୋରୁ ଉଦ୍ଧାର

**ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ୧୬ନଂ. ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରୁ ଏକ ଗୋରୁ ବୋଝେଇ ଟ୍ରକ୍ ଜବତ କରିଛି। ଉକ୍ତ ଟ୍ରକରୁ ୧୭ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ସାହାରଣପୁର ଜିଲା କୈଳାସପୁର ଗ୍ରାମର ସାହାବାନ ମଲ୍ଲିକ(୨୮) ଏବଂ ତେଲେଙ୍ଗାନା ଜାହିରାବାଗର ମୁନିର ଅହମ୍ମଦ(୨୨)। ସୂଚନା ମୁତାବକ, ଏକ ଗୋରୁ ବୋଝେଇ ଟ୍ରକ୍ (ଟିଜି ୧୨ୟୁ ୨୮୧୮) ଯାଉଥିବା ଖବରପାଇ ପୋଲିସ ଗଡ଼ଖୋର୍ଦ୍ଧା ଛକ ନିକଟରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଚାଳକ ଗୋରୁ ପରିବହନ ସମ୍ବନ୍ଧୀୟ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ପୋଲିସ ଉକ୍ତ ଟ୍ରକକୁ ଜବତ କରିବା ସହ ଏକ ମାମଲା (ନଂ.୨୯୦/୨୫)ରୁଜୁକରି ଉପରୋକ୍ତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆନ୍ଧ୍ରପ୍ରଦେଶରରୁ କୋଲକାତାକୁ ଚାଲାଣ କରାଯାଉଥିଲା। ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ଛଡ଼ାଯାଇଥିବା ଥାନା ଅଧିକାରୀ ଉମେଶ କୁମାର ସାହୁ ସୂଚନା ଦେଇଛନ୍ତି।

# ରାଧାକୃଷ୍ଣଙ୍କ ଯୁଗଳ ନୃତ୍ୟରେ ଦର୍ଶକ ବିଭୋର



ପଞ୍ଚଦଶତମ ମୂର୍ଚ୍ଛନା ଉତ୍ସବରେ ଉପସ୍ଥିତ ଅତିଥି।



ଉତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି।

## ପଞ୍ଚଦଶତମ ମୂର୍ଚ୍ଛନା ଉତ୍ସବ

**ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାର ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନାର ଦୁଇଦିନିଆ ପଞ୍ଚଦଶତମ ମୂର୍ଚ୍ଛନା ଉତ୍ସବ ସ୍ଥାନୀୟ ଗୀତା ଭବନରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଖୋର୍ଦ୍ଧା ତହସିଲଦାର ବିଭାସ ପାଣିଗ୍ରାହୀ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂହ, ନାଳିପଡ଼ା ଅର୍ଜୁନପୁର ସରପଞ୍ଚ ସୂର୍ଯ୍ୟପ୍ରସାଦ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ନିରଞ୍ଜନ ରାଉତ, ଗୁରୁ ଜଳଧର ପ୍ରଧାନ, ଶୁଚିସ୍ମିତା ବଡ଼ଜେନା, ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କୁ ମୂର୍ଚ୍ଛନା-୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ପଦ୍ମ ଚରଣ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲାପରିଷଦ ଅଧ୍ୟକ୍ଷ ରୂପଶ୍ରୀ ରାଣୀ ଗୁମାନସିଂ ମୁଖ୍ୟ ଅତିଥି, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ, ସମାଜିକ କର୍ମୀ ଇତିଶ୍ରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କଳା, ସଂସ୍କୃତି, ଐତିହ୍ୟ ଗୋଟିଏ ଜାତିର ପରିଚୟ। ଯୁବ ପ୍ରତିଭାଙ୍କ ପାଇଁ ଏହି ଉତ୍ସବ ପ୍ରେରଣାର ଉତ୍ସ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସଂଗ୍ରାମ କେଶରୀ ସାମନ୍ତସିଂଘାର, ପ୍ରକାଶ ଚନ୍ଦ୍ର ସାମନ୍ତରା, କବିରାଜ ପ୍ରଧାନ, ପ୍ରଦୀପ କୁମାର ବେହେରା, ସସ୍ମିତା ସ୍ୱାଇଁ, ସଞ୍ଜୟ କୁମାର ପଣ୍ଡା, ସନ୍ତୋଷ କୁମାର ବାରିକ, ରିଙ୍କୁ ସାହୁ ଏବଂ ଆଦିତ୍ୟ କୁମାରଙ୍କୁ ସମ୍ମାନିତ କରାଯାଇଥିଲା। ସୌରଭ ଗୋସ୍ୱାମୀ ଏବଂ ପ୍ରଭୁପ୍ରସାଦ ତବଲା ଓ ବଂଶୀ ବାଦକରେ ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଏକକ, ଦଳଗତ ଓଡ଼ିଶୀ ନୃତ୍ୟ, ରାଧାକୃଷ୍ଣଙ୍କ ଅପୂର୍ବ ଶରତ ଓ ବସନ୍ତ ରାସ ପରିବେଷଣ କରି ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲେ। ନୂପୁର ଅନୁଷ୍ଠାନ ଭୁବନେଶ୍ୱର ପକ୍ଷରୁ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ମୂର୍ଚ୍ଛନାର ସମ୍ପାଦକ ହେମନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ୭୨ଜଣଙ୍କୁ ୫ଲକ୍ଷ ୩୭ହଜାର ଟଙ୍କା ଜରିମାନା

## ୨୭ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ



**ବାଲୁଗାଁ,୨୮।୧୧(ସଂଗ୍ରାମ ପାଇକରାୟ)**

ବାଲୁଗାଁ ପୋଲିସ ଏବଂ ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ବିଭାଗ ଗୁରୁବାର ରାତିରେ ମିଳିତ ଭାବେ ସ୍ଥାନୀୟ ଅଞ୍ଚଳରେ ଚଢ଼ାଉ କରି ବେଆଇନ ଭାବେ ଚଳାଚଳ କରୁଥିବା ଯାନବାହନ ଯାଞ୍ଚ କରିଥିଲେ। ଏଥିରେ ମୋଟରଯାନ ଆଇନ ତଥା ବିନା ହେଲମେଟ, ବିନା ଡ୍ରାଇଭିଂ ଲାଇସେନ୍ସ, ବୀମା ଭୁକ୍ତ ନ ଥିବା, ସିଟ ବେଲ୍ଟ ନ ବାନ୍ଧିବା, ଦୁଇ ଚକିଆ ଯାନରେ ୩ଜଣ ବସିବା, ମଦ୍ୟପାନ କରି ଗାଡ଼ି ଚଲାଇବା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାଗଜାତ ଆଦି ଯାଞ୍ଚ ପରେ ମୋଟ ୭୨ଜଣଙ୍କ ନାମରେ ଚାଲାଣ କଟାଯିବା ସହ ୫ ଲକ୍ଷ ୩୭ ହଜାର ଟଙ୍କାର ଜରିମାନା ରସିଦ ପ୍ରଦାନ କରାଯାଇଛି। ଏଥିସହ ୩ଜଣ ମଦ୍ୟପ ଚାଳକଙ୍କ ନାମରେ ମାମଲା ରୁଜୁ ହେବା ସହ ମୋଟ୍ ୨୭ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ୬ମାସ ପର୍ଯ୍ୟନ୍ତ ରଦ୍ଦ କରାଯାଇଛି। ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ା ଏବଂ ଖୋର୍ଦ୍ଧା ଟ୍ରାଫିକ ସବ୍ ଇନ୍ସପେକ୍ଟର ତୃପ୍ତି ରେଖା ଜେନାଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ବାଇପାସ୍ ରୋଡ ଏବଂ ନୂଆ ବସ୍‌ଷ୍ଟାଣ୍ଡଠାରେ ପୃଥକ ଭାବେ ଯାଞ୍ଚ କରାଯାଇଥିଲା।

# ଚାନ୍ଦୁଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର ଉଦ୍‌ଘାଟିତ



**କଳାପଥର,୨୮।୧୧(ଗଙ୍ଗାଧର ସାହୁ)**

ଗେଡ଼ିଆପଲ୍ଲୀ ପଞ୍ଚାୟତ ଅଧୀନ ଗୌଡ଼ ନୂଆଗାଁ ଗ୍ରାମଠାରେ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାର ଚାନ୍ଦୁଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ରରେ ୧୫ଜଣ ମହିଳା ପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଛି। ଗ୍ରାମାଞ୍ଚଳର ମହିଳାଙ୍କୁ ତାଲିମ ଦେଇ ରୋଜଗାରକ୍ଷମ ତଥା ଦକ୍ଷତା ବିକାଶ କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି। ଉଦ୍‌ଘାଟନ ଉତ୍ସବରେ ଜିଲା ହସ୍ତଶିଳ୍ପ ଅଧିକାରୀ ଦିଲୀପ କୁମାର ପଣ୍ଡା ଯୋଗଦେଇଥିବା ବେଳେ ବ୍ଲକ ଦାୟିତ୍ୱରେ ଥିବା ହସ୍ତଶିଳ୍ପ ସମ୍ପ୍ରସାରଣ ଅଧିକାରୀ ମୋନାଲିସା ମିଶ୍ର, ମାଷ୍ଟର କ୍ରାଫ୍ଟ ଶିକ୍ଷକ ମଧୁସ୍ମିତା କର ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ତାଲିମ ଓ ପରବର୍ତ୍ତୀ ସମୟରେ ମହିଳାମାନେ କିପରି ଉପକୃତ ହୋଇପାରିବେ ଏବଂ ଏହାର ଲାଭ ଉଠାଇ ଆତ୍ମନିର୍ଭର ହୋଇପାରିବେ ସେନେଇ ବକ୍ତବ୍ୟ ରଖିଥିଲେ। ଠଣାପଲ୍ଲୀ ମିଳିତ ଯୁବକ ସଂଘର ସମ୍ପାଦକ ଭାଗୀରଥି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଦୀପ୍ତିମୟୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ଗାର୍ଡୱାଲ ନିର୍ମାଣରେ ବିଳମ୍ବ ନେଇ ଅସନ୍ତୋଷ

**ବେଗୁନିଆ,୨୮।୧୧(ସନ୍ଧ୍ୟାରାଣୀ ମିଶ୍ର)**



ବାଙ୍କୀ-ସିମୋର ପୂର୍ତ୍ତ ବିଭାଗ ରାସ୍ତାରେ ଗାର୍ଡୱାଲ ନିର୍ମାଣ ନ ହେବା ଏବଂ କାର୍ଯ୍ୟରେ ବିଳମ୍ବ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ତ୍ତ ବିଭାଗ ରାସ୍ତାର ଭୋଗଡ଼ା ବାଲୁଙ୍କେଶ୍ୱର ଦେବ ମନ୍ଦିରଠାରୁ ତୁଳସୀପୁର ଛକ ପର୍ଯ୍ୟନ୍ତ ୧କିମି ୫ଶହ ମିଟର ରାସ୍ତାର ଉଚ୍ଚତା କମ୍ ହୋଇଥିବାରୁ ବର୍ଷାଦିନେ ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥାଏ। ଫଳରେ ଯାନବାହନ, ବାଇକ୍ ଆରୋହୀ ଏବଂ ପଥଚାରୀମାନେ ନାହିଁ ନ ଥିବା ହଇରାଣ ହୋଇଥାନ୍ତି। ଏପରିକି ସିମୋରଠାରୁ ଭୋଗଡ଼ା ବାଲୁଙ୍କେଶ୍ୱର ଦେବ ମନ୍ଦିର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଦେଢ଼ କିମି ରାସ୍ତା ନିର୍ମାଣରେ ବିଳମ୍ବ ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ରହିଥିବାରୁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ରାସ୍ତାରେ ଗାର୍ଡୱାଲ ନିର୍ମାଣ ଓ ରାସ୍ତା ଉଚ୍ଚତା ଅଧିକ ପାଇଁ ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପ୍ରକାଶ ଚନ୍ଦ୍ର ସାହୁ, କବିରାଜ ସାହୁ, ବିଜୟ କୁମାର ସାମନ୍ତରାୟ, ସନ୍ତୋଷ କୁମାର ସାମନ୍ତରାୟ, ଗୋକୁଳା ନନ୍ଦ ତ୍ରିପାଠୀ, ସୁଚିତ ଚନ୍ଦ୍ର ଶେଖର ତ୍ରିପାଠୀ ପ୍ରମୁଖ ଦାବି କରିଛନ୍ତି। ଏନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଫକୀର ଚରଣ ବେହେରାଙ୍କୁ ପଚାରିବାରୁ କିଛି କହି ପାରିବି ନାହିଁ ବୋଲି କହି ଫୋନ କାଟି ଦେଇଥିଲେ।

# ଭୟହୀନ ପରିବେଶରେ ଶିକ୍ଷାଦାନକୁ ଗୁରୁତ୍ୱ

**ଭୁବନେଶ୍ୱର,୨୮।୧୧(ସୁଚିସ୍ମିତା ସାହୁ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପିଜିଟି ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱ ଦେବା ସହିତ ଦକ୍ଷତା ବୃଦ୍ଧି କରିବାକୁ ପିଜିଟି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଭୟହୀନ ପରିବେଶରେ ଚାପମୁକ୍ତ ପାଠପଢ଼ା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକ ସ୍ନିଗ୍ଧା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁଗ୍ମ ନିର୍ଦ୍ଦେଶକ ବିନିତା ସେନାପତି, ଉପ ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ସାମ୍‌ସ ଓଆଇସି ଡ. ଉମାକାନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଉପ ନିର୍ଦ୍ଦେଶକ ସିଏଚ. ବିଜୟଲକ୍ଷ୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ଓ ଅର୍ଥନୀତି ବିଭାଗର ୯୦ଜଣ ପିଜିଟି ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ସେମାନଙ୍କ ଦକ୍ଷତା ବିକାଶ, ବୃତ୍ତି ସମ୍ବନ୍ଧୀୟ ସଚେତନତା, ଶ୍ରେଣୀଗୃହ ପରିଚାଳନା, ଗ୍ରୁପ୍ ଆକ୍ଟିଭିଟି, ଆକାଂକ୍ଷା ବିଦ୍ୟାଳୟର ରୂପରେଖ ଆଦି ସମ୍ପର୍କରେ ତାଲିମ ଦିଆଯାଇଛି। ମୋଟ ୨୫ଟି ଅଧିବେଶନ ସହ ସ୍ଥାନୀୟ ପରିଭ୍ରମଣ କାର୍ଯ୍ୟକ୍ରମ ମଧ୍ୟ ଏଥିରେ ସାମିଲ କରାଯାଇଥିଲା। ଶେଷରେ ମତାମତ ଗ୍ରହଣ ଏବଂ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# 'ସମାଜରେ ୪ର୍ଥ ସ୍ତମ୍ଭର ପ୍ରମୁଖ ଭୂମିକା ରହିଛି'

## ଖୋର୍ଦ୍ଧା ସାମ୍ବାଦିକ ସଂଘର ବାର୍ଷିକୋତ୍ସବ

**ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟ ସାମ୍ବାଦିକ ସଂଘ ଅଧୀନରେ ପରିଚାଳିତ ଖୋର୍ଦ୍ଧା ଜିଲା ଶାଖାର ବାର୍ଷିକ ଉତ୍ସବ ସ୍ଥାନୀୟ ଶ୍ୟାମା ମାଧବ ବାସନ୍ତୀ ଦେବୀ ମେମୋରିଆଲ ପାଠାଗାରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଖୋର୍ଦ୍ଧା ଜିଲାର ସମସ୍ତ ସଦସ୍ୟଙ୍କ ସମେତ ଯାଜପୁର, କଟକ, ନୟାଗଡ଼, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଉତ୍ସବରେ ଅତିଥିଭାବେ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଶେଷ ସିଂସାମନ୍ତ, ସାମାଜିକକର୍ମୀ ସଞ୍ଜୟ କୁମାର ପଟ୍ଟନାୟକ, ଅଜିତ୍ କୁମାର ସାମନ୍ତରାୟ ଯୋଗଦେଇ କହିଥିଲେ ଯେ, ସମାଜରେ ୪ର୍ଥ ସ୍ତମ୍ଭ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ଗଣମାଧ୍ୟମ ଜନତାଙ୍କ ସ୍ୱର। ଜନତାଙ୍କ ସମସ୍ୟା, ସରକାରଙ୍କ ନିକଟରେ ପହଞ୍ଚିବା ଦିଗରେ ଖବରଦାତାଙ୍କ ଭୂମିକା ରହିଛି। ଗଣଚେତନାର ସ୍ୱର ହେଉଛି ଗଣମାଧ୍ୟମ ବୋଲି ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ସାମ୍ବାଦିକ ସଂଘ ଓ ପ୍ରାନ୍ତର ସଭାପତି କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ସାମ୍ବାଦିକଙ୍କ ସୁରକ୍ଷା, ପେନ୍‌ସନ ଓ ବୀମାରାଶି ବୃଦ୍ଧି ସମ୍ପର୍କରେ କହିଥିଲେ। ଜିଲାର ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ଜିଲାରୁ ଆସିଥିବା ସଭାପତିମାନେ ନିଜର ଅଭିଜ୍ଞତା ସମ୍ପର୍କରେ କହିଥିଲେ। ଜାତୀୟ ସାଧାରଣ ସମ୍ପାଦକ ଡ.ଚିନ୍ତାମଣି ପାଢୀ, ରାଜ୍ୟ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଗଗନ ବିହାରୀ ସାହୁ, ରାଜ୍ୟ ଯୋଗାଯୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶିଭୂଷଣ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଜିଲା ସଙ୍ଗଠନକୁ ମଜଭୁତ କରିବା ପାଇଁ ବିଭିନ୍ନ କଥାବସ୍ତୁ ରଖିଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଚନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିବା ବେଳେ ଖୋର୍ଦ୍ଧା ଜିଲା ସଂଘର କୋଷାଧ୍ୟକ୍ଷ ଦିଲୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଖୋର୍ଦ୍ଧା ସାମ୍ବାଦିକ ସଂଘର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

# ରାଜ୍ୟସ୍ତରୀୟ ଖୋର୍ଦ୍ଧା କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

**ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ହଲ୍‌ଠାରେ ଖୋର୍ଦ୍ଧା ଜିଲା ଯୁବ ବ୍ୟାଡମିଣ୍ଟନ ଆସୋସିଏଶନ ଦ୍ୱାରା ଆୟୋଜିତ ୯ମ ରାଜ୍ୟସ୍ତରୀୟ ଖୋର୍ଦ୍ଧା କପ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ଅଣ୍ଡର ୧୩, ଜିଲାସ୍ତରୀୟ ଏବଂ ରାଜ୍ୟସ୍ତରୀୟ ମୋଟ ୩ଟି ବର୍ଗରେ ଅନୁଷ୍ଠିତ ହୋଇଥିଲା। ଅଣ୍ଡର୧୩ରେ କେ. ତନିଷ କୁମାର ବିଜେତା ଏବଂ ସାଇ ସୂର୍ଯ୍ୟାଂଶୁ ଉପବିଜେତା ହୋଇଛନ୍ତି। ଜିଲାସ୍ତରରେ କହ୍ନେଇ ଘଡ଼େଇ ଓ ରଜତ୍ କୁମାର ରଣସିଂହ ବିଜେତା ହୋଇ ୮ହଜାର ଟଙ୍କା ସହିତ ଟ୍ରଫି ଗ୍ରହଣ କରିଥିଲେ। ଦିବ୍ୟଜ୍ୟୋତ୍ କୁମାର ସେଠୀ ଏବଂ ମଳୟ ବେହେରା ଉପବିଜେତା ହୋଇ ୬ହଜାର ଟଙ୍କା ସହିତ ଟ୍ରଫି ଗ୍ରହଣ କରିଥିଲେ। ରାଜ୍ୟସ୍ତରରେ ତନ୍ମୟ ସାହୁ ଓ ଅଭିଜିତ୍ ମହାରଣା ବିଜେତା ହୋଇ ୧୨ହଜାର ଟଙ୍କା ସହିତ ଟ୍ରଫି ଗ୍ରହଣ କରିଥିଲେ। ଉପବିଜେତା ଭାବେ ପାରଶ ମାଥୁର ଏବଂ ଅନିର୍ବାଣ ମଣ୍ଡଳ ୮ହଜାର ଟଙ୍କା ସହିତ ଟ୍ରଫି ଗ୍ରହଣ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି ମୁଖ୍ୟ ଅତିଥି, ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପ ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଖୋର୍ଦ୍ଧା ଜିଲା ଯୁବ ବ୍ୟାଡମିଣ୍ଟନ ସଂଘର ସଭାପତି ରାଜେନ୍ଦ୍ର କୁମାର ସାହୁ, ସମ୍ପାଦକ ରାଜେଶ ଦାସ, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ କୋଷାଧ୍ୟକ୍ଷ ବିକାଶ କୁମାର ପ୍ରଧାନ ଉପସ୍ଥିତ ଥିଲେ।

# ଫାଇନାଲରେ ଯଦୁମଣି ସ୍ପୋର୍ଟ୍ସ କ୍ଲବ୍

**ନିରାକାରପୁର,୨୮।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଗୟାବନ୍ଧ ଖେଳପଡ଼ିଆରେ ବାପୁଜୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗୟାବନ୍ଧ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ଯଦୁମଣି ସ୍ପୋର୍ଟ୍ସ କ୍ଲବ୍ ଇଟାମାଟି ଏବଂ ବୋଲଗଡ଼ ଫୁଟ୍‌ବଲ କ୍ଲବ୍ ମଧ୍ୟରେ ହୋଇଥିଲା। ଏଥିରେ ୪-୦ ଗୋଲରେ ଯଦୁମଣି ସ୍ପୋର୍ଟ୍ସ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଶରତ କୁମାର ଛୋଟରାୟ, ଚିତ୍ତରଞ୍ଜନ ପରିଡ଼ା, ବୈକୁଣ୍ଠ ମହାପାତ୍ର, ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଡ.ସଞ୍ଜୟ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ଯୁବନେତା ବିଶ୍ୱଭୂଷଣ ଛୋଟରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୩୦ତାରିଖରେ ଫାଇନାଲ ମ୍ୟାଚ୍ ଯଦୁମଣି ସ୍ପୋର୍ଟ୍ସ କ୍ଲବ ଇଟାମାଟି ଏବଂ ଏଜି କ୍ଲବ ଖୋର୍ଦ୍ଧା ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**କନ୍ଦରପୁର ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାର ବୃଦ୍ଧି**

କଟକ ସଦର,(ସୁଶାନ୍ତ କୁମାର ଜେନା): କନ୍ଦରପୁର ଥାନା ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଦେଶୀ ଓ ବିଦେଶୀ ମଦ, ଗଞ୍ଜେଇ କାରବାର ଏହି ଥାନା ଅଞ୍ଚଳରେ କୁଟୀର ଶିଳ୍ପରେ ପରିଣତ ହୋଇଛି। ପ୍ରତି ମାସରେ ୧୦।୧୫ଟି ମାମଲା ଥାନାରେ ରୁଜୁ ହେଉଥିବା ବେଳେ ବ୍ରାଉନସୁଗାର୍ ମଧ କାରବାର ଆରମ୍ଭ ହୋଇଯାଇଛି। ନିକଟରେ ତିର୍ତ୍ତୋଲ ଅଞ୍ଚଳର ପ୍ରଳୟ ନାୟକ ନାମକ ଯୁବକଙ୍କଠାରୁ ସ୍ଥାନୀୟ ପୋଲିସ ୧.୪୬ ଗ୍ରାମ ବ୍ରାଉନ ସୁଗାର୍ ଓ ନଗଦ ୩୫୦୦ ଟଙ୍କା ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଚିନ୍ତାର କାରଣ ହୋଇଛି। ସ୍କୁଲ, କଲେଜ ଯୁବକମାନଙ୍କୁ ନିଶା ପ୍ରତି ଆସକ୍ତି କରିବା ପାଇଁ ଯୋଜନା ଆରମ୍ଭ ହୋଇଯାଇଛି। କମିଶନରେଟ ପୋଲିସ ଏହି ନିଶା କାରବାର ସହ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟକରି ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।

# ଇନ୍‌ଡୋର ଗଛ, ଚାରା ଗ୍ରାହକଙ୍କ ପ୍ରଥମ ପସନ୍ଦ

## ଡିମାଣ୍ଡରେ ଏରିକା ପାମ୍, ଥାଇଲାଣ୍ଡ ହାଇବ୍ରିଡ୍ ଗୋଲାପ ଚାରା

କଟକ,୨୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଘରକୁ ରଙ୍ଗିନ ଫୁଲ ଗଛରେ ସଜାଇବା ପାଇଁ ଲୋକେ ଆଗ୍ରହ ଦେଖାଇଥାନ୍ତି। ଖାସ୍‌କରି ଶୀତ ଋତୁରେ ଲୋକଙ୍କ ପସନ୍ଦ ଅଧିକ ଥାଏ। ଶୀତ ଋତୁକୁ ନଜରରେ ରଖି ବ୍ୟବସାୟୀମାନେ ଭଳି କି ଭଳି ଚାରାର ପସରା ମେଲାଇଛନ୍ତି। ଆଧୁନିକ ଜୀବନଶୈଳୀ ମଧ୍ୟରେ ଲୋକଙ୍କ ଦେଶୀ ଓ ବିଦେଶୀ ଫୁଲଚାରାର ଚାହିଦା ବେଶ୍ ବଢ଼ିଛି। ଚାରା ବ୍ୟବସାୟୀ ବର୍ଷତମାମ ସହରରେ ବ୍ୟବସାୟ ମେଲାଇ ବସିଥାନ୍ତି କିନ୍ତୁ ଖାସ୍ କରି ଶୀତ ଦିନରେ ବ୍ୟବସାୟୀ ଅଧିକ ଭେରାଇଟିର ଚାରା ଗ୍ରାହକଙ୍କ ପାଇଁ ଆଣିଥାନ୍ତି। ଭଳି କି ଭଳି ଚାରା କିଣି ନେଇ ଘରେ ଲଗାଇବା ପାଇଁ ଏବେ ଚାରା ବ୍ୟବସାୟୀଙ୍କ ନିକଟରେ ଗ୍ରାହକଙ୍କ ଢ଼େର ଭିଡ଼ ପରିଲକ୍ଷିତ ହେଉଛି। ସହରର ବିଭିନ୍ନ ସ୍ଥାନ ଯଥା ହାଇକୋର୍ଟ ଛକ, ବାରବାଟୀ ଷ୍ଟାଡିୟମ ଅପରପାର୍ଶ୍ୱ, ବଜ୍ରକବାଟୀ ଆଦି ସ୍ଥାନରେ ଚାରା ଦୋକାନ ରହିଥିବାବେଳେ ଘରଘର ବୁଲି ବ୍ୟବସାୟୀମାନେ ମଧ୍ୟ ବିକ୍ରି କରୁଛନ୍ତି। ପ୍ରତି ବ୍ୟବସାୟୀଙ୍କ ପାଖରେ ପାଖାପାଖି ପ୍ରାୟ ୨ ହଜାରରୁ ଅଧିକ ଚାରା ରହିଛି। ସହରବାସୀ ଏବେ ଇନ୍‌ଡୋର ଗଛ ଲଗାଇ ଘର ସଜାଇବାକୁ ପସନ୍ଦ କରୁଥିବାବେଳେ



ବାରବାଟୀ ଷ୍ଟାଡିୟମ୍ ଅପରପାର୍ଶ୍ୱରେ ଖୋଲିଥିବା ଚାରା ଦୋକାନରେ ବିକ୍ରି ପାଇଁ ରଖାଯାଇଥିବା ଚାରା।

**ଶୀତରେ ଜମୁଛି ଚାରା ବ୍ୟବସାୟ**

ଏହି ଗଛଗୁଡ଼ିକ ପୁଣେରୁ ଆସିଥାଏ। ଏହି ଗଛ ମଧ୍ୟରେ ସାନୋଭା ଇଣ୍ଡିଆ, ଏରିକା ପାମ୍, କ୍ରିସମାସ୍ ଟ୍ରି, ଏକ୍‌ଲ୍ରୋମା ଓ ସ୍ନେକ୍ ପ୍ଲେନ୍ ଗଛ ରହିଛି। ଏହାର ଦର ୧୨୦ ଟଙ୍କାରୁ ଆରମ୍ଭ ହୋଇ ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଚାରା ଦର ୨୦୦ ଟଙ୍କାରୁ ଆରମ୍ଭ ହୋଇ ୬୦୦ ଟଙ୍କା ଯାଏଁ ରହିଛି। ଏଥିମଧ୍ୟରେ ଏରିକା ପାମ୍‌ର ଅଧିକ ଚାହିଦା ରହିଛି। ଅନ୍ୟପଟେ ମଞ୍ଜି ମଧ୍ୟରେ ଗ୍ୟାଡୁଏଲାର ଗ୍ରାହକଙ୍କ ମଧ୍ୟରେ ଚାହିଦା ବେଶ୍ ଅଧିକ ରହିଥିବାବେଳେ ଏହାର ଦର ୧୦ ଟଙ୍କା ଲେଖାଏଁ ରହିଛି। ସେହିପରି ଦେଶୀ ଚାରା ମଧ୍ୟରେ ଗେଣ୍ଡୁ, ଡାଲିଆ, ମିନି ଡାଲିଆ ସ୍ୱେଶାଆଲ ରହିଥିବାବେଳେ ବିଦେଶୀ ଚାରା ମଧ୍ୟରେ ସେବତୀ, ଆଷ୍ଟ୍ରିନାମା (ବେଙ୍ଗାଲୁରୁ), ସ୍ନୋବଲ, ପିଟୁନିଆ, ଜିନିଆ ରହିଛି। ଏହାର ଦର ୫ ଟଙ୍କାରୁ ଆରମ୍ଭ ହୋଇ ୧୦ ଟଙ୍କା ରହିଛି। ସେହିପରି ଗଛ ମଧ୍ୟରେ ଥାଇଲାଣ୍ଡର ହାଇବ୍ରିଡ୍ ଗୋଲାପ ୧୫୦ ଟଙ୍କା, ପୁଣେ ଆମେରିକା ମନ୍ଦାର ଦର ୧୨୦ ରୁ ୩୦୦ ଟଙ୍କା ରହିଥିବାବେଳେ ଥାଇଲାଣ୍ଡର ହାଇବ୍ରିଡ୍ ଗୋଲାପର ଡିମାଣ୍ଡ ଅଧିକ ରହିଛି। ଚାରା ସହ ଗଛରେ ଦେବା ପାଇଁ ସାର, ପଟୁ ମାଟି ଇତ୍ୟାଦି ବ୍ୟବସାୟୀ ବିକ୍ରି କରିଥାନ୍ତି। ସାର ମଧ୍ୟରେ ହର୍‌ମୋନ, ମିକ୍ସ ସାର, ଅର୍ଗାନିକ ସାର ଇତ୍ୟାଦି ରହିଛି। ଏହାର ଦର ହରମୋନ ୨ଶହ ଗ୍ରାମକୁ ୨୦ଟଙ୍କା, ମିକ୍ସ ସାର ୧୫୦ ଗ୍ରାମକୁ ୨୦ ଟଙ୍କା, ଅର୍ଗାନିକ ସାର ୧ କେଜିକୁ ୫୦ ଟଙ୍କା ରହିଥିବାବେଳେ ପଟୁ ମାଟି ଗୋଟେ ବସ୍ତା ବା ୪୦ କେଜିକୁ ୧ଶହ ଟଙ୍କା ଦର ରହିଛି।

**ବ୍ୟବସାୟୀ ଯାହା କୁହନ୍ତି...**

**ଇନ୍‌ଡୋର ଗଛର ଅଧିକ ଡିମାଣ୍ଡ**



"ଶୀତ ଦିନରେ ଚାରା ଓ ଗଛର ଅଧିକ ଚାହିଦା ରହିଥାଏ। ମୁଖ୍ୟତଃ ଇନ୍‌ଡୋର ଗଛଗୁଡିକୁ ନେବାକୁ ବେଶ ଆଗଭର ହୋଇଥାନ୍ତି ଲୋକ। କଟକରେ ଆଜକୁ ୨୨ବର୍ଷ ହେବ ବାରବାଟୀ ଷ୍ଟାଡିୟମ ଅପରପାର୍ଶ୍ୱରେ ବ୍ୟବସାୟ କରି ଆସୁଛି। ଲୋକଙ୍କ ପସନ୍ଦକୁ ନଜରରେ ରଖି ପ୍ରତ୍ୟେକବର୍ଷ ଭଳି କି ଭଳି ଚାରା ଆଣିଥାଉ। ଏବେ ବାରବାଟୀରେ ମ୍ୟାଚ୍ ହେବାକୁ ଥିବାବେଳେ ବେପାର କିଛିଦିନ ମାନ୍ଦା ରହିବ ଏବଂ ପରେ ଖୁବ୍ ଭଲ ବେପାର ହେବ ବୋଲି ଆଶା ରହିଛି।

**ମଳୟ ପ୍ରଧାନ, ପ୍ରଧାନ ନର୍ସରି**

**ବେପାର ଖୁବ୍ ଭଲ ରହିଛି**



"ଫୁଲ ବର୍ଷତମାମ ଲୋକ କିଣି ନେବାକୁ ପସନ୍ଦ କରିଥାନ୍ତି। ହେଲେ ଶୀତ ଋତୁରେ ଅଧିକ ଭେରାଇଟିର ଚାରା ଓ ଫୁଲ ଗଛ ଆସିବାରୁ ଲୋକେ ଏହାକୁ ନେବାକୁ ପସନ୍ଦ କରୁଛନ୍ତି। କୋଲକାତା ଓ ପୁଣେ ଅଞ୍ଚଳରୁ ଚାରା ଆସୁଛି। ୨୫ ବର୍ଷ ହେବ ଏହି ବେପାର କଟକ ସହରରେ କରୁଛି। ବ୍ୟବସାୟ ଖୁବ୍ ଭଲ ହେବ ବୋଲି ଆଶା ରହିଛି।

**ଋଷି ସରକାର, ମା' ତାରିଣୀ ଫ୍ଲାୱାର ପଟ୍**

# ବାସହରା ହୋଇ ବୁଲୁଛନ୍ତି ୧୩ ବନ୍ୟା ପ୍ରପୀଡ଼ିତ ପରିବାର

ଭୁବନେଶ୍ୱର, ୨୮।୧୧(ତ୍ରିନାଥ ମହାନ୍ତି)

**ଅତିରିକ୍ତ ଶାସନ ସଚିବଙ୍କୁ ଓଏଚ୍ଆରସିଙ୍କ ରିପୋର୍ଟ ତଲବ**

କଟକ ଜିଲା କଣ୍ଟାପଡା ତହସିଲ ଅନ୍ତର୍ଗତ ଅଡ଼ଶପୁର ଅଞ୍ଚଳର ବନ୍ୟା ପ୍ରପୀଡ଼ିତ ୧୩ ପରିବାର ବାସାହାରା ହୋଇ ବୁଲୁଛନ୍ତି। ଏନେଇ ଅଭିଯୋଗ ହେବା ପରେ ରାଜ୍ୟ ମାନବାଧିକାର ଆୟୋଗ (ଓଏଚ୍ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନଙ୍କୁ ଥଇଥାନ ଓ ଅନ୍ୟାନ୍ୟ ସହାୟତା ଲାଗି କି ପଦକ୍ଷେପ ନିଆଯାଇଛି, ସେ ସଂକ୍ରାନ୍ତରେ ଜାନୁଆରୀ ୧୬ ସୁଦ୍ଧା ରିପୋର୍ଟ ଦେବାକୁ ଆୟୋଗ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ବିଶ୍ୱପ୍ରିୟ କାନୁନଗୋ, ସୁବାଶିଷ ପଣ୍ଡା ଓ ବିଜୟ ପଣ୍ଡା ମିଳିତଭାବେ ଓଏଚ୍ଆର୍‌ସିରେ ଏକ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି କରି ଆୟୋଗ ଶୁକ୍ରବାର ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲା ଅନୁଯାୟୀ, ୧୯୮୦/୮୨ ମସିହାରେ ହୋଇଥିବା କନ୍ଦଳ ନଦୀ ବନ୍ୟାରେ ଅରିଶଳ ଘାଟ ପାଖରେ ଏକ ଘାଇ ସୃଷ୍ଟି ହୋଇଥିଲା। ସେଥିରେ ଅଡ଼ଶପୁର ଗାଁର ୧୩ ପରିବାରର ଘରଡିହ ନଦୀ ଗର୍ଭରେ ଲୀନ ହୋଇଯାଇଥିଲା। ତହସିଲ ରେକର୍ଡ ଅନୁଯାୟୀ ଏବେ ଉକ୍ତ ଘରଡିହ ନଦୀରେ ମିଶିଯାଇଛି। ତେଣୁ ସେମାନଙ୍କୁ ସ୍ଥାନୀୟ ଅଞ୍ଚଳର ଏକ ଗୋଚର ଜମିରେ ଥଇଥାନ କରାଯାଇଛି। ଦୀର୍ଘ ୪୩ବର୍ଷ ହେଲା ୧୩ ପରିବାର ସେଠାରେ ରହିବା ସହ ଉକ୍ତ ଜମିର ପଟ୍ଟା ପାଇବାକୁ କଣ୍ଟାପଡା ତହସିଲଦାର ପାଖେ ସତ୍ୟପାଠ ଦାଖଲ କରିଛନ୍ତି। ତହସିଲଦାର ଓ ଉପଜିଲାପାଳ ମିଳିତ ଭାବେ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି। ଗୋଚର ଜମିରେ ରହୁଥିବା ପରିବାରଗୁଡ଼ିକ ସରକାରଙ୍କୁ ଅନ୍ୟତ୍ର ଜମିଦେଇ ଉକ୍ତ ଜମିକୁ ନିଜ ନାମରେ ପଟ୍ଟା କରିବାକୁ ରାଜି ଅଛନ୍ତି। ଜିଲାପାଳ ଉକ୍ତ ରିପୋର୍ଟକୁ ସେଣ୍ଟ୍ରାଲ ଆର୍‌ଡିସିଙ୍କୁ ଦେଇଛନ୍ତି। ଆର୍‌ଡିସି ମେମ୍ବର ବୋର୍ଡ ଅଫ ରେଭିନ୍ୟୁକୁ ପଠାଇଛନ୍ତି। ବୋର୍ଡ ରେଭିନ୍ୟୁ ରାଜସ୍ୱ ବିଭାଗକୁ ଦେବାପରେ ଜମି ଅଦଳ ବଦଳ ଏକ୍ଷେତ୍ରରେ ଏକ ଜନସ୍ୱାର୍ଥ ପ୍ରସଙ୍ଗ ନୁହେଁ ବୋଲି ବିଭାଗୀୟ ଅତିରିକ୍ତ ଶାସନ ସଚିବ ଆଦେଶ ଦେଇ ଏହି ପ୍ରସ୍ତାବ ଖାରଜ କରିଦେଇଛନ୍ତି। ଏପଟେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ କହିଛନ୍ତି, ବନ୍ୟା ପ୍ରପୀଡିତ ଲୋକଙ୍କୁ ସ୍ୱତନ୍ତ୍ର ଭାବେ ଥଇଥାନ କରାଯିବ। ଗୋଟିଏ ପଟେ ମନ୍ତ୍ରୀ ଥଇଥାନ କରିବାକୁ ଘୋଷଣା କରୁଥିବାବେଳେ ଅନ୍ୟପଟରେ ସଂପୃକ୍ତ ବିଭାଗ ଜନସ୍ୱାର୍ଥକୁ ଠିକ୍ ଭାବେ ତର୍ଜମା ନ କରି ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଖାରଜ କରିଦେବା ଅନ୍ୟାୟ ବୋଲି ଆବେଦନକାରୀମାନେ ଅଭିଯୋଗ କରିଛନ୍ତି।

# ଶିଳାନ୍ୟାସ ଫଳକରେ ଜିଲା ପରିଷଦ ସଭ୍ୟଙ୍କ ନାମ ନାହିଁ

କଟକ ସଦର,୨୮।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଫକୀରପଡ଼ା ଗ୍ରାମପଞ୍ଚାୟତରେ ବିଦ୍ୟାଳୟ ନବୀକରଣ କାର୍ଯ୍ୟକ୍ରମରେ ନୂତନ ଶ୍ରେଣୀ ଗୃହ ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଶିଳାନ୍ୟାସ ଫଳକ ନିର୍ମାଣ ସ୍ଥଳ ନିକଟରେ କରାଯାଇଛି। ହେଲେ ଏଥିରେ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଲିଙ୍କ ନାମ ନାହିଁ। ତେଣୁ ଜିଲା ପରିଷଦ ସଭ୍ୟଙ୍କୁ ଏକ ପ୍ରକାର ବାସନ୍ଦ କରାଯାଇଥିବା ତାଙ୍କ ସମର୍ଥକମାନେ ବ୍ଲକରେ ଅଭିଯୋଗ କରିଛନ୍ତି। କଟକ ଏମ୍‌ପି, ବିଧାୟକ, ବ୍ଲକ ଅଧକ୍ଷା, ସମିତି ସଭ୍ୟ, ସରପଞ୍ଚ ଓ ବିଡିଓଙ୍କ ନାମ ଫଳକରେ ଲେଖା ହୋଇଛି। ଜିଲା ପରିଷଦ ସଭ୍ୟଙ୍କ ନାମ ନ ଥିବାରୁ ଆଉ ସେ ଉତ୍ସବକୁ ଯିବେ ନାହିଁ ବୋଲି ମହାଲି ସୂଚନା ଦେଇଛନ୍ତି। ଅଭିଯୋଗ ସମ୍ପର୍କରେ କଟକ ସଦର ବିଡିଓ ପ୍ରତୀକ ସାହୁଙ୍କୁ ପଚାରିବାରୁ ଏହା ରାଜନୈତିକ କାର୍ଯ୍ୟକ୍ରମ ହୋଇଥିବାରୁ ଏ ନେଇ କିଛି କହିବାର ନାହିଁ ବୋଲି କହିଥିଲେ। ଶିଳାନ୍ୟାସ ଫଳକରେ ଏଭଳି ଲେଖା ଯାଇଥିବା କଥା ମୁଁ ଅବଗତ ନାହିଁ ବୋଲି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ପ୍ରତିକ୍ରିୟାରେ କହିଛନ୍ତି।




ଶିଳାନ୍ୟାସ ପାଇଁ ନିର୍ମିତ ଫଳକରେ ଜିଲା ପରିଷଦ ସଭ୍ୟଙ୍କ ନାମ ନାହିଁ।

# ଇଞ୍ଜିନିୟର ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବ ବିକେ ଷ୍ଟିଲ

**ବିଦ୍ୟୁତ୍ ଆଘାତରେ ଇଞ୍ଜିନିୟର ମୃତ୍ୟୁ ଘଟଣା**

ଖୁଣ୍ଟୁଣୀ,୨୮।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ନିକଟ ରମ୍ପେଇଠାରେ ଥିବା ବିକେ ଷ୍ଟିଲ କାରଖାନାରେ ଗୁରୁବାର ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିବା ଡିଆରଆଇ ସେକ୍ସନର ଇଲେକ୍ଟ୍ରିକାଲ ଇଞ୍ଜିନିୟର ରାକେଶ ମହାନ୍ତିଙ୍କ ପରିବାରକୁ କମ୍ପାନୀ କର୍ତ୍ତୃପକ୍ଷ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ବ୍ୟବସ୍ଥା କରିଛନ୍ତି। ରାକେଶଙ୍କ ପରିବାର ଓ ପୋଲିସ ଅଧିକାରୀ ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ମିଳିତ ବୈଠକରେ ନିଷ୍ପତ୍ତିକ୍ରମେ ଇଞ୍ଜିନିୟର ରାକେଶଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ସହିତ ତାର ପରିବାରର ଜଣକୁ କମ୍ପାନୀରେ ନିଯୁକ୍ତି ପାଇଁ କାରଖାନା କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଡେପୁଟି କଲେକ୍ଟର ମାନସ ରଞ୍ଜନ ବେହେରା, ବିକେ ଷ୍ଟିଲ ମୁଖ୍ୟ ଲୋକନାଥ ସାହୁ, ପରିଚାଳକ ସକିଲ ଅହମ୍ମଦ ଓ ରାକେଶଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ। ଯୁବ ଇଞ୍ଜିନିୟର ରାକେଶ ଡିଆରଆଇ ସେକ୍ସନର ଇଏସପି ବିଭାଗରେ କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳକୁ ଖସି ମୃତ୍ୟୁବରଣ କରିଥିଲେ।

# ଡ୍ରିମ୍‌ସ ମେଡିକାଲ କଲେଜରେ ଜାତୀୟ କର୍ମଶାଳା



ଡ୍ରିମ୍‌ସ ମେଡିକାଲ କଲେଜ ଏବଂ ହସ୍ପିଟାଲ ଫାର୍ମାକୋଲୋଜି ପକ୍ଷରୁ ଅନୁଷ୍ଠିତ ଜାତୀୟ କର୍ମଶାଳାରେ ଯୋଗଦେଇଥିବା ଅତିଥି।

କଟକ,୨୮।୧୧(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ମେଡିକାଲ କଲେଜ ଓ ହସ୍‌ପିଟାଲ ଫାର୍ମାକୋଲୋଜି ବିଭାଗ ଅଧୀନ ମେଡିକାଲ ଡିଭାଇସ ଆଡଭର୍ସ ମନିଟରିଂ ସେଣ୍ଟର (ଏମ୍‌ଡିଏମ୍‌ସି) ଆନୁକୂଲ୍ୟରେ ଏକଦିବସୀୟ ଜାତୀୟ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସାରେ ବ୍ୟବହୃତ ଯନ୍ତ୍ରପାତିତ୍ରୁଟିଜନିତ ରୋଗୀଠାରେ ଦେଖାଯାଉଥିବା ନାନା ପ୍ରତିକ୍ରିୟା ପ୍ରସଙ୍ଗ ଉପରେ ଆୟୋଜିତ କର୍ମଶାଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆଭାସି ମାଧମରେ ବହୁ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଓ ଟେକ୍‌ନିସିଆନ୍ ଯୋଗଦେଇଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କର୍ମଶାଳାର ସଫଳତା କାମନା କରିଥିଲେ। ଡ୍ରିମ୍‌ସ ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର କର୍ମଶାଳାକୁ ଉଦ୍‌ଘାଟନ କରି ଆଭିମୁଖ୍ୟ ଓ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏମ୍‌ଡିଏମ୍‌ସିର ସଞ୍ଚାଳକ ଡା. ସୟଦ୍ ଇଲିଆସ ବାସା ହସ୍ପିଟାଲରେ ବ୍ୟବହୃତ ହେଉଥିବା ଯନ୍ତ୍ରପାତିର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ କାର୍ଯ୍ୟକାରିତାରେ ତ୍ରୁଟି ପରିଲକ୍ଷିତ ହେଲେ ନିଆଯାଉଥିବା ପଦକ୍ଷେପ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ର ଶ୍ରୀପଦା ବେହେରା ଯୋଗଦେଇ ମେଡିକାଲରେ ବ୍ୟବହୃତ ଯନ୍ତ୍ରପାତିରେ ସମସ୍ୟାର ରିପୋର୍ଟ କରାଯିବା ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋମେଶ ଶୁକ୍ଲା, ଅଞ୍ଜଳି କୁମାରୀ, ପ୍ରଫେସର ଡା. ଚିତ୍ତରଞ୍ଜନ ଷଡ଼ଙ୍ଗୀ, ପ୍ରଫେସର ଡା. ଦୈତାରୀ ରାଉତରାୟ, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ନିକୁଞ୍ଜ କୁମାର ଦାସ, ରାଜ୍ୟ ନର୍ସିଂ ଉପ ନିର୍ଦ୍ଦେଶିକା ହରପ୍ରିୟା ସାହୁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଫାର୍ମାକୋଲୋଜି ବିଭାଗର ମୁଖ୍ୟ ଡା. ବସନ୍ତ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ।

# ଶିବିରରେ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ

ଚୌଦ୍ୱାର/ମଙ୍ଗୁଳି- ଜଗତପୁର,୨୮।୧୧ (ଆଶୁତୋଷ ଦାସ/ମାନସ ସାମଲ)

ଚୌଦ୍ୱାର କପାଳେଶ୍ୱରସ୍ଥିତ କଲ୍ୟାଣ ମଣ୍ଡପରେ କମିଶନରେଟ ପୋଲିସ ପକ୍ଷରୁ ଏକ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଉଦ୍‌ଘାଟନ କରିଥିଲେ। ଆଡିସିନାଲ ଡିସିପି ରଞ୍ଜିତ୍ ପୃଷ୍ଟି ଓ ଏସିପି ଅରୁଣ ସ୍ୱାଇଁଙ୍କ ସମେତ କଟକ କମିଶନରେଟ ପୋଲିସର ବହୁ ଅଧିକାରୀ ଶିବିରରେ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଚୌଦ୍ୱାର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୋଟ ୧୦୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ରେଡ୍‌କ୍ରସ୍ ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହ କରିଥିଲେ। ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଦିଲ୍ଲୀପ ସାହୁ, ସୁବ୍ରତ ସାମଲ, ଆଶୁତୋଷ ଦାସ, ଭାଜପା ନେତା ଜ୍ଞାନେନ୍ଦ୍ର ସ୍ୱାଇଁ, ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ମ୍ୟାନେଜର ମାନସ ବସନ୍ତିଆ, ରକ୍ତଦାତା ରାଜକିଶୋର ସାମନ୍ତରାୟ, ଶାରଦା ରଞ୍ଜନ ପରିଡା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଚୌଦ୍ୱାର ଇନ୍ସପେକ୍ଟର ସରସ୍ୱତୀ ସାହୁ, ନିରଞ୍ଜନ ଭୋଇ, ସିଦ୍ଧାର୍ଥ ଜାଲି, ରଜତ ଭୂୟାଁ, ଶରତ ସାହୁ, ପବିତ୍ର ବେହେରା, ଦେବ ସେଠୀ ପ୍ରମୁଖଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସ୍‌ସିବିର ୧୦ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ

କଟକ,୨୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ କର୍ମଚାରୀ କାର୍ଯ୍ୟରେ ଅବହେଳା କରୁଥିବା ଘଟଣା ସାମ୍ନାକୁ ଆସିଛି। ଫଳରେ ରୋଗୀ ସେବାରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ କର୍ମଚାରୀଙ୍କ ବିରୋଧରେ ମେଡିକାଲ କର୍ତ୍ତୃପକ୍ଷ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପ୍ରାୟ ୧୦ଜଣ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଏସ୍‌ସିବି ମେଡ଼ିକାଲରେ କର୍ମଚାରୀ ଠିକ୍ ଭାବେ ଡ୍ୟୁଟି କରୁ ନ ଥିବା ଏବଂ ଡ୍ୟୁଟି ସମୟରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ପୂର୍ବରୁ ବହୁବାର ଆସିଥିଲା। ଏହାକୁ ନଜରରେ ରଖି ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ ଉଭୟ କାଜୁଆଲିଟି ସମେତ ବିଭିନ୍ନ ୱାର୍ଡ଼ରେ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସୁରକ୍ଷା କର୍ମୀଙ୍କ ସମେତ କେତେକ ସ୍ୱାସ୍ଥ୍ୟକର୍ମୀ ଅନୁପସ୍ଥିତ ଥିବା ଦେଖିବାକୁ ପାଇଥିଲେ। କାର୍ଯ୍ୟ ସମୟରେ ଅନୁପସ୍ଥିତ ରହିବା ଏବଂ କାର୍ଯ୍ୟରେ ଅବହେଳା ଅଭିଯୋଗରେ ପ୍ରାୟ ୧୦ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। କର୍ମଚାରୀମାନେ ଯଦି ନୋଟିସରେ ଉପଯୁକ୍ତ ଉତ୍ତର ନ ଦର୍ଶାନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଡା. ନାୟକ କହିଛନ୍ତି।

# ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ମଙ୍ଗୁଳି–ଜଗତପୁର,୨୮।୧୧(ମାନସ ସାମଲ)

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୫ ନମ୍ବର ୱାର୍ଡସ୍ଥିତ ଶବରସାହିରେ ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ବିକାଶ ଦ୍ୱାରା ପରିଚାଳିତ ଜନଶିକ୍ଷଣ ସଂସ୍ଥାନ କଟକ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜନଶିକ୍ଷଣ ସଂସ୍ଥାନ କଟକର ନିର୍ଦ୍ଦେଶିକା ଅନିମା ଦାଶ, ଅତିଥି ଭାବେ ଚିନ୍ମୟ ବେହେରା ଓ ରାଜରତନ ପରିଡ଼ା ଯୋଗଦେଇ ବର୍ତ୍ତମାନ ଯୁଗରେ ମହିଳାମାନଙ୍କ ପାଇଁ କୌଶଳ ଶିକ୍ଷାରେ ଗୁରୁତ୍ୱ ଓ ସଂସ୍ଥାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଏହି ଶିକ୍ଷା ଦ୍ୱାରା ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ସଂସ୍ଥାନର ଅଧିକାରୀ ସମ୍ମିତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଶିକ୍ଷିକା ସ୍ୱପ୍ନାରାଣୀ ଦାସ ସହଯୋଗ କରିଥିଲେ।



କଟକ ସହରର ଆବର୍ଜନା ପାଣି ମହାନଦୀ(ଯୋବ୍ରା ରେଲୱେ ବ୍ରିଜ୍)ତଳକୁ ଛଡ଼ା ଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ଚିକିତ୍ସା ପାଇଁ ରୋଗୀଙ୍କୁ ମିଳୁଛି କେବଳ ତାରିଖ

କଟକ,୨୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)




- ଏସ୍‌ସିବି ଦନ୍ତ ଚିକିତ୍ସାଳୟରେ ରୋଗୀ ହଟହଟା
- ଡାକ୍ତରଙ୍କ ମଧରେ ସମନ୍ୱୟ ଅଭାବ

ଶ୍ରୀରାମଚନ୍ଦ୍ର ଭଞ୍ଜ ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟରେ ଡାକ୍ତରଙ୍କ ମଧରେ ସମନ୍ୱୟ ଅଭାବ ରହୁ ନ ଥିବା ଯୋଗୁ ରୋଗୀ ହଟହଟା ହେଉଛନ୍ତି। ଜଣେ ଡାକ୍ତର ରୋଗୀଙ୍କୁ ଗୋଟିଏ ଦିନ ଚିକିତ୍ସା ପାଇଁ ସମୟ ଦେଉଥିବାବେଳେ ଉକ୍ତ ଦିନରେ ଥିବା ଡାକ୍ତର ଏହାକୁ ଗ୍ରହଣ କରୁନାହାନ୍ତି। ଏପରିକି କିଏ ଆଜିର ତାରିଖ ଦେଇଥିବା କହି ଡାକ୍ତର ରୋଗୀଙ୍କୁ ଆଉ ୨ ମାସ ପରେ ଆସିବାକୁ କହି ଫେରାଇ ଦେଇଛନ୍ତି। ଏଭଳି ଘଟଣା ଏସ୍‌ସିବି ଦନ୍ତ ଚିକିତ୍ସାଳୟରେ ଶୁକ୍ରବାର ଘଟିଥିବା ନଜରକୁ ଆସିଛି।

ଅଭିଯୋଗକ୍ରମେ, କଟକ ଚାଉଳିଆଗଞ୍ଜ ଅଞ୍ଚଳର ଗାୟତ୍ରୀ ଶତପଥୀଙ୍କ ଦାନ୍ତ ସମସ୍ୟା ଥିବାରୁ ଗତ ଅକ୍ଟୋବର ୩୧ରେ ଏସସିବି ଦାନ୍ତ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଡାକ୍ତରଙ୍କୁ ଦେଖାଇବା ପରେ ତାଙ୍କୁ ରୁଟ କେନାଲ ବିଭାଗ ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥିଲେ। ଗାୟତ୍ରୀ ରୁଟ କେନାଲ ବିଭାଗର ଡାକ୍ତରଙ୍କୁ ଦେଖାଇବା ପରେ ସେ କିଛି ମେଡିସିନ ଲେଖିଥିଲେ ଏବଂ ନଭେମ୍ବର ୨୮ରେ ଆସି ଦେଖାଇବାକୁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ ମୁତାବକ ଗାୟତ୍ରୀ ଶୁକ୍ରବାର ରୁଟ କେନାଲ ପାଇଁ ବିଭାଗରେ ପହଞ୍ଚି ଡାକ୍ତରଙ୍କୁ ଦେଖାଇଥିଲେ। ହେଲେ ବିଭାଗରେ ଡାକ୍ତର ଗାୟତ୍ରୀଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ଆଜି କିଏ ତୁମକୁ ତାରିଖ ଦେଲା, ଯାଅ ମାର୍ଚ୍ଚ ୬ରେ ଆସିବ କହି ତାଙ୍କୁ ଫେରାଇ ଦେଇଥିଲେ। ତେବେ ଏସ୍‌ସିବି ଭଳି ମେଡିକାଲରେ ଦାନ୍ତ ଚିକିତ୍ସା ପାଇଁ ୪ ମାସ ପରେ ଆସିବାକୁ ସହଜରେ ଗ୍ରହଣ କରି ପାରିନାହାନ୍ତି ଏବଂ ଏସଂକ୍ରାନ୍ତରେ ଗାୟତ୍ରୀ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି । ଅନ୍ୟପଟରେ ଏ ସମ୍ପର୍କରେ ଏସସିବି ଦନ୍ତ ଚିକିତ୍ସାଳୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ପାଣି ପାଇଁ ବିବାଦ: ୮ ଗ୍ରାମର ଲୋକେ ମୁହାଁମୁହିଁ

## ବାଉଁଶ ଓ ଟେକାମାଡ଼ରେ ୪ ଆହତ

ସାକ୍ଷୀଗୋପାଳ, ୨୮।୧୧
(କିଶୋର ମହାପାତ୍ର/ ପ୍ରଶାନ୍ତ ବାରିକ)

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଶାଣ୍ଡରା ଗ୍ରାମପଞ୍ଚାୟତର ବଡ଼ଭୀମଦାସପୁରରେ ଶୁକ୍ରବାର ପାଣି ପାଇଁ ବିବାଦକୁ ନେଇ ୮ ଗ୍ରାମର ଲୋକେ ମୁହାଁମୁହିଁ ହୋଇଛନ୍ତି। ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହେବା ସହ ଗଣ୍ଡଗୋଳ ଘଟିଛି। ବାଉଁଶ ଓ ଟେକା ମାଡ଼ରେ ୪ଜଣ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ବସୁଧା ଯୋଜନାରେ ୨୦୧୯ ମସିହାରେ ବଡ଼ଭୀମଦାସପୁର ଗାଁ ମୁଣ୍ଡରେ ଏକଲକ୍ଷ ଲିଟର ବିଶିଷ୍ଟ ଓଭରହେଡ୍ ପାଣିଟାଙ୍କି ନିର୍ମିତ ହୋଇଛି। ବର୍ତ୍ତମାନ ୪ଟି ଗାଁ ବଡ଼ଭୀମଦାସପୁର, ସାମନ୍ତରାପୁର, ଜୟରାମପୁର, ମଝିକେରାର ଲୋକେ ଏହି ପାଣି ବ୍ୟବହାର କରୁଛନ୍ତି। ଏହି ପାଣିଟାଙ୍କି ଉକ୍ତ ୪ଟି ଗ୍ରାମର ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ। ଏହି ପାଣିଟାଙ୍କିର କ୍ଷମତା ଉକ୍ତ ୪ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ କରିପାରିବ। ଅଧିକ ଗ୍ରାମ ସଂଯୋଗ ଏହି ପାଣିଟାଙ୍କି କ୍ଷମତା ପରିସରରେ ନାହିଁ। ବଡ଼ଭୀମଦାସପୁର ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ପାଣିଟାଙ୍କିରୁ ନୂଆସାହି, ଶାଣ୍ଡରା, ବାଲିହୁଡ଼ା, ସାନଭୀମଦାସପୁରର ବାସିନ୍ଦା ଜୋରଜବରଦସ୍ତ ନିଜ ଗାଁକୁ ପାଣି ନେବା ପାଇଁ ଉଦ୍ୟମ କରିଥିଲେ। ଫଳରେ ବଡ଼ଭୀମଦାସପୁର, ସାମନ୍ତରାପୁର, ଜୟରାମପୁର ଓ ମଝିକେରା ଗ୍ରାମବାସୀ ଓଡ଼ିଶା ହାଇକୋର୍ଟରେ ଡବ୍ଲୁପିସି ୭୪୮୬/୨୦୨୫ ଏବଂ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ନଂ. ୧୪/୨୦୨୫ରେ ମକଦ୍ଦମା ରୁଜୁ କରିଛନ୍ତି। ମାମଲା ବିଚାରାଧୀନ ରହିଛି। ଏଭଳି ସ୍ଥିତିରେ ଶୁକ୍ରବାର ସାକ୍ଷୀଗୋପାଳସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ, ସତ୍ୟବାଦୀ ପୋଲିସ ଜେସିବି ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାଟି ଖୋଳି ନୂତନ ପାଇପ ସଂଯୋଗ କରିବା ନିମନ୍ତେ କାର୍ଯ୍ୟ ଆରମ୍ଭ କରିବାରୁ ବଡ଼ଭୀମଦାସ ପୁର ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏହି ଖବର ପାଇ ନୂଆ ସାହି, ସାଣ୍ଡରା, ବାଲିହୁଡ଼ା ଓ ସାନଭୀମଦାସପୁର ଗାଁ ଲୋକେ ଏକତ୍ରିତ ହୋଇ ବଡ଼ଭୀମଦାସପୁର ପାଣିଟାଙ୍କି ନିକଟରେ ପହଞ୍ଚିଥିଲେ। ପରେ ବଡ଼ଭୀମଦାସପୁର, ସାମନ୍ତରାପୁର, ଜୟରାମପୁର ଓ ମଝିକେରା ଗ୍ରାମବାସୀ ମିଳିତ ଭାବେ ପାଲଟା ବିରୋଧ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସପକ୍ଷବାଦୀ ଓ ବିପକ୍ଷବାଦୀ ୮ଟି ଗ୍ରାମର ବାସିନ୍ଦା ମୁହାଁମୁହିଁ ହେବା ସହ ଗଣ୍ଡଗୋଳ ଓ ଧସ୍ତାଧସ୍ତି ଆରମ୍ଭ ହୋଇଯାଇଥିଲା। ଗଣ୍ଡଗୋଳରେ ବାଉଁଶ ଓ ଟେକା ମାଡ଼ରେ ବଡ଼ଭୀମଦାସପୁର ଗ୍ରାମର ପ୍ରହଲ୍ଲାଦ ପ୍ରଧାନ (୫୩), ବିଶ୍ୱନାଥ ବରାଳ(୫୫), ୱାର୍ଡସଭ୍ୟା ରୀନା ସେଠୀ (୪୨), ବାଦଲ ସ୍ୱାଇଁ(୨୩) ଆହତ ହୋଇଛନ୍ତି। ସେମାନଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅବସ୍ଥା ଗୁରୁତର ଥିବାରୁ ପ୍ରହଲ୍ଲାଦଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଥାନା ଆଇଆଇସି ବିଜୟ କେତନ ବେହେରା ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲେ। ଏହି ଘଟଣାର ସମାଧାନ ପାଇଁ ସତ୍ୟବାଦୀ ଥାନାରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଆଲୋଚନା ଚାଲିଥିବା ଜଣାପଡ଼ିଛି।

# କୋଣାର୍କ ଉତ୍ସବ ପ୍ରସ୍ତୁତି ଅନୁଧ୍ୟାନ କଲେ ପର୍ଯ୍ୟଟନ ନିର୍ଦ୍ଦେଶକ

କୋଣାର୍କ,୨୮।୧୧(ଜ୍ୟୋତିରାଜ ମହାନ୍ତି)


ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର କୋଣାର୍କ ଉତ୍ସବ ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି।

ଆଉ ୩ଦିନ ରହିଲା କୋଣାର୍କ ଉତ୍ସବ। ଶୁକ୍ରବାର ପୂର୍ବାହ୍ନରେ ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର କୋଣାର୍କ ଆସି କୋଣାର୍କ ଉତ୍ସବ ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ମହାପାତ୍ର ଚନ୍ଦ୍ରଭାଗା ବେଳାଭୂମି, ମୁକ୍ତାକାଶ ରଙ୍ଗମଞ୍ଚରେ ବିଭିନ୍ନ କାର୍ଯ୍ୟ ସମେତ ଯାତ୍ରୀନିବାସ ମରାମତି, ମୁକ୍ତାକାଶ ରଙ୍ଗମଞ୍ଚ ସାଜସଜ୍ଜା, ଦର୍ଶକ ଗ୍ୟାଲେରି, ଆଲୋକ ବ୍ୟବସ୍ଥା ଆଦି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତି ସନ୍ଧ୍ୟାରେ ଓଡ଼ିଶୀ, ଭାରତନାଟ୍ୟମ୍ କୁଚିପୁଡ଼ି, କଥାକଳି, ମଣିପୁରୀ, କଥକ ନୃତ୍ୟ ପରିବେଷଣ ହେବ। ସେହିପରି ଚନ୍ଦ୍ରଭାଗା ବେଳାଭୂମିରେ ଜାପାନ, ରୁଷ୍, ସ୍ପେନ୍, ପର୍ତ୍ତୁଗାଲ, ଶ୍ରୀଲଙ୍କା ଆଦି ଦେଶ ସମେତ ବିଭିନ୍ନ ରାଜ୍ୟରୁ ବାଲୁକାଶିଳ୍ପୀଙ୍କ ବାଲୁକା କଳା ପ୍ରଦର୍ଶନ ହେବ। ଏହାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ଅଧିକ୍ଷଣ ଯନ୍ତ୍ରୀ ସୁନୀଲ ବେହେରା, ରାକେଶ କୁମାର ଧର ଏବଂ ଯାତ୍ରୀନିବାସ ପରିଚାଳକ ବାପି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନିମାପଡ଼ା-ଗୋପ ସିଭିଲ ସୋସାଇଟିର ବୈଠକ

ଚାରିଛକ,୨୮।୧୧(ଶିଶିର କୁମାର ସ୍ୱାଇଁ)

ଚାରିଛକସ୍ଥିତ ବିଳାଶୁଣୀ କଲ୍ୟାଣମଣ୍ଡପରେ ନିମାପଡ଼ା-ଗୋପ ସିଭିଲ ସୋସାଇଟିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇନଜୀବୀ ସୁଧୀର ରଞ୍ଜନ ମହାନ୍ତି, ମୁଖ୍ୟ ବକ୍ତା ଭାବେ ସତ୍ୟ ଖବର ସମ୍ପାଦକ ଅକ୍ଷୟ କୁମାର ନାୟକ, କାର୍ଯ୍ୟକ୍ରମ ସଭାପତି ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ମିତ୍ର, ପୂର୍ବତନ ଅଧ୍ୟକ୍ଷ ଯୋଗେନ୍ଦ୍ରନାଥ ମିଶ୍ର, ଅଧ୍ୟକ୍ଷ ବଂଶୀଧର ଷଡ଼ଙ୍ଗୀ ଯୋଗଦେଇଥିଲେ। ସଭାରେ ଡେପୁଟି କମିଶନର ଚନ୍ଦ୍ରକାନ୍ତ ଦଳାଇ ସଭାପତିତ୍ୱ କରିଥିଲେ। କବିରାଜ କୁଳମଣି ସାହୁ ମେମୋରିଆଲର ଅଧ୍ୟକ୍ଷ ତଥା ସିଭିଲ ସୋସାଇଟିର ସଂଯୋଜକ ଡ. କେଦାରନାଥ ସାହୁ ସଭା ପରିଚାଳନା କରିଥିଲେ। ନିମାପଡ଼ା, ଗୋପ ଓ ଚାରିଛକ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ପ୍ରଶାସନ ପାଖରେ ପହଞ୍ଚାଇବା ସିଭିଲ ସୋସାଇଟିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଦସ୍ୟମାନେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବେଣୁଧର ସେଠୀ, ସାମାଜିକ କର୍ମୀ ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, କାହ୍ନୁ ଚରଣ ବେହେରା, ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଡ. ପ୍ରଭାତ ଚନ୍ଦ୍ର ମିଶ୍ର, ବନବିହାରୀ ଦାସ, ପ୍ରଫୁଲ୍ଲ କୁମାର ସାହୁ, ବସନ୍ତ କୁମାର ମଲ୍ଲ, ସନ୍ତୋଷ ଦାସ, ରାଜେଶ କୁମାର ଲେଙ୍କା, ରଞ୍ଜିତ କା, ବିନୋଦ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର କର ଏବଂ ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଚାରିଛକ ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ବିଜୟ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଛାତ୍ରୀମାନଙ୍କୁ ଗୋଲାପ ଫୁଲ ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିକଶିତ ଭାରତ ଗଠନରେ ରହିଛି ବିଜ୍ଞାନର ପ୍ରମୁଖ ଭୂମିକା


ଅତିଥିମାନଙ୍କ ଗହଣରେ ପୁରସ୍କୃତ ପ୍ରକଳ୍ପଧାରୀ ଛାତ୍ରୀଛାତ୍ର।

ନିମାପଡ଼ା,୨୮।୧୧(ବିଚିତ୍ରାନନ୍ଦ ସାହୁ)

ଆତ୍ମନିର୍ଭରଶୀଳ ବିକଶିତ ଭାରତ ଗଠନରେ ବିଜ୍ଞାନର ପ୍ରମୁଖ ଭୂମିକା ରହିଛି। କିଛି ଖୋଜିବା ଓ କିଛି ପାଇବାର ଜ୍ଞାନ ହିଁ ବିଜ୍ଞାନ। ବିଜ୍ଞାନକୁ ସୁଦୂରପ୍ରସାରୀ କରିବାର ଆବଶ୍ୟକତା ରହିଛି। ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଅଧିକ ଆକୃଷ୍ଟ କରିବା, ସେମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତି ସୃଷ୍ଟି କରିବା ହିଁ ଏଭଳି କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଲକ୍ଷ୍ୟ ବୋଲି ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ନିମାପଡ଼ା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସମୂହ ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜଗତସିଂହପୁର ଏମ୍‌ପି ବିଭୂପ୍ରସାଦ ତରାଇ, ଡିଆଇଇଟି ପୁରୀର ଅବସରପ୍ରାପ୍ତ ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ର, ଓସେପା ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ସମରଥ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଏମ୍‌ପି ପ୍ରତିନିଧି ମିନଲତା ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ନିମାପଡ଼ା କଲେଜ ଅଧ୍ୟକ୍ଷା ଅମିତା ମହାନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ନିମାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, ସହକାରୀ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ ପ୍ରମୁଖ ଯୋଗଦେଇଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଏହି ମେଳା ଓ ପ୍ରଦର୍ଶନୀରେ ୨୧୧ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ତନ୍ମଧ୍ୟରୁ ୭ଟି ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ଜିଲାସ୍ତରକୁ ମନୋନୀତ ହୋଇଛି। ଅତିଥିମାନେ କୃତୀ ପ୍ରକଳ୍ପଧାରୀମାନଙ୍କୁ ପୁରସ୍କୃତ କରିଥିଲେ।

# ପିପିଲି ବ୍ଲକସ୍ତରୀୟ ବିଜ୍ଞାନମେଳା

ପିପିଲି,୨୮।୧୧
(ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର)

ପିପିଲି ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନମେଳା ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଓସେପା ଯୁଗ୍ମନିର୍ଦ୍ଦେଶକ ହିମାଂଶୁ ଭୁଷଣ ସମର୍ଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସିଫାର ମୁଖ୍ୟ ବୈଜ୍ଞାନିକ ଡ. ପ୍ରିୟବ୍ରତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପିପିଲି କଲେଜ ଅଧ୍ୟକ୍ଷ ସଦାଶିବ ମିଶ୍ର, ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ବିଭୂତି ଭୂଷଣ ମଣ୍ଡଳ, ଏବିଇଓ ସାହେବ ପାତ୍ର ଏବଂ ଡ. ଶରତ କୁମାର ଚଉଁରୀ, ନୋଡାଲ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମହାନ୍ତି, ପଞ୍ଚସଖା ଶିକ୍ଷା ସେତୁ ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ, ଅସ୍ତରଙ୍ଗର ପୂର୍ବତନ ବିଇଓ ପ୍ରସନ୍ନ କୁମାର ବିଶ୍ୱାଳ, ପ୍ରଧାନଶିକ୍ଷୟିତ୍ରୀ ସୌଭାଗ୍ୟଲକ୍ଷ୍ମୀ ନାୟକ ଯୋଗଦେଇଥିଲେ। ବିଜ୍ଞାନମେଳା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ମନୋଭାବ ସୃଷ୍ଟି ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଉକ୍ତ ମେଳାରେ ୧୮୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲାସ୍ତରୀୟ ବିଜ୍ଞାନମେଳା ପାଇଁ ୭ଟି ପ୍ରକଳ୍ପ ଚୟନ ହୋଇଥିଲା। ବିଇଓ ପୀତବାସ ସେଠୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ମୁଖ୍ୟ ବକ୍ତା ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଡେଲାଙ୍ଗ ବିଇଓ ଶତ୍ରୁଘ୍ନ ବେହେରା, ପିପିଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ଯୋଗଦେଇଥିଲେ। ସିଆର୍‌ସିସି ସଂଯୁକ୍ତା ମହାପାତ୍ର, ସୁନିତା ନାୟକ, ସସ୍ମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଜୟ ପ୍ରକାଶ ପ୍ରଧାନ, ଲକ୍ଷ୍ମୀଧର ସାହୁ, ରବିନ୍ଦ୍ର କୁମାର ପଲେଇ, ବିକ୍ରମ ରଥ, ଦିଲିପ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ଚିନ୍ତାମଣି ଓଝା ଏବଂ ସମସ୍ତ ସିଆର୍‌ସିସି ଓ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ବିଚାରକ ଭାବେ ପ୍ରତାପ କୁମାର ପ୍ରଧାନ, ଦେବେନ୍ଦ୍ର କୁମାର ସ୍ୱାଇଁ ଓ ସୁନିଲ କୁମାର ରାଉତ ଦାୟିତ୍ୱ ତୁଲାଇଥିଲେ।


ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ମାନବ ଜାତିର ସର୍ବୋତ୍ତମ ସାଥୀ ହେଉଛି ବିଜ୍ଞାନ


ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଗୋପ,୨୮।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ମାନବ ଜାତିର ସର୍ବୋତ୍ତମ ସାଥି ହେଉଛି ବିଜ୍ଞାନ। ବିଜ୍ଞାନ ଯଦି ଜ୍ଞାନର ପଥ ହୁଏ, ପ୍ରଯୁକ୍ତି ହେଉଛି ଜ୍ଞାନର ପ୍ରୟୋଗ ବୋଲି ଶୁକ୍ରବାର ଗୋପ ବ୍ଲକ ଅଧିନ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବ୍ଲକସ୍ତରୀୟ ବିଜ୍ଞାନ ମେଳାର ଉଦ୍‌ଯାପନ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଜିଲାପରିଷଦ ସଭ୍ୟ ଅମୋଦ କୁମାର ରାୟ, ବିଡିଓ ଛବିରାଣୀ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ରସାୟନ ବିଜ୍ଞାନ ଅଧ୍ୟାପକ ଆଶିଷ କୁମାର ଜେନା, ପୁରାତନ ଛାତ୍ର ସଂଘ ସଭାପତି ପୂନେଶ କୁମାର ସେନାପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରମା ଦାଶ, ସହମଣ୍ଡଳ ଶିକ୍ଷାଧିକାରୀ ବିନୋଦନି ମହାପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ଶତପଥୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଜ୍ଞାନମେଳାରେ ଗୋପ ବ୍ଲକ ଅଧୀନ ୨୦ଟି କ୍ଲଷ୍ଟରର ୧୮୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତନ୍ମଧ୍ୟରୁ ୭ଟି ପ୍ରକଳ୍ପକୁ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା।

# ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ପାଇଁ ଶପଥ ନେଲେ ଛାତ୍ରୀ

ଚାରିଛକ,୨୮।୧୧(ଶିଶିର କୁମାର ସ୍ୱାଇଁ)

ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ 'ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର ଏହି ଅଭିଯାନର ଶୁଭାରମ୍ଭ କରି ମାଦକ ଦ୍ରବ୍ୟର କୁପରିଣାମ ସମ୍ପର୍କରେ ସମୁଦାୟ ସମାଜକୁ ସଚେତନ କରାଇବା ଏକ ବିରାଟ ଆହ୍ୱାନ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅଭିନନ୍ଦନ ମହାପାତ୍ର, ଡା. ମନୋରଞ୍ଜନ ମହାପାତ୍ର ଏବଂ ଡା. ମିତାଲି ମୁଧୁସ୍ମିତା ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କୁ ନିଶା ସେବନର କୁପରିଣାମ ଏବଂ ନିରାକରଣ ଉପରେ ସଚେତନ କରାଇ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କୃତ ଅଧ୍ୟାପକ ଶ୍ରୀମାନ ଜୀବନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ସମସ୍ତଙ୍କୁ 'ତମାଖୁମୁକ୍ତ ସମାଜ' ଗଢିବା ପାଇଁ ସଂକଳ୍ପ ପାଠ କରାଇଥିଲେ। ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ 'ନିଶାକୁ ନା, ଜୀବନକୁ ହଁ' ବୋଲି ଶପଥପାଠ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ଅଧିକାରୀ ସଂଯୁକ୍ତା ପାତ୍ର, ମହାବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ କାନନବାଳା ନନ୍ଦ, ଶିକ୍ଷା ବିଭାଗ ମୁଖ୍ୟ ଡ. ଶ୍ରୀଲେଖା ନାୟକ, ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠାରାଣୀ ମହାନ୍ତି, ଅଧ୍ୟାପିକା ଇତିଶ୍ରୀ ସାହୁ, ଅଧ୍ୟାପିକା କଲ୍ୟାଣୀ ସ୍ୱାଇଁ, ଅଧ୍ୟାପକ ସୁରେଶ ଚନ୍ଦ୍ର କର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ନିଶା ନିବାରଣ ସଂକ୍ରାନ୍ତ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଇଂଲିଶ ବିଭାଗ ଅଧ୍ୟାପିକା ସଙ୍ଗୀତା ଦାଶ ଧନ୍ୟବାଦ ଦେଇଥିଲେ।


ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ୧୫ତମ ତ୍ରିନାଥ ମେଳା

ଯୋଗେଶ୍ୱରପୁର,୨୮।୧୧
(ରଶ୍ମିରଞ୍ଜନ ସାହୁ)



ଗୋପ ଥାନା ଅନ୍ତର୍ଗତ ନୟାହାଟ ଫାଣ୍ଡି ପରିସରସ୍ଥ ତ୍ରିନାଥ ଠାକୁରଙ୍କ ୧୫ତମ ବାର୍ଷିକ ଉତ୍ସବ ତଥା ତ୍ରିନାଥ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତ୍ରିନାଥ କମିଟିର ସଭ୍ୟମାନେ ଶୋଭାଯାତ୍ରାରେ ପ୍ରାଚୀ ନଦୀରୁ କଳସୀରେ ପାଣି ଆଣିବା ପରେ ତ୍ରିନାଥ ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା। ସକାଳ ୮ଟାରୁ ପୂଜା ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ପୂର୍ଣ୍ଣାହୁତି ଶେଷ ହୋଇଥିଲା। କର୍ତ୍ତା ଭାବେ ଶ୍ରୀଧର ମଲ୍ଲିକ ଓ ତାଙ୍କ ପତ୍ନୀ କର୍ତ୍ତ୍ରୀ ଭାବେ ବସିଥିଲେ। ଉତ୍ସବରେ ୬ଟି ପଞ୍ଚାୟତର ଜନତା, ଜନପ୍ରତିନିଧି ଓ ବଜାର କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘର କାର୍ଯ୍ୟକର୍ତ୍ତା ବୈଠକ


ବୈଠକରେ ଅତିଥିଙ୍କ ସହ ପେସାଦାର ସାମ୍ବାଦିକ ସଂଘର କାର୍ଯ୍ୟକର୍ତ୍ତା ।

କାକଟପୁର/ ଅସ୍ତରଙ୍ଗ,୨୮।୧୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ ମମତା ଜେନା)

ଉତ୍କଳ ସାମ୍ବାଦିକ ସଂଘ ସହିତ ଅନୁବନ୍ଧିତ ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘର କାର୍ଯ୍ୟକର୍ତ୍ତା ବୈଠକ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ କାକଟପୁର ଚନ୍ଦନ ବଜାରସ୍ଥିତ ଖୁଣ୍ଟିଆ କନଭେନ୍ସନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସଂଘର ଉପସଭାପତି ସଞ୍ଜୟ ପତି ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି କମଳ ଲୋଚନ ଦୀକ୍ଷିତ, ବରିଷ୍ଠ ଉପଦେଷ୍ଟା ପ୍ରସନ୍ନ ତ୍ରିପାଠୀ, ପୂର୍ବତନ ସଭାପତି ତଥା ଉପଦେଷ୍ଟା ବିଶ୍ୱଜିତ ପଟ୍ଟନାୟକ ଯୋଗଦେଇ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହିତ ବିଭିନ୍ନ ବ୍ଲକରେ କିପରି ଅଧିକରୁ ଅଧିକ ଖବରଦାତାମାନଙ୍କୁ ସଂଘ ସହିତ ଯୋଡ଼ିହେବ ସେ ନେଇ କାର୍ଯ୍ୟ କରିବାକୁ କହିଥିଲେ। ବୈଠକ ଆୟୋଜନରେ କାକଟପୁର ପ୍ରେସ କ୍ଲବ ସହଯୋଗ କରିଥିବାବେଳେ ଅସ୍ତରଙ୍ଗ, କାକଟପୁର, ନିମାପଡ଼ା, ଗୋପ, କୋଣାର୍କ, ପିପିଲି, ଡେଲାଙ୍ଗ, କଣାସ, ସତ୍ୟବାଦୀ ଅଞ୍ଚଳରୁ ପ୍ରାୟ ୫୦ ଜଣ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ୨୦୨୬ ଜାନୁଆରୀ ୭ରେ ସାତପଡ଼ାରେ ଜିଲାର କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ସଂଘର ୮୦ ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ଏବଂ ବାର୍ଷିକ ଉତ୍ସବ ପାଳନ କରାଯିବା । ସଂଘର ଉପଦେଷ୍ଟା ତଥା ନିମାପଡ଼ା ପ୍ରେସ୍ କ୍ଲବ ସଭାପତି ଅକ୍ଷୟ ବେହେରା, କାକଟପୁର ପ୍ରେସ୍ କ୍ଲବ ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, ମହମ୍ମଦ ସମସୁଲ ଆରିଫିନ, ଗୋପ ପ୍ରେସ୍ କ୍ଲବ ସଭାପତି ଭାରତୀ ଭୂଷଣ ଉପାଧ୍ୟାୟ, ସନ୍ତୋଷ ରାୟ, ଉପଦେଷ୍ଟା ନିରଞ୍ଜନ ଦାସ, ଆର୍ଯ୍ୟ ବିଶ୍ୱାଳ, ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂଘର ସାଧାରଣ ସମ୍ପାଦକ ଆଦିତ୍ୟ ରାଉତ ଧନ୍ୟବାଦ ଦେଇଥିଲେ।

# ମା', ବାପା ହେଉଛନ୍ତି ଚଳନ୍ତି ଠାକୁର

## ବାୟାକୁଦାରେ ରାମଚରିତ ମାନସ

ଗୋପ,୨୮।୧୧
(ଭାରତୀ ଭୂଷଣ ଉପାଧ୍ୟାୟ)

ମା', ବାପା ହେଉଛନ୍ତି ଚଳନ୍ତି ଠାକୁର। ସେମାନଙ୍କୁ ଦୈନନ୍ଦିନ ପୂଜା କରିବା ସହିତ ଭଲ ପାଇଲେ ଭଗବାନଙ୍କ ନିକଟରେ ପହଞ୍ଚିହେବ ବୋଲି ଶୁକ୍ରବାର ବାୟାକୁଦା ଗ୍ରାମରେ ଅନୁଷ୍ଠିତ ୯ତମ ରାମଚରିତ ମାନସ କାର୍ଯ୍ୟକ୍ରମରେ ପ୍ରବଚକ ଅଧ୍ୟାପକ ସନ୍ତୋଷ କୁମାର ସାହୁ କହିଛନ୍ତି। ଏହି ରାମଚରିତ ମାନସ କାର୍ଯ୍ୟକ୍ରମ ୯ଦିନ ଧରି ଚାଲିବ ବୋଲି ଆୟୋଜକ ଯୋଗେନ୍ଦ୍ର ସେନାପତି କହିଛନ୍ତି। ପ୍ରଥମ ସନ୍ଧ୍ୟାରେ ପ୍ରଭୁ ରାମଚନ୍ଦ୍ର ଓ ମା' ସୀତାଙ୍କ ଉପରେ ଆଧାରିତ ଅରଣ୍ୟ କାଣ୍ଡ ଉପରେ ପ୍ରବଚନ ଦେଇ ଭଗବାନ କିଏ ଓ ତାଙ୍କୁ କିପରି ପାଇଁ ହେବ ସେ ସମ୍ପର୍କରେ ବୁଝାଇଥିଲେ। ପ୍ରବଚନ ଶୁଣିବା ପାଇଁ ବ୍ଲକ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ଚାନ୍ଦୁଆ ବଜାରରେ ସିରିଜ୍ ଦୁର୍ଘଟଣା ଘଟାଇଲା କାର୍: ୫ ଗୁରୁତର

ପିପିଲି,୨୮।୧୧
(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)


ଦୁର୍ଘଟଣା ଘଟାଇଥିବା କାର୍।

ପିପିଲି ଚାନ୍ଦୁଆ ବଜାରରେ ଶୁକ୍ରବାର ଏକ କାର୍ ସିରିଜ ଦୁର୍ଘଟଣା ଘଟାଇଛି। ଭୁବନେଶ୍ୱର ଅଭିମୁଖେ ଯାଉଥିବା ଦୁଇଟି ବାଇକକୁ ସାମ୍ନା ପଟୁ ଧକ୍କା ଦେଇ କାର୍‌ଟି ଏକ ଜଳଖିଆ ଦୋକାନ ଉପରକୁ ମାଡ଼ିଯାଇଥିଲା। ଫଳରେ ଜଳଖିଆ ଦୋକାନୀ ନାରାୟଣ ସିଂହ (୩୨)ଙ୍କ ସମେତ ୫ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପିପିଲି ପୋଲିସ ପହଞ୍ଚି କାର ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ କରୁଛି। ସେପଟେ କାର୍ ଭିତରେ ମଦ ବୋତଲ ଥିବାରୁ କାର ଚାଳକ ମଦ ପିଇ ବେପରୁଆ ଭାବେ ଗାଡ଼ି ଚଳାଉଥିବା ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି। ଆହତମାନଙ୍କୁ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ମଧ୍ୟାହ୍ନ ସମୟରେ ପିପିଲି ଚାନ୍ଦୁଆ ବଜାର ମୁଖ୍ୟ ରାସ୍ତାରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା ଏକ କାର୍ (ନଂ. ଓଡି ୦୨ ଏୱାଇ ୫୦୫୪) ଦ୍ରୁତଗତିରେ ସାମ୍ନା ପଟୁ ଆସୁଥିବା ଦୁଇ ବାଇକ୍‌କୁ ଧକ୍କା ଦେଇଥିଲା। ପରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଜଳଖିଆ ଦୋକାନ ଉପରକୁ ମାଡ଼ି ଯାଇଥିଲା। ଦୋକାନ ଭିତରେ ଦୋକାନ ମାଲିକ ଚାପି ହୋଇଯାଇଥିବାବେଳେ ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ତାଙ୍କ ଦେହରେ ଗରମ୍ ତେଲ ଢାଳିହୋଇଯିବାରୁ ଏବେ ସେ ଗୁରୁତର ଥିବା ତାଙ୍କ ଭାଇ କହିଛନ୍ତି। ଅନ୍ୟ ଦୁଇ ବାଇକ୍ ଆରୋହୀଙ୍କ ସହ ଜଣେ ମହିଳା ଗୁରୁତର ହୋଇ ପିପିଲି ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ସେମାନେ ହେଲେ ସରସ୍ୱତୀ ମୁଦୁଲି (୨୨), ତାଙ୍କ ବାପା କାର୍ତ୍ତିକ ମୁଦୁଲି (୫୫), ଲିଙ୍ଗରାଜ ପୃଷ୍ଟି (୩୨) ଓ ସନ୍ତୋଷ କୁମାର ଦାସ (୫୫)। ଏହି ଘଟଣାରେ କାର ଚାଳକଙ୍କୁ ଅଟକ ରଖି ପଚରାଉଚରା କରାଯଉଥିବା ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

# ସବୁ କଲେଜ ହେବ ଜବରଦଖଲମୁକ୍ତ: ସୂର୍ଯ୍ୟବଂଶୀ

ଭୁବନେଶ୍ୱର,୨୮।୧୧ (ରବିନାରାୟଣ ଜେନା)

ରାଜ୍ୟର ସବୁ କଲେଜ ଜବରଦଖଲମୁକ୍ତ ହେବା ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯିବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ବିଧାନସଭାର ପ୍ରଶ୍ନକାଳରେ କହିଛନ୍ତି।

ମୂଳପ୍ରଶ୍ନକର୍ତ୍ତା ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଭଦ୍ରକ ମହିଳା ମହାବିଦ୍ୟାଳୟର ଭିତ୍ତିଭୂମି ଉନ୍ନତୀକରଣ ଲାଗି ୨୦୨୪-୨୫ ଆର୍ଥିକବର୍ଷରେ ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଏବଂ ଆସବାବପତ୍ର ଲାଗି ୪କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ୨୦୨୫-୨୬ରେ ଶ୍ରେଣୀଗୃହ ନିର୍ମାଣ ଏବଂ ପାଚେରି ନିର୍ମାଣ ନିମନ୍ତେ ୨କୋଟି ଟଙ୍କା ମଞ୍ଜୁର ହୋଇଛି। ଭଦ୍ରକ ମହିଳା ମହାବିଦ୍ୟାଳୟ ସହିତ ବିଭିନ୍ନ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକୁ ଲାବ୍ ଉପକରଣ ପ୍ରଦାନ କରାଯିବା ସହିତ ରାମ୍ପ ଓ ଶୌଚାଳୟ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ସୀତାଂଶୁ ପ୍ରଶ୍ନ କରିଥିଲେ, କଲେଜ ପରିସରରେ ଥିବା ଜମିକୁ ଦୁର୍ବୃତ୍ତମାନେ ମାଡ଼ି ବସିବା ସହିତ ଅରାଜକତା ସୃଷ୍ଟି କରୁଛନ୍ତି। ଏଦିଗରେ ସରକାରଙ୍କ ପକ୍ଷରୁ କ'ଣ ପଦକ୍ଷେପ ଗ୍ରହଣ କରାଯିବ ତାହା ଗୃହକୁ ଜଣାଇବାକୁ ସେ କହିଥିଲେ। ମନ୍ତ୍ରୀ ଉତ୍ତର ରଖି କହିଛନ୍ତି, କେବଳ ଭଦ୍ରକ ମହିଳା ମହାବିଦ୍ୟାଳୟ ନୁହେଁ, ରାଜ୍ୟର ସମସ୍ତ କଲେଜକୁ ଜବରଦଖଲମୁକ୍ତ କରାଯିବା ସହିତ ସେଠାରେ ଛାତ୍ରୀଛାତ୍ରମାନେ ଯେପରି ଠିକ୍ ଭାବେ ଅଧ୍ୟୟନ କରିପାରିବେ ଏବଂ ମହାବିଦ୍ୟାଳୟ ପରିସରରେ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯିବ ତାହା ଉପରେ ପଦକ୍ଷେପ ନିଆଯାଉଛି। ଏହି ଅବସରରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ତାଙ୍କ ଅଞ୍ଚଳରେ ମଡେଲ ଡିଗ୍ରୀ କଲେଜ ଖୋଲିବା ନେଇ ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଛନ୍ତି, ଏଥିପ୍ରତି ସରକାର ନିଶ୍ଚିତ ଗୁରୁତ୍ୱ ଦେବେ।

ବିଧାୟକ ଗଣେଶ୍ୱର ବେହେରା 'ମଡେଲ ଓ୍ୱମେନ୍ସ କଲେଜ' କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ଯୋଜନା ରହିଛି କି ନାହିଁ ? ଯଦି ରହିଛି ଏହାର ରୂପରେଖ କ'ଣ ଅଛି ସେ ସଂକ୍ରାନ୍ତରେ ଜାଣିବାକୁ ଚାହିଁଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ଉତ୍ତର ରଖି କହିଛନ୍ତି, ରାଜ୍ୟ ସରକାର ଏନେଇ ବିଚାର କରୁଛନ୍ତି।


ଉତ୍ତର ଦେଉଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ଝାରସୁଗୁଡ଼ାରେ ୫୪ ବୃହତ୍ ଶିଳ୍ପସଂସ୍ଥାକୁ ଅନୁମୋଦନ

ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା)

ରାଜ୍ୟ ଏକକ ବାତାୟନ ପ୍ରଣାଳୀ ମାଧ୍ୟମରେ ଝାରସୁଗୁଡା ଜିଲାରେ ବିଭିନ୍ନ କ୍ଷେତ୍ରରେ ୫୪ଟି ବୃହତ୍ ଶିଳ୍ପସଂସ୍ଥା ସ୍ଥାପନ ପାଇଁ ଅନୁମୋଦନ ଦିଆଯାଇଛି। ଏଥିମଧ୍ୟରୁ ୧୪ଟି ବୃହତ୍ ଶିଳ୍ପସଂସ୍ଥା ସ୍ଥାପିତ ହୋଇ ଆଂଶିକ କିମ୍ବା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି ବୋଲି ବିଧାନସଭାରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ଝାରସୁଗୁଡା ଜିଲାରେ ଶିଳ୍ପ ପ୍ରତିଷ୍ଠା ନେଇ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି, ସ୍ଥାପିତ ହୋଇଥିବା ୧୪ଟି ବୃହତ୍ ଶିଳ୍ପସଂସ୍ଥା ମଧ୍ୟରେ ରହିଛି ଇଷ୍ଟର୍ନ ଷ୍ଟିଲ୍ ଆଣ୍ଡ୍ ପାୱାର, ବେଦାନ୍ତ ପାୱାର, ବେଦାନ୍ତ ଆଲୁମିନିୟମ, କନ୍‌କାଷ୍ଟ ଷ୍ଟିଲ୍ ଆଣ୍ଡ୍ ପାୱାର, ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ୍, ଷ୍ଟେରଲାଇନ ଟେକ୍ନୋଲୋଜି ଲିମିଟେଡ, ଜେଏସ୍‌ଡବ୍ଲ୍ୟୁ ଏନର୍ଜି, ଅଲଟ୍ରାଟେକ୍ ସିମେଣ୍ଟ, ରୁନାୟା ରିଫାଇନିଂ ଏଲ୍‌ଏଲ୍‌ପି, ମେଫେୟାର ହୋଟେଲ୍ସ ଆଣ୍ଡ୍ ରିସର୍ଟ ଲିମିଟେଡ ଆଦି ରହିଛି।

# ଜଖପୁରା-କେନ୍ଦୁଝର ରେଳ ସେକ୍ସନ ଯାଞ୍ଚକଲେ ଡିଆର୍‌ଏମ୍

ଭୁବନେଶ୍ୱର,୨୮।୧୧
(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକ(ଡିଆରଏମ୍) ଆଲୋକ ତ୍ରିପାଠୀ ବରିଷ୍ଠ ଅଧିକାରୀଙ୍କ ସହିତ ଖୋର୍ଦ୍ଧା ରୋଡ୍‌ରୁ ଜଖପୁରା ଏବଂ ନୟାଗଡ଼ ରେଳ ସେକ୍ସନ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ଏହି ସମୟରେ ଡିଆର୍‌ଏମ୍ ତ୍ରିପାଠୀ ଟ୍ରାକ, ଆଲାଇନ୍‌ମେଣ୍ଟ, ସେତୁ, କଲଭର୍ଟ, ଲେଭଲ କ୍ରସିଂ, ସିଗ୍‌ନାଲିଂ ସ୍ଥାପନ, ଇଣ୍ଟରଲକିଂ ବ୍ୟବସ୍ଥା, ଟର୍ନଆଉଟ୍, ଡ୍ରେନେଜ ସିଷ୍ଟମ ଏବଂ ଅନ୍ୟାନ୍ୟ ସୁରକ୍ଷା କାର୍ଯ୍ୟ ସହ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବାଡ଼ ଏବଂ ସୁରକ୍ଷା ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିଥିଲେ। ଟ୍ରାକ ନବୀକରଣ, ସେତୁ ପୁନର୍ବାସ, ଷ୍ଟେଶନ ୟାର୍ଡ ଉନ୍ନତି, ଲାଇନ-କ୍ଷମତା ବୃଦ୍ଧି ପ୍ରକଳ୍ପଗୁଡ଼ିକ ସହିତ ସିଗ୍‌ନାଲିଂ ଏବଂ ବିଦ୍ୟୁତ୍‌କରଣ ପ୍ରଣାଳୀର ଉନ୍ନତି ଓ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ମଧ୍ୟ ମୂଲ୍ୟାଙ୍କନ କରାଯାଇଥିଲା। ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଯାତ୍ରୀ ସୁବିଧା ଯେପରି କି ପରିଷ୍କାର ପରିଚ୍ଛନ୍ନତା, ଆଲୋକ, ପାନୀୟ ଜଳ ସୁବିଧା, ବସିବା ବ୍ୟବସ୍ଥା, ସୂଚନା ଓ ପ୍ରଦର୍ଶନ ବୋର୍ଡ ଏବଂ ଷ୍ଟେଶନରେ ସୁରକ୍ଷା ବ୍ୟବସ୍ଥାର ମଧ୍ୟ ଯାଞ୍ଚ କରିଥିଲେ ଅଧିକାରୀ।

# ୩୦୦ କୋଟିରେ ହେବ ଅତ୍ୟାଧୁନିକ ବିପର୍ଯ୍ୟୟ ପରିଚାଳନା ଭବନ


ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଷ୍ଟେଟ୍ ଫାୟାର କମାଣ୍ଡ ସେଣ୍ଟର ବୁଲି ଦେଖୁଛନ୍ତି।

ଭୁବନେଶ୍ୱର, ୨୮।୧୧(ତ୍ରିନାଥ ମହାନ୍ତି)

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟଠାରୁ ଆଗରେ ରହିଛି। ଏହାକୁ ଆହୁରି ଦୃଢ଼ ତଥା ସଫଳ କରିବା ଲାଗି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଗୋଟିଏ ଛାତ ତଳେ ବିପର୍ଯ୍ୟୟ ପରିଚାଳନା କରିବା ଲାଗି ଭୁବନେଶ୍ୱରଠାରେ ନିର୍ମାଣ ହେବ ଅତ୍ୟାଧୁନିକ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଭବନ। ଏଥିପାଇଁ ୩ଶହ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବାବେଳେ ଆସନ୍ତା ୨ ବର୍ଷ ମଧ୍ୟରେ ଏହି ଭବନ କାର୍ଯ୍ୟକ୍ଷମ ହେବ। ଶୁକ୍ରବାର ସନ୍ଧ୍ୟାରେ ରାଜସ୍ୱ ଓ ବିପର୍ଯ୍ୟୟ

## ଷ୍ଟେଟ୍ ଫାୟାର କମାଣ୍ଡ ସେଣ୍ଟର ବୁଲି ଦେଖିଲେ ମନ୍ତ୍ରୀ

ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଭୁବନେଶ୍ୱରସ୍ଥିତ ଓଡ୍ରାଫ କାର୍ଯ୍ୟାଳୟ ପରିସରରେ ଥିବା ଷ୍ଟେଟ୍ ଫାୟାର କମାଣ୍ଡ ସେଣ୍ଟର ବୁଲି ଦେଖିବା ସହ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ବିପର୍ଯ୍ୟୟ ସମୟରେ କିଭଳି ସଂଗଠିତ ଭାବେ ବିଭାଗ-ବିଭାଗ ଭିତରେ ସମନ୍ୱୟ ରଖି ମୁକାବିଲା କରାଯାଇ ପାରିବ ସେ ନେଇ ଅଗ୍ନିଶମ ବିଭାଗ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଛନ୍ତି। ଓସ୍‌ଡମା ଏବଂ ଓଡ୍ରାଫ ସହ ଅଗ୍ନିଶମ ବିଭାଗ ବିପର୍ଯ୍ୟୟ ସମୟରେ ତ୍ୱରିତ ମୁକାବିଲା କରିବାକୁ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହି ସମୟରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାସ, ମୁଖ୍ୟ ଅଗ୍ନିଶମ ଅଧିକାରୀଙ୍କ ସହ ଅଗ୍ନିଶମ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବିପର୍ଯ୍ୟୟ ସମୟରେ ଗୋଟିଏ ଛାତ ତଳୁ ପରିଚାଳନା କାର୍ଯ୍ୟ କରାଯିବ। ଅଗ୍ନିଶମ, ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ୍ରାଫ, ଜଙ୍ଗଲ ବିଭାଗ, ପୂର୍ତ୍ତ ବିଭାଗ ଭଳି ବିଭିନ୍ନ ବିଭାଗ ଗୋଟିଏ ସ୍ଥାନରୁ ବିପର୍ଯ୍ୟୟ ପରିଚାଳନା କରିବେ।

# ନବଜାତ ଯାଆଁଳା ଶିଶୁଙ୍କୁ ଅନ୍ୟ ହାତକୁ ଟେକିଦେଲେ ଦମ୍ପତି

ଲୋଇସିଂହା,୨୮।୧୧(ସୁଶାନ୍ତ ବାରିକ)

## ଅଭାବୀ ପରିବାରର କରୁଣ ଚିତ୍ର

ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା କାରଣରୁ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳର ଏକ ଦମ୍ପତି ସେମାନଙ୍କ ନବଜାତ ଯାଆଁଳା ଶିଶୁଙ୍କୁ ଗୁରୁବାର ନିଜର ୨ ଜଣ ସମ୍ପର୍କୀୟଙ୍କ ହାତକୁ ଟେକିଦେବା ଘଟଣା ଗଭୀର ଆଲୋଡ଼ନ ସୃଷ୍ଟି କରିଛି। ଏନେଇ ଶୁକ୍ରବାର ପ୍ରଶାସନିକ ତନାଘନା ପରେ ଗୋଟିଏ ଶିଶୁ ବେଲପଡା ଥାନା ଅଞ୍ଚଳରୁ ଓ ଅନ୍ୟଟି ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ ପୁଆ ଗାଁରୁ ଉଦ୍ଧାର କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, କନ୍ଦାଜୁରୀ ପଞ୍ଚାୟତ ସଦର ଗାଁ କନ୍ଦାଜୁରୀ ଦଳିତ ବସ୍ତିର ଧର୍ମେନ୍ଦ୍ର ତାଣ୍ଡି ସୁକାନ୍ତିଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି। ସୁକାନ୍ତିଙ୍କ ଗୋଟିଏ ପୁଅ ଓ ଝିଅ ଅଛନ୍ତି। ସେ ତୃତୀୟ ଥର ପାଇଁ ଗର୍ଭବତୀ ହୋଇଥିଲେ। ଫଳରେ ଗର୍ଭ ନଷ୍ଟ ପାଇଁ ଏହି ଦମ୍ପତି କୁଆଡ଼େ ବହୁ ଉଦ୍ୟମ କରିଥିଲେ। କିନ୍ତୁ ଗର୍ଭରେ ଥିବା ଯାଆଁଳା ଶିଶୁ ପରିପକ୍ୱ ହୋଇଯାଇଥିବା କାରଣରୁ ଡାକ୍ତର କୁଆଡେ ଗର୍ଭନଷ୍ଟ କରିବାକୁ ମନା କରି ଦେଇଥିଲେ। ଗତ ୧୮ ତାରିଖରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ତାଙ୍କର ଯାଆଁଳା ଝିଅ ପୁଅ ଜନ୍ମ ହୋଇଥିଲେ। ଝିଅର ଓଜନ ଦେଢ଼ କେଜି ଓ ପୁଅର ଓଜନ ୨କେଜି ରହିଥିଲା। ଶିଶୁକନ୍ୟା ଓଜନ କମ୍ ଥିବା କାରଣରୁ ତାଙ୍କୁ ମେଡିକାଲର ଶିଶୁ ପ୍ରଯତ୍ନ କେନ୍ଦ୍ରରେ ଲାଇଟରେ ରଖାଯାଇଥିଲା। ଶିଶୁ କନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ଗୁରୁବାର ପୂର୍ବାହ୍ନରେ ମେଡିକାଲରୁ ସୁକାନ୍ତିଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ଏହି ଦମ୍ପତି କନ୍ଦାଜୁରୀ ଘରେ ରାତି ୮ଟାରେ ପହଞ୍ଚିଥିଲେ। କିନ୍ତୁ ସେମାନଙ୍କ ପାଖରେ ଶିଶୁ ନ ଥିବା ଦେଖି ପଡ଼ୋଶୀ ନାନା ଆଶଙ୍କା କରିଥିଲେ। ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ରଣା ଓ ଆଶାକର୍ମୀ ସସ୍ମିତା କୁମ୍ଭାର ସୁକାନ୍ତିଙ୍କ ଘରେ ପହଞ୍ଚି ଶିଶୁ କୁଆଡ଼େ ଗଲା, କାହାକୁ ଦେଲ କହିବା ସହ ଆହୁରି ଅନେକ ପ୍ରଶ୍ନ କରିଥିଲେ। ବହୁ ପଚରାଉଚରା ପରେ ଶିଶୁକନ୍ୟାଙ୍କୁ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ୍ ପୁଆ ଗ୍ରାମର ଜଣେ ସମ୍ପର୍କୀୟଙ୍କ ହାତକୁ ଟେକିଦେଇଥିବା କହିଥିଲେ। ସେହିପରି ଶିଶୁପୁତ୍ରଙ୍କୁ ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ୍ ଟିଙ୍ଗିଟୋଲ ଗ୍ରାମର ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ବଲାଙ୍ଗୀର ମେଡିକାଲଠାରେ ହିଁ ହସ୍ତାନ୍ତର କରିଥିବା ଜଣାଇଥିଲେ। ଏହାପରେ ଆଶାକର୍ମୀ ଏବଂ ଅଙ୍ଗନୱାଡି କର୍ମୀ ସ୍ୱାସ୍ଥ୍ୟ ବିଭାଗ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଜଣାଇଥିଲେ। ପରେ ଲୋଇସିଂହା ପୋଲିସ ତାଣ୍ଡି ଦମ୍ପତିଙ୍କ ଘରେ ପହଞ୍ଚି ଯାଆଁଳା ଶିଶୁଙ୍କ ବାବଦରେ ଖୋଳତାଡ଼ କରିଥିଲା। ଏ ସମ୍ପର୍କରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଶେଖରଲାଲ ପଧାନ କହିଛନ୍ତି, ଗୁରୁବାର ପ୍ରସୂତି ମହିଳା ଜଣକ ଡିସ୍‌ଚାର୍ଜ ହୋଇଥିଲେ। ଘରେ ପହଞ୍ଚିବା ବେଳେ ପାଖରେ ଶିଶୁ ନ ଥିବାରୁ ତଦନ୍ତ କରାଯାଇଥିଲା। ଶିଶୁ ବିକ୍ରି ନୁହେଁ , ଅଭାବ କାରଣରୁ ଲାଳନପାଳନ ପାଇଁ ଯାଆଁଳା ଶିଶୁଙ୍କୁ ସମ୍ପର୍କୀୟଙ୍କୁ ଦେଇ ଦେଇଥିବା ଦମ୍ପତି କହିଛନ୍ତି।

ସେହିପରି ଗର୍ଭାବସ୍ଥା ସମୟରେ ଗର୍ଭ ନଷ୍ଟ ପାଇଁ ପ୍ରୟାସ କରିଥିବା ତଦନ୍ତ ବେଳେ ଧର୍ମେନ୍ଦ୍ର କହିଥିବା ଆଇସିଡିଏସ୍ ସୁପରଭାଇଜର ବୀନନ୍ଦା ମିଶ୍ର ପ୍ରକାଶ କରିଛନ୍ତି। ଶିଶୁ ବିକ୍ରିକୁ ଅଧିକାରୀମାନେ ଖଣ୍ଡନ କରିଛନ୍ତି। ସରପଞ୍ଚ ଜାମିନୀ ମହାନନ୍ଦ କହିଛନ୍ତି, ଖବର ପାଇ ଗୁରୁବାର ରାତିରେ ପୋଲିସ ବିଭାଗୀୟ କର୍ମଚାରୀଙ୍କ ସହ ଧର୍ମେନ୍ଦ୍ରଙ୍କ ଘରକୁ ଯାଇଥିଲା। ତେବେ ଗର୍ଭ ସଞ୍ଚାରଠାରୁ ମେଡିକାଲରେ ଶିଶୁ ଜନ୍ମହେବା ପର୍ଯ୍ୟନ୍ତ ଖର୍ଚ୍ଚ ବହନ କରିଥିବା ୨ ସମ୍ପର୍କୀୟଙ୍କୁ ଶିଶୁଦ୍ୱୟଙ୍କୁ ଲାଳନପାଳନ ପାଇଁ ଦେଇଥିବା ଏହି ଦମ୍ପତି ଜଣାଇଥିଲେ। ତେବେ କାହାକୁ ନ ଜଣାଇ ଶିଶୁ ଦ୍ୱୟଙ୍କୁ ଅନ୍ୟ ଲୋକଙ୍କୁ ଟେକିଦେଇଥିବା ସରପଞ୍ଚ ମହାନନ୍ଦ କହିଛନ୍ତି। ସୂଚନା ଅନୁଯାୟୀ , ଧର୍ମେନ୍ଦ୍ର ପୂର୍ବରୁ ସୁକାନ୍ତିଙ୍କ ବଡ଼ ଭଉଣୀଙ୍କୁ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀର ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ପ୍ରଥମ ସ୍ତ୍ରୀ ପୁଅକୁ ସାଙ୍ଗରେ ନେଇ କୁଆଡ଼େ ଚାଲିଯାଇଛନ୍ତି। ଦିବ୍ୟାଙ୍ଗ ଝିଅ ବାପାଙ୍କ ସହ ରହୁଛନ୍ତି। ପ୍ରଥମ ସ୍ତ୍ରୀ ଅନ୍ୟତ୍ର ପଳାଇବା କାରଣରୁ ସୁକାନ୍ତିଙ୍କୁ ସେ ଦ୍ୱିତୀୟ ବିବାହ କରିଥିଲେ। ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିବାରୁ ଯାଆଁଳା ଶିଶୁ ଚଳାଇବା କଷ୍ଟକର ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଅପରାଧ

# ବିଜୟ, ନିକୁଞ୍ଜଙ୍କ ଘର ସମେତ ୭ ସ୍ଥାନରେ ଇଡି ଚଢ଼ାଉ

**୩,୭୦୦ କୋଟିର ଆଦର୍ଶ ଚିଟ୍‌ଫଣ୍ଡ ଠକେଇ ମାମଲା**

ଭୁବନେଶ୍ୱର,୨୮।୧୧(ତ୍ରିନାଥ ମହାନ୍ତି)


ନିକୁଞ୍ଜ ସାମନ୍ତରାୟଙ୍କ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଘରେ ଇଡି ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

ଆଦର୍ଶ ଚିଟ୍‌ଫଣ୍ଡ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶୁକ୍ରବାର ଭୁବନେଶ୍ୱର ସମେତ ୭ଟି ସ୍ଥାନରେ ଚଢାଉ କରିଛି। ଏଥିମଧ୍ୟରେ ଆଦର୍ଶ ଗ୍ରୁପ୍ ଚିଟ୍‌ଫଣ୍ଡ ଲିମିଟେଡ୍‌ର ନିକୁଞ୍ଜ ସାମନ୍ତରାୟଙ୍କ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଘର, କମ୍ପାନୀର ପୂର୍ବତନ ଏମ୍‌ଡି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ପଞ୍ଚାୟତର ବିଜୟ ରାଉତ ଓ କର୍ମଚାରୀ ରାମକୃଷ୍ଣପୁର ପଞ୍ଚାୟତର ଜିତେନ୍ଦ୍ର ଓଝାଙ୍କ ଘର ରହିଛି। ସେମାନଙ୍କ ଘରୁ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ପଚରାଉଚରା କରିଛି। ନିକୁଞ୍ଜଙ୍କୁ ଘରେ ସନ୍ଧ୍ୟା ପର୍ଯ୍ୟନ୍ତ ଚଢ଼ାଉ ଓ ଯାଞ୍ଚ ଜାରି ରହିଥିବାବେଳେ ବହୁ ଦସ୍ତାବିଜ ଓ ଡିଜିଟାଲ ପ୍ରମାଣ ଇଡି ଅଧିକାରୀମାନେ ଜବତ କରିନେଇଛନ୍ତି। ସେହିପରି ଜିତେନ୍ଦ୍ରଙ୍କୁ ଇଡି ଟିମ୍ ନିଜ ସହ ନେଇ ଘନ ଘନ ଜେରା କରୁଛି। ଇଡିର ଦୁଇଟି ଟିମ୍‌ରେ ୮ଜଣ ଅଫିସର ଏହି ଚଢ଼ାଉରେ ସାମିଲ ଥିବାବେଳେ କମ୍ପାନିର ବହୁ କର୍ମଚାରୀଙ୍କ ଘର ସମେତ ଏକାଧିକ ସ୍ଥାନରେ ଚଢ଼ାଉ ଚାଲିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ୨୦୧୦ ମାର୍ଚ୍ଚ ୨୧ରେ ଆରମ୍ଭ ହୋଇଥିବା ଆଦର୍ଶ ଗ୍ରୁପ୍ ଲୋକଙ୍କୁ ଜମା ଟଙ୍କାର ଦୁଇଗୁଣା ଦେବାକୁ ଲୋଭ ଦେଖାଇ ୩,୭୦୦ କୋଟିର ଠକେଇ କରିଥିଲା। ପ୍ରଥମେ ୨୦୧୪ରେ ସିବିଆଇରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ସିବିଆଇର ମାମଲା ଆଧାରରେ ଇଡି ବେଆଇନ ଅର୍ଥ କାରବାର ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅଭିଯୋଗ ପରେ କମ୍ପାନୀ ମୁଖ୍ୟ ବିଜୟ ରାଉତ, ନିକୁଞ୍ଜଙ୍କ ସମେତ ଅନ୍ୟ କେତେଜଣଙ୍କୁ ଗିରଫ କରାଯାଇଥିଲା। ୪ ବର୍ଷ ଜେଲରେ ବିତାଇଲା ପରେ ବିଜୟ ରାଉତ ବେଲ୍‌ରେ ଆସିଥିଲେ। ସେହିପରି ନିକୁଞ୍ଜଙ୍କୁ ୪ବର୍ଷ ଜେଲ ଦଣ୍ଡ ଶୁଣାଇଥିଲେ କୋର୍ଟ।

# ବାଲି ଉତ୍ତୋଳନକୁ ବିରୋଧ କରିବାରୁ ଗୋଡ଼ାଇ ହାଣିଲେ

- ଚୋରା ଚାଲାଣକାରୀଙ୍କ ଦୌରାତ୍ମ୍ୟ
- ୩ ଗ୍ରାମବାସୀ ଆହତ, ଜଣେ ଗୁରୁତର

ଲଙ୍ଗଳେଶ୍ୱର, ୨୮।୧୧(କମଳାକାନ୍ତ ଦାସ)


ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଆକ୍ରମଣରେ ଗୁରୁତ୍ୱର ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭେଟୁଛନ୍ତି।

ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନକୁ ବିରୋଧ କରିବାରୁ ଗ୍ରାମବାସୀଙ୍କୁ ଆକ୍ରୋଶର ଶିକାର ହେବାକୁ ପଡ଼ିଛି। ଚୋରା ଚାଲାଣକାରୀମାନେ ଜଣଙ୍କୁ ଗୋଡ଼ାଇ ହାଣିବା ସହ ଗୋଷ୍ଠୀ ସଂଘର୍ଷ ଘଟି ୩ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ବସ୍ତା ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୁରୁତରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ଗିଲାଯୋଡ଼ି ଗ୍ରାମରେ।

ଶୁକ୍ରବାର ପୂର୍ବାହ୍ନରେ ଚୋରାଚାଲାଣକାରୀମାନେ ବାଲି ଉତ୍ତୋଳନ କରୁଥିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଚୋରାଚାଲାଣକାରୀମାନେ ପ୍ରଥମେ ତାପସ ଜେନା ନାମକ ବ୍ୟକ୍ତିଙ୍କୁ ଗୋଡ଼ାଇ ହାଣିଥିଲେ। ଏହାପରେ ଉଭୟ ଗ୍ରାମବାସୀ ଓ ବାଲି ଚୋରାଚାଲାଣକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଚୋରାଚାଲାଣକାରୀଙ୍କ ଆକ୍ରମଣରେ ଗ୍ରାମର ୩ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ବସ୍ତା ହସପିଟାଲରେ ଭର୍ତ୍ତି କରାଯାଇଥିଲା। ତାପସଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମେଡିକାଲ କଲେଜରେ ପହଞ୍ଚି ଆହତ ତାପସଙ୍କୁ ସାକ୍ଷାତ୍ କରିଛନ୍ତି। ତାପସଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଏମ୍‌ପି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଅପରପକ୍ଷରେ ବେଆଇନ ବାଲି ଉତ୍ତୋଳନ ବନ୍ଦ କରିବା ସହ ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଯୁବକଙ୍କୁ ଇଟାରେ ଛେଚି ହତ୍ୟା

ଉଦଳା(ସନ୍ତୋଷ କୁମାର ବାଛିନୀ)/ ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଣ୍ଡୁଆଳ),୨୮।୧୧

## ହାଟକୁ ଯାଇ ଘରକୁ ଫେରିଲେ ନାହିଁ

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ଖୁଣ୍ଟା ଗ୍ରାମରେ ଜଣେ ଯୁବକଙ୍କୁ ଇଟାରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ସ୍ଥାନୀୟ ଖପରାପାଳ ଗ୍ରାମର ଗଣେଶ ହେମ୍ବ୍ରମ। ଏହି ଘଟଣାରେ ପୋଲିସ ସନ୍ଦେହରେ ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଗୁରୁବାର ଗଣେଶ ଖୁଣ୍ଟା ସାପ୍ତାହିକ ହାଟକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳ ୭ଟା ସମୟରେ ରାସ୍ତା ପାର୍ଶ୍ୱରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖୁଣ୍ଟା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଗଣେଶଙ୍କ ମୁହଁକୁ ଅତି ନିର୍ମମ ଭାବେ ଇଟାରେ ଛେଚି ହତ୍ୟା କରାଯାଇଥିବା ପୋଲିସ ଜାଣିବାକୁ ପାଇଥିବା ବେଳେ କେଉଁ କାରଣରୁ ହତ୍ୟାକାଣ୍ଡ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ମୃତଦେହ ପାଖରେ ଏକ ଗାଡ଼ି ଚାବି ପଡ଼ିଥିବା ବେଳେ ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ଲୋଡ଼ିଛି ପୋଲିସ। ମୃତକଙ୍କ ଭାଇ ସୁରଜ ହେମ୍ବ୍ରମଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା(ନଂ.୩୮୦/୨୫) ରୁଜୁକରିଛି। ଏସ୍‌ପି ବରୁଣ ଗୁଣ୍ଟୁପାଲି ଏବଂ ଉଦଳା ଏସ୍‌ଡିପିଓ ହୃଷୀକେଶ ନାୟକ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି।

# ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

ଉଦଳା,୨୮।୧୧(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ତେଲଦିହୁଡ଼ି ଗ୍ରାମରେ ସ୍ତ୍ରୀଙ୍କୁ ପିଟି ସ୍ୱାମୀ ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରଶେଖର ମଲ୍ଲିକଙ୍କୁ ଗିରଫ କରିଛି। ମୃତ ମହିଳା ହେଲେ ରଞ୍ଜିତା ମଲ୍ଲିକ। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ସ୍ୱାମୀ ଚନ୍ଦ୍ରଶେଖର ଘରକୁ ଫେରିବା ସମୟରେ ସ୍ତ୍ରୀ ରଞ୍ଜିତାଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଚନ୍ଦ୍ରଶେଖର ଏକ ବାଡ଼ିରେ ରଞ୍ଜିତାଙ୍କୁ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ସମୟରେ ପରିବାର ଲୋକ କେହି ଘରେ ନ ଥିବାରୁ ଚନ୍ଦ୍ରଶେଖର ମୃତଦେହ ଜଗି ବସିଥିଲେ। ପରିବାର ଲୋକେ ଆସିବା ପରେ ସେ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(ନଂ. ୪୫୬/୨୫) ରୁଜୁ ହୋଇଛି।

# ଏଏନ୍‌ଏମ୍ ଆକ୍ରମଣକାରୀ ଯୁବକ ଗିରଫ

- ବାଟୁଲିଖଡ଼ାରେ ଆକ୍ରମଣ କରି ଗୁରୁତର କରିଥିଲେ
- ସ୍ୱାସ୍ଥ୍ୟକର୍ମୀଙ୍କ ପରେ କାର୍ଯ୍ୟାନୁଷ୍ଠାନ ଦାବିକଲେ ଆଶାକର୍ମୀ

ଦାରିଙ୍ଗବାଡି, ୨୮।୧୧ (ଅରୁଣ ସାହୁ)


ଆଶାକର୍ମୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜଙ୍କୁ ଦାବିପତ୍ର ଦେଉଛନ୍ତି।

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସୋନପୁର ଉପସ୍ୱାସ୍ଥ୍ୟକେନ୍ଦ୍ରର ଏଏନ୍‌ଏମ୍ ବୁଲିଦେଇ ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଟକ ଯୁବକଙ୍କୁ ଦାରିଙ୍ଗବାଡି ପୋଲିସ ଶୁକ୍ରବାର ଗିରଫକରି କୋର୍ଟଚାଲାଣ କରିଛି। ସେ ହେଲେ ସୋନପୁରର ଗୋବିନ୍ଦ ବେହେରା (୨୬)। ଦାରିଙ୍ଗବାଡି ଜେଏମ୍‌ଏଫସିରେ ତାଙ୍କୁ ହାଜର କରାଯାଇଥିଲା। ସେଠାରେ ଗୋବିନ୍ଦଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ତାଙ୍କୁ ବାଲିଗୁଡା ବିଚାରବିଭାଗୀୟ ହାଜତକୁ ପଠାଯାଇଛି

ଖବରରୁ ପ୍ରକାଶ, ମଙ୍ଗଳବାର ଏଏନ୍‌ଏମ୍ ବୁଲିଦେଇ ନିଜ ସରକାରୀ ବାସଭବନରେ କାର୍ଯ୍ୟ କରୁଥିବା ବେଳେ ଗୋବିନ୍ଦ ପୂର୍ବରୁ ଆସି ତାଙ୍କ ଘର ବାହାରେ ଲୁଚି ରହିଥିଲେ। ବୁଲି ତାଙ୍କ ଘର ଫାଟକରେ ତାଲା ପକାଇବାକୁ ଆସିଥିବା ବେଳେ ଗୋବିନ୍ଦ ବାଟୁଲିଖଡ଼ାରେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବୁଲିଙ୍କ ବାମ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱରର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଏନେଇ ବୁଧବାର ବୁଲିଙ୍କ ମା' ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଥାନାରେ ଅଭିଯୋଗ ପରେ ନଂ. ୨୨୭/୨୫ରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଗୋବିନ୍ଦଙ୍କୁ ଧରି ଆଣି ଅଟକ ରଖି ପଚରାଉଚରା ଜାରି ରଖିଥିଲା। ଏବେ ତାଙ୍କୁ ଗିରଫ କରାଯାଇଛି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବ୍ଲକ୍‌ର ୨୫ ପଞ୍ଚାୟତର ମହିଳା ସ୍ୱାସ୍ଥ୍ୟକର୍ମୀ ବୁଲିଙ୍କୁ ମାଗଣା ଚିକିତ୍ସା, ସମସ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସୁରକ୍ଷା ଦେବା ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେମାନେ ଏନେଇ ବିଭାଗୀୟ ମନ୍ତ୍ରୀ, ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଶୁକ୍ରବାର ଆଶାକର୍ମୀମାନେ ସମାନ ଦାବି ରଖି ଗୋବିନ୍ଦଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଏକ ଦାବିପତ୍ର ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ସେମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ମଧ୍ୟ ଚିଠି ଲେଖିଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇ ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥବା ତଦନ୍ତକାରୀ ଅଧିକାରୀ ଜୟନ୍ତ ସେଠୀ କହିଛନ୍ତି।



ଦୁଇ ଦିନିଆ ଓଡ଼ିଶା ଗସ୍ତ ଶେଷ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏହି ଅବସରରେ ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ବିଦାୟ ସମ୍ବର୍ଦ୍ଧନା ଦେଉଛନ୍ତି।

# ଗୋଚାଲାଣ ମାମଲାରେ କନ୍‌ଷ୍ଟେବଲ ଗିରଫ

କେନ୍ଦୁଝର,୨୮।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୋଲିସ ଶୁକ୍ରବାର ଗୋଚାଲାଣ ମାମଲାରେ ତେଲକୋଇ ଥାନାର ଜଣେ କନ୍‌ଷ୍ଟେବଲଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଗୋରହରି ପାତ୍ର। ସେ ଗୋଚାଲାଣକାରୀଙ୍କୁ ପୋଲିସ ଟିମ୍ର ଗତିବିଧି ସମ୍ପର୍କରେ ଆଗୁଆ ସୂଚନା ଦେଇ ଆସୁଥିଲେ। ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ଗତ ବୁଧବାର ରାତିରେ ବେଆଇନ ଗୋଚାଲାଣ ଖବରପାଇ ପୋଲିସ ଚଢ଼ାଉ କରିଥିଲା। ପିଟମାଳି ଗ୍ରାମ ନିକଟରୁ ୩ ଗୋରୁ ବୋଝେଇ ଗାଡ଼ି ଜବତ କରିଥିଲା। ଚଢ଼ାଉ ବେଳେ ଗାଡ଼ି ଛାଡ଼ି ଗୋଚାଲାଣକାରୀ ଫେରାର ହୋଇଯାଇଥିଲେ। ପୋଲିସ ଗାଡ଼ି ଜବତ ସହ ୧୪ ଗୋରୁ ଉଦ୍ଧାର କରିଥିଲା। ପୋଲିସ ଗୋଇନ୍ଦା ବିଭାଗ ମୋବାଇଲ ଟ୍ରାକ୍ କରିବା ବେଳେ କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି ଜାଣିବାକୁ ପାଇଥିଲା। ଘଟଣାର ତଦନ୍ତ ବେଳେ ସେମାନଙ୍କ ସହ କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ପୋଲିସ ତାଙ୍କୁ ତଦନ୍ତ ପରିସରଭୁକ୍ତ କରିଥିଲା। ପୋଲିସ ଏକ ମାମଲା (ନଂ.୩୨୨/୨୫) ରୁଜୁକରି ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରିଛି। ତେଲକୋଇ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର କହିଛନ୍ତି, ଅନୁଗୋଳର ଖମାର ଅଞ୍ଚଳରୁ ତେଲକୋଇ ଦେଇ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ୩ ବୋଲେରୋ ଜବତ କରାଯାଇ ୧୪ ଗୋରୁ ଉଦ୍ଧାର ହୋଇଥିଲା।

**ଖାକିରେ ଦାଗ**

# ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

## ନାବାଳିକାଙ୍କୁ ଏସିଡ୍ ଫିଙ୍ଗା ଘଟଣା

ଯାଜପୁର ଟାଉନ,୨୮।୧୧ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ଜଣେ ନାବାଳିକାଙ୍କୁ ଏସିଡ୍ ଫିଙ୍ଗି ହତ୍ୟା ଉଦ୍ୟମ ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରା ଜଜ୍ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ ୧୧ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଅଭିଯୁକ୍ତ ସୌମ୍ୟରଞ୍ଜନ ସାମଲ ଓରଫ୍ ପୁଅ ସାର୍ ଓ ବିଟ୍ ଓରଫ୍ ପ୍ରଶାନ୍ତ ରାୟଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ୧ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟରେ ଅଧିକ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ଜୁନ ୬ରେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକା ନଳକୂପ ନିକଟରେ ଗାଧୋଉଥିଲେ। ଏହି ସମୟରେ ସ୍ଥାନୀୟ ଗ୍ରାମର ଅଭିଯୁକ୍ତ ସୌମ୍ୟରଞ୍ଜନ ଲୁଚିକି ଦେଖୁଥିଲେ। ନାବାଳିକା ଏହା ଜାଣିପାରି ନିଜ ମା'ଙ୍କୁ ଜଣାଇଥିଲେ। ଏହାପରେ ନାବାଳିକାଙ୍କ ମା' ଏ ସମ୍ପର୍କରେ ଅଭିଯୁକ୍ତଙ୍କୁ ପଚାରିଥିଲେ। ଏହାର ଦୁଇ ଦିନ ପରେ ଅର୍ଥାତ୍ ଜୁନ ୮ ତାରିଖ ରାତି ୧୧ଟାରେ ନାବାଳିକା, ତାଙ୍କ ମା' ଓ ଭାଇ ପରିସ୍ରା ପାଇଁ ପଦାକୁ ଉଠିଥିବାବେଳେ ସୌମ୍ୟରଞ୍ଜନ ଓ ସାଥୀ ପ୍ରଶାନ୍ତ ଯାଇ ନାବାଳିକାଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲେ। ଏସିଡ୍ ମାଡ଼ରେ ନାବାଳିକାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ନାବାଳିକାଙ୍କ ମା' ଜୁନ ୧୦ରେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ତାଳଚେର ପୌର ପରିଷଦ ଅଧ୍ୟକ୍ଷଙ୍କ ଦାବି ପୂରଣର ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧୧(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ଆୟୋଜିତ ମିଶ୍ରଣ ପର୍ବରେ ତାଳଚେର ପୌର ପରିଷଦ ଅଧ୍ୟକ୍ଷ ପବିତ୍ର ଭୂତିଆଙ୍କ ସମେତ ୧୩ କାଉନସିଲର ଦଳରେ ସାମିଲ ହୋଇଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତକରି ସ୍ଥାନୀୟ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ଅବଗତ ହେବା ପରେ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଆଉ କେତେଜଣ ମନ୍ତ୍ରୀ ମଧ ଦଳୀୟ କାର୍ଯ୍ୟାଳୟଠାରେ ଉପସ୍ଥିତ ଥିଲେ। ସେମାନଙ୍କ ବିଭାଗ ଅନ୍ତର୍ଗତ କିଛି ସମସ୍ୟା ସମ୍ପର୍କରେ ସେମାନେ ନୋଟ୍ କରିବା ସହ ତୁରନ୍ତ ତାହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Admin Manager Needed for 4 wheeler Dealership in Bhubaneswar with 2-5 years experience in administration.
Send resume to : csgargsongroup@gmail.com
Cc to: siddharth9909@gmail.com
Call - +91 7855040457

SB SAHOO & CO PVT LTD
BHUBANESWAR
We are hiring **Accounting Professional**.
Qualification : Inter CA/Inter CMA
Salary is not a barrier for the right talent
Email : sbsahoo2005@yahoo.co.in
Mobile : 9124560515

REQUIRED
4 wheeler Dealership requires **Sales Consultant, Sweeper, Driver** for **Bhawanipatna** Location only.
Call : +91 9438395880 / 93489 40535

REQUIRED
**Bodyshop Advisor** Needed for 4 wheeler Dealership with Diploma Automobile / Mechanical having 0-2 years experience. Send cv to:
servicemanager@capitaltoyota.in
Cc to: siddharth9909@gmail.com
Call - +917978558195

SHATAYUSHI HEALTHCARE PVT LTD of Maharashtra having 1200+ Allopathy product basket, REQUIRES
BUSINESS DEVELOPMENT EXECUTIVE
(For BHUBANESWAR/ CUTTACK)
send resume on whatsapp only
Neeraj Pathak 7385495717 | Subhash Kelkar 9923000311

WANTED
NEED 15 LABOUR for RAJIV AUTOMATION PVT. LTD.
Electrical Panel Factory Manufacturer
Call: 8260810076

SWETA AGENCIES
**We are hiring**: Sales & Marketing Executive
**Qualification**: Graduate from any background
**Skills** : Fluent in English Speaking
Location : Mancheswar I.E.S., Bhuabneswar
Contact for more details :
Mail : agenciessweta2005@gmail.com
Mob No. : 7008576691

Marketing ଷ୍ଟାଫ ଆବଶ୍ୟକ
ଜଗତ୍‌ସିଂହପୁରରେ Ready Mix କଂକ୍ରିଟ ପ୍ଲାଣ୍ଟରେ କାର୍ଯ୍ୟ ପାଇଁ ମାର୍କେଟିଙ୍ଗ, Quality Engineer, ପ୍ଲାଣ୍ଟ ମ୍ୟାନେଜର, ଇଞ୍ଜିନିୟର ଓ ଅନ୍ୟାନ୍ୟ ଷ୍ଟାଫ୍ ଆବଶ୍ୟକ।
Wp no. 9124416556

See Career Appointment on every Wednesday & Saturday

## ନାରୀ ସଂଘ ଭିତରକୁ ପଶିବାକୁ ଉଦ୍ୟମ

# ପୂଜାଙ୍କ ପୁରୁଷବନ୍ଧୁ ଥାନାରେ ଅଟକ

## ପାଳିତ ମା'ଙ୍କୁ ବ୍ଲାକମେଲ୍ କରୁଥିଲେ ଅମର

ବାଲେଶ୍ୱର,୨୮।୧୧(ବାଞ୍ଛାନିଧି ଦେ)



ଅମର ଦାସ

ବାଲେଶ୍ୱର ନାରୀ ସଂଘରେ ରହୁଥିବା ଆମେରିକା ଫେରନ୍ତା ପୂଜା ନାୟକ ଓରଫ୍ ସେଜଲ ଜୋହନଙ୍କୁ ଶୁକ୍ରବାର ଦେଖା କରିବାକୁ ଆସିଥିବା ପୁରୁଷବନ୍ଧୁ ଅମର ଦାସଙ୍କୁ ପୋଲିସ ଅଟକ ରଖିଛି। ଅମର ନାରୀ ସଂଘରେ ପହଞ୍ଚି ପୂଜାଙ୍କୁ ଦେଖା କରିବାକୁ ଚାହୁଁଥିଲେ। ଅମରଙ୍କ ସହ ତାଙ୍କ ଅଜା, ଆଈ ଥିଲେ। ନାରୀ ସଂଘ କର୍ତ୍ତୃପକ୍ଷ ଅମରଙ୍କ ପରିଚୟ ପତ୍ର ମାଗିଥିଲେ। ତାଙ୍କ ନିକଟରେ କୌଣସି ପରିଚୟପତ୍ର ନାହିଁ କହିଥିଲେ। ତେବେ ପୂଜା ସହ ଦେଖା ହୋଇପାରିବ ନାହିଁ ବୋଲି କୁହାଯିବାରୁ ସେ ସେଠାରେ ହୋ-ହଲ୍ଲା କରିଥିଲେ। ସେ ପୂଜାଙ୍କୁ ଦେଖା କରିବା ଓ ବାହା ହେବାକୁ ଅଡ଼ି ବସିବା ସହ ନାରୀ ସଂଘ ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ନାରୀ ସଂଘ ପରିସରରେ ବିଶୃଙ୍ଖଳା ସୃଷ୍ଟି ହେବାରୁ ପୋଲିସକୁ ଖବର ଦିଆଯାଇଥିଲା। ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ଅମରଙ୍କୁ ଥାନାକୁ ନେଇଆସିଥିଲେ। ଅପରପକ୍ଷରେ ପାଳିତ ମା' ସୁଶି ଜୋହନଙ୍କୁ ବିଭିନ୍ନ ସମୟରେ ଅମର ବ୍ଲାକମେଲ୍ କରୁଥିବା ସୂଚନା ମିଳିଛି। ନିଜ ମାଉସୀଙ୍କ ଆକାଉଣ୍ଟ ନମ୍ବର ଦେଇ ୧କୋଟି ଟଙ୍କା ମାଗିଥିବା ସୂଚନା ରହିଛି। ପୋଲିସ ତାଙ୍କ ମୋବାଇଲକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରିରଖିଛି।

ପୂଜା ଛୋଟ ବେଳେ ଟ୍ରେନ୍‌ରେ ମା'-ବାପାଙ୍କଠାରୁ ଅଲଗା ହୋଇଯାଇଥିଲେ। ଏକ କନ୍ୟାଶ୍ରମରେ ରହି ପଢୁଥିବା ବେଳେ ୨୦୧୮ରେ ଆମେରିକାର ଏକ ଦମ୍ପତି ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ଆମେରିକା ନେଇଯାଇଥିଲେ। ପୂଜା ପଢୁଥିବା ବେଳେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଆଳଦା ଗ୍ରାମର ସାଙ୍ଗ ଅମର ଦାସଙ୍କ ସହ ପରିଚିତ ହୋଇଥିଲା। ୨୦୨୪ରେ ସୋସିଆଲ ମିଡ଼ିଆ ଜରିଆରେ ପୂଜାଙ୍କ ସହ ଅମରଙ୍କର ପୁଣି ଯୋଗାଯୋଗ ହୋଇଥିଲା। ପୂଜାଙ୍କୁ ପୋଷ୍ୟକନ୍ୟା କରିଥିବା ଆମେରିକାର ଦମ୍ପତି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ ଅମରଙ୍କ ନିକଟକୁ ସେ ଭିଡିଓ ପଠାଇ ଓଡ଼ିଶା ଫେରିଆସିବାକୁ ଆକୁଳ ନିବେଦନ କରିଥିଲେ। ଏ ସମ୍ପର୍କରେ ଅମର ଗତ ୧୦ ତାରିଖରେ ବାଲେଶ୍ୱର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ହସ୍ତକ୍ଷେପ ଫଳରେ ଆମେରିକାରୁ ପୂଜାଙ୍କୁ ମଙ୍ଗଳବାର ଓଡ଼ିଶା ଫେରାଇ ଅଣାଯାଇଥିଲା। ଭୁବନେଶ୍ୱର ବିମାନବନ୍ଦରରେ ପୂଜା ପହଞ୍ଚିବା ପରେ ଆମେରିକାରେ ନିର୍ଯାତନା କଥା ମିଛ ବୋଲି ଗଣମାଧ୍ୟମକୁ ଜଣାଇଥିଲେ। ସେ ଅମରଙ୍କୁ ଭଲ ପାଉଛନ୍ତି, ତାଙ୍କୁ ବାହା ହେବା ପାଇଁ ଆମେରିକାରୁ ଓଡ଼ିଶା ଆସିଛନ୍ତି ବୋଲି କହିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ସହ ଉକ୍ତ ରାତିରେ ପୂଜା ବାଲେଶ୍ୱରରେ ପହଞ୍ଚିଥିଲେ। ପୂଜାଙ୍କୁ ନାରୀ ଶକ୍ତି ସଦନ (ନାରୀ ସଂଘ) ରେ ରଖାଯାଇଥିଲା। ତେବେ ଅମରଙ୍କ ପ୍ରରୋଚନାରେ ପୂଜାଙ୍କୁ ମିଛ ଡ୍ରାମା କରି ଓଡ଼ିଶା ଫେରାଇ ଆଣିବାକୁ ପ୍ରୟାସ କରାଯାଇଥିବା ଅଭିଯୋଗ ହୋଇଛି। ସେହି ମିଛ ଭିଡିଓକୁ ସୋସିଆଲ ମିଡିଆରେ ଅମର ପୋଷ୍ଟିଂ କରିଥିଲେ। ଉକ୍ତ ଭିଡିଓକୁ ଡିଲିଟ୍ କରିବା ପାଇଁ ଆମେରିକାର ପାଳିତା ମା'ଙ୍କୁ ଅମର ବିଭିନ୍ନ ସମୟରେ ଟଙ୍କା ମାଗିଥିବା ସୂଚନା ମିଳିଛି। ପୋଲିସ ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ।

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-SIG-ZONAL-TLHR-521, ତା.25.11.2025ରିଖ
କାର୍ଯ୍ୟର ନାମ : 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/ତାଳଚେର(TLHR) ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ ଜୋନାଲ (Zonal) କାର୍ଯ୍ୟ।
ଟେଣ୍ଡର ମୂଲ୍ୟ (₹): 91,41,421.06, EMD (₹) : 1,82,800.00 ।
ବିଡ୍ ଆରମ୍ଭ ହେବା ତାରିଖ : ତା.03.12.2025 ରିଖ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.12.2025 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-849/Q/25-26

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIIBBS 2025054, ତା.24.11.2025ରିଖ
କାର୍ଯ୍ୟର ନାମ : ନୟାଗଡ଼ ଏବଂ ଭୁବନା ମଧ୍ୟରେ ନୂଆ ଲାଇନ୍ : ବ୍ୟବହାର ଅନୁପଯୋଗୀ PSC ସ୍ଲିପର ଦ୍ୱାରା ଜମି ସୀମା ପୋଷ୍ଟଗୁଡ଼ିକର ବ୍ୟବସ୍ଥା ସହିତ ସମ୍ପୃକ୍ତ ବିଭାଗ/ ମନ୍ତ୍ରଣାଳୟଗୁଡ଼ିକର ପ୍ରଚଳିତ ଅଧିନିୟମ/ନିୟମ ଅନୁଯାୟୀ ଘରୋଇ/ସରକାରୀ/ ଜଙ୍ଗଲ ଜମିର ଅଧିଗ୍ରହଣ/ ପୃଥକୀକରଣ/ଡାଇଭର୍ସନ (Diversion) ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବର ପ୍ରସ୍ତୁତି ଏବଂ ଜମା କରିବା ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 36.82 ଲକ୍ଷ, EMD (ଟଙ୍କାରେ): 73,600/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.12.2025 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚିତ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର
PR-170/CI/25-26

SAMBALPUR DISTRICT CO-OPERATIVE CENTRAL BANK
QUOTATION CALL NOTICE
No.4238/CB/CT/2025-26 Dt.28.11.2025
Sambalpur District Co-Operative Central Bank (SDCCB) invites Quotation call notice for printing & supply of New Year Wall Date Picture Calendar & Diary -2026. For details please visit websites: www.sambalpurdccb.bank.in.The last date for receipt of proposal is **06.12.2025 at 3.00 PM.** SDCCB reserves the right to accept/ reject any/ all Quotation without assigning any reason thereof.
Sd/-
Chief Executive Officer
SAMBALPUR DISTRICT CO-OPERATIVE CENTRAL BANK
HEAD OFFICE: BARGARH-768028
Email:headoffice@sambalpurdccb.com

କର୍ମଚାରୀ ଭବିଷ୍ୟନିଧି ସଂଗଠନ
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼
ପ୍ରେସ୍ ବିଜ୍ଞପ୍ତି
ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଡିସେମ୍ବର ମାସ ପାଇଁ "ନିଧି ଆପ୍‌କେ ନିକଟ" ଏବଂ "ପେନସନ ଅଦାଲତ" ତା.୧୦.୧୨.୨୦୨୫ରିଖ (ବୁଧବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନସନ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସ୍‌ରେ ଥିବା ଡ୍ରପ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୩୦.୧୧.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।
କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା
SAI/RKL/0183/25

ଖଡ଼ଗପୁର ମଣ୍ଡଳରେ ବିବିଧ ଷ୍ଟାଟିକ୍ ସେବା ଠିକାଗୁଡ଼ିକ ପାଇଁ ଇ-ନିଲାମ ବିଜ୍ଞପ୍ତି
ଇ-ନିଲାମ ବିଜ୍ଞପ୍ତି ନଂ.: କେଜିପି/ଏମ୍ଏସ୍ଏସ୍/୨୦୨୫/୧୬, ତାରିଖ: ୨୭।୧୧।୨୦୨୫
ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ୫ (ପାଞ୍ଚ) ବର୍ଷ ଅବଧି ପାଇଁ **ମେଚେଡ଼ା**ଠାରେ ୧ ଗୋଟି ପାର୍ସଲ ସ୍କାନର୍, **ବାଲେଶ୍ୱର**ଠାରେ ୧ ଗୋଟି ପାର୍ସଲ ସ୍କାନର୍, **ପାଂସକୁରା**ଠାରେ ୧ ଗୋଟି ପାର୍ସଲ ସ୍କାନର୍, **ଖଡ଼ଗପୁର**ଠାରେ ୧ ଗୋଟି ପାର୍ସଲ ସ୍କାନର୍ ଏବଂ **ହିଜଲି** ରେଳ ଷ୍ଟେଶନଠାରେ ୧ ଗୋଟି ପାର୍ସଲ ସ୍କାନର୍ ସ୍ଥାପନ ଲାଗି ଇ-ନିଲାମ ଆହ୍ୱାନ କରୁଛନ୍ତି । ନିଲାମ କାଟାଲଗ୍ ନଂ.: ଏମ୍ଏସ୍ଏସ୍-କେଜିପି-ପିଏସ୍-୨୫-୪, ନିଲାମ ତାରିଖ: ୦୯।୧୨।୨୦୨୫, ନିଲାମ ଆରମ୍ଭ/ବନ୍ଦ ହେବା ସମୟ: ୧୦.୦୦ ଘଟିକା ଓ ୧୧.୧୦ ଘଟିକା ଯଥାକ୍ରମେ, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତିର ବିବରଣୀ ଏବଂ ପ୍ରାସଙ୍ଗିକ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଯଦି କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ଥାଏ, ତେବେ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-896) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

# ଟଳିଲା ବାତ୍ୟା ଭୟ, ଫେରିଲା ଶୀତ

## ୫.୪ ଡିଗ୍ରୀରେ ଜି. ଉଦୟଗିରି, ୪ ଜିଲାକୁ ଘନ କୁହୁଡ଼ି ସତର୍କତା

ଭୁବନେଶ୍ୱର,୨୮।୧୧(ବନ୍ଦନା ସେଠୀ)

ମାଲାକ୍କା ଷ୍ଟ୍ରେଟ୍‌ରେ ସୃଷ୍ଟି ବାତ୍ୟା 'ସେନୟାର' ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଛି। ଏପଟେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଶ୍ରୀଲଙ୍କା ଉପକୂଳରେ କେନ୍ଦ୍ରୀଭୂତ ଗଭୀର ଅବପାତ ବାତ୍ୟାର ରୂପ ନେଇଛି। ଏହାର ନାଁ ରହିଛି 'ଡିଟ୍‌ୱା'। ତେବେ ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ସେତେଟା ପଡିବାର ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆଗାମୀ ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ସମ୍ଭାବନା ନ ଥିବାବେଳେ ପାଗ ମୁଖ୍ୟତଃ ଶୁଖିଲା ରହିବ। ବାତ୍ୟା 'ଡିଟ୍‌ୱା' ଶ୍ରୀଲଙ୍କା ଉପକୂଳ ଏବଂ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଦେଇ ଉତ୍ତର-ଉତ୍ତର ପଶ୍ଚିମ ଆଡକୁ ଗତି କରି ଉତ୍ତର ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ପଶ୍ଚିମ ଆନ୍ଧ୍ରପ୍ରଦେଶ ଉପକୂଳ ନିକଟରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଉପରେ ନଭେମ୍ବର ୩୦ ରବିବାର ଭୋର ସୁଦ୍ଧା ପହଞ୍ଚିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଶ୍ରୀଲଙ୍କା ସହ ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶରେ ଭୀଷଣ ବର୍ଷା ହେବ। ଅପରପକ୍ଷେ ସପ୍ତାହେ ବ୍ୟବଧାନ ପରେ ରାଜ୍ୟକୁ ପୁଣି ଫେରିଛି ଶୀତ। ତିନି ଦିନ ହେଲା ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ଗତ ୨୪ ଘଣ୍ଟାରେ ଅନୁଗୋଳ ଓ ଝାରସୁଗୁଡାରେ ଶୀତ ଲହରି ଦେଖାଦେଇଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ନ୍ୟୁନତମ ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ କମ୍ ରହିଛି। କନ୍ଧମାଳ ଜିଲା ଜି. ଉଦୟଗିରିରେ ଦିନକରେ ତାପମାତ୍ରା ୨ଡିଗ୍ରୀ ହ୍ରାସ ପାଇ ୫.୪ ଡିଗ୍ରୀରେ ପହଞ୍ଚିବାବେଳେ ଫୁଲବାଣୀଠାରେ ସର୍ବନିମ୍ନ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ କରାଯାଇଛି। ସୁନ୍ଦରଗଡ଼, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଆଦି ଜିଲାର କିଛି ସ୍ଥାନରେ ଘନ କୁହୁଡ଼ି ହେବା ନେଇ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି।

# ଭାଜପାରେ ମିଶିଲେ ତାଳଚେର ନଗରପାଳ, ୧୩ କାଉନ୍‌ସିଲର

ଭୁବନେଶ୍ୱର,୨୮।୧୧(ସୁନିତ୍ ମିଶ୍ର)

ତାଳଚେର ପୌର ପରିଷଦର ନଗରପାଳ ପବିତ୍ର ଭୂତିଆ ବିଜେଡି ଛାଡି ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ଭୂତିଆଙ୍କ ସମେତ ତାଳଚେର ପୌର ପରିଷଦର ୧୩ ଜଣ କାଉନ୍‌ସିଲର, ଅନେକ ସଂଖ୍ୟାରେ ସରପଞ୍ଚ ଓ ନିର୍ବାଚିତ ଜନପ୍ରତିନିଧି ଏବଂ ବିଜେଡିର କେତେଜଣ ନେତା ଭାଜପାରେ ଯୋଗଦେଇଛନ୍ତି। ବିଜେଡି ନେତାମାନଙ୍କ ଅଣଦେଖା ଓ ଅବହେଳା କାରଣରୁ ସ୍ଥାନୀୟ ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହୋଇଛି। ବିଜେଡି ଲୋକଙ୍କୁ ଧୋକା ଦେଇଛି। ଭାଜପାର ଡବଲଇଞ୍ଜିନ ସରକାର ଗୋଟିଏ ପରେ ଗୋଟିଏ ବିକାଶମୂଳକ କାର୍ଯ୍ୟ କରିଚାଲିଛନ୍ତି। ତାଳଚେରର ସ୍ୱାର୍ଥ ଏବଂ ବିକାଶ ପାଇଁ ଭାଜପାରେ ସାମିଲ ହେଲୁ ବୋଲି ଭୂତିଆ କହିଛନ୍ତି।

ତାଳଚେର ପୌର ପରିଷଦର ୱାର୍ଡ ନଂ. ୧ କାଉନ୍‌ସିଲର ଆସିଫ୍ ଖାନ, ୱାର୍ଡ ନଂ.୨ କାଉନ୍‌ସିଲର ଯଶୋବନ୍ତ ମିଶ୍ର, ୱାର୍ଡ ନଂ.୩ କାଉନ୍‌ସିଲର ଲିପିକା ବେହେରା, ୱାର୍ଡ ନଂ. ୫ କାଉନ୍‌ସିଲର ସଞ୍ଜୀବ ବେହେରା, ୱାର୍ଡ ନଂ. ୬ କାଉନ୍‌ସିଲର ଜିତେନ୍ଦ୍ର ଭୂତିଆ, ୱାର୍ଡ ନଂ. ୯ କାଉନ୍‌ସିଲର ମମତା ରାଉତ, ୱାର୍ଡ ନଂ. ୧୦ କାଉନ୍‌ସିଲର ଅଜିତ୍ ସାହୁ, ୱାର୍ଡ ନଂ. ୧୧ କାଉନ୍‌ସିଲର ନିରୁପମା ପଟ୍ଟନାୟକ, ୱାର୍ଡ ନଂ. ୧୨ କାଉନ୍‌ସିଲର ସଞ୍ଜୀବ ଗଡ଼ନାୟକ, ୱାର୍ଡ ନଂ. ୧୪ କାଉନ୍‌ସିଲର ବଳବିନ୍ଦର କୌର, ୱାର୍ଡ ନଂ. ୧୫ କାଉନ୍‌ସିଲର ସବିତା ପାଲ, ୱାର୍ଡ ନଂ. ୧୮ କାଉନ୍‌ସିଲର ଲୀନା ସାହୁ, ୱାର୍ଡ ନଂ. ୨୦ କାଉନ୍‌ସିଲର ଶାନ୍ତନୁ ମିଶ୍ର ପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି। ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସବୁ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି। ମନମୋହନ କହିଛନ୍ତି, ଦଳର ବିଚାରଧାରାରେ ଅନୁପ୍ରାଣିତ ହୋଇ ଭାଜପାରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି। ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଓଡ଼ିଶାର ମୌଳିକ ସମସ୍ୟାର ସମାଧାନ ପାଇଁ ଭାଜପା କାର୍ଯ୍ୟ କରିବ।

TP SOUTHERN ODISHA DISTRIBUTION LIMITED
(Procurement Department)
TPSODL
BPR North Star Building,
2nd Floor, Khodasingi, Berhampur, Odisha-760010
NOTICE INVITING TENDER
Dt.: 29.11.2025
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | RC for SITC of Cover MVLC | TPSODL/OT/2025-26/2500001101 | 50,000/- | 5,000 | 09.12.2025; 18:00 Hrs. |
| 2 | RC for supply of PSC Pole. | TPSODL/OT/2025-26/2500001103 | 2,00,000/- | 5,000 | 15.12.2025; 18:00 Hrs. |
| 3 | RC for Non-SBM Consumers MRBD & Spot Billing of Consumers | TPSODL/OT/2025-26/2500001100 | 5,00,000/- | 5,000 | 12.12.2025; 18:00 Hrs. |
| 4 | RC for SITC of Auditorium Work (Sound and display system) | TPSODL/OT/2025-26/2500001079-1 | 50,000/- | 5,000 | 09.12.2025; 18:00 Hrs. |
| 5 | Purchase Order for Supply of Various types of Clamps at TPSODL | TPSODL/OT/2025-26/2500001102 | 50,000/- | 5,000 | 15.12.2025; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ ବଳ
୬୧ତମ ବାଟାଲିଅନ୍
୭୯୨୬ ତାରିଖ: ୦୧।୧୧।୨୫
କାରଣ ଦର୍ଶାଅ ନୋଟିସ
ରେଜିମେଣ୍ଟାଲ ନଂ.୨୫୦୬୧୪୭୯୭, ରୋଲ୍ ନଂ.- ୬୦୦୫୦୪୬୩୪୨, କନଷ୍ଟେବଲ/ଜିଡି(ଆରଇସିଟି.) ଅମନ ଖାନ୍, ପିତା- ସବିର ଖାନ୍, ଗ୍ରାମ- ଅର୍ଗାଡେ ମାଲା, ପୋଷ୍ଟ/ଥାନା- ଟିଟିଲାଗଡ଼, ଜିଲ୍ଲା- ବଲାଙ୍ଗୀର, ରାଜ୍ୟ- ଓଡ଼ିଶା (୭୬୭୦୩୩)ଙ୍କୁ ଏତଦ୍ୱାରା ସୂଚିତ କରାଯାଉଅଛି କି ଆପଣ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ଆଗୁଆ ଅନୁମତି/ସୂଚନା ବିନା ମୌଳିକ ପ୍ରଶିକ୍ଷଣ ସମୟରେ ଆର୍‌ଟିସି (ଶିବଗଙ୍ଗାଇ)ରୁ ତା୧୪।୦୭।୨୦୨୫ରିଖ (ପୂର୍ବାହ୍ନ)ଠାରୁ ଅନୁପସ୍ଥିତ ରହିଆସିଛନ୍ତି ।
୦୨. ଆପଣଙ୍କୁ ଆର୍‌ଟିସି (ଶିବଗଙ୍ଗାଇ) ପଞ୍ଜୀକୃତ ମେମୋ ନଂ. ୧୦୮୮-୯୧, ତାରିଖ: ୧୭।୦୭।୨୦୨୫ ଏବଂ ୧୧୮୫-୮୮ ତାରିଖ: ୨୧।୦୭।୨୦୨୫ ଜରିଆରେ ପ୍ରଶିକ୍ଷଣ କେନ୍ଦ୍ରରେ ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା କିନ୍ତୁ ଆପଣ ଏ ପର୍ଯ୍ୟନ୍ତ ଉପସ୍ଥିତ ହୋଇନାହାନ୍ତି । ଏହି ମାମଲାର ତଦନ୍ତ ପାଇଁ ଡିଆଇଜି ଆର୍‌ଟିସି (ଶିବଗଙ୍ଗାଇ)ଙ୍କ ଦ୍ୱାରା ଏକ ତଦନ୍ତ ନ୍ୟାୟାଳୟର ଆଦେଶ ଦିଆଯାଇଥିଲା ଏବଂ ସି.ଓ.ଆଇ.ର ସୁପାରିସ ଆଧାରରେ ୬୧ତମ ବାଟାଲିଅନ୍ ଆଦେଶ ସଂ. ୭୫୬୭-୮୧, ତାରିଖ: ୧୦।୧୦।୨୦୨୫ ମାଧ୍ୟମରେ ଆପଣଙ୍କୁ ତା୧୪।୦୭।୨୦୨୫ରିଖ (ପୂର୍ବାହ୍ନ)ଠାରୁ ଜଣେ "ପଳାତକ" ଭାବେ ଘୋଷଣା କରାଯାଇଛି । ଉକ୍ତ ଆଦେଶର ଏକ ନକଲ ଆପଣଙ୍କୁ ଆପଣଙ୍କ ଘର ଠିକଣାରେ ପଞ୍ଜୀକୃତ ଡାକ ଯୋଗେ ମଧ୍ୟ ପଠାଯାଇଛି ।
୦୩. ଏହି ନୋଟିସ ଜରିଆରେ ଆପଣଙ୍କୁ ଏତଦ୍ୱାରା ପୁନର୍ବାର ନିର୍ଦ୍ଦେଶ ଦିଆଯାଉଅଛି ଯେ ଆପଣ ଏହି ନୋଟିସ ପ୍ରକାଶନର ୩୦ ଦିନ ମଧ୍ୟରେ ଆର୍‌ଟିସି ଶିବଗଙ୍ଗାଇ (ଆଇଟିବିପି), ପୋଷ୍ଟ- ପଦମଥୁର, ଜିଲ୍ଲା- ଶିବଗଙ୍ଗାଇ, ରାଜ୍ୟ- ତାମିଲନାଡୁ (୬୩୦୫୬୨)ଠାରେ ଉପସ୍ଥିତ ହୁଅନ୍ତୁ, ଅନ୍ୟଥା ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ ବଳ ଅଧିନିୟମ ୧୯୯୨ ଏବଂ ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ ବଳ ନିୟମାବଳୀ - ୧୯୯୪ର ବ୍ୟବସ୍ଥାପନ ଅଧୀନରେ ଆପଣଙ୍କୁ ଅନ୍ୟ କୌଣସି ପରବର୍ତ୍ତୀ ନୋଟିସ କିମ୍ବା ସୂଚନା ବିନା **ସେବାରୁ ବରଖାସ୍ତ** କରିବା ଲାଗି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ।
ସ୍ୱା./- କମାଣ୍ଡାଣ୍ଟ
୬୧ତମ ବାଟାଲିଅନ୍, ଆଇ.ଟି.ବି.ପି. ପୋଲିସ ବଳ
CBC 19112/11/0185/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଅନିକେତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗରିବଙ୍କୁ ନ୍ୟାୟ ଦେବା ପାଇଁ ମଧ୍ୟରାତ୍ର ଯାଏ କୋର୍ଟରେ ବସିପାରିବି: ସିଜେଆଇ

ନୂଆଦିଲ୍ଲୀ,୨୮।୧୧(ପି.ଟି.)

ମକଦ୍ଦମାର ଗରିବ ପକ୍ଷଙ୍କୁ ନ୍ୟାୟ ସୁନିଶ୍ଚିତ କରିବା ତାଙ୍କର ସର୍ବାଧିକ ପ୍ରାଥମିକତା ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଶୁକ୍ରବାର କହିଛନ୍ତି। ସେମାନଙ୍କୁ ନ୍ୟାୟ ଦେବା ନିମନ୍ତେ ସେ ମଧ୍ୟରାତ୍ର ପର୍ଯ୍ୟନ୍ତ କୋର୍ଟରେ ବସିପାରିବେ। କେନ୍ଦ୍ର ସରକାର ଏବଂ ଅନ୍ୟମାନଙ୍କ ବିରୋଧରେ ତିଲକ ସିଂ ଡାଙ୍ଗି ନାମକ ବ୍ୟକ୍ତି ଦାଏର କରିଥିବା ପିଟିଶନ୍‌କୁ ଖାରଜ କରିଦେବା ଅବସରରେ ସିଜେଆଇ ଏହା କହିଛନ୍ତି। ଖଣ୍ଡପୀଠରେ ତାଙ୍କ ସହ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଥିଲେ। ସିଜେଆଇ କହିଛନ୍ତି, ତାଙ୍କ କୋର୍ଟରେ ବିଳାସପୂର୍ଣ୍ଣ ମକଦ୍ଦମାର ସ୍ଥାନ ନାହିଁ। ଶେଷ ଧାଡ଼ିରେ ଥିବା ସବୁଠୁ ଗରିବ ପକ୍ଷଙ୍କ ପାଇଁ ସେ ଏଠାରେ ବସିଛନ୍ତି ଓ ଆବଶ୍ୟକ ପଡ଼ିଲେ ସେମାନଙ୍କ ପାଇଁ ମଧ୍ୟରାତ୍ର ପର୍ଯ୍ୟନ୍ତ ବସିବେ।

# ସିରିଆରେ ଇସ୍ରାଏଲୀ ସେନାର ଆକ୍ରମଣ: ୧୩ ମୃତ



ଇସ୍ରାଏଲୀ ସେନାର ଆକ୍ରମଣରେ ଜଳିଯାଇଥିବା ଗାଡ଼ି।

ଡାମାସ୍କସ,୨୮।୧୧

ଇସ୍ରାଏଲୀ ସେନା ଶୁକ୍ରବାର ଦକ୍ଷିଣ ସିରିଆର ଏକ ଗ୍ରାମରେ ଆକ୍ରମଣ କରିବାରୁ ଅନ୍ୟୂନ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲା ଅଛନ୍ତି। ଏହା ଏକ ଭୟଙ୍କର ଗଣହତ୍ୟା ବୋଲି ସିରିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଖବର ଅନୁଯାୟୀ, ଇସ୍ରାଏଲୀ ସୈନ୍ୟ ସ୍ଥାନୀୟ ଲୋକଙ୍କୁ ଗିରଫ କରିବା ଲକ୍ଷ୍ୟରେ ବେଇଟ୍ ଜିନ୍ ଗ୍ରାମରେ ପ୍ରବେଶ କରିଥିଲେ। ଗ୍ରାମବାସୀ ବିରୋଧ କରିବାରୁ ସେମାନେ ଗୁଳି ଚଳାଇଥିଲେ। ଭୟରେ ଅନେକ ପରିବାର ଗାଁ ଛାଡ଼ି ପଳାଇଯାଇଛନ୍ତି। ଇସ୍ରାଏଲ କହିବା ଅନୁଯାୟୀ, ଇସ୍‌ଲାମିକ୍ ଗ୍ରୁପ୍‌ର କେତେଜଣ ସନ୍ଦିଗ୍ଧ ଉକ୍ତ ଗ୍ରାମରେ ରହିଥିବା ଗୋଇନ୍ଦା ସୂଚନାକ୍ରମେ ସୈନ୍ୟମାନେ ତାଙ୍କୁ ଗିରଫ କରିବାକୁ ଯାଇଥିଲେ। ଚଢ଼ାଉ ବେଳେ ଆତଙ୍କବାଦୀମାନେ ସୈନ୍ୟଙ୍କ ଉପରକୁ ଗୁଳି ଚଳାଇବାରୁ ସେମାନେ ଏହାର ଜବାବ ଦେଇଥିଲେ ବୋଲି କହିଛନ୍ତି। ଆହତ ହୋଇଥିବା ସୈନ୍ୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଦିଲ୍ଲୀ ବାୟୁ ପ୍ରଦୂଷଣ: ପାର୍ଲାମେଣ୍ଟରେ ବିତର୍କ ଦାବିକଲେ ରାହୁଲ



ନୂଆଦିଲ୍ଲୀ,୨୮।୧୧(ପି.ଟି.)

ପାର୍ଲାମେଣ୍ଟର ଶୀତ ଅଧିବେଶନ ଡିସେମ୍ବର ୧ରୁ ଆରମ୍ଭ ହେବାକୁ ଯାଉଥିବାବେଳେ ଜାତୀୟ ରାଜଧାନୀର ବାୟୁ ପ୍ରଦୂଷଣ ପ୍ରସଙ୍ଗରେ ଗୃହରେ ସବିଶେଷ ଆଲୋଚନା ପାଇଁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଦାବି କରିଛନ୍ତି। ଦିଲ୍ଲୀରେ ସ୍ୱାସ୍ଥ୍ୟକୁ ନେଇ ଜରୁରୀ ସ୍ଥିତି ଉପୁଜିଥିବାବେଳେ ଏହା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତାକୁ ନେଇ ସେ ପ୍ରଶ୍ନ କରିଛନ୍ତି। ବାୟୁ ପ୍ରଦୂଷଣ ରୋକିବା ଦିଗରେ ଏକ କଠୋର କାର୍ଯ୍ୟଯୋଜନା ଆଣିବାକୁ ରାହୁଲ ଦାବି କରିବା ସହ ଏଦିଗରେ କେନ୍ଦ୍ର ସରକାର କାହିଁକି ତତ୍ପରତା କିମ୍ବା ଉତ୍ତରଦାୟିତ୍ୱ ଦେଖାଉନାହାନ୍ତି ବୋଲି କଂଗ୍ରେସ ନେତା ପ୍ରଶ୍ନ କରିଛନ୍ତି। ରାହୁଲ ଶୁକ୍ରବାର ତାଙ୍କ ବାସଭବନରେ ମାଆମାନଙ୍କର ଏକ ସଂଗଠନ ସହ ବାୟୁ ପ୍ରଦୂଷଣ ଉପରେ କଥା ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ମାଆ ସେମାନଙ୍କ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଦୂଷଣ ପ୍ରଭାବକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ ବୋଲି ରାହୁଲ କହିଛନ୍ତି।


# Classified Everyday

0674-2580101, 9692975378



## AUTOMOBILE SALE

BOLERO SLX, NOVEMBER 2014, WHITE COLOUR, EXCELLENT RUNNING CONDITION, RUN- 132000Kms, INSURANCE ROAD TAX POLLUTION FITNESS UPDATE, 1ST HAND, OWNER DRIVEN, BHUBANESWAR. CONTACT: 9437027024, 9937992270. D-76082



## REAL ESTATE SALE

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190. D- 268

PALGARH: PLOTS 600- 1800 SQFT. FOR IMMEDIATE SALE. BHUBANESWAR: 9776080988. D-76081

Book 3BHK / 4BHK premium flat near Jharapada Canal Road and Pokhariput, Near Government Hospital @6000/- sqft. Including parking. Contact: 7978584549. D-76876



## FOR RENT

**Two office spaces on the 3rd floor of 2000sqft and on the 2nd floor of 1100sqft at 5 Janpath, Unit-3, Kharavel Nagar behind Kalsi Petrol Pump, Bhubanesawar, Odisha. Contact: 6287103066.** D-76877



## Healthcare

The massage felt totally professional, & comfortable at all times- 7978109255. D-216

All types of physiotherapy Contact number 9556924059/ 7656969134, Jharapada. D-2686



## BUSINESS

Cardboard Box Making Machine (Traddle), Board Cutter, Stiching Machine, Sloting Machine, Creasing Machine, Sweet Box Making Machine. Contact- 9776635982. D-2711

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 19.06.2025, I, Santosh Kumar Swain, resident of 27, Deogan School Sahi, Badasahi, Budhamba, P.S.- Kabisuryanagar, Dist.- Ganjam, Odisha, PIN- 761105 declare that I have changed my name from Swain Santoshbhai Kartik to Santosh Kumar Swain. Henceforth, I shall be known as Santosh Kumar Swain for all purposes.
Santosh Kumar Swain D-2714

I, Hitherto known as B.Abakash, S/o.- Bhagaban Sahoo, R/o. At- Plot No.- 420/7, Lane-8, Nuasahi, Nayapalli, Bhubaneswar, Khordha, Orissa-751012 have changed my name and shall hereafter be known as Babu Abakash for all future purposes. D-2708

By virtue of an affidavit before Notary Public, Kantabanji on 28.11.2025 that before my marriage and in my educational documents, Aadhaar Card, Bank Account of Bank of Baroda, Kantabanji my name is recorded as "ASTAMEE NAG", after marriage to Santosh Harijan I updated my Aadhaar Card and I known as Astamee Harijan, whereas Astamee Nag and Astamee Harijan, W/o.- Santosh Harijan of Village- Kenduguda, P.O.- Kendupati, P.S.- Khariar, Dist.- Nuapada, Odisha is same and one person.
Gurudayal Hans, Kantabanji D-2704

By virtue of an affidavit sworn before Executive Magistrate, Bhubaneswar, dated- 29.01.2025 (CF No.- 45), I, Malati Panigrahi, W/o.- Sankar Panigrahi on behalf of my (minor) son Balaji Panigrahi (old name), Village- Traffic Colony, Near Durga Mandap, VTC- Jatani, P.O./P.S.- Jatani, District- Khordha, PIN- 752050, declare that I have changed my son's name from Balaji Panigrahi to Babaji Panigrahi. Henceforth, my son shall be known as Babaji Panigrahi for all purposes. D-2705

By virtue of an affidavit sworn before the Executive Magistrate, Mathili, I, Kamala Nayak D/o.- Sadhu Nayak, of Village Kudukguda, P.O.- Kutunipalli, P.S.- Mathili, Dist.- Malkangiri presently residing at Mandapalli, P.O.- Kiang, P.S.- Mathili, Dist.- Malkangiri do hereby solemnly affirm and state as follows That, I formerly called Kamala Nengi and I changed my name as Kamala Nayak. Henceforth, I shall be known as Kamala Nayak for all purposes. D-2706

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Notary Public, dated- 27th Nov. 2025, I, Kashi Mambalaka, Address: Village- Tada, P.O.- Mundakota, Dist.- Rayagada, Odisha, 765019, declare that I have changed my son's name from Amush Mambalaka to Amosh Mambalaka. Henceforth, he shall be known as Amosh Mambalaka for all purposes.
Kashi Mambalaka D-2707

By virtue of an affidavit sworn before the Executive Magistrate, Balangir, Dated- 28.10.2025, I, Suranjit Chhatria, S/o.- Late Prafulla Chhatria, permanent resident of Adarshapada, P.O.- Rajendra College, P.S./ Dist.- Balangir, PIN- 767001, Odisha, declare that I have changed the name of my daughter from Alin Ahana Chhatria to Aahana Anubhuti Chhatriya. Henceforth, she shall be known as Aahana Anubhuti Chhatriya for all purposes.
Suranjit Chhatria D-2709

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.- ୩, ଶ୍ରୀ ପ୍ରବୀର କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା (ଏସ୍.ଏ.ଜି),ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା।
ଓ.ଏସ୍.ଏସ୍. ମୋକଦ୍ଦମା ନଂ.- ୧୧୫୪/୨୦୨୪
ନୋଟିସ୍
( ଦେୱାନୀ କାର୍ଯ୍ୟବିଧି ସଂହିତା ଆଦେଶ ନଂ.- ୫, ନିୟମ ନଂ.- ୨୦ ମୁତାବକ)
ଶ୍ରୀମତୀ ରଞ୍ଜିତା ମାହାନ୍ତି ...... ବାଦୀ।
ବନାମ
ତହସିଲଦାର, ଭୁବନେଶ୍ୱର ଏବଂ ଓଗେର ......ପ୍ରତିବାଦୀ।
ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:-
ପ୍ରତିବାଦୀ ନଂ.- ୩(କ): ଶ୍ରୀ ଦେବରାଜ @ ଝରିଆ ବିଧାର, ପ୍ରତିବାଦୀ ନଂ.- ୩(ଖ): ଶ୍ରୀ କବିରାଜ ବିଧାର। ଉଭୟ ପ୍ରତିବାଦୀଙ୍କ ପିତା- ✓ପଞ୍ଚୁ ବିଧାର। ସା- ଝୁଝଗଡ, ପୋ: ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୨୪। ପ୍ରତିବାଦୀ ନଂ.- ୪(କ): ଶ୍ରୀମତୀ ପ୍ରଶନ୍ନା ପଟ୍ଟନାୟକ, ପିତା- ✓ବେଣୁଧର ନାୟକ, ସ୍ୱାମୀ- କାହ୍ନୁ ଚରଣ ପଟ୍ଟନାୟକ, ସା/ପୋ: ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୨୪ ।
ଏତଦ୍ୱାରା ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ହାଲ୍ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ଉକ୍ତ ମୋକଦ୍ଦମା ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା। କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଉକ୍ତ ମୋକଦ୍ଦମାର ଶୁଣାଣି ଆସନ୍ତା ତା.୦୩।୦୧।୨୦୨୬ରିଖ, ୩.୩୦ ଘଟିକା ସମୟରେ କରାଯିବ ।
ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ଥାନା- ଚନ୍ଦକା (ନଂ.- ୩୩), ମୌଜା- ଭୁଆସୁଣୀ, ସାବକ ଖାତା ନଂ.- ୧୧୧(ସ୍ଥିତିବାନ), ସାବକ ପ୍ଲଟ୍ ନଂ.- ୨୦୪(ଆଂଶିକ), ସବ୍-ପ୍ଲଟ୍ ନଂ.- ୧୫ ଓ ୧୬, ବିକ୍ରୟ ଦଲିଲ୍‌ର ସଂଯୁକ୍ତ ନକ୍ସା ମୁତାବକ, ରକବା- ଏ୨.୧୭୦ଡି ମଧ୍ୟରୁ ଏ୦.୨୦୫ଡି। ଏହାର ଦାଖଲ ଖାରଜ ଖାତା ନଂ.- ୨୨୮/୧୫୮, ପ୍ଲଟ୍ ନଂ.- ୨୦୪/୯୭୩। ଏହାର ହାଲ୍ ବନ୍ଦୋବସ୍ତ (୨୦୧୨) ଖାତା ନଂ.- ୫୯୮ (ସ୍ଥିତିବାନ), ପ୍ଲଟ୍ ନଂ.- ୧୦୦୪ (ପୂରା) ଓ ୧୦୦୩ (ଆଂଶିକ), ରକବା ଏ୦.୨୦୫ଡି।
ଏଣୁ ଉପରୋକ୍ତ ମୋକଦ୍ଦମାରେ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ ।
ତାରିଖ: ୨୬।୧୧।୨୦୨୫
ଭୁବନେଶ୍ୱର
ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର।
ଧ-୨୭୦୨

IN THE COURT OF THE 2ND ADDITIONAL SENIOR CIVIL JUDGE, BERHAMPUR, GANJAM.
Civil Suit No. 343/2022.
Tamala Samantaray .....Plaintiff.
Versus.
Sashi Bhusan Satapathy ......Defendants.
NOTICE UNDER ORDER-V, RULE- 20(A) C.P.C
To, 1. Sabita Hotta, aged about 60 years, W/o.- Sudhanshu Charan Hotta, Housewife by profession. At-Similiguda, Sunabeda, Dist.- Koraput, 764036 ....Defendant-8
2. Sanjukta Bhatta, aged about 57 years, W/o.- Gopalakrushna Bhatta, Housewife by profession, At- Bhramarapura, Digapahandi, Ganjam, 761209. ....Defendant-9
Whereas the Decree Holder has filed the above case against you and you are keeping out of the way or otherwise to avoid service of summons. So you are hereby directed to appear in the court on 03.12.2025 at 10.30 AM personally or through advocate to show cause positively, otherwise the case shall be heard ex-parte in your absence.
Given under my hand and seal of the court on this 15th. Day of November 2025.
Sd/- Civil Judge, Berhampur
D-2703

Letter No.- 2067, Dtd.- 28.11.2025
ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନମ୍ବର- ୪, ଶ୍ରୀଯୁକ୍ତ ପ୍ରଦିପ କୁମାର ନାୟକ, (ଭା.ପ୍ର.ସେ) (ମାନ୍ୟବର ରାଜସ୍ୱ ପର୍ଷଦ, ଓଡ଼ିଶା ଅଧୀନେ ଅଦାଲତଙ୍କ କାର୍ଯ୍ୟାଳୟ, ବିଭାଗୀୟ ମୁଖ୍ୟ, ମହଲା ନମ୍ବର- ୪ ଏଚ୍.ଓ.ଡ଼ି ବିଲ୍‌ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍ କେସ୍ ନମ୍ବର- ୨୭୨/୨୦୨୫
ତ୍ରିଲୋଚନ ମହାନ୍ତି ....... ବାଦୀ ବା ଦରଖାସ୍ତକାରୀ
ବନାମ
ନଟବର ମହାନ୍ତି ଏବଂ ଅନ୍ୟମାନେ .........ପ୍ରତିବାଦୀ
ଇସ୍ତାହାର ଦେୱାନୀ କାର୍ଯ୍ୟବିଧି ସଂହିତା ଆଦେଶ ନମ୍ବର ୫ ଏବଂ ନିୟମ ୨୦(୧-କ) ଏବଂ ତତସହ ଆଦେଶ ନମ୍ବର ୨୨ ନିୟମ ନମ୍ବର ୪କ ଅଧିନିୟମ ୨ କ ଦ୍ୱାରା ଦୈନିକ ଖବରକାଗଜ ଦ୍ୱାରା ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଉଅଛି। ଉପରଲିଖିତ ରିଭିଜନ ମକଦ୍ଦମା ଟି ଓଡ଼ିଶା ଭୂ ବନ୍ଦୋବସ୍ତ ଆଇନ ଧାରା ୧୫ (ଖ) ଆସନ୍ତା ତା.୧୨।୦୧।୨୦୨୬ରିଖ ଧାର୍ଯ୍ୟ କରାଯାଉଅଛିକି ନିମ୍ନଲିଖିତ ଭୂ ସମ୍ପତ୍ତିକୁ ବାଦୀଙ୍କ ନାମରେ ପଟ୍ଟା ପ୍ରାପ୍ତ କରିବା ପାଇଁ ପ୍ରକାଶ ଥାଉ ନିମ୍ନବର୍ଣ୍ଣିତ ପ୍ରତିବାଦୀ ନମ୍ବର:
ପ୍ରତିବାଦୀ-(୧)- ନଟବର ମହାନ୍ତି, ପିତା- ଶ୍ରୀଧର ମହାନ୍ତି, ପ୍ରତିବାଦୀ-(୨)- ଭ୍ରମରବର ମହାନ୍ତି, ପିତା- ଶ୍ରୀଧର ମହାନ୍ତି, ଉଭୟଙ୍କ ଠିକଣା- ଗ୍ରାମ/ପୋଷ୍ଟ ଘାଟିକିଆ, ଥାନା- ଭରତପୁର, ଭୁବନେଶ୍ୱର- ୭୫୧୦୨୯, ପ୍ରତିବାଦୀ-(୩)- ବୀରେନ୍ଦ୍ର ନାଥ ଦାଶ, ବୟସ- ୭୩ବର୍ଷ, ପିତା- କାର୍ତ୍ତିକ ଚନ୍ଦ୍ର ଦାଶ, ଠିକଣା ପ୍ଲଟ୍ ନଂ.- ୮୬୭୧, ମୌଜା/ଗ୍ରାମ- ଘାଟିକିଆ, ପୋଷ୍ଟ- ଖଣ୍ଡଗିରି, ଥାନା- ଭରତପୁର, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ-(୪)- ଶ୍ରୀମତୀ ଦାଶ, ପ୍ରତିବାଦୀ-(୫)- ନାରାୟଣ ଦାଶ, ଉଭୟଙ୍କ ପିତା- କାର୍ତ୍ତିକ ଦାଶ, ପ୍ରତିବାଦୀ କ୍ରମିକ ନଂ.-(୪) ଏବଂ (୫)ଙ୍କ ଠିକଣା ଗ୍ରାମ- ଅର୍ଥାଙ୍ଗ, ପୋଷ୍ଟ- ମଙ୍ଗରାଜ, ଥାନା- ଯାଜପୁର ସଦର, ଜିଲ୍ଲା- ଯାଜପୁର।
ଉପରଲିଖିତ ପ୍ରତିବାଦୀ ନଂ.-୧ରୁ ୩ଙ୍କ ନିକଟକୁ ନୋଟିସ ପ୍ରେରଣ କରାଯାଇଥିଲା କିନ୍ତୁ କୌଣସି କାରଣରୁ ଉକ୍ତ ନୋଟିସ ଫେରସ୍ତ ଆସିଅଛି ଏବଂ ସେହିଭଳି ଉପରଲିଖିତ ପ୍ରତିବାଦୀ ନମ୍ବର- ୪ରୁ ୫ ଦେହାନ୍ତ ହେତୁ ସେମାନଙ୍କର ଉତ୍ତରାଧିକାରୀ କିମ୍ବା ଆଇନ ମତେ ସେମାନଙ୍କର ତରଫରୁ ଉପଯୁକ୍ତ ବ୍ୟକ୍ତିଙ୍କର କୌଣସି ଠିକଣା କିମ୍ବା ସୂଚନା ମିଳିନଥିବାରୁ ତଦ୍ ସହ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ନୋଟିସଟି ପ୍ରେରଣ ହୋଇପାରି ନ ଥିବାରୁ ଏହା ଦୈନିକ ଖବରକାଗଜ ମାଧ୍ୟମରେ ସୂଚନା ଦିଆଯାଉଛି କି ଉପରଲିଖିତ ରିଭିଜନ ମକଦ୍ଦମାଟି ଉପରଲିଖିତ ଧାର୍ଯ୍ୟ ତାରିଖରେ ବିଚାର ନିମନ୍ତେ ଦିବା ୧୧.୩୦ ଘଟିକା ସମୟରେ ମାନ୍ୟବର ଅଦାଲତରେ ଉପରଲିଖିତ ପ୍ରତିବାଦୀ ୧ ଲଗାୟାତ ୫ ମାନଙ୍କ ଆଇନ ମତେ ତାଙ୍କ ପକ୍ଷ ରଖିବା ପାଇଁ ଉତ୍ତରାଧିକାରୀ କିମ୍ବା ଆଇନ ପ୍ରଦତ୍ତ ଅଧିକାରୀ କିମ୍ବା ଅଧିଭକ୍ତା ଉପରଲିଖିତ ଧାର୍ଯ୍ୟ ତାରିଖରେ ମାନ୍ୟବର ଅଦାଲତଙ୍କ ନିକଟରେ ହାଜର ହୋଇ ତାଙ୍କ ପକ୍ଷ ଉପସ୍ଥାପନ କରିବେ।
ତଫସିଲ ବର୍ଣ୍ଣିତ ଭୂ ସମ୍ପତ୍ତିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲଦାର- ଭୁବନେଶ୍ୱର ଅଧୀନେ ମୌଜା- ଘାଟିକିଆ, ଥାନା- ଚନ୍ଦକା ନଂ.-୫୦, (ହାଲ ଥାନା ଭରତପୁର) ସାବିକ ଖାତା ନଂ.- ୧୨୪, ସାବିକ ପ୍ଲଟ୍ ନଂ.- ୨୧୫, କ୍ରୟ ବୃତ୍ତି ରକବା- ଏ.ସି. ୦.୧୫୦ ଡିସିମିଲ, ଯାହାକି ସବିକ ଦାଖଲ ଖାରଜ ଖାତା ନଂ.- ୩୨୬/୧୪୩, ସାବିକ ଦାଖଲ ଖାରଜ ପ୍ଲଟ୍ ନଂ.- ୨୧୫/୧୭୦୧ ଏରିଆ ଏ.ସି ୦.୧୫୦ ଡିସିମିଲ ଏବଂ ଅନ୍ୟ ଏକ ସାବିକ ଖାତା ନଂ.- ୩୨୬, ପ୍ଲଟ୍ ନଂ.- ୨୨୨, କ୍ରୟ ଏରିଆ ଏ.ସି. ୦.୦୧୯ ଡିସିମିଲ ଯାହାକି ସାବିକ ମ୍ୟୁଟେସନ ଖାତା ନଂ.- ୩୨୬/୩୭୪, ପ୍ଲଟ୍ ନଂ.- ୨୨୨/୧୯୦୭ ଏରିଆ ଏ.ସି ୦.୦୧୯ ଡିସିମିଲ, ଉଭୟ ପ୍ଲଟ୍‌ର ଏରିଆର ମିଶ୍ରଣର ସମ୍ପୂର୍ଣ୍ଣ ଏରିଆ ୦.୧୬୯ ଡିସିମିଲ ଅଟେ ଯାହାର ଚଳିତ ହାଲ୍ ବନ୍ଦୋବସ୍ତର ହାଲ୍ ଖାତା ନଂ.- ୨୩୬୭ ଏବଂ ହାଲ୍ ପ୍ଲଟ୍ ନଂ.- ୮୬୭୦ ରେକର୍ଡ ଏରିଆ ଏ.ସି ୦.୧୫୦ ଡିସିମିଲ, କିସମ-ଶାରଦ-୩, କିନ୍ତୁ ହାଲ୍ ନକ୍ସା ମତେ ଏରିଆ ଏ.ସି.୦.୧୬୯ ଡିସମିଲି ଏବଂ ଦରଖାସ୍ତକାରୀଙ୍କ ଦାଖଲ ହାଲ୍ ପ୍ଲଟ୍ ନଂ.- ୮୬୭୦ ମୁତାବକ ଏରିଆ ଏ.ସି ୦.୧୬୯ ଡିସିମିଲ ଅଟେ ଯାହାର କିସମ- ଶାରଦ ଅଣଜଳସେଚିତ-୩ (ବାଦୀ ବା ଦରଖାସ୍ତକାରୀଙ୍କ ଦଖଲ ଏବଂ ରେକର୍ଡ ମତେ ଏ.ସି ୦.୧୬୯ ଡିସିମିଲ ହାଲ୍ ପ୍ଲଟ୍ ନଂ.- ୮୬୭୦ ଅଟେ, ମୌଜା- ଘାଟିକିଆ)
ଯଦି ଉକ୍ତ ଧାର୍ଯ୍ୟ ତାରିଖରେ କେହି ଅନୁପସ୍ଥିତ ରୁହନ୍ତି ତେବେ ଆଇନ ମତେ ଉକ୍ତ ରିଭିଜନ ମକଦ୍ଦମାକୁ ସେମାନଙ୍କ ଅନୁପସ୍ଥିତିରେ ବିଚାର କରାଯିବ ଏବଂ ବିହିତ ଆଦେଶ ପ୍ରଦାନ କରାଯିବ।
ସ୍ଥାନ- ଭୁବନେଶ୍ୱର ମାନ୍ୟବର, ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନଂ.-୪ଙ୍କ ଆଦେଶକ୍ରମେ
ତାରିଖ- ସ୍ୱା/- କୋର୍ଟ ଅଫିସର
ଧ-୨୭୦୧

# ଏସ୍‌ବିଆଇ ପକ୍ଷରୁ ଗ୍ରାହକ ସମ୍ମିଳନୀ

## ଅନ୍‌ଲାଇନ ଠକାମି ବିଷୟରେ ସଚେତନତା

ଭୁବନେଶ୍ୱର,୨୮।୧୧

କଟକ ଶିଖରପୁରସ୍ଥିତ ଏକ ହୋଟେଲରେ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଗ୍ରାହକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଚୌଧୁରୀ ଅସିତ୍ ଅନୁପମ ପ୍ରହରାଜ ସଭାପତିତ୍ୱ କରି ଗ୍ରାହକମାନଙ୍କୁ ବ୍ୟାଙ୍କରେ ଉପଲବ୍ଧ ହେଉଥିବା ବିଭିନ୍ନ ସେବା ଏବଂ ସୁବିଧା ବିଷୟରେ କହିଥିଲେ। ବ୍ୟାଙ୍କର ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟର ଏଜିଏମ୍ କାର୍ତ୍ତିକାନ୍ତ ସ୍ୱାଇଁ ସାଇବର ସୁରକ୍ଷା ଏବଂ ବିଭିନ୍ନ ପ୍ରକାର ଅନ୍‌ଲାଇନ ଠକାମି ବିଷୟରେ ସଚେତନ କରାଇଥିଲେ। ଗ୍ରାହକମାନେ ବ୍ୟାଙ୍କର ଉପଲବ୍ଧ ଜମା, ଋଣ ଏବଂ ବୀମା ଆଦି ଯୋଜନା ଦ୍ୱାରା କିପରି ଉପକୃତ ହେଉଛନ୍ତି ତାହା ବର୍ଣ୍ଣନା କରିଥିଲେ। ଯୁବ ଉଦ୍ୟୋଗୀମାନେ କିପରି ବ୍ୟାଙ୍କ ସହାୟତାରେ ନିଜର ବ୍ୟବସାୟର ଅଭିବୃଦ୍ଧି ଘଟାଇବା ସହ ଅନେକ ଲୋକଙ୍କ ପାଇଁ ନିଯୁକ୍ତିର ବ୍ୟବସ୍ଥା କରିଛନ୍ତି ତାହାର ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କର କଟକ ସହରର ସମସ୍ତ ଶାଖାର ପ୍ରବନ୍ଧକ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ବ୍ୟାଙ୍କର ଅଧିକାରୀମାନେ 'ଏସ୍‌ବିଆଇ ୱେଲ୍ଥ' ସ୍କିମ୍ର ବିଭିନ୍ନ ଉପଯୋଗିତା, ବିଭିନ୍ନ ବୀମା ଯୋଜନାର ଲାଭ ବିଷୟରେ ଆଲୋକପାତ କରିଥିଲେ। ବ୍ୟାଙ୍କ ଟୋଲ୍‌ଫ୍ରି ନମ୍ବର ଯୁକ୍ତ ଏବଂ ଡିଜିଟାଲ ସେବା ବିଷୟରେ ଆଲୋଚନା କରିଥିଲେ।

# ଚଣ୍ଡିଗଡ଼ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା



ଭୁବନେଶ୍ୱର,୨୮।୧୧

ରେଳ, ସୂଚନା ଓ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ଚଣ୍ଡିଗଡ଼ ରେଳ ଷ୍ଟେସନର ଚାଲୁଥିବା ପୁନର୍ବିକାଶ କାର୍ଯ୍ୟର ନିରୀକ୍ଷଣ କରିଛନ୍ତି। ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀଙ୍କୁ ପ୍ରକଳ୍ପର ଅଗ୍ରଗତି ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ରେଳ ଓ ଖାଦ୍ୟ ପ୍ରକ୍ରିୟାକରଣ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ, ଉତ୍ତର ରେଳପଥର ମହାପ୍ରବନ୍ଧକ ଅଶୋକ କୁମାର ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବୈଷ୍ଣବ କହିଛନ୍ତି, ଚଣ୍ଡିଗଡ଼ ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ଷ୍ଟେସନ ଭାବେ ପୁନର୍ବିକାଶ କରାଯାଉଛି। ଏଥିରେ ଅନେକ ନୂଆ ପ୍ରଯୁକ୍ତି ଓ ଉଦ୍ଭାବନ ବ୍ୟବହାର କରାଯାଉଛି। ମଡ୍ୟୁଲାର ଡିଜାଇନ ଓ ପ୍ରି-ଫାବ୍ରିକେଟେଡ୍ ନିର୍ମାଣ ପ୍ରଣାଳୀ ଅବଲମ୍ବନ କରାଯାଉଛି। ରୁଫ୍ ପ୍ଲାଜା ମାଧ୍ୟମରେ ଚଣ୍ଡିଗଡ଼ ଓ ପଞ୍ଚକୁଲାକୁ ସଂଯୋଗ କରାଯିବ। ୪୬୨ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ଦ୍ରୁତଗତିରେ ଚାଲିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ହିମାଚଳ ପ୍ରଦେଶ ଓ ପଞ୍ଜାବ ଅଭିମୁଖେ ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଦ୍ୱାର ଭାବେ ପରିଚିତ ବୋଲି ମନ୍ତ୍ରୀ କହିଥିଲେ। ଏହା ପୂର୍ବରୁ ମନ୍ତ୍ରୀ ମୋହାଲିସ୍ଥିତ ସେମିକଣ୍ଡକ୍ଟର ଲାବୋରେଟୋରି (ଏସ୍‌ସିଏଲ୍)ର ନିରୀକ୍ଷଣ କରିଥିଲେ। ସେ ଘୋଷଣା କରିଛନ୍ତି, ୪,୫୦୦ କୋଟି ଟଙ୍କା ନିବେଶରେ ଏସ୍‌ସିଏଲ୍ ଆଧୁନିକୀକରଣ ଓ ସମ୍ପ୍ରସାରଣ କରାଯିବ ଏବଂ ସର୍ବାଧୁନିକ ପ୍ରଯୁକ୍ତି ଅବଲମ୍ବନ କରାଯିବ। ନୂଆଦିଲ୍ଲୀ-ଚଣ୍ଡିଗଡ଼ ରେଳପଥରେ 'ଓ୍ୱିଣ୍ଡୋ ଟ୍ରେଲ୍' ମଧ୍ୟ ସେ ନିରୀକ୍ଷଣ କରିଥିଲେ।

# ଟିପିସିଓଡିଏଲ୍‌କୁ ଓଡ଼ିଶା ସିଏସ୍‌ଆର୍ ଏକ୍ସେଲେନ୍ସ ପୁରସ୍କାର



ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍)କୁ ଓଡ଼ିଶା ସିଏସ୍‌ଆର୍ ଫୋରମ ଦ୍ୱାରା ଓଡ଼ିଶା ସିଏସ୍‌ଆର୍ ଏକ୍ସେଲେନ୍ସ ପୁରସ୍କାର - ୨୦୨୫ରେ ସମ୍ମାନିତ କରାଯାଇଛି। ଏହାର ଅତ୍ୟନ୍ତ ପ୍ରଭାବଶାଳୀ ଫ୍ଲାଗସିପ କାର୍ଯ୍ୟକ୍ରମ ଅଧିକାର ସରକାରୀ ଯୋଜନା ସମୂହକୁ ପ୍ରବେଶ ପଥକୁ ସ୍ୱୀକୃତି ଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ନୟାଗଡ଼ ଏବଂ ଢେଙ୍କାନାଳରେ କାର୍ଯ୍ୟକାରୀ ହୋଇଥିବା 'ଅଧିକାର' କାର୍ଯ୍ୟକ୍ରମ ହଜାର ହଜାର ସାଧାରଣ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବାରେ ସାହାଯ୍ୟ କରିଛି। ଫଳରେ ତୃଣମୂଳ ସ୍ତରରେ ସାମାଜିକ ନିରାପତ୍ତା ଏବଂ ସାମାଜିକ ସଶକ୍ତୀକରଣ ସମ୍ଭବ ହୋଇପାରିଛି।

# ପିଏନ୍‌ବିର ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ



## ୧୦୦ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ

ଭୁବନେଶ୍ୱର,୨୮।୧୧ (ଅନୁରାଧା ମହାରଣା)

ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ଏକ ମେଗା ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଏହାର ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟ ପରିସରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସର୍କଲ ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଭୂପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଦେଶବ୍ୟାପୀ ଶିଳ୍ପ ବିକାଶ ଓ ସମୃଦ୍ଧି ବିକାଶକୁ ଆଗେଇନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ବୋଲି ବିଭୂପ୍ରସାଦ ଗୁରୁତ୍ୱାରୋପ କରିଥିଲେ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଋଣ ପ୍ରଦାନ କରିବାରେ ଏବଂ ପ୍ରତିଷ୍ଠିତ ଉଦ୍ୟୋଗଗୁଡ଼ିକର ବିକାଶଶୀଳ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆର୍ଥିକ ସମାଧାନ ପ୍ରଦାନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେ ଓଡ଼ିଶାରେ ଏମ୍‌ଏସ୍‌ଏମ୍‌ଇ ଋଣ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଆଞ୍ଚଳିକ ପ୍ରବନ୍ଧକ ଭୂଷଣ ଶର୍ମା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ୧୦୦ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ନୂତନ ଏମ୍‌ଏସ୍‌ଏମ୍‌ଇ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଥିଲା।

# ଏସିଆନ୍ ପେଣ୍ଟସ୍ ଓ ବିସିସିଆଇ ମଧ୍ୟରେ ସହଭାଗିତା

ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା)

ପେଣ୍ଟ ଏବଂ ଡେକୋର ବ୍ରାଣ୍ଡ 'ଏସିଆନ୍ ପେଣ୍ଟସ୍' ସହ ଭାରତୀୟ କ୍ରିକେଟର ଅଫିସିଆଲ କଲର ପାର୍ଟନର ଭାବରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହ ସହଭାଗିତା ସମ୍ପର୍କରେ ଘୋଷଣା କରିଛି। ୩ ବର୍ଷ ନିମନ୍ତେ ଏହି ସହଯୋଗିତା ଭାରତରେ ଖେଳାଯିବାକୁ ଥିବା ପୁରୁଷ, ମହିଳା ଏବଂ ଘରୋଇ ସିରିଜର ୧୧୦ଟି ମ୍ୟାଚ ନିମନ୍ତେ ପ୍ରଯୁଜ୍ୟ ରହିବ। ଏସିଆନ୍ ପେଣ୍ଟସ୍‌ର ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ ଅମିତ ସିଙ୍ଗଲ କହିଛନ୍ତି, କ୍ରିକେଟ ବହୁ କୋଟି ହୃଦୟକୁ ଯୋଡୁଛି ଏବଂ ଆମେ ଏଭଳି ଏକ ମଞ୍ଚରେ ବିସିସିଆଇ ସହିତ ସହଯୋଗିତା କରିବା ନେଇ ରୋମାଞ୍ଚିତ ଅନୁଭବ କରୁଛୁ। ବିସିସିଆଇର ମୁଖପାତ୍ର ଦେବଜିତ ସାଇକିଆ କହିଛନ୍ତି, ଭାରତୀୟ କ୍ରିକେଟର ଅଫିସିଆଲ କଲର ଭାବରେ ଏସିଆନ୍ ପେଣ୍ଟସ୍‌କୁ ସ୍ୱାଗତ କରି ଆମେ ଆନନ୍ଦ ଅନୁଭବ କରୁଛୁ।



# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମେଗା ରିଟେଲ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୧୧



ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ରିଟେଲ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ବ୍ୟାଙ୍କର ପଳାଶପଲ୍ଲୀ ଶାଖାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର କୁମାର ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଖୁଚୁରା ଋଣ ଉତ୍ପାଦ ଉପରେ ପ୍ରତିଯୋଗିତାମୂଳକ ସୁଧ ହାର ଏବଂ ଜିରୋ ପ୍ରୋସେସିଂ ଚାର୍ଜ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ 'ଆପଣ ପୁଞ୍ଜି ଆପଣ ଅଧିକାର' ଯୋଜନା ଅନ୍ତର୍ଗତ ଡିଫ୍ (ଡିଏଫ୍) ଆକାଉଣ୍ଟଗୁଡ଼ିକୁ ସକ୍ରିୟ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ଶାଖାର ହିତାଧିକାରୀମାନଙ୍କୁ ୨୦ କୋଟି ଟଙ୍କାର ଋଣ ମଞ୍ଜୁରୀପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପ-କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର ଏବଂ ଜନପଥ ଶାଖାର ସହାୟକ ମହାପ୍ରବନ୍ଧକ ଗଜାନନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ପ୍ରବନ୍ଧକ ବନ୍ଦନା ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ସହ ପଳାଶପଲ୍ଲୀ ଶାଖାର ଶାଖା ମୁଖ୍ୟ ସ୍ୱର୍ଣ୍ଣଲତା ସାମଲ ଧନ୍ୟବାଦ ଦେଇଥିଲେ।



## Odisha State Museum
Kalpana Square, Bhubaneswar-751014 (Odisha), Dist.-Khordha, Tel/Fax-0674-2431597
Email: supdt.museum@hotmail.com Website:www.odishamuseum.nic.in/index.htm

**NOTICE INVITING TENDER (NIT)**
E-Procurement Notice No.1827/OSM/Dated.28.11.2025 (On-line)

No.RR-31: Name of Work: Renovation Works for the Ornament Gallery, Including Upgraded Illumination, Enhanced Interior Display, And Installation of Digital Interactive Systems, as per the Approved Specifications of the Odisha State Museum, Bhubaneswar

| Sl. No. | Name of Work | Eligibility | Time of Completion | E.M.D. (Through on-line transfer system) in Percentage | Cost of Tender Document (Through online transfer system) in Rs. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Inviting Reputed Vendors to Submit Their Bids For Renovation Works for the Ornament Gallery, Including Upgraded Illumination, Enhanced Interior Display, And Installations of Digital Interactive Systems as per the Approved Specifications of the Odisha State Museum, Bhubaneswar | Eligible Agency Experienced in Similar Works as Specified in the Tender Document | 60 Days | 6,00,000/- | 10,000/- (Non- Refundable) |

Availability of Tender in website Online: From 29.11.2025, 10.00 AM to 19.12.2025, 5.00 PM. Submission of Bid On-line: From 29.11.2025, 10.00 AM to 19.12.2025, 5.00 PM. Date & Time of Opening of Technical Bid: 20.12.2025, 12.30 PM. Further details can be seen from the Govt. website : www.tendersodisha.gov.in. Amendment, Corrigendum/ Cancellation if any shall be posted online only.

Sd./- Superintendent of Museum, Odisha, Bhubaneswar

OIPR-03015/11/0011/2526

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ
ବିଜ୍ଞାପନ ସଂଖ୍ୟା ୨୨୮୨/ତାରିଖ ୨୭.୧୧.୨୦୨୫

**ବିଜ୍ଞାପନ**

No.C-1606: ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ ଅନ୍ତର୍ଭୁକ୍ତ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସମସ୍ତ ଗ୍ରୁପ୍‌କୁ ଜଳ ଯୋଗାଣ ଏବଂ ଜଳ କର ଆଦାୟ, ସହରାଞ୍ଚଳ ସ୍ୱଚ୍ଛତା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀର ସେବା ଉପଲବ୍ଧ ଜଳ ସାଥୀ ଏବଂ ୨ ଜଣ ସଦସ୍ୟଙ୍କୁ ସ୍ୱଚ୍ଛ ସାଥୀ ଭାବରେ ଚୟନ କରାଯାଇ ନିଯୁକ୍ତି ଦିଆଯିବ।

| ଜଳ ସାଥୀ | ସ୍ୱଚ୍ଛ ସାଥୀ |
|---|---|
| ୧. ସଦସ୍ୟଙ୍କର ବୟସ ୧୮ରୁ ୪୫ ମଧ୍ୟରେ ହୋଇଥିବା ଆବଶ୍ୟକ। | ୧. ସଦସ୍ୟଙ୍କର ବୟସ ୧୮ ରୁ ୪୫ ମଧ୍ୟରେ ହୋଇଥିବା ଆବଶ୍ୟକ। |
| ୨. ସଦସ୍ୟା ମାଟ୍ରିକ ପାସ କରିଥିବେ ଏବଂ ତାଙ୍କର ନିଜସ୍ୱ ସ୍ମାର୍ଟ ଫୋନ ଥିବା ଦରକାର। | ୨. ସଦସ୍ୟା ୫ମ ପାସ୍ କରିଥିବେ। (ଯୋଗ୍ୟ ପ୍ରାର୍ଥୀଙ୍କ ଅନୁପସ୍ଥିତି କ୍ଷେତ୍ରରେ ଶିକ୍ଷାଗତ ଯୋଗ୍ୟତା କୋହଳ କରାଯାଇପାରେ) |
| ୩. ସଦସ୍ୟା ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ୟୁନ ୨ ବର୍ଷ କାମ କରିଥିବେ। | ୩. ସଦସ୍ୟାଙ୍କର ନିଜସ୍ୱ ସ୍ମାର୍ଟ ଫୋନ ଥିବା ଦରକାର। |
| ୪. ସଦସ୍ୟାଙ୍କ ନିଜ ବ୍ୟାଙ୍କ ପାସବୁକ୍ ଏବଂ ଏ.ଟି.ଏମ୍. କାର୍ଡ ଥିବା ଆବଶ୍ୟକ। | ୪. ସଦସ୍ୟା ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ୟୁନ ୨ ବର୍ଷ କାମ କରିଥିବେ। |
| ୫. ସେ ବିଜ୍ଞାପିତ ଅଞ୍ଚଳର ଅଧିବାସୀ ହୋଇଥିବେ। | ୫. ସେ ବିଜ୍ଞାପିତ ଅଞ୍ଚଳର ଅଧିବାସୀ ହୋଇଥିବେ। |
| ୬. ସଦସ୍ୟା ଏହା ପୂର୍ବରୁ ଅନ୍ୟ କୌଣସି ସରକାରୀ କାର୍ଯ୍ୟକ୍ରମରେ କାମ କରୁନଥିବେ। | ୬. କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ କାର୍ଯ୍ୟ କରିଥିବା ଆଗ୍ରହୀ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଅଗ୍ରାଧିକାର ଦିଆଯାଇପାରେ। |
| | ୭. ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଏରିଆ ଲେଭଲ ଫେଡେରେସନ (ALF) ସକ୍ରିୟ ଥିବା ସଦସ୍ୟଙ୍କୁ ଅଗ୍ରାଧିକାର ଦିଆଯାଇପାରେ। |

❖ ଯୋଗ୍ୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ନିଜର ଆବେଦନ ପତ୍ର ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିବେ।
❖ ଅଧିକ ସୂଚନା ପାଇଁ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
❖ ସଦସ୍ୟ ସରକାରଙ୍କ ନିୟମରେ ଦୋଷୀ ସାବ୍ୟସ୍ତ ହୋଇନଥିବେ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ

OIPR-13161/11/0016/2526

## ସରକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବୌଦ୍ଧ
## OFFICE OF THE ASSISTANT DIRECTOR OF TEXTILES, BOUDH
At/PO/Dist- Boudh -762014, Ph. No.-06841296260, E-mail: adtboudh@gmail.com

Notice No. 2491 / Dated. 28.11.2025

**QUOTATION CALL NOTICE FOR SKILL UPGRADATION TRAINING UNDER CAPACITY BUILDING**

No.PP-40 : Sealed quotations are invited from registered suppliers/ manufacturers/firms/agency for supply of following tool kits for Dyeing Training & for the Tie and Dye making and Weaving Training to the trainees of Boudh Textiles Zone under Capacity Building Component of "Promotion of Handloom Industries" for the year 2024-25.

For more details, terms & condition etc., please visit the official website of SADHAC, Bhubaneswar (www.sadhacodisha.org) or official website of Odisha State Handloom Weavers Co-operative Societies Ltd, Bhubaneswar (www.boyanika.com) or official website of Sambalpuri Bastralaya Weavers Co-operative Societies Ltd, Bargarh (www.sambalpuribastralaya.com) or Official website of Boudh District administration (www.boudh.odisha.gov.in) and may contact the Assistant Director of Textiles, Boudh in the above mentioned address, Email Id & phone number. The last date of receipt of the quotation in this Office is Dt.22.12.2025 up to 5:30 PM.

The undersigned reserves the right to reject or accept any or all the quotations without assigning any reason thereof.

Sd./- Assistant Director of Textiles, Boudh

OIPR-31027/11/0005/2526

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER U.K.HEAD WORKS DIVISION, KOLABNAGAR (K), PIN.764011
No.A-1011:

**e-Procurement Notice-SE-UKHWD-08/2025-26 Dated 28.11.2025 (ONLINE)**

1. Name of Work :: Civil Works
2. No. of Work :: 07 (Seven) Nos.
3. Approximate Value of Work :: 4.85 Lakhs to 12.70 Lakhs
4. Class of Contractor :: Registered & License Contractors of 'C' & 'D' Class
5. Period of Completion :: 03 (Three) Calendar Months
6. Date & Time of availability of bid documents online :: 29.11.2025 at 11.00 Hours to 08.12.2025 upto 18.00 Hours
7. Date & Place of Opening of Bid Online :: 09.12.2025 (11.30 Hours) at Office of the Superintending Engineer, UKHWD, Kolab Nagar
8. Name of the Officer Inviting Bids :: Superintending Engineer UKHWD, Kolab Nagar

Further details can be seen from the e-procurement portal http:// tendersodisha.gov.in. Addendum/Corrigendum/Cancellation, if any, required will be published in Govt. website only.

Sd./- Superintending Engineer, Upper Kolab Head Works Division Kolabnagar

OIPR-32015/11/0048/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH
E-mail: eerw_deogarh@yahoo.co.in

**1st Corrigendum to TCN No.SERWDGH-Online-08 of 2025-26 dtd.17.11.2025**

No.O-1607: In partial modification to this office Tender Call Notice No.08/2025-26 invited this office letter no.3692, dtd.17.11.2025, the date & time of availability of tender on online for bidding and date & time of opening of tender have been re-scheduled as follows.

(1) Period and time of availability of the bid documents dated 30.11.2025 to 09.12.2025 upto 5.00 PM instead of dated 21.11.2025 11.00 AM to 28.11.2025 upto 5.00 PM.

(2) Date and Time of Opening of tender on dated 11.12.2025 at 11.00 AM instead of 29.11.2025 at 11.00 AM

N.B.- Other term & conditions of the TCN are remain unchanged.

Sd./- Superintending Engineer R.W.Division, Deogarh

OIPR-25087/11/0022/2526

## ODISHA STATE CIVIL SUPPLIES CORPORATION LTD., DHENKANAL
At-Mahisapat, Dist-Dhenkanal, Pin-759001

**TENDER CALL NOTICE**

File No-VIII/Esst./02/25-26

No.CAD-2500: The District office of OSCSC Ltd., Dhenkanal issued a Tender Call Notice vide letter No.2340 dated 27.11.2025 inviting sealed tenders from Travel Agency/Individual for hiring 01 (One) no of vehicle in the model Tiago/ Bolt/ Celerio etc. as per Finance Department Office Memorandum no. 15836, dt.27.05.2025 for Office use of the District Manager, OSCSC Limited, Dhenkanal.

The detailed Notice/Annexures inviting sealed tender will be available in the Office website of OSCSC Limited, Bhubaneswar i.e. www.oscsc.in

The intending Travel Agency/ Individual is requested to download the detailed notice from the above website.

LAST DATE OF RECEIVING OF APPLICATION/BID ONLY THROUGH REGD. POST/ SPEED POST/ COURIER SERVICE IS BY 8TH DECEMBER 2025 BY 2.30 P.M.

Sd./- CSO-cum-District Manager OSCSC Ltd., Dhenkanal

OIPR-07029/11/0006/2526

## OFFICE OF THE NOTIFIED AREA COUNCIL, KABISURYANAGAR
At/Po: Kabisuryanagar, Dist:Ganjam, Pin-761104
Ph:06810-270099, Email:ksnnac@rediffmail.com

ପତ୍ର ସଂଖ୍ୟା 1916 ତା.26.11.25

**ନୋଟିସ୍**

No.C-1588: ଏତଦ୍ୱାରା କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା.୨୮.୧୧.୨୦୨୫ ରିଖ ଶୁକ୍ରବାର ଦିନ ସମୟ ଦିବା ଘ ୧୦.୦୦ଙ୍କା ପ୍ରବୃତ୍ତ ଉକ୍ତ ସ୍ଥାନରେ (ଓଷା ଇଲେକ୍ଟ୍ରିକ ଅଫିସ ସାମ୍ନାରେ ହୋଇ ଉକ୍ତ ଗୃହ କିମ୍ବା ପ୍ରତିଷ୍ଠାନର ନିଜସ୍ୱ ଗୃହ ପୂର୍ବରୁ ପ୍ରଦେଶ ଭୁକ ଓ ଗୋଡବନ୍ଧୁ ପାଲଶାଳା) ଥିବା ବାସିନ୍ଦାମାନେ ନିଜ ନିଜ ଆସବାବପତ୍ରକୁ ଖାଲି କରି କିମ୍ବା ଅନ୍ୟ ସ୍ଥାନାନ୍ତର ହୋଇ ଉକ୍ତ ଗୃହ କିମ୍ବା କୋଠାଗୁଡ଼ିକୁ ଖାଲି କରିଦିଅନ୍ତୁ। ଉପରୋକ୍ତ ଧାର୍ଯ୍ୟ ସମୟ ପରେ ଉକ୍ତ ଦର୍ଶିତ ବିପଦସଂକୁଳ ଅସୁରକ୍ଷିତ ଗୃହ କିମ୍ବା କୋଠାକୁ ପୂର୍ବ ନିର୍ଦ୍ଦେଶ ପ୍ରକାରେ ଭଙ୍ଗାଯିବ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦ

OIPR-13208/11/0014/2526

## OFFICE OF THE DIVISIONAL FOREST OFFICER, PURI WILD LIFE DIVISION
CHAKRATIRTHA ROAD, PURI-752002

**SHORT TENDER CALL NOTICE FOR DISPOSAL OF CASHEW NUTS 2025 CROP.**

No.MM-310 : Sealed tenders are invited for the sale of the 2025 cashew nut crop from Balukhanda and Konark (Wildlife) Ranges on "as is where" basis. **Tender documents will be available from 29/11/2025 at 10:00 AM to the last date of submission on 05/12/2025 by 3:00 PM,** for detailed information, please visit the official website: www.odishaforest.in

OIPR-08140/11/0020/2526 Sd./- DFO Puri (WL) Division

## PANCHAYAT SAMITI, RANGEILUNDA, KONISI
ANNECURA-A
BID IDENTIFICATION NO.02/2025-26
NIB NO. 6715/ Dated 26.11.2025

No.i-395 LIST OF WORKS PUT TO ON-LINE TENDER THROUGH e-Procurement

| Sl. No. | Name of the Project | Estimate Cost Put to Tender (in Rs.) | Earnest Money Deposit @1% of Tendered Value in Rs.) | Class of Contractor | Cost of BID document (Non-Refundable) | Cover Type | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of PACs Office Building at Allipur | 10,25,211.00 | 10252.00 | "D&C" Class | Rs.10,000.00 | Single Cover | 6th Calendar Month |
| 2 | Construction of PACs Office Building and Godown at Padmapur | 24,48,847.20 | 24488.00 | 'B & C' Class | Rs.10,000.00 | Single Cover | 6th Calendar Month |
| 3 | Construction of PACs Office Building and Godown at Palur | 24,48,847.20 | 24488.00 | 'B & C' Class | Rs.10,000.00 | Single Cover | 6th Calendar Month |
| 4 | Construction of PACs Office Building and Godown at Phulta | 24,48,847.20 | 24488.00 | 'B & C' Class | Rs.10,000.00 | Single Cover | 6th Calendar Month |

By the Order of Block Development Officer
Sd./- Panchayat Samiti, Rangeilunda

OIPR-19424/11/0008/2526

## Government of Odisha
**Corrigendum to Bid Identification No. CCE.Ctc.(R&B) 8/2025-26**
**Tender Reference No. - CCE.Ctc.(R&B) 8/2025-26**
E-mail ID - sectcrb_2006@yahoo.co.in, Tel/Fax - 0671-2301751/2302751

No.B-770 : The Bid availability period and Date of opening of the tenders have been modified due to unavailable circumstances. The modified dates are as follows :

| Sl. No. | Bid Identification No. | Bid Availability period as per Tender Notice | Revised Bid Availability period | Bid opening Date as per Tender Notice | Revised opening Date |
|---|---|---|---|---|---|
| 1 | CCE.Ctc. (R&B)8/2025-26 | 04.11.2025 to 5.30 Hours of 18.11.2025 | 03.12.2025 to 5.30 Hours of 17.12.2025 | 19.11.2025 at 11.00 Hours | 18.12.2025 at 11.00 Hours |

All other terms and conditions remain unchanged. Further details can be seen from the website https:// tendersodisha.gov.in.

Sd./- Chief Construction Engineer Cuttack (R&B) Circle

OIPR-34012/11/0052/2526

## ODISHA STATE CIVIL SUPPLIES CORPORATION LTD., DHENKANAL
At - Mahisapat, Dist - Dhenkanal, Pin - 759001

**TENDER CALL NOTICE**

File No - VIII/Esst./02/25-26

No.CAD-2507 : The District office of OSCSC Ltd., Dhenkanal issued a **Tender Call Notice vide letter No 2342 dated 27.11.2025** inviting sealed tenders from Travel Agency/Individual for hiring **01 (one)** no. of vehicle in the model **TUV 300/Bolero/Sumo Gold/Ertiga etc.** as per Finance Department Office Memorandum no. 15836 dt. 27.05.2025 for Supervision of Paddy Procurement operation for the KMS: 2025-26 in the O/o the District Manager, OSCSC Limited, Dhenkanal.

The detailed Notice/Annexures inviting sealed tender will be available in the Office website of OSCSC Limited, Bhubaneswar i.e WWW.OSCSC.in

The intending Travel Agency/Individual is requested to download the detailed notice from the above website.

LAST DATE OF RECEIVING OF APPLICATION/BID ONLY THROUGH REGD.POST /SPEED POST/COURIER SERVICE IS BY 8th DECEMBER 2025 BY 2.30 P.M.

Sd./- CSO-cum-District Manager OSCSC Ltd., Dhenkanal

OIPR-07029/11/0007/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, MAYURBHANJ
Tel. No. (06792)260788, e-Mail ID : mi.mayurbhanj@yahoo.co.in

**"e" Procurement Notice**
No.4347 Dated 26.11.2025
Identification No. - S.E.M.I.D. MBJ. No. - 21/MID, MBJ/2025-26

No.A-1001 : The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the website |
| 2 | Total No. of work | 12 Nos |
| 3 | Tender amount | 10.11 Lakh to 12.56 Lakh (Detail of work Annexed) |
| 4 | Class of Contractor | As Mentioned against Work |
| 5 | Period of Completion | As Mentioned against Work |
| 6 | Date & time of Availability of Bid Document in the Portal | 01.12.2025 at 10.00 A.M. to 11.12.2025 up to 5.00 P.M. |
| 7 | Last Date / Time for receipt of Bids in the Portal | 11.12.2025 up to 5.00 P.M. |
| 8 | Date/Time of Opening of Technical Bid | 12.12.2025 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I Division, Mayurbhanj |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

Sd./- Superintending Engineer Minor Irrigation Division, Mayurbhanj

OIPR-32041/11/0021/2526

## OFFICE OF THE NOTIFIED AREA COUNCIL, BHUBAN
e-Mail: bhubann.hud@nic.in

**INVITATION FOR BIDS**

No.C-1604: E-Procurement Notice-04/2025-26
Tender Call Notice No-2064/BBN NAC Dt.27.11.2025

1. Name of the Work : 09 Numbers of Civil Construction Works as in the DTCN published in the website
2. Estimated Cost : Varies from Rs.5.2 Lakhs to Rs.13 Lakhs
3. Period of Completion : One Month to Three Months
4. Date and time of availability of bid document in the portal : From 11.00 A.M. of Dt.01.12.2025 to 5.00 P.M. of Dt.15.12.2025
5. Last date/time for receipt of bid in the portal : 5.00 P.M. of Dt.15.12.2025
6. Last date of submission of bid document through Regd.Post/ Speed Post : 5.00 P.M. of Dt.15.12.2025
7. Date and Time of opening of Bid : 11.00 AM hours of Dt.16.12.2025
8. Name and address of the Officer Inviting Bid : Executive Officer, Bhuban NAC

Further details can be seen from the e-procurement portal http://tenderorissa.gov.in.

Sd./- Executive Officer Bhuban N.A.C.

OIPR-13096/11/0015/2526

## GOVERNMENT OF ODISHA
## DEPARTMENT OF WATER RESOURCES
## Office of the Additional Chief Engineer, Drainage Circle, Balasore
No.A-981
Email id : sedcbls@yahoo.com

**"e" PROCUREMENT NOTICE NO. ACEDCBLS-15/2025-26**

| | | |
|---|---|---|
| 1 | Name of work | Drainage works (Under D.I.P. Scheme) |
| 2 | Total No. of Project | 3 Nos. of individual work |
| 3 | Estimated cost of individual works | Varies from Rs.2,02,79,343/- to 6,30,68,437/- (Excluding G.S.T.) |
| 4 | Period of completion | 11 (Eleven) Calendar months |
| 5 | Bid Identification Number | ACEDCBLS/DDBLS-01-15/2025-26 ACEDCBLS/DDBLS-02-15/2025-26 ACEDCBLS/DDBLS-03-15/2025-26 |
| 6 | Date & Time of availability of Bid document in the Portal | From Dt.01.12.2025 at 10.00 hours to Dt.15.12.2025 at 17.00 hours |
| 7 | Date & Time for receipt of Bid document in the Portal | From Dt.01.12.2025 at 10.00 hours to Dt.15.12.2025 at 17.00 hours |
| 8 | Date of Opening of Technical Bid | Dt.16.12.2025 at 11.30 hours in the Office of the Additional Chief Engineer, Drainage Circle, Balasore |
| 9 | Date of Opening of Financial bid | To be uploaded in portal |
| 10 | Cost of Tender Paper | Rs.10,000.00 |
| 11 | Procurement Officer Name & address of the officer inviting Bids | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersorissa.gov.in

Sd./- Additional Chief Engineer Drainage Circle, Balasore

OIPR-32190/11/0034/2526

# କବି ଓ କବିତା

## ଅବଲୋକନ



ବିଜୟ କେତନ ପଟ୍ଟନାୟକ

କବିତା ଏକ ସୂକ୍ଷ୍ମକଳା। ସୃଜନଶୀଳ କଳା। କବିତାର ଇଂଲିଶ ପ୍ରତିଶବ୍ଦ 'ପୋଏଟ୍ରି' ପ୍ରାଚୀନ ଗ୍ରୀକ୍ ଶବ୍ଦ 'ପୋଏସିସ୍'ରୁ ଆସିଛି; ଯାହାର ଅର୍ଥ ହେଉଛି ସୃଷ୍ଟି ବା ସୃଜନ କାର୍ଯ୍ୟଧାରା। କିଶୋର ବୟସରୁ ଆପ୍ତବାକ୍ୟଟିଏ ବରାବର ଶୁଣି ଆସିଛି 'ବିନାଶ୍ରୟେ ନ ବର୍ତ୍ତନ୍ତି କବିତା, ବନିତା, ଲତା' ଅର୍ଥାତ୍ କୌଣସି ଏକ ଆଶ୍ରୟ ବିନା କବିତା, ବନିତା, ଲତା ତିଷ୍ଠିପାରନ୍ତି ନାହିଁ। ଏବେ ପରିଣତ ବୟସରେ ଭାବୁଛି, ହୁଏତ ଲତାଟିଏ ମାଡ଼ିବା ପାଇଁ ଆଶ୍ରାଟିଏ ଲୋଡ଼ା। କିନ୍ତୁ ଆଜିକାଲିର ନାରୀ ପାଇଁ ଏ ଉକ୍ତି ଆଉ ପ୍ରଯୁଜ୍ୟ ନୁହେଁ। ବିନା ସହାୟତାରେ ନିଜର ଆର୍ଥିକ ଓ ସାମାଜିକ ଉଭୟ ସ୍ଥିତିକୁ ମହିଳାମାନେ ସୁଦୃଢ଼ କରିପାରୁଛନ୍ତି।

ଏହି ପୃଷ୍ଠଭୂମିରେ ସ୍ୱତଃ ପ୍ରଶ୍ନ ଉଠିବ, କବିତାର ଉନ୍ମେଷ ପାଇଁ କ'ଣ ସତରେ ଆଶ୍ରାଟିଏ ଦରକାର, ଯାହାକୁ ଭିତ୍ତିକରି କବିତା ରଚନା କରାଯାଇପାରିବ? ଅନେକ ପ୍ରତିଷ୍ଠିତ କବି, ଲେଖକଙ୍କ ସହ କଥାବାର୍ତ୍ତା କରିବା ଅବସରରେ ସେମାନେ ସ୍ୱୀକାର କରିଛନ୍ତି ଯେ ସେମାନଙ୍କ ସାହିତ୍ୟିକ ଜୀବନର ଆରମ୍ଭ କବିତାରୁ ହିଁ ହୋଇଥିଲା। ପିଲାଦିନେ ସ୍କୁଲରେ ପଢ଼ିବା ସମୟରୁ ଅନେକେ ନିଜ ଗାଁର ପରିବେଶ, ପାହାଡ଼, ଝରଣା, ନଦୀ, ବୃକ୍ଷ, ଲତାକୁ ନେଇ ବା ଆକାଶ ଓ ଜହ୍ନକୁ ଦେଖି କବିତା ଲେଖିବାର ପ୍ରୟାସ କରିଛନ୍ତି। ତରୁଣ ବୟସରେ କବିମାନଙ୍କ କଲମରୁ ପ୍ରେମ କବିତା ଝରିଥାଏ। ସେଥିପାଇଁ ହୁଏତ ପ୍ରୟୋଜନ ହୁଏ କାବ୍ୟମାନସୀଟିଏ। ପ୍ରାପ୍ତ ବୟସରେ ଏପରି ଆଶାବାଡ଼ିର ଆବଶ୍ୟକତା ପଡ଼ି ନ ଥାଏ। ଯେକୌଣସି ବାସ୍ତବବାଦୀ ଘଟଣା, ପରିସ୍ଥିତି ମନକୁ ଛୁଇଁଲେ, କବିତାଟିଏ ଆପେ ଆପେ ଉତୁରି ଆସେ। କବିତା ଖାଲି ପ୍ରେମ ନୁହେଁ, ପ୍ରତିବାଦର ବି ହୋଇପାରେ। ତେଣୁ କବିତା କାହାର ଆଶ୍ରିତ ହେବ କାହିଁକି, ବରଂ ହେବ ଜଗତଜିତା।

ବାସ୍ତବିକ୍ କବିତାର ପରିଚୟ କ'ଣ? ଖଲିଲ ଜିବ୍ରାନ୍‌ଙ୍କ ଭାଷାରେ "କବିତା ହେଉଛି ହର୍ଷ, ଉଲ୍ଲାସ, ଦୁଃଖ, ବିଷାଦ ଏବଂ ଆଶ୍ଚର୍ଯ୍ୟପଣର ଏକ ଅଲିଖିତ ଚୁକ୍ତି; ଯାହାକୁ ଶବ୍ଦର କୁହୁକ ଭାଷାର ପୋଷାକ ପିନ୍ଧାଇଥାଏ।" ଯେତେବେଳେ ମନୁଷ୍ୟ ହୃଦୟର ଆବେଗ ଓ ଅଭୀପ୍‌ସା ଏକ ଭାବନାତ୍ମକ ଚିନ୍ତାଧାରାର ରୂପନିଏ ଏବଂ ଏହି ଚିନ୍ତାଧାରା ଭାଷାର ପୋଷାକ ପିନ୍ଧି ପ୍ରକାଶପାଏ- ତାହାହିଁ ହୋଇଥାଏ କବିତା। କବିତା କେବଳ ଆବେଗର କଥା କୁହେନାହିଁ। ସେଥିରେ ଥାଏ ଆତ୍ମାର କଥା। ନିବନ୍ଧକାର ଚନ୍ଦ୍ରଶେଖର ରଥ କହିଛନ୍ତି: "କବିତା ନ ଥାଇ ସାହିତ୍ୟ ସୃଷ୍ଟି, ପ୍ରାଣ ନ ଥାଇ ପିଣ୍ଡ ଭଳି ନିରର୍ଥକ। କବିତାର ଦିବ୍ୟ ସ୍ପର୍ଶରେ ଯେଉଁ କୁହୁକ ସଂଗ୍ରହ ହୁଏ, ସେଇଥିରେ ହିଁ ଗଳ୍ପ, ନିବନ୍ଧ ଆଦି ସ୍ପନ୍ଦିତ ହୁଅନ୍ତି।" କଥାକାର ମହାପାତ୍ର ନୀଳମଣି ସାହୁ କହନ୍ତି: "କବିତା ରାଜକୀୟ, କବି ରାଜକୀୟ ଠାଣିରେ ବସିଛି। ହଠାତ୍ 'ମୁଡ୍' ଆସିଗଲା, କବିତା ଲେଖା ହୋଇଗଲା। ଜଣେ ଔପନ୍ୟାସିକ ଦିନମଜୁରିଆ ପରି ପ୍ରତିଦିନ ଗଳଦ୍‌ଘର୍ମ ହୋଇ ପୁଳାପୁଳା କାଗଜ ଲେଖୁଥାଏ। ମୁଁ ରାଜା ନ ହୋଇ ଦିନ ମଜୁରିଆ ହେବାକୁ ପସନ୍ଦ କରିବି କାହିଁକି?"

> ସାହିତ୍ୟର ସମସ୍ତ ମାଧମ ମଧ୍ୟରୁ ଜନମାନସକୁ ସହଜରେ ଛୁଇଁଯାଏ 'କବିତା'। ତେଣୁ ଅତୀତରେ ଅନେକ ମହାକାବ୍ୟ, ଗୀତା, ଭାଗବତ, ମହାଭାରତ, ରାମାୟଣ ଆଦି ଗ୍ରନ୍ଥ କବିତାରେ ଲେଖାଯାଇଛି। ଆମ ମନରେ ରହିଥିବା ନକାରାତ୍ମକ ଅନୁଭୂତିକୁ ନିଷ୍କାସନ କରି ବିଶୃଙ୍ଖଳିତ ଚିନ୍ତାଧାରାକୁ ଶୃଙ୍ଖଳିତ କରି ବିକ୍ଷୁବ୍ଧ ମନକୁ ଶାନ୍ତ ଓ ଚାପମୁକ୍ତ କରିବାରେ କବିତା ଲିଖନ ଓ ପଠନର ବିକଳ୍ପ ନାହିଁ।




କବିତାର ଧର୍ମ ହେଲା ବିଭାଜନକାରୀଙ୍କ ମଧ୍ୟରେ ସମ୍ପର୍କର ସେତୁ ବାନ୍ଧିବା, ଭାବର ଆଦାନପ୍ରଦାନ କରାଇବା ଓ ଉପେକ୍ଷିତ ବା ଅବହେଳିତ ଜନତାର ସ୍ୱର ପାଲଟିବା। ଏବେ କିନ୍ତୁ ଲକ୍ଷ୍ୟ କରାଯାଉଛି, କବିତା ଏକ ସୂକ୍ଷ୍ମ କଳା ଏବଂ ଭାବପ୍ରକାଶର ଅନ୍ତଃସ୍ୱର ହୋଇ ରହି ନାହିଁ। ଛାପାକାର୍ଯ୍ୟ ଏବେ ସହଜ, ସୁଲଭ ହୋଇଥିବାରୁ କେତେକ କବିତା ଲେଖି ତାକୁ ବହିଟିଏ କରି ଛପେଇ, ରାତାରାତି କବି ହୋଇଯିବାର ସ୍ୱପ୍ନ ଦେଖୁଛନ୍ତି। ସେମାନେ ଭାବନ୍ତି, ଯେକୌଣସି ଗଦ୍ୟ ରଚନାର ବାକ୍ୟକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ସଜାଡ଼ିଦେଲେ କବିତାଟିଏ ହୋଇଯିବ। ଜଣେ ପ୍ରକାଶକ ବନ୍ଧୁ, ଯିଏ ଗତ ଦୁର୍ଗାପୂଜାରେ ପାଞ୍ଚଶହ ପୃଷ୍ଠାର ବୃହତ୍ କଳେବର ବିଶିଷ୍ଟ ପୂଜା ପତ୍ରିକାଟିଏ ଛାପିଛନ୍ତି, କହୁଥିଲେ ଏଥର ପ୍ରକାଶନ ନିମନ୍ତେ ତାଙ୍କ ପାଖକୁ ସାତଶହ କବିତା ଆସିଥିଲା। ସେ ମହାଶୟ ବହୁ କଷ୍ଟରେ ତା' ଭିତରୁ ବାଛି ମାତ୍ର ଶହେ ପଚାଶଟି କବିତା ପତ୍ରିକାରେ ସ୍ଥାନିତ କରିପାରିଲେ। ଏହି ପ୍ରସଙ୍ଗରେ ଲବ୍‌ଧ ପ୍ରତିଷ୍ଠ କବି ଓ ସମ୍ପାଦକ ଲିସା ସାଇଡସ୍ ଏକଦା କହିଥିଲେ- "କବିତା ହେଉଛି ସାହିତ୍ୟର ଅସୁନ୍ଦର ଭଉଣୀ। କବିତାକୁ ଭ ଲ ପା। ଅ। ନ୍ତି ବୋଲି ସମସ୍ତେ କହନ୍ତି। କିନ୍ତୁ କବିତା ବହି କିଣିବାକୁ ଅର୍ଥ ଖର୍ଚ୍ଚ କରିବାକୁ କେହି ଚାହାନ୍ତି ନାହିଁ। ସେଥିପାଇଁ କବିତା ବହି ବିକ୍ରିହୁଏ ନାହିଁ।"

କବିତା ଲିଖନ ହିଁ ସାହିତ୍ୟ ରଚନାର ପ୍ରଥମ ପର୍ବ। ଗପ, ଉପନ୍ୟାସଟିଏ ଲେଖିବା ଅନେକଙ୍କ ପକ୍ଷେ କଷ୍ଟକର ହୋଇପାରେ, କିନ୍ତୁ ପ୍ରାୟତଃ ସମସ୍ତେ ଜୀବନର କୌଣସି ନା କୌଣସି ପର୍ଯ୍ୟାୟରେ କବିତାଟିଏ ଲେଖିଥାନ୍ତି- ତାହା ମିଳନାନ୍ତକ ହେଉ ବା ବୟୋଗାନ୍ତକ। ଧର୍ମକୁ ଆଧାର କରି ମଧ୍ୟ ଯୁଗଯୁଗ ଧରି ଅନେକ କବିତା ଲେଖାଯାଇଛି। ଯୁଗୋସ୍ଲୋଭିଆର କବି ଇଜେଟ୍ ନିଜର ଏକ କବିତାରେ ଅଭିଳାଷ ବ୍ୟକ୍ତ କରି କହିଥିଲେ, "ପୃଥିବୀର ସବୁ ବାପା କବି ହୋଇଯାଆନ୍ତେ କି!"

ଆଜିର ବସ୍ତୁବାଦୀ ଦୁନିଆରେ ୩୫ ପ୍ରତିଶତ ବ୍ୟକ୍ତି କୌଣସି ନା କୌଣସି ସ୍ତରରେ ମାନସିକ ଚାପଗ୍ରସ୍ତ, ସେମାନଙ୍କର ସଂଖ୍ୟା ସ୍ୱିଡେନ, ଆମେରିକା, କାନାଡ଼ା, ରୁଷ୍ ଓ ବ୍ରାଜିଲରେ ଅଧିକ। ମାନସିକ ଚାପ ନକାରାତ୍ମକ ପ୍ରବଣତା ସୃଷ୍ଟି କରି ମନକୁ ଆନ୍ଦୋଳିତ କରିଥାଏ। ଏକ ନିର୍ଦ୍ଦିଷ୍ଟ ପ୍ରବଣତାକୁ ଶବ୍ଦ ମାଧ୍ୟମରେ ଲେଖିଦେଲେ ଅର୍ଥାତ୍ ମନକୁ ଆସୁଥିବା ଦୁଃଖ, ଭୟ, ରାଗ ଓ ଶୋକ ଆଦିକୁ ଲେଖାରେ ପ୍ରକାଶ କରିଦେଲେ ଚାପ କମିଯାଏ। ଦୁଃଖ ସମୟରେ ଈଶ୍ୱରଙ୍କୁ ପ୍ରାର୍ଥନା ମାଧ୍ୟମରେ ଆମେ ଯାହା ଗୁହାରି ଜଣାଉ, ତାକୁ ଚିତ୍ରଟିଏ ଆକାରରେ ଲେଖିପକାଇଲେ ମାନସିକ ଚାପ ଓ ଗ୍ଲାନି ଅଧିକ ମାତ୍ରାରେ ହ୍ରାସପାଏ ଏବଂ ଆତ୍ମବିଶ୍ୱାସ ବଢ଼େ ବୋଲି କୁହନ୍ତି ଆମେରିକା ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର କିଛି ମନୋବିଜ୍ଞାନୀ। ଆମ ମନ ଭିତରେ ନକାରାତ୍ମକ ଭାବପ୍ରବଣତାକୁ ପ୍ରରୋଚିତ କରେ ଆଡ୍ରେନାଲ ଗ୍ରନ୍ଥିରୁ କ୍ଷରିତ 'ଷ୍ଟେରଏଡ' ଜାତୀୟ ଏକ ବିଶେଷ ପ୍ରକାରର ହରମୋନ୍ 'କୋର୍ଟିସଲ'। ୨୦୧୯ ମସିହାରେ ଚାଇନାର କେତେକ ମନସ୍ତତ୍ତ୍ୱବିତ୍ ଦେଇଥିବା ସୂଚନା ଅନୁସାରେ କବିତାଟିଏ ଲେଖିପକାଇଲେ ଶରୀର ମଧ୍ୟରେ ଏହି ହରମୋନ୍‌ର କ୍ଷରଣ ଧୀରେ ଧୀରେ ହ୍ରାସପାଏ। ଚିଠି, କବିତା ବା ସାହିତ୍ୟର ଅନ୍ୟ କୌଣସି ମାଧ୍ୟମ ମନକୁ ନକାରାତ୍ମକ ଭାବଧାରାରୁ ମୁକ୍ତ କରିବାର ଶ୍ରେଷ୍ଠ ଉପାୟ, କିନ୍ତୁ ସାହିତ୍ୟର ସମସ୍ତ ମାଧ୍ୟମ ମଧ୍ୟରୁ ଜନମାନସକୁ ସହଜରେ ଛୁଇଁଯାଏ କବିତା। ତେଣୁ ଅତୀତରେ ଅନେକ ମହାକାବ୍ୟ, ଗୀତା, ଭାଗବତ, ମହାଭାରତ, ରାମାୟଣ ଆଦି ଗ୍ରନ୍ଥ କବିତାରେ ଲେଖାଯାଇଛି। ଆମ ମନରେ ରହିଥିବା ନକାରାତ୍ମକ ଅନୁଭୂତିକୁ ନିଷ୍କାସନ କରି ବିଶୃଙ୍ଖଳିତ ଚିନ୍ତାଧାରାକୁ ଶୃଙ୍ଖଳିତ କରି, ବିକ୍ଷୁବ୍ଧ ମନକୁ ଶାନ୍ତ ଓ ଚାପମୁକ୍ତ କରିବାରେ କବିତା ଲିଖନ ଓ ପଠନର ବିକଳ୍ପ ନାହିଁ।

– ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା
ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୯୪୩୭୦୦୦୯୦୪

## ପୁସ୍ତକ ପରିଚୟ

### ଲୋକକଥାରେ ଶ୍ରୀଜଗନ୍ନାଥ ଭକ୍ତ




**ଲେଖକ:** ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଚ୍ଛି
**ପ୍ରକାଶକ:** କାବ୍ୟଲୋକ, ଲୁଇସ୍ ରୋଡ୍, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ଗ୍ରନ୍ଥରେ ଜଗନ୍ନାଥଙ୍କର ୨୨ଜଣ ଭକ୍ତଙ୍କ ଜୀବନାଲେଖ୍ୟ ପ୍ରଦାନ କରାଯାଇଛି। ସେମାନେ ହେଲେ ଭକ୍ତକବି ଜୟଦେବ, ଆଦିକବି ସାରଳା ଦାସ, ମହାପୁରୁଷ ଅଚ୍ୟୁତାନନ୍ଦ, ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଶିଶୁ ଅନନ୍ତ ଦାସ, ଶ୍ରୀଚୈତନ୍ୟ ମହାପ୍ରଭୁ, ନାମାଚାର୍ଯ୍ୟ ହରିଦାସ ଠାକୁର, ଦାସିଆ ବାଉରୀ, ମନେଇ ସାହୁ, ସିଦ୍ଧ ବାରଙ୍ଗ ଗୋସେଇଁ, ସନ୍ଥ କବୀର, ସନ୍ଥ ତୁଳସୀ ଦାସ, ଗୁରୁ ନାନକ, ସନ୍ଥ ଅରକ୍ଷିତ ଦାସ, ହାଡ଼ି ଦାସ, ଭକ୍ତ ସାଲବେଗ, ଦୀନକୃଷ୍ଣ ଦାସ, ରାମାନୁଜାଚାର୍ଯ୍ୟ, ଆଳବନ୍ଦରାଚାର୍ଯ୍ୟ ଓ ଆଚାର୍ଯ୍ୟ ପଦ୍ମପାଦ। ଲୋକକଥାରେ ଏହିସବୁ ଭକ୍ତମାନଙ୍କ ସମ୍ପର୍କରେ ଯେପରି ଉଲ୍ଲେଖ ରହିଛି, ତା'ରି ଆଧାରରେ ଲେଖକ ଗ୍ରନ୍ଥର ବିଷୟ ସଂରଚନା କରିଛନ୍ତି। ଶ୍ରୀଜଗନ୍ନାଥାନୁଗତ ଭକ୍ତମାନଙ୍କର ଜୀବନ ସମ୍ବନ୍ଧରେ ଓଡ଼ିଶାର ପାଠିକାପାଠକମାନେ ଊଣାଅଧିକେ ଅବଗତ ଥିଲେ ବି ଅନେକ ଅଜଣା କଥା ପୁରାଣ ଓ କିମ୍ବଦନ୍ତୀରୁ ସଂଗ୍ରହ କରି ଲେଖକ ଏଥିରେ ସଂଯୋଜିତ କରିଛନ୍ତି, ଯାହା ପାଠକଲେ ଅପୂର୍ବ ପାଠକୀୟ ଆନନ୍ଦ ମିଳିବା ସହିତ ଆପଣାର ଜ୍ଞାନବଳୟକୁ ପାଠକେ ସମ୍ପ୍ରସାରିତ କରିପାରିବେ। ଯଥା ଜୟଦେବଙ୍କ ପ୍ରସଙ୍ଗରେ ଜୟଦେବ ଓ ଚୋର ବାବାଜି, ମୋଚିରାମ ବେହେରା ଓ ଗୀତଗୋବିନ୍ଦ; ଅଚ୍ୟୁତାନନ୍ଦଙ୍କ ପ୍ରସଙ୍ଗରେ ଅଚ୍ୟୁତାନନ୍ଦ ଓ ଅଚ୍ୟୁତି ଖାଁ, ଅଚ୍ୟୁତାନନ୍ଦ ଓ ଚମ୍ପାବତୀ ବିବାହ, ଶୂନ୍ୟ କୂଅ ପ୍ରସଙ୍ଗ; ବଳରାମଙ୍କ ପ୍ରସଙ୍ଗରେ ମହାପ୍ରଭୁଙ୍କ ପାନଖିଆ, ଜଗନ୍ନାଥ ଦାସଙ୍କ ପ୍ରସଙ୍ଗରେ ଜଗନ୍ନାଥ ଦାସ ଓ ଚନ୍ଦନକାଠ, ଯଶୋବନ୍ତ ଦାସଙ୍କ ପ୍ରସଙ୍ଗରେ ଧାନଚୋରି କଥା, ବ୍ରହ୍ମରାକ୍ଷସ କଥା ଓ ଅଜଗର ସାପ କଥା; ଶିଶୁ ଅନନ୍ତ ଦାସଙ୍କ ପ୍ରସଙ୍ଗରେ ଶିଶୁ ଅନନ୍ତ ଓ ପୀର ଖାଁ ପ୍ରଭୃତି ପ୍ରସଙ୍ଗରେ ନାନା ଉପାଖ୍ୟାନର ଅବତାରଣା ରହିଛି, ଯାହା ପ୍ରଭୁଙ୍କ ମହିମାଗାନ କରି ଅମରତ୍ୱ ଲାଭ କରିଥିବା ଭକ୍ତପ୍ରବରଙ୍କ ସମ୍ପର୍କରେ ପାଠକଙ୍କୁ ଅବଗତି ଆଣିଦେବ।

### ସଂଜ ନଇଁଗଲା ପରେ




**କବି:** ଦୟାନିଧି ନାୟକ
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୫୦/-

ମୋଟ ୫୮ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। କବିତାଗୁଡ଼ିକର ଭାଷା ସରଳ। ମନେହେବ ଯେମିତି ଜଣେ ଅନ୍ୟଜଣକୁ ଗପ କହୁଛି, ଜୀବନର ଗପ, ସମୟର ଗପ, ସୁଖଦୁଃଖ, ଆନନ୍ଦ ବିଷାଦ- ସବୁକିଛି। କେତୋଟି ଉଦାହରଣ ନିଆଯାଉ ଗ୍ରନ୍ଥସ୍ଥ କବିତାରୁ- ୧. "ସକାଳର ସୂରୁଜକୁ ଦେଖିଲେ/ ଆଜି ଭାରି ମନେପଡ଼େ/ ଗଲାଦିନର କଥାସବୁ,/ ଦାନ୍ତ ଘଷି ସାରି/ ବୋତାମ ଛିଣ୍ଡିଯାଇଥିବା/ ପ୍ୟାଣ୍ଟକୁ ମୋଡ଼ିମାଡ଼ି/ ଟିଉସନ ଯିବା କଥା।/ ମାସ ପୂରିବା ପରେ/ ଠିକ୍ ସମୟରେ ପଇସା ଦେଇପାରୁ ନ ଥିବା/ ଦୁଃଖର କାହାଣୀ ଭିତରେ/ ଆଖି ସାମ୍ନାକୁ ଆସିଥାଏ/ ମୋ ବାପାଙ୍କ ମୁହଁ" (ଆଜି ମନେପଡ଼େ, ପୃ:୦୯), ୨, "ବଦଳୁଛି/ ମାନଚିତ୍ର/ ପୋଡ଼ି ଯାଉଛି/ ସବୁଜ ସ୍ୱପ୍ନ/ ଉଜୁଡ଼ି ଯାଉଛି/ ମଣିଷ ଭିତରର/ ମଣିଷ ପଣିଆ।" (ମାନଚିତ୍ର, ପୃ:୨୯), ୩. "ରାତି ପାହିଗଲା ପରେ/ ସବୁ କିଛି କୋଳାହଳମୟ/ x x ସକାଳର ଖବରକାଗଜ/ ଭାରି ଉତ୍କଣ୍ଠାମୟ/ ଗଣବଳାତ୍କାର, ପ୍ରଶ୍ନପତ୍ର ଲିକ୍/ ଖଣି ଖୋଳ, ନିର୍ବାଚନୀ/ ବାହାସ୍ଫୋଟର/ ପୃଷ୍ଠା ଓଲଟାଉ ଓଲଟାଉ/ ସରିଯାଏ ଚା କପ୍‌ରୁ ତ/ ସମୟ।" (ରାତି ପାହିଗଲା ପରେ, ପୃ: ୬୨), ୪. "ଏଇଠି ଏମିତି/ ବସ୍ତିମାନେ ଶୋଇପଡ଼ନ୍ତି/ x x ନିରୋଳା ପ୍ଲାଟ୍‌ଫର୍ମ/ ପରିତ୍ୟକ୍ତ ସିମେଣ୍ଟ ବେଞ୍ଚ୍/ ମେଞ୍ଚା ମେଞ୍ଚା ଅଳିଆଗଦା/ କବାଡ଼ିଆଙ୍କ ଗୋଦାମ ଘରକୁ/ ସେମାନେ ଆବୋରି ନିଅନ୍ତି/ ନା କେବେ ବୁଝନ୍ତି/ ଏଠି ଜୀବନର ମାନେ କ'ଣ?/ ନା କେବେ ଖୋଜନ୍ତି/ ଭବିଷ୍ୟତର ଠିକଣା।" (ବସ୍ତିମାନଙ୍କ ପାଇଁ କବିତା, ପୃ:୬୭)। ଦୟାନିଧିଙ୍କ କବିତାରେ ସାରା ଜଗତ, ତା'ର ସହସ୍ର ମୁଖ ଟେକି ଚାହିଁଥାଏ। ସମୟର ପ୍ରବାହରେ ମଣିଷର ମରିଯାଉଥିବା ମଣିଷ ପଣିଆ, ସ୍ମୃତିର ଆଢୁଆଳରେ ବ୍ୟକ୍ତିଗତ ଜୀବନ ଦୈନ୍ୟ, ଚଉପାଶର ସ୍ଖଳିତ, ଅବକ୍ଷୟିତ ସମାଜର ଦୃଶ୍ୟପଟ, ପ୍ଲାଟ୍‌ଫର୍ମରେ ସ୍ୱପ୍ନହୀନ ସମୟ ବିତଉଥିବା ଅନାଥ ପିଲା- ଏକାକାର ହୋଇ ଏପରି ଏକ ସଂବେଦନା ନିର୍ମାଣ କରନ୍ତି, ଯାହା ପାଠକଙ୍କୁ ଅଭିଭୂତ କରେ, ଭାବିତ କରେ। ତାଙ୍କ ଅନ୍ତର୍ଲୋକରେ ଚରାଚର ବାଙ୍ମୟ ହୋଇଉଠେ।

## କବିତା

### ଲଢ଼େଇ

ଅଖିଳ କୁମାର ମିଶ୍ର

ଭୁଲ୍‌ରୁ ଅଲଗା ତୁବି ନାହିଁ ମୁଁ ବି
ଦଶଜଣ ମଣିଷ ସଂସାରରେ/ ଭଗବାନ ତୁ ବି ମୁଁ ବି
ଛିଡୁ ନଥିବା ବୁଝାମଣା ଦୁଇଜଣଙ୍କ ମଧ୍ୟରେ
ଦୂରତ୍ୱ ଯେ ବୁଣିହୁଏ ସ୍ୱାର୍ଥର ସୂତାରେ,
ନହେଲେ ଚିନ୍ତା କ'ଣ; ଆମେ ସମସ୍ତେ ଏକାପରି।

ନିଜ ନିଜ ରାସ୍ତାରେ ଦୁଇଜଣଙ୍କ ଯାତ୍ରା ଜାରି ରହିଲା,
ସମୟକୁ ଅଟକାଇଲା କିଏ? କହୁନ-
ଆମ ଭିତରୁ ହିଂସାର ନିଆଁଟାକୁ ଦେଖିଲା ଯିଏ,
ତୁ ବି ନୁହଁ, ମୁଁ ବି ନୁହଁ- ଚକ୍ଷୁ ପରା ମୁଦା ପ୍ରଳୟର
ଦି'ଜଣ ପରସ୍ପରକୁ ବହୁତ ବେଶୀ ଚାହୁଁଥିଲେ,
ମାତ୍ର ଏ ବାସ୍ତବତା ମାନିବା ଜୀବ ନା ତୁ ନା ମୁଁ!

ଝଗଡ଼ାଝାଟି, ଚିଟିକାରୀ ଓ ବିଦେହର ଆବିଳତା
ଧରପଗଡ଼ ଧମାଧମ ପରସ୍ପର ସହିତ ମନ୍ଦ ବେଭାର
ଗାଳିଗୁଲଜ ଯେତେ ଦେଇଦେବା
ମାତ୍ର ଶେଷରେ ଗୋଟିଏ ଜାଗାରେ ପଡ଼ିରହିବା।

ବଳବଅସ ଥିବାଯାକେ,
ତାଡ଼ି ନବାକୁ ଆଖି ଡେଇଁ ପଡୁଚେ,
କପଡ଼ା ଟାଣି ଲଙ୍ଗଳା କରି
ପକାଇବାକୁ ପ୍ରୟାସ କରୁଚେ,
ଏମିତି ସମୟ ଆସିବ
ହାତ ଧରିବା ତ ଦୂରର କଥା
ଚିହ୍ନିବାକୁ ବି ବଳ ନ ଥିବ।

ସେଇ ମିଥ୍ୟା ଲଢ଼େଇ ବଖାଣିବା ଲାଗି
ଦିନେ ଆମେ ବି ରହିବାନି-
ସଭ୍ୟତାର ସୀମାନ୍ତରେ ଗପମାନେ ଚେହେରା
ବଦଳାଇ ଶୂନ୍ୟ ଛନ୍ଦରେ ଶୋଇ ଯାଇଥିବେ
ଯେ' ଯାହାର ବିଛଣାରେ।

– ଆଡିସନାଲ ଡିଜି, ପତ୍ର ସୂଚନା ବ୍ୟୁରୋ
ଭାରତ ସରକାର, ଭୁବନେଶ୍ୱର

### ଉଠ୍‌ରେ ପୁତା ଉଠ୍

ଚନ୍ଦନ କୁମାର ଦାସ

ତୋ ଛାତିର ଅଚିହ୍ନା ରାତିରେ
ପୁଣି ଉଇଁ ଆସିବ ଜହ୍ନ
ଲେଉଟିବେ ତାରା ସବୁ
ଲିଭିଯିବ ନିଃଶ୍ୱାସର ନିଆଁ
ଫରଚା ଆକାଶ ତଳୁ ଭାଙ୍ଗିଯିବ
ଅଦିନିଆ ବୈଶାଖର ବିଧୂର ବେଦନା।

କହ...! କହରେ ପୁତା କହ...
କାହିଁ ଗୁନ୍ଥୁ ହୃଦୟେ ତୋ' ଏତେ ଅଭିମାନ
ଲଟକିଛୁ କାହିଁପାଇଁ ତୋ' ଅଝଟପଣର
ଶୂନ୍ୟ ଏକ ଶିଆଳିଲଟାରେ
ଏ ଅଭିମାନ ଆଜି ଗୋଟେ ଗୋଟେ
ବେକାର ଯୁବକର ପକେଟ ପରି
ଯାହା ତୋ ଥିବା ନ ଥିବାର ଫରକ ଦେଖେନି
ଖୋଜେନି ତୋ ସଜଳ ଆଖିର ଆକାଶରେ

ଘନେଇ ଆସୁଥିବା
ଅସୁମାରି ସ୍ୱପ୍ନର ପୁଞ୍ଜିଭୂତ ମେଘଖଣ୍ଡ
ତୋ ଅଭିମାନ ସବୁ
ଅଲୋଡ଼ା ବାର୍ଦ୍ଧକ୍ୟର ଅସହାୟତା ପରି
ଚାହିଁଥିବେ ପୁଣି ଏକ ରାତି ପାହିବାକୁ
ତୁ କିନ୍ତୁ ଖୋଜୁଥିବୁ ଦାଦନର ଦରିଆରେ
ପୂର୍ବ ରାତିରେ ବୁଡ଼ିଥିବା ବିଶ୍ୱାସର ବୋଇତକୁ।

ଉଠ୍‌ରେ ପୁତା ଉଠ
ତୋତେ ଲାଲ ମାଟିର ରାଣ
ହକ୍ ନ ମାଗି ହାରିଯାଇ
ଚେଷ୍ଟା କରିବୁନି କେବେ
ପୂରେଇବାକୁ ତୋ' ଅଭିମାନୀ ମାଣକୁ
ସେରେ ଚାଉଳରେ
ଜାଣିଥିବୁ ଆଜି ବି ବଞ୍ଚିଛି ଏଇ ମାଟିରେ
ଗୋଦାବରୀଶଙ୍କ ସେଦିନର ସେ ମାଗୁଣି
ଆଉ ତା' କାଳିଆ କସରା ବଳଦ
ତା' ଶଗଡ଼ର ସ୍ମୃତିଭିଜା ସ୍ୱାଭିମାନ।

ଭୋଗରାଇ, ବାଲେଶ୍ୱର
ମୋ: ୮୧୧୪୩୪୫୯୮୮

### ଗୀତି-କବିତା

### ମେଘ ପାଇଁ

ଲକ୍ଷ୍ମୀପ୍ରିୟା ପୃଷ୍ଟି

ମେଘ ଧାନବିଲ ଶାଗୁଆ ପଣତେ
ଅଭାବୀ ପ୍ରାଣର ଗୀତି
ମେଘ ତୋ' ମନ ସାଦା ଫରଦରେ
ରଜନୀଗନ୍ଧାର ରାତି।

ଥରେ ବର୍ଷିଗଲେ ଆକାଶ ଛାତିଟା
କଇଁଫୁଲ ଜହ୍ନରାତି
ଥରେ ଝରିଗଲେ ତୋ' କବିତା ଲାଗେ
ଅଳସୀ ଆଖିର ପ୍ରୀତି।

ନୀର ନୁହେଁ ସତେ ଫୁଲ ବରଷୁଛି
ଆବେଗର ଓଦାପଣେ
ମଣିଷ ପରି ଏ ମେଘ ବି ଉଛୁଳେ
କଳାଦିଅଁ ଦରଶନେ।

– ଅଧ୍ୟାପିକା, ଓଡ଼ିଆ ବିଭାଗ
ଦଶରଥପୁର ଉଚ୍ଚତର
ମାଧ୍ୟମିକ ବିଦ୍ୟାଳୟ, ଯାଜପୁର
ମୋ: ୭୩୭୭୩୧୮୭୮୯

## କାଳକାଳକୁ



"ଅନ୍ତର୍ଲୋକକୁ ଯାତ୍ରା ହିଁ ଜୀବନର ଏକମାତ୍ର ଯାତ୍ରା।"

– ରାଇନର ମାରିଆ ରିଲ୍‌କେ

**ରାଇନର ମାରିଆ ରିଲ୍‌କେଙ୍କ** ଜନ୍ମ ୪ ଡିସେମ୍ବର ୧୮୭୫ରେ ଅଷ୍ଟ୍ରିଆର ପ୍ରାଗ୍‌ରେ ଓ ପରଲୋକ ୨୯ ଡିସେମ୍ବର ୧୯୨୬ରେ ସୁଇଜରଲାଣ୍ଡର ମଣ୍ଟ୍ରିକ୍ସରେ। ଜର୍ମାନୀ ଓ ଫରାସୀ ଭାଷାରେ ଲେଖୁଥିବା ଏହି ବିଶ୍ୱବିଦିତ ଲେଖକ ଏକାଧାରରେ କବି ଓ ଔପନ୍ୟାସିକ। ତାଙ୍କର ପ୍ରସିଦ୍ଧ କବିତାଗ୍ରନ୍ଥ ମଧ୍ୟରେ 'ଡୁଇନୋ ଏଲିଜିକ୍' ଓ 'ସନେଟ୍‌ସ ଟୁ ଅରଫିୟସ୍' ପ୍ରମୁଖ। ମୃତ୍ୟୁ ପରେ ତାଙ୍କର ୧୦ଟି ବିରଳ ଚିଠିକୁ ନେଇ ପ୍ରକାଶିତ ହୁଏ 'ଲେଟର୍ସ ଟୁ ଏ ୟଙ୍ଗ୍ ପୋଏଟ୍' ସଙ୍କଳନ। ମାରିଆଙ୍କ ସୃଜନ-ଅବଧି ୧୮୯୪ରୁ ଆରମ୍ଭ ହୋଇ ଶେଷ ହୁଏ ୧୯୨୫ରେ। ସେ କହନ୍ତି: "ସୌନ୍ଦର୍ଯ୍ୟ ଅନ୍ୟ କିଛି ନୁହେଁ, ସଂତ୍ରାସର ଆରମ୍ଭ ମାତ୍ର।"

## ଶୂନ୍ୟତା

ଲଘୁଗଳ୍ପ

ସୁନନ୍ଦା ମହାନ୍ତି

ବୋଉ ସକାଳୁ ଉଠିଲେ ଆଗ ସେମାନଙ୍କ ଗିନା ଥାଳିଆରେ ଖାଦ୍ୟ ରଖୁଥିଲା। ପୁଷି ପାଇଁ ନଖଉଷୁମ କ୍ଷୀର ସାଙ୍ଗକୁ ଟମିର ବଡୁରା ରୁଟି କ୍ଷୀର, ନେଉଳର ବିସ୍କୁଟ ତ ଶୁଆର ବୁଟଦାନା। ବୋଉ ଠାକୁର ବାସନ ମାଜି, ଫୁଲ ତୋଳି ବାପାଙ୍କ ପାଇଁ ଚା ଜଳଖିଆ ପ୍ରସ୍ତୁତ କରିବା ବେଳକୁ ସମସ୍ତଙ୍କ ଥାଳି ଗିନା ତାଟିଆ ସଫା। କୃତକୃତ୍ୟ ହୋଇଯାଏ ବୋଉ। ଅସୁବିଧା ସବୁ ବାପାଙ୍କର। ଜଳଖିଆଠାରୁ ଆରମ୍ଭ କରି ରାତି ଖାଇବା ପର୍ଯ୍ୟନ୍ତ ବାପା ଖୁଣନ୍ତି। ଆର ଜନ୍ମରେ ସତେକି ଋଣ କରି ଏ ଜନ୍ମରେ ଶୁଝୁଥାଏ ବୋଉ। କେତେ କାଇଦା କଟକଣାରେ କରିଥିବା ଚକୁଳି କୁଆଡ଼େ ଆହୁରି ପତଳା ହୋଇଥାଆନ୍ତା, ତାଙ୍କ ବୋଉ ବା ବୋଉର ଶାଶୁଙ୍କ ପରି ବା ପିଲାଙ୍କ ଜେଜେମା'ଙ୍କ ଚକୁଳି ପରି। ଦହିବରା ଆଉ ଟିକେ ମିଠା ହୋଇଥାଆନ୍ତା, ଆଳୁ ପରଟା ଖାଇ ଡାଇବେଟିସ ବଢ଼ିଗଲାଣି, ରୁଟି ଚା ଦେଲେ ବାସିରୁଟି ଖାଇବା ଭାଗ୍ୟରେ ଥିଲା ଶେଷକୁ। ଏସବୁ ସିନା ଜଳଖିଆ ତିଆରି କରିବା ଲୋକ ବୋଉର ଦୋଷ, କିନ୍ତୁ ଖରାବେଳ ଖାଇବାରେ ହାତ ଚାଟି ଖାଉଥିବା ବାପା ଖୁଣ କାଢ଼ନ୍ତି ଓ ଗୁଣ ବଖାଣନ୍ତି ବୋଉର ସାତପୁରୁଷଯାଏଁ। ହାରେନି ବୋଉ ତଥାପି। ଡବା ଡବା ପାନ ଭାଙ୍ଗୁଥାଏ। ଧୂଳିଗୁଣ୍ଡିପକା ଲବଙ୍ଗଦିଆ ପାନ। ଥରେ ନୁହଁ, ଦିନକୁ କେଜାଣି କେତେ ଥର! ରାତିରେ ରୁଟି କ୍ଷୀର କାହିଁ ଆଗରୁ ଭିଜେଇଲ ନାହିଁ କହି ଘର କମ୍ପାନ୍ତି ବାପା। ଛାତ ଉପରୁ ମାଙ୍କଡ଼ ଆସି ଖାଇବା ନେଇଗଲେ ବି ବୋଉର ଦୋଷ। କାଳେ ଅକାଳେ ଘରକୁ ଆସିଥିବା ପିଲା ବୁଝନ୍ତି ବୋଉର ଦୁଃଖ, ହେଲେ ବାପାଙ୍କୁ କିଛି କହନ୍ତି ନାହିଁ। ବୋଉ ଶିଖେଇଛି ପିତା ପରମ ତପ। ପିତା ସ୍ୱର୍ଗ।

ଆଜି ଦୁଇ ପୁଅ ଦୁଇ ବୋହୂ ସମସ୍ତେ ନିଜ ସହରକୁ ବଦଳି ହୋଇ ଘର ଗହଳି। ବାପାଙ୍କୁ ଭଲ ଭଲ ଖାଇବା ଦେବାକୁ ଦୁଇ ବୋହୂଙ୍କ ଭିତରେ ପ୍ରତିଯୋଗିତା। ବୋଉଙ୍କ ହାତରନ୍ଧା ପରି ସୁଆଦିଆ ନ ହେଲେ ମଧ୍ୟ ଅନ୍‌ଲାଇନରୁ ଭିନ୍ନଭିନ୍ନ ଜଳଖିଆ ଶିଖି, ବନେଇ ରଖନ୍ତି ବାପାଙ୍କ ପାଖେ। ବିନା ଦ୍ୱିଧା, ବିନା ଖୁଣରେ, ବିନା ପ୍ରତିବାଦରେ ବାପା ଖାଇଦେଇ ଉଠନ୍ତି। ଭରା ଭରା ଥାଳିଆ, ଗିନା ସବୁ ସେମିତି ଥୁଆ ହୋଇଥାଏ ଟମି, ପୁଷିଙ୍କର। ବାପା ପଛେ ଖାଇଦେଉଛନ୍ତି, ଆଙ୍କର ବେଶି ବାଗ କହି ବଡ଼ବୋହୂ ଯେତେ ଯତ୍ନ କଲେ ମଧ୍ୟ ସେମାନେ ମୁହଁ ମାରି ଶୁଙ୍ଘି ଚାଲିଥାନ୍ତି କାହାର ପରଶକୁ, କାହାର ଶୂନ୍ୟତାକୁ। ସାନବୋହୂ ସେମାନଙ୍କୁ ଦେଖି ଭାବେ ଏତେ କରୁଥିଲେ ତୁମ ପାଇଁ, ଆମ ପାଇଁ ତଥା ବାପାଙ୍କ ପାଇଁ, ହେଲେ ତାଙ୍କ ପାଇଁ ଦିନେ କେହି ଯତ୍ନ କରିବାର ସୁଯୋଗ ପାଇନି। ରତ୍ନପିଣ୍ଡର ଦେବୀ ଥିଲେ କହି ଆଖିରୁ ଲୁହ ପୋଛୁଥିଲା ସାନବୋହୂ ତ ପଛରୁ ବାପା ଡାକ ପକେଇଥିଲେ ବଡ଼ବୋହୂକୁ, ପାନ ଦୁଇଖଣ୍ଡ ଭାଙ୍ଗିପାରିବୁ ମାଆ! ବୋଉ ଯେତେ ଧଡ଼ପଡ଼ ହୋଇ ପାନ ଭାଙ୍ଗୁଭାଙ୍ଗୁ ବାପା କହନ୍ତି ମୋ' ପାଖେ ବୋଲି ଚଳିଯାଉଛି ତୁମ ବୋଉ। ଆଜି ଆଉ କି କି କାମରେ ବ୍ୟସ୍ତ ରହି ଘଣ୍ଟାଏ ପରେ ପାନ ଦୁଇଖଣ୍ଡ ଭାଙ୍ଗି ବଡ଼ବୋହୂ ବାପାଙ୍କ ହାତକୁ ବଢ଼େଇ ଦେଇ କହିଲା- ଡେରି ହୋଇଗଲା ବାପା। ବାପା କହୁଥିଲେ ବୋଉଟା ତୁମର ଭାରି ଖରାପ ଅଭ୍ୟାସ କରିଦେଇଛି ମୋର। ସେ ଯିବାର ବର୍ଷକ ପରେ ମଧ୍ୟ ମୋର ନିଜେ ନିଜେ ପାନ ଭାଙ୍ଗି ଖାଇବା ହେଲାନି। ବୋହୂ କହୁଥିଲା ଆମେ ଅଛୁ ନା! ହଁ ତୁମେ ସବୁ ଅଛ ବୋଲି ଚଳିଯାଉଛି। ଟମି, ପୁଷି, ନେଉଳ ଏଣିକି ଖାଉଥିଲେ କିଛି କିଛି ତ ତାଙ୍କୁ ଦେଖି ବାପା ସେଦିନ କାନ୍ଦି ପକେଇଥିଲେ ଖୁବ୍। ସମସ୍ତେ ଥିଲେ ମଧ୍ୟ ଶୂନ୍ୟତା ତାଙ୍କୁ ଭିତରେ ଭିତରେ ଘୁଣ କରିଚାଲିଥିଲା, କାହିଁକି କେଜାଣି ବାପା ବୁଝି ବି ବୁଝି ପାରୁନଥିଲେ।



– ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

## ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗିରଫ

ଫୁଲବାଣୀ/ଫିରିଙ୍ଗିଆ,୨୮।୧୧
(ରାକେଶ କୁମାର ରାଉତ/ବିମଳ ଦିଗାଲ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ କୋଏରମାଣ୍ଡୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିନାୟକ ନାୟକଙ୍କୁ ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଭିଜିଲାନ୍ସ ବିଭାଗ ଗିରଫ କରିଛି । ବିନାୟକଙ୍କ ନିଜ ଘର ରାଇକିଆ ବ୍ଲକ୍ ହାଟପଦା ଅଞ୍ଚଳରେ ହୋଇଥିବା ବେଳେ ସେ କୋଏରମାଣ୍ଡୁ ପଞ୍ଚାୟତରେ କାର୍ଯ୍ୟରତ ଥିଲେ । ସେ ଦୀର୍ଘ ଦିନ ହେବ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉ ନ ଥିବା ଅଭିଯୋଗ ହୋଇ ଆସୁଥିଲା । ଏପରିକି ବିନାୟକ ୨୦୨୫-୨୬ ଆର୍ଥିକ ବର୍ଷରେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ପାଇଁ ଆସିଥିବା ସିଏଫସି ଅନୁଦାନରୁ ୧୨ ଲକ୍ଷ ୮୭ ହଜାର ୨୦୧ ଟଙ୍କା ଆତ୍ମସାତ କରିଥିବା ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ. ୧୮/୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା । ଶୁକ୍ରବାର ବିନାୟକଙ୍କୁ ଫୁଲବାଣୀ ଟାଉନ ଥାନା ଅଞ୍ଚଳରୁ ଗିରଫ କରା ଯାଇଥିବା ଭିଜିଲାନ୍ସ ଡିଏସ୍‌ପି କହିଛନ୍ତି ।

## ସୁନ୍ଦର ଓ ସ୍ମିତାଙ୍କୁ ଆଇଏଏସ୍ ପାହ୍ୟା

ଭୁବନେଶ୍ୱର,୨୮।୧୧
(ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଓଡ଼ିଶାର ନନ୍ ଷ୍ଟେଟ୍ ସିଭିଲ ସର୍ଭିସର ଦୁଇଜଣ ବରିଷ୍ଠ ଅଧିକାରୀଙ୍କୁ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ରେ ନିଯୁକ୍ତ କରାଯାଇଛି । ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ମନ୍ତ୍ରଣାଳୟ ପକ୍ଷରୁ ଅନୁଶାସନ ସଚିବ ସଞ୍ଜୟ କୁମାର ଚୌରାସିଆ ଶୁକ୍ରବାର ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ, ସୁନ୍ଦର ମାଧବ ପାଢ଼ୀ ଏବଂ ସ୍ମିତା ପାଣିଙ୍କୁ ୨୦୨୪ ଜାନୁଆରୀ ପହିଲାରୁ ପିଛିଲା ଭାବେ ଆଇଏଏସ୍ ଭାବେ ନିଯୁକ୍ତ କରାଯାଇଛି ।

## ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ଅଧ୍ୟାଦେଶ ୨୦୨୫ ଆଗତ

ଭୁବନେଶ୍ୱର,୨୮।୧୧(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମମନ୍ତ୍ରୀ ଗଣେଶୀରାମ ସିଂଖୁଣ୍ଟିଆ ଶୁକ୍ରବାର ଗୃହରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ଅଧ୍ୟାଦେଶ ୨୦୨୫କୁ ଆଗତ କରିଛନ୍ତି । ପରବର୍ତ୍ତୀ ସମୟରେ ଏହା ବିଲ୍ ଆକାରରେ ଗୃହରେ ଆଗତ କରାଯିବ । ବର୍ତ୍ତମାନ ସମୟରେ ସେହି ଅଧ୍ୟାଦେଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହା ଆଗତ କରାଯାଇଛି ।

## ଯୁବକଙ୍କୁ ପିଟି ହତ୍ୟା, ଜଣେ ଗିରଫ

କେନ୍ଦୁଝର,୨୮।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅଞ୍ଚଳରେ ବାଉଁଶ ବାଡ଼ିରେ ପିଟି ଜଣଙ୍କୁ ହତ୍ୟା କରାଯାଇଛି । ମୃତକ ହେଲେ ବ୍ରାହ୍ମଣୀ ଗାଁର ପରେଶ ନାଏକ (୧୭) । ଘଟଣାରେ ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ବ୍ରାହ୍ମଣୀ ଗାଁର ଯାଦବ ନାଏକ (୫୧) । ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି ।

# ଭଞ୍ଜନଗର ଥାନାରେ ସିବିଆଇ ଟିମ୍

### ପୋଲିସ ଏସ୍ଆଇ ପରୀକ୍ଷା ଦୁର୍ନୀତିର ଖୋଳତାଡ଼

ଭଞ୍ଜନଗର,୨୮।୧୧
(ବାବୁଲା ପ୍ରଧାନ)

ଓଡ଼ିଶା ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଦୁର୍ନୀତି ହୋଇଥିଲା । ଏନେଇ ପ୍ରଥମେ ପୋଲିସ ଘଟଣାର ତଦନ୍ତ କରୁଥିଲା । ପରେ କ୍ରାଇମବ୍ରାଞ୍ଚ ହାତକୁ ଏହି ମାମଲା ଯାଇଥିଲା । ଏହାର ଅଧିକ ତଦନ୍ତ ପାଇଁ ରାଜ୍ୟ ସରକାର ସିବିଆଇକୁ ସୁପାରିସ କରିଥିଲେ । ଏହା ପୂର୍ବରୁ ଉକ୍ତ ମାମଲାରେ ପୋଲିସ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ ଜଣ ଦଲାଲଙ୍କୁ ଗିରଫ କରିଥିଲା । ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ଭଞ୍ଜନଗର ଅଞ୍ଚଳର ଥିଲେ । ଗତ ନଭେମ୍ବର ୧୨ରୁ ଦୁଇଜଣିଆ ସିବିଆଇ ଟିମ୍ ଏହି ମାମଲାର ତଦନ୍ତ କରିବା ପରଠାରୁ ତଦନ୍ତରେ ଅଗ୍ରଗତି ଘଟିଛି । ଏଭଳି ସ୍ଥିତିରେ ଶୁକ୍ରବାର ସିବିଆଇ ଟିମ୍ ଭଞ୍ଜନଗର ଥାନାରେ ପହଞ୍ଚି ଘଟଣାର ଖୋଳତାଡ଼ କରିଛି । ସିବିଆଇ ଟିମ୍ ଭଞ୍ଜନଗର ଥାନାକୁ ୩ ଜଣ ଅଭିଯୁକ୍ତଙ୍କୁ ଡାକି ପଚରାଉଚରା କରିଛି । ସୂଚନାଯୋଗ୍ୟ, ସିବିଆଇ ଦ୍ୱାରା ଗିରଫ ଅଭିଯୁକ୍ତମାନେ ବର୍ତ୍ତମାନ ଜାମିନରେ ଅଛନ୍ତି ।


ପଚରାଉଚରା ପରେ ଭଞ୍ଜନଗର ଥାନାରୁ ଫେରୁଥିବା ୨ ବ୍ୟକ୍ତି ।

# ଓଡ଼ିଆ ପିଲାଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବାକୁ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୮।୧୧(ସୁନିତ୍ ମିଶ୍ର)

ଓଡ଼ିଆ ପିଲାମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବାକୁ ହେବ । ପରିବର୍ତ୍ତିତ ଟେକ୍ନୋଲୋଜି ଦୃଶ୍ୟପଟରେ ସେମାନଙ୍କ ମାଧ୍ୟମରେ ବିଶ୍ୱବ୍ୟାପୀ ଜ୍ଞାନର ଅନ୍ୱେଷଣ ଲାଗି ପ୍ରୟାସ ରହିଛି । ଏହି ଲକ୍ଷ୍ୟରେ ସିଙ୍ଗାପୁରର ଜିଏଫ୍‌ଟିଏନ୍, ଏଆଇଡିଏଫ୍ ଏବଂ ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ସିଙ୍ଗାପୁର ମିଳିତ ଭାବେ ଏସ୍‌ଡିଆଇ, ଭୁବନେଶ୍ୱରରେ ଫିନ୍‌ଟେକ୍ ତାଲିମ ଆରମ୍ଭ କରିଛନ୍ତି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶୁକ୍ରବାର ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ଏବଂ ଜିଏଫ୍‌ଟିଏନ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ଶିକ୍ଷା ସମ୍ବାଦ-ପ୍ରଯୁକ୍ତି ବିଦ୍ୟା ସହ ଭବିଷ୍ୟତ କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଏବଂ ଭର୍ଚୁଆଲ ରିଆଲିଟି(ଭିଆର୍) ଆମର ଶିକ୍ଷା, କାର୍ଯ୍ୟ ଏବଂ ଯୋଗାଯୋଗକୁ ବର୍ତ୍ତମାନ ରୂପାନ୍ତରିତ କରୁଛି । ଏହା କେବଳ ଏକ ବିଷୟ ନୁହେଁ, ବରଂ ଆମ ଜୀବନଶୈଳୀର ଏକ ଅଂଶ ପାଲଟିଛି । ଆମେ ବର୍ତ୍ତମାନ ଶିଳ୍ପ ବିପ୍ଳବ ୫.୦ ଆଡ଼କୁ ଅଗ୍ରସର ହେଉଛୁ । ଭବିଷ୍ୟତର ଟେକ୍ନୋଲୋଜି ବିଶେଷକରି ୬ଜି ଏବଂ କ୍ୱାଣ୍ଟମ କମ୍ପ୍ୟୁଟିଂ ଆଗାମୀ ଦିନରେ ନୂଆ ପରିଚୟ ସୃଷ୍ଟି କରିବ । ଏହି ବୈଷୟିକ ପରିବର୍ତ୍ତନର ସାମ୍ନା କରିବାକୁ ହେଲେ ଆମକୁ ନୂଆ ଦକ୍ଷତା ଓ ଆକାଂକ୍ଷାକୁ ପ୍ରୋତ୍ସାହିତ କରୁଥିବା ଏକ ଶିକ୍ଷା ଓ କୌଶଳର ସଂସ୍କୃତି ତିଆରି କରିବାକୁ ପଡ଼ିବ । ଏସ୍‌ଡିଆଇ ଭୁବନେଶ୍ୱର ଆମର ଛାତ୍ରୀଛାତ୍ରଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାର ନିଷ୍ଠା ପ୍ରଶଂସନୀୟ ବୋଲି ସେ କହିଛନ୍ତି ।




































ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ନଭେମ୍ବର ୨୯/୨୦୨୫ Bhubaneswar, Saturday, November 29/ 2025

# ବୃହତ୍ ବିଜୟ ସହ ଭାରତର ଅଭିଯାନ

**ଜୁନିୟର ହକି ବିଶ୍ୱକପ**

## ରୋସନ, ଦିଲ୍‌ରାଜଙ୍କ ଡବଲ ଗୋଲ୍


ଗୋଲ୍ ଦେବା ପରେ ରୋସନ କୁଜୁର (ବାମରୁ ତୃତୀୟ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ଚେନ୍ନାଇ/ମଦୁରାଇ, ୨୮।୧୧

ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଶୁକ୍ରବାରଠାରୁ ଏଫ୍ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଖେଳାଯାଇଥିବା ପୁଲ୍ ‘ବି’ର ଏକ ମ୍ୟାଚରେ ଭାରତ ୭-୦ ଗୋଲ୍‌ରେ ଚିଲିକୁ ପରାସ୍ତ କରି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ମ୍ୟାଚରେ ପ୍ରଥମାର୍ଦ୍ଧ ଖେଳ ସୁଦ୍ଧା ଭାରତ ୩-୦ରେ ଅଗ୍ରଣୀ ଲାଭ କରିଥିଲା। ଓଡ଼ିଶାର ରୋସନ କୁଜୁର ଖେଳର ୧୬ତମ ଓ ୨୧ତମ ମିନିଟ୍‌ରେ ଦଳ ତରଫରୁ ପ୍ରଥମ ଦୁଇଟି ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍‌ରାଜ ସିଂ (୨୫ତମ ଓ ୩୪ତମ ମିନିଟ) ଦୁଇଟି ଗୋଲ ଦେଇଥିବା ବେଳେ ଅଜିତ ଯାଦବ (୩୫), ଅନମୋଲ ଏକ୍କା (୪୮) ଓ ଅଧିନାୟକ ରୋହିତ (୬୦) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଚେନ୍ନାଇରେ ପୁଲ୍ ‘ସି’ର ଏକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫-୩ ଗୋଲ୍‌ରେ ଚାଇନାକୁ ପରାସ୍ତ କରିଥିବା ବେଳେ ଦୁଇଥର ଚାମ୍ପିୟନ ଆର୍ଜେଣ୍ଟିନା ୪-୧ ଗୋଲ୍‌ରେ ଜାପାନକୁ ହରାଇ ଦେଇଛି। ସେହିପରି ପୁଲ୍ ‘ବି’ରେ ସୁଇଜରଲାଣ୍ଡ ୪-୦ରେ ଓମାନକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ମଦୁରାଇରେ ଗତଥରର ଚାମ୍ପିୟନ ଜର୍ମାନୀ ୪-୦ ଗୋଲ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଟାଇଟଲ ଅଭିଯାନ ଆରମ୍ଭ କରିଛି। ପୁଲ୍ ‘ଏ’ର ପ୍ରଥମ ମ୍ୟାଚ ରୋମାଞ୍ଚକ ଥିଲା। ଏଥିରେ ଆୟର୍ଲାଣ୍ଡ ୪-୩ ଗୋଲ୍‌ରେ କାନାଡାକୁ ପରାସ୍ତ କରିଥିଲା। ଶୁକ୍ରବାର ଖେଳାଯାଇଥିବା ପୁଲ୍ ‘ଡି’ର ଏକ ମ୍ୟାଚରେ ସ୍ପେନ୍ ୮-୦ ଗୋଲ୍‌ରେ ଇଜିପ୍ଟକୁ ପରାସ୍ତ କରିଛି। ପୁଲ୍ ଡି’ର ଅନ୍ୟ ଏକ ମ୍ୟାଚରେ ନାମ୍ବିଆକୁ ୧୨-୧ ଗୋଲ୍‌ରେ ବେଲ୍‌ଜିୟମ ପରାସ୍ତ କରିଛି। ଟୁର୍ନାମେଣ୍ଟ ଚେନ୍ନାଇ ଓ ମଦୁରାଇ ଖେଳାଯାଉଛି। ଏହା ଡିସେମ୍ବର ୧୦ ପର୍ଯ୍ୟନ୍ତ ଚାଲିବ।

**୧୯ବର୍ଷରୁ କମ୍ ଏସିଆ କପ୍**

## ଭାରତର ନେତୃତ୍ୱ ନେବେ ଆୟୁଷ

ନୂଆଦିଲ୍ଲୀ, ୨୮।୧୧ (ପି.ଟି.)

ଉଦୀୟମାନ ବ୍ୟାଟର ଆୟୁଷ ମାହାତ୍ରେ ତାଙ୍କ ଅଧିନାୟକ ପଦ ବଜାୟ ରଖିଛନ୍ତି। ଆସନ୍ତା ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ସେ ୧୫ ଜଣିଆ ଭାରତୀୟ କ୍ରିକେଟ ଦଳର ନେତୃତ୍ୱ ନେବେ। ବିସ୍ମୟ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ଏହି ଦଳରେ ସ୍ଥାନ ପାଇଛନ୍ତି। ୫୦ ଓଭର ଫର୍ମାଟ ବିଶିଷ୍ଟ ଏହି ଟୁର୍ନାମେଣ୍ଟ ଦୁବାଇରେ ଡିସେମ୍ବର ୧୨ରୁ ୨୧ ପର୍ଯ୍ୟନ୍ତ ଖେଳାଯିବ। ମାହାତ୍ରେ ସେପ୍ଟେମ୍ବର ଓ ଅକ୍ଟୋବରରେ ମଲ୍‌ଟି ଫର୍ମାଟ ଅଷ୍ଟ୍ରେଲିଆ ଟୁର୍‌ରେ ମଧ୍ୟ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ।

**୧୯ବର୍ଷରୁ କମ୍ ଭାରତ ଦଳ:** ଆୟୁଷ ମାହାତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲ୍‌ହୋତ୍ରା (ଉପଅଧିନାୟକ), ବେଦାନ୍ତ ତ୍ରିବେଦୀ, ଅଭିଜ୍ଞ କୁଣ୍ଡୁ (ଉଇକେଟକିପର), ହରବଂଶ ସିଂ (ଉଇକେଟକିପର), ଯୁବରାଜ ଗୋହିଲ, କନିଷ୍କ ଚୌହାନ, ଖିଲନ ଏ. ପଟେଲ, ନମନ ପୁଷ୍ପକ, ଡି. ଦୀପେଶ, ହେନିଲ ପଟେଲ, କିଶନ କୁମାର ସିଂ*, ଉଦ୍ଧବ ମୋହନ, ଆରନ ଜର୍ଜ। ଷ୍ଟାଣ୍ଡବାଇ: ରାହୁଲ କୁମାର, ହେମଚୁଡେଶାନ ଜେ, ବି.କେ. କିଶୋର, ଆଦିତ୍ୟ ରାଓ୍ୱତ।

# ଓଡ଼ିଶାର କ୍ରମାଗତ ପରାଜୟ

**ସୟଦ ମୁସ୍ତାକ ଅଲୀ ଟ୍ରଫି**

ଭୁବନେଶ୍ୱର, ୨୮।୧୧ (ତପନ ସ୍ୱାଇଁ)

ବ୍ୟାଟିଂ ବିଫଳତା ଓଡ଼ିଶା ଦଳର ପିଛା ଛାଡୁନି। ଫଳରେ ଲକ୍ଷ୍ନୌରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟ୍ରଫି ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଶୁକ୍ରବାର କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଗତ ୨୬ ତାରିଖରେ କେରଳ ନିକଟରୁ ୧୦ ଉଇକେଟରେ ପରାସ୍ତ ହୋଇଥିବା ଓଡ଼ିଶା ଦଳ ଦ୍ୱିତୀୟ ମ୍ୟାଚରେ ଆନ୍ଧ୍ର ପ୍ରଦେଶଠାରୁ ୬୬ ରନରେ ହାର ମାନିଛି। ଆନ୍ଧ୍ର ପ୍ରଦେଶ ୨୦ ଓଭରରେ ୭ ଉଇକେଟ ହରାଇ ୧୮୪ ରନ କରିଥିଲା। ୧୮୫ ରନ ବିଜୟ ଲକ୍ଷ୍ୟରେ ଓଡ଼ିଶା ୧୭.୨ ଓଭରରେ ୧୧୮ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ୨୩ ରନ ମଧ୍ୟରେ ୩ଟି ଉଇକେଟ ନେଇ ଓଡ଼ିଶାର ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଆନ୍ଧ୍ରର ସୌରଭ କୁମାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ପରାଜୟ ଫଳରେ ଓଡ଼ିଶା ଏଲିଟ ଗ୍ରୁପ୍ ‘ଏ’ ପଏଣ୍ଟ ଟେବୁଲର ନିମ୍ନକୁ ଖସିଛି।

ଟପ୍, ମିଡିଲ କିମ୍ବା ଲୋୟର ଅର୍ଡରରେ କୌଣସି ବ୍ୟାଟର କ୍ରିଜରେ ଅଧିକ ସମୟ ତିଷ୍ଠି ନ ପାରିବା ଏବଂ ବଡ଼ ପାର୍ଟନରଶିପ୍‌ର ଅଭାବ ଓଡ଼ିଶା ପାଇଁ ମହଙ୍ଗା ପଡ଼ିଥିଲା। ଟପ୍ ଏବଂ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ପରେ ୭ ନମ୍ବର ବ୍ୟାଟର ସୌରଭ ଗୌଡ଼ା ସର୍ବାଧିକ ୨୪ ରନ କରିଥିଲେ। କୌଣସି ବ୍ୟାଟର ନିଜ ଉପରକୁ ଦାୟିତ୍ୱ ନେଇ ନ ଖେଳିବାରୁ ଓଡ଼ିଶା ପୂରା ୫୦ ଓଭର ମଧ୍ୟ ଖେଳିବାକୁ ସକ୍ଷମ ହୋଇ ନ ଥିଲା। ଆହୁରି ୧୬ ବଲ୍ ବାକିଥାଇ ଦଳ ଅଲ୍‌ଆଉଟ ହୋଇଯାଇଥିଲା। ଆନ୍ଧ୍ର ପ୍ରଦେଶ ବୋଲରଙ୍କ ମଧ୍ୟରେ ସୌରଭ କୁମାର ଓ ପୃଥ୍ୱୀ ରାଜ ୩ଟି ଲେଖାଏ ଏବଂ କେ.ଭି. ଶଶିକାନ୍ତ, ସତ୍ୟନାରାୟଣ ରାଜୁ ଓ ବୈଲାପୁଡି ଯଶବନ୍ତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୃଥ୍ୱୀ ମାତ୍ର ୪ ରନ ବିନିମୟରେ ୩ ଉଇକେଟ ପାଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୩୦ରେ ବିଦର୍ଭ ବିପକ୍ଷରେ ଖେଳିବ।

**ସଂକ୍ଷିପ୍ତ ସ୍କୋର**

ଆନ୍ଧ୍ରପ୍ରଦେଶ ୨୦ ଓଭରରେ ୧୮୪/୭ (ରିକି ଭୁଇ-୪୭, ଶ୍ରୀକର ଭରତ-୪୨, ଅଶ୍ୱିନ ହେବ୍ବାର-୩୯, ବିପ୍ଳବ ସାମନ୍ତରାୟ-୩/୨୦, ରାଜେଶ ମହାନ୍ତି-୨/୩୪, ଭଗେଶ ଶର୍ମା-୧/୪୪, ପପୁ ରୟ-୧/୩୬)। ଓଡ଼ିଶା ୧୭.୨ ଓଭରରେ ୧୧୮/ଅଲଆଉଟ (ସୌରଭ ଗୌଡ଼ା-୨୪, ସ୍ୱସ୍ତିକ ସାମଲ-୧୮, ସୌରଭ କୁମାର-୩/୨୩, ପୃଥ୍ୱୀ ରାଜ-୩/୪, କେ.ଭି. ଶଶିକାନ୍ତ-୧/୪୭, ସତ୍ୟନାରାୟଣ ରାଜୁ-୧/୨୯, ବୈଲାପୁଡି ଯଶବନ୍ତ-୧/୧୫)।

# ଓଡ଼ିଶାକୁ ୨ସ୍ୱର୍ଣ୍ଣ, ୬ ରୌପ୍ୟ, ୪ ବ୍ରୋଞ୍ଜ

**ଭୁବନେଶ୍ୱର, ୨୮।୧୧ (ବିଜୟ ରଣା):** କୋଲକାତାସ୍ଥିତ ଖୁଦିରାମ ଅନୁଶୀଳନ କେନ୍ଦ୍ରରେ ଉତ୍ତର-ପୂର୍ବାଞ୍ଚଳର ୯ଟି ରାଜ୍ୟର ପ୍ରତିଯୋଗୀଙ୍କୁ ନେଇ ଚାଲିଥିବା ଅସ୍ମିତା ଜୋନାଲ ଭାରୋତ୍ତୋଳନ ପ୍ରତିଯୋଗିତା ୫୮କେଜି, ୬୩କେଜି ଓ ୬୯କେଜି ଓଜନ ଶ୍ରେଣୀରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୭ ପଦକ ମଧ୍ୟରୁ ଓଡ଼ିଶାର ପ୍ରତିଯୋଗୀମାନେ ୧୨ଟି ପଦକ ଜିତିବାରେ ସଫଳ ହୋଇଛନ୍ତି। ତନ୍ମଧ୍ୟରେ ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ରହିଛି। ୫୮କେଜି ଯୁବ ବିଭାଗରେ ମୀନା ସାନ୍ତା (ବି) (୬୭+୮୯) ୧୫୬ କେଜି ଉତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଥିବା ବେଳେ ୫୮କେଜି ଯୁବ ବିଭାଗରେ ଅଙ୍କିତା ପ୍ରଧାନ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ସିନିୟର ବିଭାଗରେ (୬୮+୯୯) ୧୬୭ କେଜି ଉଠାଇ ସେ ବ୍ରୋଞ୍ଜ ପଦକ ପାଇଛନ୍ତି। ୬୩ କେଜି ସିନିୟର ବର୍ଗରେ ରୋମାଲି ପ୍ରଧାନ (୬୯+୮୭) ୧୫୬କେଜି ଓଜନ ସହ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ୬୩କେଜି ଯୁବ ଓ କନିଷ୍ଠ ବର୍ଗରେ ଶ୍ୱେତାଲିନା ମହାନ୍ତି (୭୧+୯୦) ୧୬୧କେଜି ଓଜନ ସହ ଦୁଇ ରୌପ୍ୟ ପଦକ ହାସଲ କରିଛନ୍ତି। ୬୩ କେଜି ଜୁନିୟର ବିଭାଗରେ ଆଲିଶା ବେହେରା (୬୮+୮୮) ୧୫୬ କେଜି ଓଜନ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ୬୯କେଜି ଯୁବ ବିଭାଗରେ ପ୍ରୀତିମୟୀ ମହାନ୍ତି (୫୭+୭୫) ୧୩୨କେଜି ଓଜନ ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୬୯କେଜି ଜୁନିୟର ବିଭାଗରେ ଟିନା ରାଉତ (୬୬+୮୫) ୧୫୧କେଜି ଓଜନ ଉଠାଇ ବ୍ରୋଞ୍ଜ ପାଇଛନ୍ତି। ଏହି ବର୍ଗରେ ରିମ୍‌ଝିମ୍ ନାୟକ (୬୫+୯୩) ୧୫୮ କେଜି ଓଜନ ସହ ଦୁଇଟି ରୌପ୍ୟ ପଦକ ପାଇଛନ୍ତି।

# ବିହାରଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୨୮।୧୧ (ତପନ ସ୍ୱାଇଁ)

ଓଡ଼ିଶାରେ ମହିଳା ଫୁଟବଲର ଗତି ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ଏହାର ସଦ୍ୟ ଉଦାହରଣ ହେଲା ଆନ୍ଧ୍ର ପ୍ରଦେଶର ଅନନ୍ତପୁରରେ ଆରମ୍ଭ ହୋଇଥିବା ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ବିହାରଠାରୁ ୦-୧ ଗୋଲରେ ହାରି ଯାଇଛି। ଏକଦା ମହିଳା ଫୁଟବଲରେ ଆଧିପତ୍ୟ ବିସ୍ତାର କରିଥିବା ଓଡ଼ିଶାକୁ ଏହି ମ୍ୟାଚରେ ବିହାର କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିବାବେଳେ ୬୦ତମ ମିନିଟରେ ବିହାର ଅଧିନାୟିକା ଅଂଶୁ କୁମାରୀ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୩୦ରେ ପଶ୍ଚିମବଙ୍ଗ ବିପକ୍ଷରେ ଖେଳିବ।

# ଜୁନିୟର ଖୋ ଖୋ: ବାଳିକାରେ କିସ୍ ଚାମ୍ପିୟନ



ଚାମ୍ପିୟନ କିସ୍ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୮।୧୧ (ତପନ ସ୍ୱାଇଁ)

ପୁରୀ ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ରାଜ୍ୟ ଖୋ ଖୋ ଚାମ୍ପିୟନଶିପ୍‌ର ବାଳିକା ବିଭାଗରେ କିସ୍ ଦଳ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ କିସ୍ ଫାଇନାଲରେ ୧୪ ପଏଣ୍ଟ ବ୍ୟବଧାନରେ ଜଗତସିଂହପୁରକୁ ପରାସ୍ତ କରିଛି। ଉଦଯାପନୀ ଉତ୍ସବରେ ଲୋକସଭା ସାଂସଦ ସମ୍ବିତ ପାତ୍ର ମୁଖ୍ୟ ଅତିଥି ଏବଂ ଓଡିଶା ଖୋ ଖୋ ସଂଘ ସଭାପତି ନାରାୟଣ ପାତ୍ର, ଅଲ୍ ଇଣ୍ଡିଆ ଖୋ ଖୋ ସଂଘ ଉପ ସଭାପତି ତଥା ଓଡ଼ିଶା ଖୋ ଖୋ ଆସୋସେଶନ୍‌ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ପିପିଲି ସାଂସ୍କୃତିକ ପରିଷଦ ଉପ ସଭାପତି ଦୀନବନ୍ଧୁ ବେଉରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏବଂ ଓଡ଼ିଶା ଖୋ ଖୋ ସଂଘର କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶାରିରୀକ ଶିକ୍ଷା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ। ଶ୍ରେଷ୍ଠ କ୍ରୀଡାବିତ ଭାବେ ପୁରୀର ଅଙ୍କିତା ପ୍ରଧାନ, ଜଗତସିଂହପୁରର ସୁବାସିନି ନାଥ,ବାଲେଶ୍ୱରର ଲକ୍ଷ୍ମୀପ୍ରିୟା ମୁର୍ମୁ, କେନ୍ଦୁଝରର ନିକିତା ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଡିଫେଣ୍ଡର ଭାବେ ପୁରୀର ଅର୍ଚ୍ଚନା ପ୍ରଧାନ, ଜଗତସିଂହପୁରର ଦେବସ୍ମିତା ଦାସ ଓ ନିଶାରାଣୀ ରାଉତାଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶନିବାରଠାରୁ ଡିସେମ୍ବର ୧ ପର୍ଯ୍ୟନ୍ତ ବାଳକ ବଗରେ ପ୍ରତିଯୋଗିତା ହେବ ପ୍ରଦ୍ୟୁମ୍ନ ମିଶ୍ର ସୂଚନା ଦେଇଛନ୍ତି। ଚାମ୍ପିୟନ ଦଳ ଡିସେମ୍ବର ଶେଷଭାଗରେ କର୍ନାଟକରେ ହେବାକୁଥିବା ଜାତୀୟ ଜୁନିୟର ଖୋ ଖୋରେ ଭାଗ ନେବାର ସୁଯୋଗ ପାଇବେ।

**ସର୍ବଭାରତୀୟ ବେସାମରିକ ଦୌଡ଼କୁଦ ପ୍ରତିଯୋଗିତା**

## ଓଡ଼ିଶା ଦଳ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ୩୦ରେ

**ଭୁବନେଶ୍ୱର, ୨୮।୧୧ (ପି.ଟି.):** ବିହାର ରାଜ୍ୟର ପାଟନା ଅନ୍ତର୍ଗତ ପାଟଳୀପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଡିସେମ୍ବର ୧୩ରୁ ୧୫ ସର୍ବଭାରତୀୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଖେଳାଳି ଚୟନ ପ୍ରକ୍ରିୟା (ଉଭୟ ମହିଳା ଓ ପୁରୁଷ) ନଭେମ୍ବର ୩୦ରବିବାର ସ୍ଥାନୀୟ ୟୁନିଟ୍-୬ ଫୁଟ୍‌ବଲ ଖେଳ ପଡ଼ିଆରେ ସକାଳ ୯ଟାରେ ଅନୁଷ୍ଠିତ ହେବ। ଏଥିରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ। ଅଂଶଗ୍ରହଣ କରିବାକୁ ଆଗ୍ରହୀ ଥିବା କର୍ମଚାରୀମାନଙ୍କୁ ସାଥୀରେ ନିଜ ସେବା ପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ/ ଅଫିସ ପରିଚୟ ପତ୍ର ସହ ଏକ ପାସ୍‌ପୋର୍ଟ ଫଟୋ ଏବଂ ନିଜ ବିଭାଗ/ଅଫିସରୁ ନୋଅବ୍‌ଜେକ୍ସନ ସାର୍ଟିଫିକେଟ ଆଣିବା ସଙ୍ଗେ ସଙ୍ଗେ ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପହଞ୍ଚି ସେମାନଙ୍କ ନାମ ପଞ୍ଜୀକରଣ କରିବାକୁ କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟି ଅନୁରୋଧ କରିଛନ୍ତି।

# ମହିଳା,ପୁରୁଷ ରଗ୍‌ବୀରେ କିଟ୍ ଚାମ୍ପିୟନ

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ପ୍ରତ୍ୟାଶାଙ୍କୁ ଆଉ ଏକ ସ୍ୱର୍ଣ୍ଣ



ପଦକ ଗ୍ରହଣ ଅବସରରେ ପ୍ରତ୍ୟାଶା ରାୟ।

ଭୁବନେଶ୍ୱର, ୨୮।୧୧ (ତପନ ସ୍ୱାଇଁ)

ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପଞ୍ଚମ ଦିବସରେ ଶୁକ୍ରବାର ଓଡ଼ିଶା ପ୍ରତିଯୋଗୀମାନେ ରଗ୍‌ବୀ, ସୁଇମିଂ, ଭାରୋତ୍ତୋଳନ ଓ ଟେନିସରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ମହିଳା ସନ୍ତରଣ ଟିମ୍ ଚାମ୍ପିୟନଶିପ୍‌ରେ କିଟ୍ ମୋଟ ୬୫ ପଏଣ୍ଟ ପାଇ ପ୍ରଥମ ରନରଅପ୍ ହୋଇଛି। ଜୈନ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ସୁଇମର ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ଆଉ ଏକ ପଦକ ପାଇବାରୁ ସନ୍ତରଣରେ କିଟ୍‌ର ପଦକ ସଂଖ୍ୟା ୧୦ (୧ ସ୍ୱର୍ଣ୍ଣ, ୧ ରୌପ, ୮ ବ୍ରୋଞ୍ଜ)ରେ ପହଞ୍ଚିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତ୍ୟାଶା ରାୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରୋତ୍ତୋଳନରେ କିଟ୍‌ର ଭାଗନ୍ତି କିର୍ଥୀ ମହିଳା ୮୬ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଉଭୟ ମହିଳା ଓ ପୁରୁଷ ରଗ୍‌ବୀ ଦଳ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଫାଇନାଲରେ କିଟ୍ ମହିଳା ଦଳ ଚଣ୍ଡିଗଡ଼କୁ ୧୭-୫ ଓ ପୁରୁଷ ଦଳ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟକୁ ୧୫-୧୦ରେ ପରାସ୍ତ କରିଛି। ଟେନିସରେ କିଟ୍ ପୁରୁଷ ଦଳ ଭିଇଏଲ୍ ଏସ୍ ଇନ୍‌ଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ ଆଡ୍‌ଭାନ୍ସ ଷ୍ଟଡି ଦଳକୁ ୨-୧ରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିଛି। ସମସ୍ତ ପଦକ ବିଜେତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ପଞ୍ଚମ ଦିବସ ଶେଷରେ କିଟ୍‌ର ପଦକ ତାଲିକା ୧୩ (୪ ସ୍ୱର୍ଣ୍ଣ, ୧ ରୌପ୍ୟ, ୮ ବ୍ରୋଞ୍ଜ)ରେ ପହଞ୍ଚିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ୫ (୩ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ ବ୍ରୋଞ୍ଜ) ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗୋଟିଏ ସ୍ୱର୍ଣ୍ଣ ପଦକ ପାଇଛି।





ଖେଲୋ ଇଣ୍ଡିଆ ମହିଳା ଓ ପୁରୁଷ ରଗ୍‌ବୀ, ସୁଇମିଂ ଓ ଭାରୋତ୍ତୋଳନରେ ପଦକ ବିଜୟୀ କିଟ୍ ଦଳର କ୍ରୀଡ଼ାବିତମାନେ।

# ବାଲିଯାତ୍ରା ପଡ଼ିଆରେ ହେବ ଫ୍ୟାନ୍ ପାର୍କ

 କଟକ,୨୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)


ଭୁବନେଶ୍ୱର ଆଇଆଇଟି ବୈଷୟିକ ଟିମ୍ ଶୁକ୍ରବାର ବାରବାଟୀ ଷ୍ଟାଡିୟମ ଯାଞ୍ଚ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

- ବାରବାଟୀରେ ଶେଷଥର ପାଇଁ ଯାଞ୍ଚ କଲା ଭୁବନେଶ୍ୱରର ବୈଷୟିକ ଟିମ୍
- ଗ୍ୟାଲେରିରେ ଆରମ୍ଭ ହେଲା ରେଡିୟମ ଷ୍ଟିକର ନମ୍ବରିଂ

ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ୍‌ରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ବାଲିଯାତ୍ରାର ତଳ ଓ ଉପରପଡ଼ିଆରେ ଫ୍ୟାନ୍ ପାର୍କ କରାଯିବ। ଯେଉଁ ଦର୍ଶକମାନେ ଷ୍ଟାଡିୟମରେ ଖେଳ ଦେଖିବାରୁ ବଞ୍ଚିତ ହେବେ ସେମାନେ ସୁରୁଖୁରୁରେ ଉକ୍ତ ଦୁଇ ସ୍ଥାନରେ ବଡ଼ ପରଦାରେ ଖେଳ ଦେଖିପାରିବେ। ମୁଖ୍ୟତଃ ଟିକେଟ କିଣିବା ସମୟରେ ଶାନ୍ତି ଶୃଙ୍ଖଳା କିପରି ବଜାୟ ରହିବ ତାହାକୁ ଗୁରୁତ୍ୱ ଦିଆଯାଉଛି। ଟିକେଟ କାଉଣ୍ଟରରେ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯିବ। ଟିକେଟ କାଉଣ୍ଟରରେ ସ୍ୱତନ୍ତ୍ର ଭାବେ ପ୍ରବେଶ ଓ ପ୍ରସ୍ଥାନ ପଥ କରାଯିବ। ସୁରକ୍ଷା ବ୍ୟବସ୍ଥା ନେଇ କମିଶନରେଟ ପୋଲିସ ସହ ଓସିଏ ସମ୍ପର୍କରେ ରହି ଆସୁଛି। ଯେପରି ସୁରକ୍ଷିତ ଭାବେ ଟିକେଟ କିଣିବା ସହ ଦର୍ଶକ ଖେଳ ଉପଭୋଗ କରିପାରିବେ ତାହାକୁ ଗୁରୁତ୍ୱ ଦିଆଯାଉଛି। ଏହାସହ ଶୁକ୍ରବାର ଓସିଏ ପକ୍ଷରୁ ବିଭିନ୍ନ ଅନୁଷ୍ଠାନ ଓ ସବ୍ କମିଟିର ସଦସ୍ୟମାନଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିବା ଓସିଏ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି। ଅନ୍ୟପଟେ ବାରବାଟୀ ଷ୍ଟାଡିୟମରେ ମ୍ୟାଚ୍ ପୂର୍ବରୁ ଶେଷଥର ପାଇଁ ଭୁବନେଶ୍ୱର ଆଇଆଇଟିର ବୈଷୟିକ ଟିମ୍ ପହଞ୍ଚି ବିଭିନ୍ନ ଦିଗରେ ଯାଞ୍ଚ କରିଛି। ଯାଞ୍ଚ ସମୟରେ ଉକ୍ତ ଟିମ୍ ଷ୍ଟାଡିୟମର ସ୍ଥିତି ଦେଖି ସନ୍ତୋଷ ପ୍ରକାଶ କରିଥିବା ଜଣାପଡିଛି। ଯାଞ୍ଚ ପରେ ସମସ୍ତ ରିପୋର୍ଟ ଡିସେମ୍ବର ୬ରେ ରାଜ୍ୟ ସରକାରଙ୍କ ଆରଆଣ୍ଡବି ବିଭାଗକୁ ଟିମ୍ ଦେବ। ପରେ ଏହାର ଏକ ରିପୋର୍ଟ କମିଶନରେଟ ପୋଲିସ, ଜିଲ୍ଲା ପ୍ରଶାସନ ଓ ଓସିଏକୁ ଦେବ। ଏନେଇ ଓସିଏର କନ୍‌ସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି, ଟିମ୍ ଆଜି ଶେଷଥର ଯାଞ୍ଚ କରିଛି ଏବଂ ଯାଞ୍ଚ ସମୟରେ ଟିମ୍ ସନ୍ତୋଷ ପ୍ରକାଶ କରିଛି। ମ୍ୟାଚ୍ ପାଇଁ ସମସ୍ତ ଗ୍ୟାଲେରି କାମ ଶେଷ ହୋଇଛି। ମ୍ୟାଚ୍ ପାଇଁ ଷ୍ଟାଡିୟମରେ ପ୍ରସ୍ତୁତି ଜୋରଦାର ଚାଲିଥିବା ସେ କହିଛନ୍ତି। ଷ୍ଟାଡିୟମର ବିଭିନ୍ନ ଗ୍ୟାଲେରିରେ ରଙ୍ଗ କାମ ସରିବା ଉପରେ ଥିବାବେଳେ କିଛି କିଛି ଗ୍ୟାଲେରିରେ ରେଡିୟମ ଷ୍ଟିକରରେ ନମ୍ବରିଂ କାମ ଆରମ୍ଭ ହୋଇଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ